



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-164 ◆WEDNESDAY ◆10 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୬୪ ◆ବୁଧବାର ◆୧୦ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିଜୟ ଦେଲା ବାରବାଟୀ

## ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ପରାସ୍ତ; ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

■ କଟକ, ୯।୧୨(ତୁଷାର ସେନାପତି): ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଏବଂ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍ ନାଲିମାଟି ପିଚ୍‌ରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହାସହିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ବାରବାଟୀରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ଧାରାରୁ ମୁକୁଳିଛି। ଏଠାରେ ପୂର୍ବରୁ ଉଭୟ ଦଳ ପରସ୍ପର ସହ ୨ଟି ମ୍ୟାଚ୍ ଖେଳିଥିଲା ବେଳେ ଉଭୟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ତୃତୀୟ

### ଦକ୍ଷିଣ ଆଫ୍ରିକା ବିରୋଧରେ ପରାଜୟ ଧାରା ଭାଙ୍ଗିଲା

ମୁକାବିଲାରେ ଭାରତ ବିଜୟୀ ହୋଇ ଏହି ଧାରାରେ ବ୍ରେକ୍ ଲଗାଇଛି। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ମୋହାଲିର ମୁଲାନପୁରଠାରେ ଡିସେମ୍ବର ୧୧ ତାରିଖ (ଗୁରୁବାର) ଖେଳାଯିବ।

ବାରବାଟୀରେ ଏହା ଚତୁର୍ଥ ଟି-୨୦ ହୋଇଥିଲା ବେଳେ ଭାରତ ୨ଟି ଲେଖାଏଁ ଜୟ ପରାଜୟ ରେକର୍ଡର ଅଧିକାରୀ ହୋଇଛି। ୧୯୮୨ରୁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହୋଇଆସୁଥିଲା ବେଳେ ପ୍ରଥମଥର ପିଚ୍ ନାଲିମାଟିରେ ନିର୍ମିତ ହୋଇଥିଲା। ଆଶା ଅନୁଯାୟୀ ପିଚ୍ ଫାଷ୍ଟ ହୋଇଥିଲା ଓ ବୋଲରଙ୍କୁ ସୁହାଇଥିଲା। ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ପ୍ରସ୍ତୁତ ଥିବାବେଳେ ଭାରତର ବିଜୟ ଅନ୍ୟ ସମସ୍ତ ଦୁର୍ବଳତା ଓ ଆଶଙ୍କାକୁ ଦୂର କରିବାରେ ସମର୍ଥ ହୋଇଛି। ୧୦ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଜି ସଂକଟ ମୋଚକ ସାବ୍ୟସ୍ତ ହୋଇଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ଦରମା ବଢ଼ିଲା ୩ ଗୁଣ

## ୨୦୨୪ ଜୁନ୍‌ରୁ ପିଛିଲା ଲାଗୁ; ସଦସ୍ୟଙ୍କୁ ମିଳିବ ୧୮ ମାସର ବକେୟା

■ ଭୁବନେଶ୍ୱର, ୯।୧୨ (ସମିସ): ମଙ୍ଗଳବାର ବିଧାନସଭାର ଶେଷ ଦିନରେ ମନ୍ତ୍ରୀ, ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ମିଳିଛି ଅନୁମୋଦନ। ୮ ବର୍ଷ ପରେ ଏହି ଦରମା, ଭତ୍ତା ଓ ପେନସନ ବୃଦ୍ଧି ହୋଇଥିବା ବେଳେ ପିଛିଲା ଭାବରେ ଗତ ୨୦୨୪ ଜୁନ ୫ରୁ ଲାଗୁ କରିବାକୁ ମଧ ନିଷ୍ପତ୍ତି ହୋଇଛି। ବର୍ଦ୍ଧିତ ଦରମା ଓ ଭତ୍ତାକୁ ହିସାବକୁ ନେଲେ ବିଧାୟକମାନେ ମାସିକ ପ୍ରାୟ ୩.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଇବେ। ସେହିପରି ମୁଖ୍ୟମନ୍ତ୍ରୀ ୩.୭୪ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ୩.୬୮ ଲକ୍ଷ ଟଙ୍କା, କ୍ୟାବିନେଟ ମନ୍ତ୍ରୀ ଓ ବିରୋଧୀଦଳ ନେତା ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ୩.୬୨ ଲକ୍ଷ, ରାଷ୍ଟ୍ରମନ୍ତ୍ରୀ ଓ ଉପବାଚସ୍ପତି ୩.୫୬ ଲକ୍ଷ, ସରକାରୀ ଦଳ ଉପମୁଖ୍ୟ ସଚେତକୁ ୩.୫ ଲକ୍ଷ ଟଙ୍କା ଦରମା ପାଇବେ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସରକାର ଏବେ ସ୍ୱୟଂଚାଳିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ▶ପୃଷ୍ଠା-୭



### ପେନସନ୍ ୩୫ ହଜାରରୁ ୮୦ ହଜାରକୁ ବୃଦ୍ଧି

■ ଭୁବନେଶ୍ୱର, ୯।୧୨(ସମିସ): କେବଳ ବିଧାୟକ, ମନ୍ତ୍ରୀ, ବାଚସ୍ପତି ନୁହେଁ, ପୂର୍ବ ବିଧାୟକଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ପୂର୍ବତନ ବିଧାୟକଙ୍କୁ ପେନସନ ପାଇଁ ରହିଥିବା ଗୋଟିଏ ବର୍ଷର କାର୍ଯ୍ୟକାଳ ନିୟମକୁ ଉଠାଇ ଦିଆଯାଇଛି। ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖଠାରୁ ବିଧାୟକଙ୍କ କାର୍ଯ୍ୟକାଳକୁ

- ▶▶ ଦିନଟିଏ ବିଧାୟକ ହେଲେ ବି ମିଳିବ ପେନସନ
- ▶▶ ୫ବର୍ଷ ପରେ ବର୍ଷକୁ ବଢ଼ିବ ୩ ହଜାର ଅତିରିକ୍ତ ରାଶି
- ▶▶ ମୃତ ବିଧାୟକଙ୍କ ପରିବାର ପାଇବେ ୨୫ ଲକ୍ଷ
- ▶▶ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମାସିକ ସର୍ବନିମ୍ନ ୧.୧୭ ଲକ୍ଷ

୩୫ ହଜାର ଟଙ୍କା ପେନସନ ମିଳୁଥିବା ବେଳେ ଏବେ ଏହାକୁ ୮୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପେନସନ ଓ ଅନ୍ୟାନ୍ୟ ସହାୟତାକୁ ମିଶାଇଲେ ଜଣେ ପୂର୍ବତନ ବିଧାୟକ ସର୍ବନିମ୍ନ ୧ ଲକ୍ଷ ୧୭ ହଜାର ଟଙ୍କା ପେନସନ ପାଇବେ। ବିଲ ପାରିତ ହେବା ସହ ପେନସନ ପାଇଁ ହିସାବକୁ ନିଆଯିବ। ନୂଆ ନିୟମ ଅନୁଯାୟୀ ୫ ବର୍ଷ ବିଧାୟକ ହେବା ପରେ ପରବର୍ତ୍ତୀ ଯେତେ ଅଧିକ ବର୍ଷ ସେ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ପ୍ରତି ଅତିରିକ୍ତ ପୂର୍ଣ୍ଣ ବର୍ଷ ଲାଗି ମାସିକ ୩ ହଜାର ଟଙ୍କା ଲେଖାଏଁ ▶ପୃଷ୍ଠା-୭

### ୧୮ କାର୍ଯ୍ୟଦିବସ ପୂର୍ବରୁ ସରିଲା ବିଧାନସଭା

■ ଭୁବନେଶ୍ୱର, ୯।୧୨ (ସମିସ): ନିର୍ଦ୍ଧାରିତ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ମଙ୍ଗଳବାର ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଶେଷ ହୋଇଛି। ମାତ୍ର ୧୧ ଦିନ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଗୃହରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। କୌଣସି ସରକାରୀ କାର୍ଯ୍ୟ ନଥିବା ହେତୁ ଗୃହକୁ ମୁଲତବୀ କରିବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସନାତନ ବିଜୁଳି, ଗୌରୀ ଶଙ୍କର ମାଝୀ ପ୍ରମୁଖ ସମର୍ଥନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ▶ପୃଷ୍ଠା-୭

## ଏସ୍ଆଇଆର୍ ମାମଲାରେ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ବିଏଲଓଙ୍କୁ ସୁରକ୍ଷା ଦିଅ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ପଶ୍ଚିମ ବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ କାମରେ ବାଧା ଦିଆଯିବା ସହିତ ସେମାନଙ୍କୁ ଧମକ ମଧ୍ୟ ମିଳୁଛି। ଅଭିଯୋଗ କରିବା ସତ୍ତ୍ୱେ ସେମାନଙ୍କୁ ସୁରକ୍ଷା ଯୋଗାଉ ନାହାନ୍ତି ରାଜ୍ୟ ସରକାର। ଆଜି ନିର୍ବାଚନ କମିସନ ଏଭଳି ଅଭିଯୋଗ ଆଣିବା ପରେ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଏଲ୍ଓଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇବା ସହିତ ଏସଆଇଆର କାର୍ଯ୍ୟରେ ସହଯୋଗ କରିବା ଲାଗି ସଂପୃକ୍ତ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏଥିରେ ବିଫଳ ହେବେ ସେମାନଙ୍କ ସଂପର୍କରେ ଜଣାଇବା ଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି। ଏହାପରେ କୋର୍ଟ ଆବଶ୍ୟକ ପଦକ୍ଷେପ ନେବେ।



### ନିର୍ବାଚନ କମିସନ ପଦକ୍ଷେପ ନ ନେଲେ ଅରାଜକତା ସୃଷ୍ଟିହେବ

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରୁଥିବା ବେଳେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ରାକେଶ ଦ୍ୱିବେଦୀ ଉପରୋକ୍ତ ଅଭିଯୋଗ ଆଣିଥିଲେ। ସେ କହିଲେ ଯେ ଅନେକ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ପରିସ୍ଥିତିର ମୁକାବିଲା ଲାଗି ସ୍ଥାନୀୟ ପୁଲିସକୁ ଆମେ ଡେପୁଟେସନରେ ନେବାକୁ ବାଧ୍ୟ ହେବୁ। ତଥାପି ପରିସ୍ଥିତିରେ ଉନ୍ନତି ନଘଟିଲେ କେନ୍ଦ୍ରୀୟ ନିରାପତ୍ତା ବାହିନୀ ମୁତୟନ କରିବା ଲାଗି ବାଧ୍ୟ ହେବୁ। ଏହି ସମୟରେ ଜଷ୍ଟିସ ବାଗଚି କହିଲେ ଯେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନହେବା ପର୍ଯ୍ୟନ୍ତ ପୁଲିସକୁ କମିସନ ନିଜ ଅକ୍ତିଆରକୁ ନେଇପାରିବ ନାହିଁ। କିନ୍ତୁ ଦ୍ୱିବେଦୀ କହିଲେ ଯେ ଏସଆଇଆର କାମରେ ନିୟୋଜିତ ବିଏଲଓ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଲାଗି ପଦ।କ୍ଷେପ ନେବାପାଇଁ କମିସନ ପାଖରେ ସବୁ ପ୍ରକାର ସାମ୍ବିଧାନିକ କ୍ଷମତା ରହିଛି। ପ୍ରଧାନ ବିଚାରପତି କହିଲେ ଯେ ଏହା ଏକ ଗୁରୁତର ପରିସ୍ଥିତି। ତେଣୁ ନିୟମ ଅନୁଯାୟୀ ପଦକ୍ଷେପ ନିଅ, ନହେଲେ ଅରାଜତକା ସୃଷ୍ଟି ହେବ। ବିନା ▶ପୃଷ୍ଠା-୭

## ଇଣ୍ଡିଗୋର ପକ୍ଷଛେଦନ କଲେ କେନ୍ଦ୍ର ସରକାର

# କାଟିଦେଲେ ୧୦% ବିମାନ ଉଡ଼ାଣ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଭାରତର ସବୁଠାରୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋରେ ଚାଲିଥିବା ସଙ୍କଟ ଅଷ୍ଟମ ଦିନରେ ମଧ ଜାରି ରହିଛି। ସ୍ଥିତି ସଂପୂର୍ଣ୍ଣ ସ୍ୱାଭାବିକ ହୋଇ ନ ଥିବାବେଳେ ସରକାର ଏହି ଏୟାରଲାଇନ୍ସ ବିରୋଧରେ ମଙ୍ଗଳବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ପକ୍ଷଛେଦନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଇଣ୍ଡିଗୋର ୧୦ ପ୍ରତିଶତ ବିମାନ ଉଡ଼ାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଚାହିଦା ଏବଂ ହାଇ-ଫ୍ରିକ୍ୱେନ୍ସି ମାର୍ଗରେ ଏହି ହ୍ରାସ କରାଯାଇଛି। ୫ ପ୍ରତିଶତ ହ୍ରାସ କରିବା ଲାଗି ଦିନରେ ସରକାର ଘୋଷଣା କରିଥିବା ବେଳେ ସନ୍ଧ୍ୟାରେ ଏହାକୁ ୧୦ ପ୍ରତିଶତ କରିଛନ୍ତି। ଏହାଦ୍ୱାରା ଇଣ୍ଡିଗୋର ଦୈନିକ ଉଡ଼ାଣ ୨୩୦୦ରୁ ୨ ହଜାରକୁ ଖସି ଆସିବ। ଏବେ ଇଣ୍ଡିଗୋର ଦୈନିକ ୧୦ ପ୍ରତିଶତ ଉଡ଼ାଣ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟନ କରାଯାଇପାରିବ। ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିପାରେ। ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଦିନକୁ ୨୩୦୦ ବିମାନ ପରିଚାଳନା କରିଥାଏ। ତେଣୁ ହ୍ରାସର ପ୍ରଭାବ ▶ପୃଷ୍ଠା-୭

## ପୋଟେରୁ ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାର ଘଟଣା

# ମାଟି ମୁଣ୍ଡ ଲଗାଇ ଅନ୍ତିମ ସଂସ୍କାର



■ମାଲକାନଗିରି/କୋରୁକୋଣ୍ଡା, ୯ ।୧୨(ସମିସ): ପୁଲିସ, ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ନୟାନ୍ତ ହୋଇଗଲେ; କିନ୍ତୁ ମୁଣ୍ଡ ମିଳିଲାନି। ତେଣୁ, ମାଟିମୁଣ୍ଡ ତିଆରି କରି ମହିଳାଙ୍କ ଅନ୍ତିମ ସତ୍କାର କଲେ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା ପୋଟେରୁ ନଦୀରୁ ଉଦ୍ଧାର ହୋଇଥିବା ମୁଣ୍ଡବିହୀନ ମହିଳା ରାଖେଲଗୁଡ଼ାର ଲୋକେ ପଡ଼ିଆମି (୫୧)ଙ୍କ ଆଜି ଏପରି ଅନ୍ତିମ ସଂସ୍କାର ହୋଇଛି। ପୁଲିସ ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ରହି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ଶବ ସଂସ୍କାର କରାଇଛନ୍ତି।

### ଦୁଇ ଗ୍ରାମର ଅଧିବାସୀଙ୍କ ଶାନ୍ତି କମିଟି ବୈଠକ

### ରାଖେଲଗୁଡ଼ା, ଏମ୍‌ଭି-୨୬ରେ ପୁଲିସ ଛାଉଣୀ

ଅପରପକ୍ଷେ, ଏହି ଘଟଣାକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ବାଟ ଫିଟିଛି। ସଂଧ୍ୟାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପୁଲିସ ଓ ପ୍ରଶାସନ ଉପସ୍ଥିତିରେ ଦୁଇ ଗ୍ରାମର ଅଧିବାସୀଙ୍କୁ ନେଇ ବସିଥିବା ଶାନ୍ତି କମିଟି ବୈଠକ ସଫଳ ହୋଇଛି। ଉଭୟ ପକ୍ଷ ହିଂସାକାଣ୍ଡ ଛାଡ଼ି ଶାନ୍ତିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ସଦସ୍ୟ ରହିବେ। ଉତ୍ତେଜନା ପ୍ରଶମିତ ନ ▶ପୃଷ୍ଠା-୭

# ବଦଳିଲା +୨ ପରୀକ୍ଷା ସୂଚୀ

■ ଭୁବନେଶ୍ୱର, ୯ ।୧୨ (ସମିସ): ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୧୧ ଓ ୨୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ ତାରିଖରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବର୍ଗର ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି, ମାର୍ଚ୍ଚ ୨୧ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ପରିବର୍ତ୍ତନ ହେବା ପରେ ସମସ୍ତ ପରୀକ୍ଷା ମାର୍ଚ୍ଚ ୨୫ତାରିଖରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରୁ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ।

**ମାର୍ଚ୍ଚ ୧୧ ଓ ୨୧ର ପରୀକ୍ଷା ୨୩ ଓ ୨୫ରେ ହେବ**

# ୧୦ ଡିଗ୍ରୀ ତଳେ ୧୧ ସହର

■ ଭୁବନେଶ୍ୱର, ୯ ।୧୨ (ସମିସ): ରାଜ୍ୟରେ ଜାରି ରହିଛି ପ୍ରବଳ ଶୀତ । ପୂର୍ବରୁ-ପଶ୍ଚିମ, ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ଲହରୀ ଜାରି ରହିଥିବା ବେଳେ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ୧୧ ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିବା ବେଳେ ଜି. ଉଦୟଗିରିରେ ୪.୮, ସେମିଳିଗୁଡାରେ ୬.୨, ଫୁଲବାଣୀରେ ୬.୮, ଚିପିଲିମାରେ ୭.୩, ରାଉରକେଲାରେ ୭.୬, ଦାରିଙ୍ଗବାଡିରେ ୮, ଅନୁଗୁଳ ୯, ଭବାନୀପାଟଣା ୯, କିରେଇ ୯.୩, କୋରାପୁଟ ୧୦ ଓ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ଦୁଇ ଦିନ ଶୀତର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୨ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ▶ପୃଷ୍ଠା-୭

### ଜି.ଉଦୟଗିରିରେ ୪.୮ ଡ଼ିଗ୍ରୀ

### ୭ ଜିଲ୍ଲା ପାଇଁ ଶୀତ ଲହରୀ ଆଲର୍ଟ

## ବଢ଼ିଲେ ଦାଦନ

# ଭାଙ୍ଗିଲା ଦାଦନମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନ

■ ଭୁବନେଶ୍ୱର, ୯ ।୧୨ (ସମିସ): ଗତ ବର୍ଷ ତୁଳନାରେ ଏ ବର୍ଷ ରାଜ୍ୟରୁ ଅଧିକ ସଂଖ୍ୟକ ଦାଦନ ଶ୍ରମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୨୫ ନଭେମ୍ବର ସୁଦ୍ଧା ରାଜ୍ୟରୁ ୭୦ ହଜାର ୩୬୦ ଜଣ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି। ଗତ ବର୍ଷ ଅର୍ଥାତ ୨୦୨୪ରେ ଏହି ସମୟରେ ରାଜ୍ୟ ବାହାରକୁ ଯାଇଥିବା ଦାଦନଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଧିକ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ସୂଚନା ମିଳିଛି। ବିଡ଼ମ୍ବନା ହେଉଛି ରାଜ୍ୟ ବାହାରକୁ କାମ ଖୋଜିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ସବୁଠୁ ଆଗରେ ରହିଛି। ଦାଦନ ସମସ୍ୟାର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଟାସ୍କ ଫୋର୍ସ ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଜିଲ୍ଲାରୁ ସର୍ବାଧିକ ୫୧ ହଜାର ୫୮୧ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ଏହାପରେ ରହିଛି ନୂଆପଡ଼ା ଜିଲ୍ଲା। ଏହି ଜିଲ୍ଲାରୁ ୮୬୫୫ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି। ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଦାଦନ ଚାଲାଣ ପାଇଁ ଠିକାଦାରଙ୍କ ଲାଇସେନ୍ସ ମଧ୍ୟ ଗତବର୍ଷଠାରୁ ଚଳିତ ବର୍ଷ ବୃଦ୍ଧି ପାଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଗତବର୍ଷ ୧୦୩୭ ଦାଦନ ଠିକାଦାରଙ୍କୁ ଲାଇସେନ୍ସ ଦିଆଯାଇଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୧୦୭ ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।



### ରାଜ୍ୟକୁ କମୁଛି 'ଏମ୍‌ଜିଏନ୍ଆରଇଜିଏସ୍' ଅନୁଦାନ

### ଶ୍ରମିକଙ୍କୁ ୩୦୦ କାର୍ଯ୍ୟ ଦିବସ ପ୍ରତିଶ୍ରୁତି ଧୂଆଁବାଣ

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଅଧିକ ଅର୍ଥ ଉପାର୍ଜନ ପାଇଁ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଶ୍ରମିକମାନେ ଯିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ନିମନ୍ତେ ଅକ୍ଟୋବର ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରବାସୀ ଶ୍ରମିକମାନଙ୍କୁ ବିଭିନ୍ନ କର୍ମ ଯୋଗାଣକ୍ଷମ ଯୋଜନା ଓ ସ୍ୱ-ରୋଜଗାର ଯୋଜନା ଗୁଡ଼ିକରେରେ ଅର୍ନ୍ତଭୁକ୍ତ କରାଉଛି। ଏଥିରେ ନିଆଯାଇଥିବା ପଦକ୍ଷେପ ମଧ୍ୟରେ 'ଏମ୍‌ଜିଏନ୍ଆରଇଜିଏସ୍'ରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକର ୭୦୪ ଗ୍ରାମପଞ୍ଚାୟତରେ କାର୍ଯ୍ୟଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି। ଏହାସହ ରାଜ୍ୟରେ ୧୪ ଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ପଞ୍ଚାୟତ ▶ପୃଷ୍ଠା-୭

# ଶ୍ରୀକ୍ଷେତ୍ର ସିଟି

୯/୧୨/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୦୯,୭୩୭/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୪୩.୦୦୦ ଗ୍ରାମ୍





## ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ସ୍ୱଚ୍ଛନ୍ଦ ଦର୍ଶନ ନେଇ ପ୍ରାରମ୍ଭିକ ଆଲୋଚନା

ପୁରୀ, ୯।୧୨(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଦିବ୍ୟାଙ୍ଗ ଭକ୍ତମାନେ କିପରି ଭଲ ଭାବେ ଦର୍ଶନ ସୁବିଧା ପାଇବେ ତା' ଉପରେ ଗୁରୁତ୍ୱ ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ଏହି କ୍ରମରେ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଦିବ୍ୟାଙ୍ଗମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ବ୍ୟବସ୍ଥା ନେଇ ପ୍ରାରମ୍ଭିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟମାନଙ୍କ ସହିତ ବରିଷ୍ଠ ସେବକ ମଧ୍ୟ ନିମନ୍ତ୍ରିତ ସଦସ୍ୟ ଭାବେ ଯୋଗଦେଇଥିଲେ। ତତ୍‌ସହିତ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନଙ୍କ ସୁବିଧା ନିମନ୍ତେ ଆଲୋଚନା କରାଯାଇଥିବା ପ୍ରସ୍ତାବିତ ମାର୍ଗଦର୍ଶିକା ଆଗାମୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଉପସ୍ଥାପନ କରାଯିବ। ପରିଚାଳନା କମିଟିଙ୍କ ଅନୁମୋଦନ କ୍ରମେ ଏହା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ଆସିଥା'ନ୍ତି। ଏମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଭକ୍ତ ମଧ୍ୟ ଆସନ୍ତି। ଏହି ଦିବ୍ୟାଙ୍ଗଙ୍କ ମଧ୍ୟ ଏମିତି କିଛି ଶ୍ରଦ୍ଧାଳୁ ଅଛନ୍ତି ଯେଉଁମାନେ ନିଜେ ଚାଲିବାକୁ ସକ୍ଷମ ହୋଇ ନ ଥା'ନ୍ତି। ଏମାନେ ହ୍ୱିଲ୍‌ଚେୟାରରେ ସିଂହଦ୍ୱାର ନିକଟକୁ ଯାଇ କେବଳ ପତିତପାବନଙ୍କୁ ଦର୍ଶନ କରିଥା'ନ୍ତି। ତେଣୁ ଏହି ଦିବ୍ୟାଙ୍ଗ ଭକ୍ତମାନେ କିପରି ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ସେ ନେଇ ବହୁବାର ଆଲୋଚନା ହୋଇଛି। ହାଇକୋର୍ଟ ମଧ୍ୟ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏକାଧିକଥର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଦିବ୍ୟାଙ୍ଗଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ହୋଇଛି। ଦିବ୍ୟାଙ୍ଗ ଭକ୍ତମାନେ ଯେପରି ଭଲଭାବେ ଠାକୁରଙ୍କୁ ଦର୍ଶନ କରିବେ ସେ ନେଇ ଭିନ୍ନଭିନ୍ନ ପ୍ରସ୍ତାବ ମଧ୍ୟ ଆସିଛି। ଏପରିକି କିଛି ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ସେମାନଙ୍କ ପାଇଁ ହ୍ୱିଲ୍‌ଚେୟାର ସେବା ଯୋଗାଇଥା'ନ୍ତି। ପୁଲିସ ବି ଅନେକ ସମୟରେ ଦିବ୍ୟାଙ୍ଗ ଭକ୍ତମାନଙ୍କୁ ହାତରେ ଟେକି ନେଇ ପତିତପାବନଙ୍କ ଦର୍ଶନ କରାଇଥା'ନ୍ତି। ତେବେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ଆଲୋଚନା କରାଯିବା ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଖୁସିର ବିଷୟ ବୋଲି କୁହାଯାଉଛି।

## ଦିବ୍ୟାଙ୍ଗ ବସନ୍ତଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ପ୍ରଶାସନ

ପୁରୀ, ୯।୧୨(ସମିସ): ସ୍ଥାନୀୟ ଟାଉନ ହଲ୍‌ରେ ଗତ ବୁଧବାର ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା। ଏଥିରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶତ ପ୍ରତିଶତ ଦୃଷ୍ଟିବାଧିତ ରାଜନୀତି ବିଜ୍ଞାନର ଅଧ୍ୟାପକ ବସନ୍ତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ ପାଇଁ ସ୍ଥିର ହୋଇଥିଲା। ସେଦିନ ସେ ଅନୁପସ୍ଥିତ ଥିବାରୁ ମଙ୍ଗଳବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ବସନ୍ତଙ୍କୁ ତାଙ୍କର ଦୃଢ଼ ଇଚ୍ଛା ଶକ୍ତି, ନିଷ୍ଠା ଓ ସଂଘର୍ଷ କରି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ସେଥିପାଇଁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ନିଜ ପ୍ରତିକ୍ରିୟାରେ ନିମାପଡ଼ା ବ୍ଲକ୍ କୁଆଁସ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବସନ୍ତ ବାପା ମାଆଙ୍କ ଆଶୀର୍ବାଦ, ପ୍ରେରଣା ଓ ଅନ୍ୟ ଗୁରୁଜନଙ୍କ ସହଯୋଗରେ ଏ ପର୍ଯ୍ୟନ୍ତ ଆସିପାରିଛନ୍ତି ବୋଲି କହିଥିଲେ। ସେ ପିଲାବେଳେ ଭୁବନେଶ୍ୱର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଅଧ୍ୟୟନ ପରେ ସେଠାରୁ ପାସ୍ କରି ବିଜେବି କଲେଜରେ ଯୁକ୍ତ ୨ ଓ ଗ୍ରାଜୁଏସନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି ପରେ ନିମାପଡ଼ା କଲେଜରେ ଅଧ୍ୟାପକ ଭାବେ ବର୍ତ୍ତମାନ ଅବସ୍ଥାପିତ ହୋଇଛନ୍ତି। ମହାବିଦ୍ୟାଳୟରେ ସମସ୍ତଙ୍କ ସହଯୋଗ, ଭଲପାଇବା ଓ ସମ୍ମାନ ତାଙ୍କୁ ଉଦ୍‌ବୁଦ୍ଧ କରିଛି ବୋଲି ସେ କହିବା ସହ ତାଙ୍କୁ ସହଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ସାଇବର ସୁରକ୍ଷା ସଚେତନତା କର୍ମଶାଳା

# ସଚେତନ ଓ ସତର୍କତା ଉପରେ ଗୁରୁତ୍ୱ

ପୁରୀ, ୯।୧୨(ସମିସ): ପୁରୀ ଆଇଟିଆଇ ପରିସରରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ଭାରତ ଗଠନ ଗତି

**ବର୍ଷକୁ ୨୫ ହଜାର ଯୁବବର୍ଗଙ୍କୁ ଡିଜିଟାଲ ସାକ୍ଷରତା ଲକ୍ଷ୍ୟ**

ସହିତ ସାଇବର ଅପରାଧ, ଠକେଇ, ତଥ୍ୟ ଚୋରି, ଅନ୍‌ଲାଇନ୍ ଶୋଷଣ ଘଟଣା ଦିନକୁ ଦିନ ବଢୁଛି। ଏହି ସମୟରେ ଡିଜିଟାଲ ସୁରକ୍ଷା ଓ ସାଇବର ସଚେତନତା ଆଜିର ସମୟର ଆବଶ୍ୟକତା। ଏହି ପରିପ୍ରେକ୍ଷରେ ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ଓ ନିଟ୍ ଫାଉଣ୍ଡେସନ ସହଯୋଗରେ ମଙ୍ଗଳବାର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଯୁବପିଢ଼ି ଯୋଗଦେଇଥିଲେ।

ସମ୍ପର୍କର ସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଇଟିଆଇ ପୁରୀର ଅଧ୍ୟକ୍ଷ ଇଂ. ପ୍ରମୋଦ କୁମାର ସାମଲ ସମସ୍ତଙ୍କୁ ସ୍ୱାଗତ




କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୁବବର୍ଗ କିପରି ସାଇବର ଶୋଷଣ ଓ ଅନ୍‌ଲାଇନ୍ ଅପରାଧରୁ ସୁରକ୍ଷା ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିବା ସହ ଲୋଭ ଓ ଅଧିକ ଲାଭ ଆଶାରେ ଠକାମୀର ଶିକାରରୁ ବର୍ତ୍ତିବା ଉପରେ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସଚେତନ ଓ ସତର୍କତା ଉପରେ ଗୁରୁତ୍ୱ ଦେଇଥିଲେ। ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀ ଓଟିପି ଠକେଇରୁ ଆରମ୍ଭ କରି ଡାଟା ପ୍ରାଇଭେସି, ପ୍ରବେଶପତ୍ର ସୁରକ୍ଷା, ଭୁଲ୍ ଲିଙ୍କ, ଫିଶିଂ, ଅନ୍‌ଲାଇନ୍ ଗେମିଂ ଆଶକ୍ତି, ନକଲି ଆପ୍ ଓ ସୋସିଆଲ ମିଡିଆ ନୈତିକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଆଜିର ଡିଜିଟାଲ ଯୁଗରେ ମୋବାଇଲ, ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ଆମ ଜୀବନର ଅଂଶ ହୋଇପଡ଼ିଛି। କିନ୍ତୁ ଏହି ବିକାଶ ସହ ଅନେକ ସାଇବର ଫ୍ରଡ୍ ମଧ୍ୟ ଆସୁଛି। ପିଲା ଓ ଯୁବପିଢ଼ି ସବୁଠାରୁ ଅଧିକ ସୋସିଆଲ ପ୍ଲାଟ୍‌ଫର୍ମ ବ୍ୟବହାର କରୁଛନ୍ତି। ତେଣୁ ସେମାନଙ୍କୁ ସାଇବର ସୁରକ୍ଷା ବିଷୟରେ ଶିକ୍ଷା ଦେବା ଆଜିର ସମୟର ଆବଶ୍ୟକ। ଭୁଲ୍ ଲିଙ୍କ୍, ଲୋଭ ଓ ଫେକ୍ ଆଇଡି ଦ୍ୱାରା ଲୋକଙ୍କୁ ଠକାଯାଉଛି। ଏଥିରୁ ନିଜକୁ, ପରିବାରକୁ ଓ ଦେଶର ଡିଜିଟାଲ ପ୍ରଗତିକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ହେଉଛି ଏକମାତ୍ର ଅସ୍ତ୍ର। ପ୍ରତ୍ୟେକ ଶକ୍ତିଶାଳୀ ପାସ୍‌ୱାର୍ଡ ବ୍ୟବହାର କରିବା, ଅଜଣା ଲିଙ୍କ୍ କ୍ଲିକ୍ ନ କରିବା ଓ ସୋସିଆଲ ମିଡିଆରେ ଅବାଞ୍ଛିତ ସୂଚନା ଶେୟାର ନ କରିବାକୁ ଶିଖିବା ଦରକାର। ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ, ଡିଜିଟାଲ ଭାବେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ପରେ ପିଲାମାନେ ସାଇବର ସୁରକ୍ଷାକୁ ନେଇ ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇ ସାଇବର ସୁରକ୍ଷାକୁ ନେଇ ବିଭିନ୍ନ ବିଷୟ ଜାଣିବାକୁ ପାଇଥିଲେ। ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶାରେ ଅନ୍ତତଃ ୨୫ ହଜାର ଯୁବବର୍ଗଙ୍କୁ ଡିଜିଟାଲ ଲିଟରେସି ଜରିଆରେ ସାଇବର ସୁରକ୍ଷା ଓ ସୋସିଆଲ ମିଡିଆ ସମ୍ବନ୍ଧରେ ଶିକ୍ଷା ଦିଆଯିବ ବୋଲି ସମ୍ପର୍କ ଅନୁଷ୍ଠାନ ଲକ୍ଷ୍ୟ ରଖିଛି। ଦେବେନ୍ଦ୍ର ରଥ ମଞ୍ଚ ସଂଯୋଜନା କରିଥିଲେ। ଅନିତା ଜଗଦ୍ଦେବ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ, ସମ୍ପର୍କର ସ୍ୱେଚ୍ଛାସେବୀ ଅଶ୍ରୁଜିତ୍ ମହାପାତ୍ର, ରାକେଶ ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ସଦାଶିବ ପରିସରରେ ଦ୍ୱିଦିବସୀୟ ଆଲୋଚନାଚକ୍ର

## ୧୨ରୁ ବେଦର ଗୁପ୍ତ ରହସ୍ୟ ଉପରେ ଚର୍ଚ୍ଚା

ପୁରୀ, ୯।୧୨ (ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଓ ଅରୋଜ୍ୟୋତି ଟ୍ରଷ୍ଟ ପୁରୀର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୨ରୁ ଦୁଇଦିନିଆ ବେଦର ଗୁପ୍ତ ରହସ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଶ୍ରୀସଦାଶିବ ପରିସରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ନାରାୟଣ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଦ୍ୱିଦିବସୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବିଦ୍ୱାନମାନେ ଅଂଶଗ୍ରହଣ କରି ବେଦର ରହସ୍ୟ ଉପରେ ବିବିଧ ଦିଗରୁ ଚର୍ଚ୍ଚା କରିବେ ବୋଲି ମଙ୍ଗଳବାର ପରିସରର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର ଓ ଅରୋଜ୍ୟୋତି ଟ୍ରଷ୍ଟ ପୁରୀର ଟ୍ରଷ୍ଟି ବିପିନାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ଦୁଇଦିନରେ ମୋଟ୍ ୮ଟି ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନେ ଯୋଗଦେଇ ବେଦ ଉପରେ ଚର୍ଚ୍ଚା କରିବେ।

ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ସଂଯୋଜକ ଡ. ପ୍ରିୟରଞ୍ଜନ ରଥ ଯୋଗ ଦେଇଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ପରିସରର ଅଧ୍ୟାପକ ତଥା ପରିସରର ଜନସମ୍ପର୍କ ଅଧିକାରୀ ଡ. ବିଶ୍ୱନାଥ ମିଶ୍ର। ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ତଥା ପରିସରର ସହ ଜନସମ୍ପର୍କ ଅଧିକାରୀ ଡ. ରୁଦ୍ର ପ୍ରସାଦ ମିଶ୍ର।

### ସାଇ ଗ୍ଲୋବାଲ କିଡ୍ସ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

## 'କ୍ରୀଡ଼ା ଶୃଙ୍ଖଳା ଓ ସାହସର ଶିକ୍ଷା ଦେଇଥାଏ'




ପୁରୀ, ୯।୧୨(ସମିସ): ସ୍ଥାନୀୟ ଭିଆଇପି ରୋଡ୍‌ସ୍ଥିତ ସାଇ ଗ୍ଲୋବାଲ କିଡ୍‌ସ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଏହି କ୍ରୀଡ଼ା ଉତ୍ସବକୁ ପୁରୀ ଫାର୍ମାସୀ ମହାବିଦ୍ୟାଳୟ ତଥା ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ରର ସଭାନେତ୍ରୀ ଅନିମା ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, କ୍ରୀଡ଼ା ପିଲାମାନଙ୍କୁ ଶୃଙ୍ଖଳା, ସାହସ ଏବଂ ଏକାଠି କାମ କରିବାର ଶିକ୍ଷା ଦେବା ସହିତ ମାନସିକ ଓ ଶାରୀରିକ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପୁରୀ ଓକିଲ ସଂଘର ପ୍ରାକ୍ତନ ସଭାପତି ପୁଷ୍କର ମହାପାତ୍ର ଓ ପତଞ୍ଜଳି ଯୋଗ ସମିତିର ପୁରୀ ଜିଲ୍ଲା ସଭାପତି ମହେଶ ପ୍ରସାଦ ରଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ପାଇଁ କ୍ରୀଡା ଅତ୍ୟନ୍ତ ଉପଯୋଗୀ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ଉତ୍ସବରେ ଯୋଗଦେଇ କ୍ରୀଡ଼ା କେବଳ ଏକ ଖେଳ ନୁହେଁ, ଏହା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରକାଶ କରିଥିଲେ। କୁନିକୁନି ପିଲାମାନେ ଅତ୍ୟନ୍ତ ଆନନ୍ଦ ଓ ଆଗ୍ରହର ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଉତ୍ସବର ଦ୍ୱତୀୟ ଦିବସରେ ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନୁଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ସ୍ନେହଲତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସୋନମ ଚାଟାର୍ଜୀ, ସୁଭଦ୍ରା ପଟ୍ଟନାୟକ, ଉପାସନା ଓଝା, ମମତା ମାଝୀ ଓ ନିକିତା ରୋଜାଲିନ ପ୍ରମୁଖ ଏହି କ୍ରୀଡ଼ା ଉତ୍ସବର ସୁପରିଚାଳନା କରିବାରେ ସହଯୋଗ କରିଥିଲେ। କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ।

## ଡାକ୍ତର ରାଧାକାନ୍ତ ମିଶ୍ରଙ୍କ ପରଲୋକ

ପୁରୀ, ୯।୧୨(ସମିସ): ଡାକ୍ତର ରାଧାକାନ୍ତ ମିଶ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ମାର୍କଣ୍ଡେଶ୍ୱର ସାହିସ୍ଥିତ ଉଚ୍ଚ ଜାଗା ଲେନ୍‌ର ମୂଳ ବାସିନ୍ଦା ସ୍ୱର୍ଗତ ମିଶ୍ର ଭୁବନେଶ୍ୱର ପଟିଆସ୍ଥିତ ବାସଭବନରେ ଭୋର୍ ୫ଟାରେ ତାଙ୍କର ମୃତ୍ୟୁ ହୋଇଛି। ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ସୋମନାଥ ମିଶ୍ରଙ୍କର ସେ ଥିଲେ ଦ୍ୱିତୀୟ ପୁତ୍ର। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଶଲ୍ୟ ଚିକିତ୍ସା ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରି ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗଦ୍ୱାରରେ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଏକମାତ୍ର ପୁତ୍ର ବ୍ରଜକିଶୋର ମିଶ୍ର ମୁଖାଗ୍ନି ଦେଇଥିଲେ।

# ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ପାରମ୍ପରିକ ଔଷଧ 'ହୋମିଓପାଥି'

ପୁରୀ, ୯।୧୨(ସମିସ): ପୁରାତନ ରୋଗ ନିୟନ୍ତ୍ରଣରେ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ପାରମ୍ପରିକ ଔଷଧ ହେଉଛି ହୋମିଓପାଥି। ସ୍ୱାସ୍ଥ୍ୟ କଲ୍ୟାଣ କ୍ଷେତ୍ରରେ ଏହି ଔଷଧ ସହାୟକ ରହିଆସିଛି ଓ ଆଗକୁ ରହିବ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଆସନ୍ତା ୧୭ରୁ ୧୯ ତିନିଦିନ ଧରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ପାରମ୍ପରିକ ଔଷଧ ଉପରେ ଦ୍ୱିତୀୟ ବିଶ୍ୱସ୍ତରୀୟ ସମ୍ମିଳନୀ। ଏହି ଉପଲକ୍ଷେ ସ୍ଥାନୀୟ ଗୋପାଳବଲ୍ଲଭ ରୋଡ୍‌ସ୍ଥିତ ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଶ୍ରୀ ସେଠୀ ପୁରାତନ ରୋଗ ନିୟନ୍ତ୍ରଣରେ ହୋମିଓପାଥି ଔଷଧ ପ୍ରୟୋଗ ଏକ ମାଇଲ୍‌ଖୁଣ୍ଟ ହେବ ବୋଲି ଆଶାପୋଷଣ କରିଥିଲେ। ପୁରୀ ଆଞ୍ଚଳିକ ଗବେଷଣା ଅନୁଷ୍ଠାନର ଅନୁସନ୍ଧାନ ଅଧିକାରୀ ଡା. ଅକ୍ଷୟ ପୃଷ୍ଟି ଏବଂ ଭୁବନେଶ୍ୱରର ଔଷଧ ପ୍ରମାଣିତ ୟୁନିଟ୍‌ର ପ୍ରଭାରୀ ଅଧିକାରୀ ଡା. ଉମାକାନ୍ତ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୁଷ-ହୋମିଓପାଥିର ଏଥିକାଲ




କମିଟି ସଦସ୍ୟ ବଦ୍ରି ମିଶ୍ର କହିଥିଲେ ଯେ, ହୋମିଓପାଥି, ଆୟୁର୍ବେଦ ଓ ଯୋଗର ଉପଯୋଗରେ ଏକ ସୁସ୍ଥ ଭାରତ ଗଠନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ମାନସ ସନ୍ତାନ ଆୟୁଷ ୨୦୧୪ରେ ସ୍ୱତନ୍ତ୍ର ବିଭାଗ ହୋଇ ଚିକିତ୍ସା କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିପାରିଛି। 'ସନ୍ତୁଳନ ପୁନରୁଦ୍ଧାର: ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ବିଜ୍ଞାନ ଓ ବିକାଶ' ଶୀର୍ଷକ ବିଷୟବସ୍ତୁକୁ ନେଇ ନୂଆଦିଲ୍ଲୀରେ ଯେଉଁ ତିନିଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ହେବ ସେ ସଂକ୍ରାନ୍ତରେ ଭାରତର ୨୭ଟି ଆଞ୍ଚଳିକ ଅନୁସନ୍ଧାନ ସଂସ୍ଥାନ ମାଧ୍ୟମରେ ସାଧାରଣ ମଣିଷ ପାଖରେ ଏହାକୁ ପହଞ୍ଚାଇବା ଲାଗି ଉଦ୍ୟମ ଆରମ୍ଭ କରାଯାଇଛି। ଦିଲ୍ଲୀ ସମ୍ମିଳନୀରେ ବିଶ୍ୱର ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ସ୍ୱାସ୍ଥ୍ୟମନ୍ତ୍ରୀ, ୧୫୦ ବିଜ୍ଞାନୀ-ବିଶେଷଜ୍ଞ, ୨୦ଟି ଅଧିବେସନରେ ବକ୍ତବ୍ୟ ରଖିବେ, ଯେଉଁଥିରେ ୨୧ଟି ମନୋନୀତ ଅଭିନବତା ପ୍ରଦର୍ଶନ ହେବ।

ଏହି ସାମ୍ବାଦିକ ସମ୍ମିଳନୀରେ ଉଭୟ ଡା. ପୃଷ୍ଟି ୧୯୭୮ରେ ଭାରତବର୍ଷର ସର୍ବୋଚ୍ଚ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ ଓ ୧୯୮୦ରେ ପୁରୀରେ ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ କିପରି ଫାଇଲେରିଆ, ଆଣ୍ଠୁଗଣ୍ଠି ବାତ, ଚର୍ମରୋଗ, ଶିଶୁରୋଗ ବିଶେଷତଃ ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସା କ୍ଷେତ୍ରରେ ବର୍ଷ ବର୍ଷ ଧରି ଓଡ଼ିଶାବାସୀଙ୍କୁ କିପରି ସେବା ଯୋଗାଇଦେଇଛି ତାହାର ସୂଚନା ଦେଇଥିଲେ। ସେମାନେ କହିଥିଲେ ଯେ, ପୁରୀରେ ଏହି ସଂସ୍ଥାନର ୧୦ ଶଯ୍ୟା ବିଶିଷ୍ଟ ଅନ୍ତର୍ବିଭାଗ ରହିଥିବାବେଳେ ଗୋଟିଏ ବହିର୍ବିଭାଗ ରହିଛି, ଯେଉଁଠାରେ ବର୍ଷକୁ ପୁରୀ ସମେତ ବିଭିନ୍ନ ଜିଲ୍ଲାର ପ୍ରାୟ ୨୫ ହଜାର ରୋଗୀ ଚିକିତ୍ସିତ ହେଉଛନ୍ତି। ଏହି ସଂସ୍ଥାନ ପକ୍ଷରୁ ସହର ସହ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ବିଶେଷକରି ଅନୁସୂଚିତ ଜାତି ରହୁଥିବା ଅଞ୍ଚଳରେ ଚିକିତ୍ସା ଶିବିର, ରାଷ୍ଟ୍ରୀୟ ପୋଷଣ ଅଭିଯାନ, ରାଷ୍ଟ୍ରୀୟ ସ୍ୱଚ୍ଛତା ଅଭିଯାନ, ମାସିକ ଋତୁସ୍ରାବ, ରକ୍ତଦାନ, ମିଲେଟ ଓ ପରିବେଶ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆୟୁଷ ଅଧୀନସ୍ଥ ହୋମିଓପାଥିକୁ ନେଇ ଦିଲ୍ଲୀଠାରେ ହେଉଥିବା ଶିଖର ସମ୍ମିଳନୀ ବିଶ୍ୱରେ ଭାରତବର୍ଷକୁ ନୂତନ ପରିଚୟ ଦେବା ସହ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଓ ଅନୁସନ୍ଧାନ ମୂଳକ ପାରମ୍ପରିକ ହୋମିଓପାଥି ଚିକିତ୍ସାର ସୁଯୋଗ ଜନସାଧାରଣ ନେବାକୁ ସମ୍ମିଳନୀରେ ଆହ୍ୱାନ କରାଯାଇଛି।

## ଅନଶନ ବେଳେ ଆୟୁଷ ଛାତ୍ରଛାତ୍ରୀ ଅସୁସ୍ଥ

ପୁରୀ, ୯।୧୨(ସମିସ): ଆଠ ଦଫା ଦାବି ନେଇ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଆୟୁଷ ଛାତ୍ରଛାତ୍ରୀମାନେ ଆମରଣ ଅନଶନ କରୁଛନ୍ତି। ମଙ୍ଗଳବାର ସେମାନଙ୍କ ଅନଶନର ଥିଲା ଦ୍ୱିତୀୟ ଦିନ। ତେବେ ଅନଶନବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଛାତ୍ର ଜଣକ ହେଲେ ଶେଷ ବର୍ଷର ଛାତ୍ର ନିଗମ ପ୍ରସାଦ ନନ୍ଦ। ତାଙ୍କ ସମେତ ଆଉ ୮ ଜଣ ଛାତ୍ରଙ୍କୁ ମଧ୍ୟ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ରୁଦ୍ରିସୁନ୍ଦର ପ୍ରଧାନ ଓ ସୌମ୍ୟକାନ୍ତ ମିଶ୍ରଙ୍କୁ ସାଲାଇନ୍ ଲାଗିଥିଲା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**

ଆୟୁଷ ଛାତ୍ରଛାତ୍ରୀ ପ୍ରତିବାଦ କରି ନିରାଶ ହେବା ପରେ ସୋମବାରଠୁ ଆମରଣ ଅନଶନ ଆରମ୍ଭ କରିଥିଲେ। ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଛନ୍ତି। ମଙ୍ଗଳବାର କିଛି ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଅନଶନରତ ଆୟୁଷ ଛାତ୍ରଛାତ୍ରୀ କହିଛନ୍ତି, ନୂଆ ଆୟୁଷ ଡାକ୍ତର ପଦ ସୃଷ୍ଟି, ଉଚ୍ଚଶିକ୍ଷା ସିଟ୍ ସଂଖ୍ୟା ବୃଦ୍ଧି, କଲେଜ ପରିଚାଳନା କମିଟିର ପୁନର୍ଗଠନ, କେନ୍ଦ୍ର ଆୟୁଷ ମନ୍ତ୍ରାଳୟର ସମସ୍ତ ନିୟମାବଳୀ ପାଳନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷକୁ ଅନ୍ତର୍ଭୁକ୍ତ କରିବା ଆଦି ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ ଚାଲିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ ମଧ୍ୟ ଆଲୋଚନାକୁ ଡାକିଲେ ନାହିଁ। ଗତ ୨୪ ତାରିଖରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡକରା ଦିଆଯିବା ସହିତ ଗତ ୩୦ ତାରିଖରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଛି। ମାତ୍ର ୮ଟି ଦାବିରୁ ଗୋଟିଏ ଦାବି ପୂରଣ ହୋଇ ନ ଥିବାରୁ ଆୟୁଷ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ଆମରଣ ଅନଶନ ଭଳି ଚରମପନ୍ଥା ଆପଣାଇଛନ୍ତି ବୋଲି ଆୟୁଷ ଛାତ୍ର ସଂଘ ସଭାପତି ଗିରିଧାରୀ ବିଶ୍ୱାଳ କହିଛନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତ୍ୱରିତ ଏଥିରେ ହସ୍ତକ୍ଷେପ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

### ବାଲୁଖଣ୍ଡରେ ଗଛ ଚୋରି ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗର ନିର୍ଦ୍ଦେଶ

ପୁରୀ, ୯।୧୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟରୁ ଏକ ବଡ଼ ଆକାଶିଆ ଗଛ କାଟି ନିଆଯାଇଛି। ଏ ନେଇ ମଙ୍ଗଳବାର 'ସକାଳ'ରେ ବାଲୁଖଣ୍ଡରୁ ଗଛ ଚୋରି କଲା କିଏ? ଶୀର୍ଷକ




ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ସୂଚନା ଅଧିକାର କର୍ମୀ ସନ୍ତୋଷ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀ, ବନ ବିଭାଗ, ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ ଏକ୍ସ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବନ ବିଭାଗ ବେଶ୍ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବନ ବିଭାଗ ପକ୍ଷରୁ ରାଜ୍ୟ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି**

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୭୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

# ରିଲାଏନ୍ସ କର୍ତ୍ତୃପକ୍ଷଙ୍କୁ ଜମି ଦେଇ କ୍ଷତିଗ୍ରସ୍ତ ପ୍ରଜା ଅସହାୟ

ଢେଙ୍କାନାଳ, ୯ ।୧୨(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଝାରଗାଡ଼ିଆସ୍ଥିତ ରିଲାଏନ୍ସ ବାୟୋ ଏନର୍ଜି ତଥା ପୂର୍ବର ପଲିଷ୍ଟର କାରଖାନା କର୍ତ୍ତୃପକ୍ଷଙ୍କୁ ଜମିଦେଇ ନ୍ୟାୟ ପାଇଁ ଦୀର୍ଘ ୪୦ବର୍ଷ ଧରି କ୍ଷତିଗ୍ରସ୍ତ ପରିବାର ସଂଗ୍ରାମ ଜାରି ରଖିଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ଏବଂ ଆଲୋଚନା ହେଉଥିବା ବେଳେ କୌଣସି ନିଷ୍ପତ୍ତି ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ଶେଷରେ କ୍ଷତିଗ୍ରସ୍ତ ପ୍ରଜା ନିରାଶ ଓ ଅସହାୟ ହୋଇ ବୁଧବାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି।

୧୯୮୪ରେ ଓଡ଼ାପଡ଼ା ବ୍ଲକ ବଉଳପୁର ଝାରଗାଡ଼ିଆଠାରେ ଓଡ଼ିଶା ସନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢ଼ିଉଠିଥିଲା। ପ୍ରାୟ ୩ଶହ ଏକର ଜମିରେ ଏହି କାରଖାନା ଥିବାବେଳେ ଏଥିପାଇଁ ସ୍ଥାନୀୟ ଲୋକଙ୍କ ଜମି ଅଧିଗ୍ରହଣ ହୋଇଥିଲା। କାରଖାନାରେ ପ୍ରତ୍ୟକ୍ଷ ଭାବେ ୪୩୦ ଜଣ ସ୍ଥାୟୀ ଏବଂ ୩ ଶହରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ। ମାତ୍ର କ୍ଷତି ଦର୍ଶାଇ ଓଡ଼ିଶା ସିନ୍ଥେଟିକ୍ସ କାରଖାନାକୁ ରିଲାଏନ୍ସ କାରଖାନା ୯୯ ବର୍ଷ ପାଇଁ କିଣି ନେଇଥିଲା। ୨୦୨୨ରେ ରିଲାଏନ୍ସ କାରଖାନା ପୂର୍ବ ଚୁକ୍ତିନାମା ଏବଂ ନୀତିନିୟମ ସହ କାରଖାନାର ଲିଜ ପାଇବା ପରେ ସେଠାରେ ଏକ ବାୟୋ ଏନର୍ଜି କାରଖାନା ସ୍ଥାପନ ପାଇଁ ଯୋଜନା କରିଥିଲା। କିନ୍ତୁ କାରଖାନାକୁ ୧୯୮୪-୮୬ ମସିହାରେ ଡିସିମିଲକୁ ମାତ୍ର ୪୦ ଟଙ୍କାରେ ଜମିଦେଇ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ଜମି ନେଇଥିଲେ ମଧ୍ୟ ଚାକିରି ଦେଇ ନ ଥିଲେ। ପଲିଷ୍ଟର କାରଖାନା ଜମିହରା ପ୍ରଜାସଙ୍ଘ ନ୍ୟାୟପାଇଁ ପ୍ରଶାସନକୁ ବାରମ୍ବାର ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ତାହା ସମାଧାନ ହୋଇପାରିନାହିଁ। ଫଳରେ ଜାନୁଆରୀ ୨୫ରେ ପ୍ରଜାସଙ୍ଘ ଆମରଣ ଅନଶନ କରିବା ସହ ସଦର ପୁଲିସ ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ୪ଦଫା ଦାବି ପୂରଣ ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ସୁଫଳ ନ ମିଳିବାରୁ ପୁଣି ଫେବୃଆରୀ ୨୮ରେ ଅଭିଯୋଗ କରାଯିବା ସହିତ ମେ ୨୩ରେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଫଳରେ ଏହାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନ ୩ରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ତାହା ସ୍ଥଗିତ ରହିବା ସହ ପୁନଶ୍ଚ ଉପଜିଲ୍ଲାପାଳଙ୍କ ଅନୁସାରେ ଜୁଲାଇ ୨ରେ ବୈଠକ ନିଷ୍ପତ୍ତି ହୋଇଥିଲା। ତେବେ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା। ଫଳରେ ପ୍ରଜାସଙ୍ଘ ଜୁଲାଇ ୧୧ରେ ଯାଇ ଉଦ୍ଦେଶ୍ୟମୂଳକ ଭାବେ ନିରାଶ ଏବଂ ନିର୍ଯାତିତ କରାଯାଉଛି। ଏହାର ପ୍ରତିବାଦରେ ନଭେମ୍ବର ୧୦ରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୦ ବୁଧବାରଠାରୁ ଜିଲ୍ଲାପାଳଙ୍କ

- ପ୍ରଶାସନ-ପ୍ରଜାସଙ୍ଘ ବୈଠକ ବାରମ୍ବାର ବାତିଲ
- ଆଜିଠୁ ପଲିଷ୍ଟର ପ୍ରଜାସଙ୍ଘର ଆମରଣ ଅନଶନ

ଧାରଣା ଦେଇଥିଲା। ପରେ ୧୫ ତାରିଖ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୈଠକରେ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇଥିଲା। ମାତ୍ର ତାହା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ସେପ୍ଟେମ୍ବର ୪ରେ ପ୍ରଜାସଙ୍ଘ କାରଖାନା ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଅବୈଧ କହି ନିଯୁକ୍ତି ଦେବାକୁ ମନାକରି ଦେଇଥିଲେ। ଧାରଣାସ୍ଥଳରେ ୧୬୩ ବିଏନଏସ ଲଗାଇ ଅନୁମତି ଦିଆଯାଇ ନ ଥିଲା। ପ୍ରଜାସଙ୍ଘର କୌଣସି ଦାବି ଶୁଣା ନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନଶନ ସମୟରେ କୌଣସି ଅଘଟଣ ଘଟିଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପ୍ରଜାସଙ୍ଘ ସଭାପତି ଅରୁଣ କୁମାର ସାହୁ, ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ପାଦକ ଆଶୁତୋଷ ରାଉତଙ୍କ ସହିତ ଅନ୍ୟମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବାୟୋ ଏନର୍ଜି କାରଖାନା ବାୟୁ ପ୍ରଦୂଷଣ କରୁଥିବାରୁ ୭ ମୌଜାର ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

## ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

**ପରଜଙ୍ଗ, ୯ ।୧୨(ସମିସ):** ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ସିଂହଡ଼ା ଗ୍ରାମ ନୂଆସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ତିନି ପରିବାର ସର୍ବସ୍ୱାନ୍ତ ହେଇଛନ୍ତି। ସାହିର ବାବାଜୀ ନାୟକ, ସୁରଥ ନାୟକ ଓ ମୁରଲୀ ନାୟକ ଧାନ ଅମଳ କରିବା ପାଇଁ ବିଲକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଥିଲା। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଘର ସମେତ ସମସ୍ତ ଆସବାବପତ୍ର, ଲୁଗାପଟା, ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ କାରଣ ଜଣା ପଡ଼ିନାହିଁ।



ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କୁଆଲୋ ରାଜସ୍ୱ ନିରୀକ୍ଷକ ବରୁଣ କୁମାର ଜେନା ପହଞ୍ଚି ବିପନ୍ନ ପରିବାରକୁ ପାଲ, ଜରୁରୀ ସାମଗ୍ରୀ ଯୋଗାଇ ଦେବା ସହ କଲଦା ପଞ୍ଚାୟତ କାର୍ଯ୍ୟାଳୟରେ ରହିବା ବ୍ୟବସ୍ଥା କରାଇଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ତହସିଲଦାର କହିଛନ୍ତି। ସେହିପରି ଭାବେ ତାଳଚେର ଅଞ୍ଚଳର ୟୁଥ ୟୁନାଇଟେଡ ଫର୍ ସଷ୍ଟେନେବଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ନିର୍ଦ୍ଦେଶକ ସତ୍ୟନାରାୟଣ ସାମଲ, ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା, ଅମରେନ୍ଦ୍ର ଦାସ ବିପନ୍ନ ପରିବାରକୁ ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

## କମ୍ପାନୀରୁ ଫେରୁଥିବା ବେଳେ ଯୁବକଙ୍କୁ ଛୁରାମାଡ଼

**ଖଜୁରିଆକଟା, ୯ ।୧୨(ସମିସ):** ବାଲିମି ଥାନା ଠୋକର ଗ୍ରାମର ପ୍ରିୟବ୍ରତ ସାମଲ (୩୫) ଝାଡ଼ବନ୍ଧସ୍ଥିତ ରୁଙ୍ଗଟା କମ୍ପାନୀରୁ କାମ ସାରି ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଫେରୁଥିବା ବେଳେ ମଧୁପୁର ଗ୍ରାମ ନିକଟରେ ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ପ୍ରିୟବ୍ରତ ନିଜ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ୩ରୁ ୪ ଜଣ ଦୁର୍ବୃତ୍ତ ତାଙ୍କୁ ମୋବାଇଲ ଫୋନ ଓ ମନିପର୍ସ ଦେବାକୁ କହିଥିଲେ। ପ୍ରିୟବ୍ରତ ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରିଥିଲେ। ପେଟରେ ଛୁରୀ ଭୁସିଦେବାରୁ ପ୍ରିୟବ୍ରତ ତଳେ ପଡ଼ି ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ ଫୋନ ଓ ମନିପର୍ସ ନେଇ ଦ୍ରୁତ ଗତିରେ ଜଙ୍ଗଲ ଆଡ଼କୁ ପଳାଇଥିଲେ। ପ୍ରିୟବ୍ରତ ଚିକିତ୍ସା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି। ଗୋଟିଏ ପଟେ ହାତୀ ଭୟ ଲାଗି ରହିଥିବା ବେଳେ ଅନ୍ୟପଟେ ଲୁଟେରା ଗ୍ୟାଙ୍ଗ ଭୟରେ କର୍ମଚାରୀମାନେ ରାତିରେ ଯାତାୟାତ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ବାର୍‌ହା ଆକ୍ରମଣରେ ଜଣେ ମୃତ

**କାମାକ୍ଷାନଗର, ୯ ।୧୨(ସମିସ):** ବାରହା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୋଟା ଗ୍ରାମ ଦେହୁରୀ ସାହିର ଲକ୍ଷ୍ମୀଧର ପଧାନ (୫୫)। ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ଧାନ କାଟି ଫେରୁଥିବା ବେଳେ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଥିଲା। ପାଖ ବିଲରେ ଧାନ କାଟୁଥିବା ଅନ୍ୟ ଚାଷୀ ଏ ନେଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ବହୁ ସମୟ ଧରି ବନବିଭାଗ ନ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ଧାନକଟା ଆରମ୍ଭ ହୋଇଥିବା ବେଳେ ବାରହା ଆକ୍ରମଣ ଯୋଗୁଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ମୃତଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମଦ ପିଇ ଯୁବକ ମୃତ୍ୟୁ ଘଟଣାର ତଦନ୍ତ




**ଭୁବନ, ୯ ।୧୨(ସମିସ):** ଭୁବନ କାନଖାଇସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିଖୋଲା ମଦ ଦୋକାନରୁ ମଦ ପିଇ ଯୁବକଙ୍କ ମୃତ୍ୟୁ ଘଟଣାର ୩ ଦିନ ପରେ ଫରେନ୍ସିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଗ୍ରାମର ନୟନ ଦେହୁରୀଙ୍କ ଏକମାତ୍ର ପୁଅ ରମାକାନ୍ତ ଦେହୁରୀ ଶ୍ରମିକ ଭାବରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ମଦ ପିଇ ବିଲରେ ଧାନ କାଟୁଥିବା ବେଳେ ଅସୁସ୍ଥ ହୋଇ ବିଲ ହୁଡ଼ାରେ ଶୋଇପଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ନରହରି ବେହେରା ଫରେନ୍ସିକ ଟିମ ଆଗରେ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ବିଲ ହୁଡ଼ାରୁ ଏକ ପ୍ଲାଷ୍ଟିକ ଜରି ପ୍ୟାକେଟ ଓ ଗ୍ଲାସ ମିଳିଥିଲା। ବାକି ଥିବା ମଦ ଘର ଲୋକେ ତଦନ୍ତ ଅଧିକାରୀଙ୍କୁ ଦେଖାଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଢେଙ୍କାନାଳ, ୯ ।୧୨(ସମିସ):** ସ୍ଥାନୀୟ ବିବି ହାଇସ୍କୁଲର ୧୯୭୩ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ବନ୍ଧୁମିଳନ ଯତନନଗର ନିକଟ ସାଇ ୱାଟର ପାର୍କରେ ଅନୁଷ୍ଠିତ ହୋଇଛି। ପ୍ରଥମେ ଶିକ୍ଷକ କାଶିନାଥ ମିଶ୍ର, ପୁରାତନ ଛାତ୍ର ରଜନୀ ମହାନ୍ତି, ସୂର୍ଯ୍ୟ ଦାସ, ମହମ୍ମଦ ଉସମାନ, ବିଷ୍ଣୁ ଉଦୟ ସିଂ ଏବଂ ମୋତିଲାଲ୍ ସାହୁଙ୍କ ପରଲୋକରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସରକାରଙ୍କ ପାଖରେ ଦାବି ଜଣାଇବାକୁ ନିଷ୍ପତ୍ତି ନେଇଥିଲେ। ସଂଯୋଜକ ରୁଦ୍ରପ୍ରକାଶ ଶରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧିରେଶ ଦାସ, ପ୍ରଭାତ ମିଶ୍ର, ଅରୁଣ କୁମାର ପଟ୍ଟନାୟକ, ଦିବେନ ପଟ୍ଟନାୟକ, ବିପିନ ବିହାରୀ ବେହେରା ଏବଂ ଅମ୍ବିକା ପ୍ରସାଦ ପାଣି ପ୍ରମୁଖ ସହଯୋଗ କରିଥିଲେ। ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୋଳ ବିକାଶ ସମ୍ପର୍କିତ ଆଲୋଚନାଚକ୍ର



**ଖଜୁରିଆକଟା, ୯ ।୧୨(ସମିସ):** ହିନ୍ଦୋଳ ଉପଖଣ୍ଡରେ ଆଗେଇବା ପରିବାରର ଆମ ହିନ୍ଦୋଳ ଆମ ବିକାଶର ପ୍ରୟାସ ପାଠକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ସ୍ଥାନୀୟ ଟାଉନହଲରେ ଆଗେଇବା ଖବରକାଗଜ ସମ୍ପାଦକ ତଥା ଆମ ପ୍ରତିଭା ଆମ ସମ୍ମାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ, ମହେଶ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳର ବିକାଶ କିପରି ହୋଇପାରିବ, ଏ ଦିଗରେ ଗଣମାଧ୍ୟମ, କୃଷକ, ସମାଜସେବୀ, ରାଜନେତା, ସାଧାରଣବର୍ଗଙ୍କ କର୍ତ୍ତବ୍ୟ, ଭୂମିକା ଓ ବିକାଶ ପାଇଁ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କୃଷକ, ସାମ୍ବାଦିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ମହିଳାଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କ ଆରୋଗ୍ୟ କାମନା

ଗଁଦିଆ, ୯ ।୧୨(ସମିସ): ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ



କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଓ ଉପସଭାପତି ଡମ୍ବରୁଧର ସେଠୀ ସନ୍ଧ୍ୟାରେ ହସ୍ପିଟାଲରେ ପହଞ୍ଚି ଚିକିତ୍ସାଧୀନ ବରିଷ୍ଠ ନାଗରିକ ସତ୍ୟଭାମା ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ ଓ କାର୍ଯ୍ୟକାରୀ ସଭାପତି ସାହୁ ବରିଷ୍ଠ ନାଗରିକ ତଥା ସମାଜସେବୀ ଗୋବର୍ଦ୍ଧନ ମିଶ୍ରଙ୍କ ବାସଭବନକୁ ଯାଇ ତାଙ୍କ ଆରୋଗ୍ୟ କାମନା କରିଛନ୍ତି।

## ଦୁଇ ବାଇକ୍ ଧକ୍କା; ୩ ଗୁରୁତର

**ପରଜଙ୍ଗ, ୯ ।୧୨(ସମିସ):** ପରଜଙ୍ଗ ଥାନା ବୃନ୍ଦାବନପୁର ଗ୍ରାମସ୍ଥିତ ନୃସିଂହ ସାଗର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ପରଜଙ୍ଗ ବଜାର ପାର୍ଶ୍ୱରୁ କାମାକ୍ଷାନଗର ଥାନା କୁସିଆ ଗ୍ରାମର ନିର୍ମଳ ରାଉଳ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଡିହଡୋଳ ଗ୍ରାମର ବିଘ୍ନରାଜ ନାୟକ ଓ ଚିନ୍ମୟ ସାହୁଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତିନି ଜଣ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।



## ୪ର୍ଥ ସଙ୍ଗମ ମହୋତ୍ସବ

# ‘ସଂଘର୍ଷ ଜାରି ରହିଲେ ଫଳ ମିଠାଲାଗେ’




**ଢେଙ୍କାନାଳ, ୯ ।୧୨(ସମିସ):** ସ୍ଥାନୀୟ ଗୋପବନ୍ଧୁ ଟାଉନହଲରେ ସାଂସ୍କୃତିକ ଅନୁଷ୍ଠାନ ନୀତାନୃତ୍ୟାଙ୍ଗନା ତରଫରୁ ୪ର୍ଥ ସଙ୍ଗମ ମହୋତ୍ସବ ତଥା ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ପ୍ରଥମ ଦିବସ ପ୍ରାତଃ ସମୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ମାଇକ୍ରୋମିଡିଆ ଅନୁଷ୍ଠାନ ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଅଭୟ କୁମାର ସାହୁ ପ୍ରମୁଖ ଅନୁଷ୍ଠାନର ସମ୍ପାଦକ ଗୁରୁ ଆଶିଷ କୁମାର ପାଲଙ୍କ ସହଯୋଗରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମେହେନ୍ଦୀ, ରଙ୍ଗଭରୋ, ସଙ୍ଗୀତ ସହ ଅଭିନୟ, କୌତୁକ ପୋଷାକ, ସ୍ୱର୍ଣ୍ଣଲକ୍ଷ୍ମୀ ଆଦି ପ୍ରତିଯୋଗିତା କରାଯାଇଥିଲା। ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗୁରୁ ଜୟଶ୍ରୀ ବେହେରାଙ୍କ ନିର୍ଦ୍ଦେଶନାରେ ଯୋଗାସନ କରାଯାଇଥିଲା। ସନ୍ଧ୍ୟାରେ ପୌରପାଳିକା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର୍ଷ ଜାରି ରହିଲେ ଫଳ ମିଠା ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱରଞ୍ଜନ ସାହୁ, ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନୃତ୍ୟଗୁରୁ ଆଶିଷ କୁମାର ପାଲ ଉପସ୍ଥିତ ରହି ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ଦନ୍ତ ଚିକିତ୍ସକ ଡା. ରାଇମୋହନ ମିଶ୍ର, ବରିଷ୍ଠ ସାମ୍ବାଦିକ ରତନ କୁମାର ନାୟାର, କଣ୍ଠଶିଳ୍ପୀ ଶକ୍ତି ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

## ମିଥୁନ ଜେନା ହତ୍ୟା ମାମଲା

# ୪ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଢେଙ୍କନାଳ, ୯ ।୧୨(ସମିସ):** ୨୦୨୧ ଜୁନ ୧୯ ତାରିଖ ଢେଙ୍କାନାଳ ଜିଲ୍ଲା ସଦରଥାନା ବଳଦିଆବନ୍ଧର ମିଥୁନ ଜେନା ହତ୍ୟା ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣତି ସାହା ୪ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତିମାନେ ହେଲେ ବଳଦିଆବନ୍ଧର ଚନ୍ଦନ ମଲ୍ଲିକ, ଦୀପକ ମଲ୍ଲିକ, ଆଦିତ୍ୟ ମୁଦୁଲି ଓ ପ୍ରଦୀପ ସାହୁ। ମାମଲାର ବିବରଣୀ ଅନୁଯାୟୀ ଘଟଣା ଦିନ ସନ୍ଧ୍ୟା ପ୍ରାୟ ୭ଟାରେ ମିଥୁନ ବଳଦିଆବନ୍ଧ ଚକ୍ଷୁ ଚିକିତ୍ସାଳୟ ପାଖରେ ବସିଥିବା ବେଳେ ପ୍ରଦୀପ ସାହୁ, ଜ୍ଞାନେନ୍ଦ୍ର ରାଉତ, ଚନ୍ଦନ ମଲ୍ଲିକ, ଆଦିତ୍ୟ ମଲ୍ଲିକ, ମନୋଜ ବେହେରା, ଦୀପକ ମଲ୍ଲିକ ଓ ମିଳନ ରାଉତ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମିଥୁନଙ୍କ ବାପା ହୃଦାନନ୍ଦ ଜେନା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ସାଇଣ୍ଟିଫିକ ରିପୋର୍ଟ ଆଧାରରେ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସାକ୍ଷ୍ୟପ୍ରମାଣ ଅଭାବରୁ ଅନ୍ୟମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ମାମଲା ପରିଚାଳନା କରୁଥିଲେ।

## ଭତ୍ତା ଅପେକ୍ଷାରେ ୩୪୧୦ ହିତାଧିକାରୀ

**ଗଁଦିଆ, ୯ ।୧୨(ସମିସ):** ଗଁଦିଆ ବ୍ଲକରେ ବର୍ତ୍ତମାନ ବିଭିନ୍ନ ଭତ୍ତା ଆବେଦନର ପର୍ବ ଚାଲିଛି। ପ୍ରତିଦିନ ଭତ୍ତା ଆବେଦନ ନିମନ୍ତେ କମ୍ପ୍ୟୁଟର କେନ୍ଦ୍ରଗୁଡ଼ିକରେ ଲୋକଙ୍କ ଭିଡ଼ ଲାଗୁଛି। ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଆବେଦନକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ବ୍ଲକରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ମୋଟ ୩୪୧୦ ହିତାଧିକାରୀ ଆବେଦନ କରିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୮୧୮ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ୨୨୭ ଜଣ ବିଧବା ଭତ୍ତା ଆବେଦନକାରୀ ରହିଛନ୍ତି। ସେହିପରି ୧୯୩ଜଣ ଭିନ୍ନକ୍ଷମ ହିତାଧିକାରୀ ଆବେଦନ କରିଛନ୍ତି। ଅବିବାହିତ ମହିଳା ୪୪ଜଣ ହିତାଧିକାରୀ ଆବେଦନ କରିଛନ୍ତି। ଛାଡ଼ପତ୍ର ପାଇଥିବା ୨୭ ମହିଳା ହିତାଧିକାରୀ ଆବେଦନ କରିଛନ୍ତି। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ସମୁଦାୟ ୪ଶହ ୫୪ଜଣ ହିତାଧିକାରୀ ଆବେଦନ କରିଛନ୍ତି। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି ହିତାଧିକାରୀ ଅନଲାଇନରେ ଆବେଦନ କରି ଭତ୍ତା ଅପେକ୍ଷାରେ ରହିଥିବା ବ୍ଲକ କାର୍ଯ୍ୟାଳୟରୁ ଜଣାଯାଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପରଜଙ୍ଗ, ୯ ।୧୨(ସମିସ)






ସ୍ୱାସ୍ଥ୍ୟ ହିଁ ସମ୍ପଦ ପ୍ରଚାର ପ୍ରସାର କରାଯାଇ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିପୁଳ ଅର୍ଥ ବ୍ୟୟବରାଦ କରାଯାଉଛି। ହେଲେ ସରକାରୀ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଏବେ ଖରାପ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇଥିବା ବେଳେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସ୍ଥାନୀୟ ଲୋକେ ଘରୋଇ ମେଡିକାଲ ଯିବାକୁ ବାଧ୍ୟ ହେଉଛନ୍ତି।

ବ୍ଲକର ୨୯ ପଞ୍ଚାୟତର ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଓ କଙ୍କଡ଼ାହାଡ଼ ବ୍ଲକର ୫ ପଞ୍ଚାୟତର ଲୋକେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ତେବେ ଆବଶ୍ୟକ ମୁତାବକ ଚିକିତ୍ସକ ବର୍ଷ ବର୍ଷ ଧରି ନିଯୁକ୍ତ ହେଉନାହାନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଅସ୍ଥି, ଚକ୍ଷୁ, ନାକ-କାନ-ଗଳା ବିଭାଗର ବିଶେଷଜ୍ଞ ଚିକିତ୍ସକ ନାହାନ୍ତି। ମାତ୍ର ଚାରି ଜଣ ଚିକିତ୍ସକଙ୍କୁ ନେଇ ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ଦୀର୍ଘଦିନ ହେବ ଷ୍ଟ୍ରେଚର ପଡ଼ିରହି ଧୂଳି ଧୂସରିତ ହୋଇଗଲାଣି। ସେହିପରି ବିଭିନ୍ନ ସ୍ଥାନରେ ପାନ, ଗୁଟ୍‌ଖା ଖାଇ ଛେପ ପଡ଼ିଥିବା ବେଳେ ଦୁର୍ଗନ୍ଧରେ ଲୋକେ ଅଣନିଃଶ୍ୱାସୀ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ବା ସାଧାରଣ କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ଉଦ୍ଦିଷ୍ଟ ଶୌଚାଳୟ ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ରହିଛି। ପ୍ୟାନଗୁଡ଼ିକରେ କୁଡ଼ କୁଡ଼ ପାନଛେପ ପଡ଼ିଥିବା ବେଳେ ଏହାକୁ କେବେ ସଫା କରାଯାଉନାହିଁ। ସେହିପରି ଦୀର୍ଘ ଦୁଇବର୍ଷ ହେବ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାତା ହୋଇ ଉଦଘାଟନ ହୋଇଥିଲା ବେଳେ ଆଜିପର୍ଯ୍ୟନ୍ତ ମାତୃ କକ୍ଷ, ଅସ୍ତ୍ରୋପଚାର କକ୍ଷ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ରୋଗୀମାନେ

### ବିଶେଷଜ୍ଞ ନ ଥିବାରୁ ଘରୋଇ ମେଡିକାଲ ଯାଉଛନ୍ତି ଲୋକେ

ହଇରାଣ ହେଉଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଶବ ସଂରକ୍ଷିତ ରଖିବାକୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ମୃତଦେହକୁ ବାହାରେ ପରିବାର ଲୋକେ ଜଗି ରହିଥାନ୍ତି। ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାନହୁଲା ସେବା ସମବାୟ ସମିତିରେ ମହାଦୁର୍ନୀତି

# ଚାଷୀଙ୍କ ବୀମା ଟଙ୍କା ହଡ଼ପ ଅଭିଯୋଗ

ଅନୁଗୋଳ, ୯ ।୧୨(ସମିସ)




ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ସାନହୁଲା ସେବା ସମବାୟ ସମିତିରେ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ବୀମା ବାବଦ ପ୍ରାୟ ୧୫ରୁ ୧୭ ଲକ୍ଷ ଟଙ୍କାର ହିସାବ ନାହିଁ। ଚାଷୀମାନେ ବାରମ୍ବାର ସମିତିରେ ଅଭିଯୋଗ କଲେ ମଧ୍ୟ ସେମାନଙ୍କ ଟଙ୍କା ଫେରସ୍ତ ହେଉ ନାହିଁ। ଏ ନେଇ ସମିତିର ନିର୍ବାଚିତ ନିର୍ଦ୍ଦେଶକମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଗାଁ ଗାଁରେ ଚାଷୀ ଓ ମହିଳାମାନଙ୍କ ସୁବିଧା ପାଇଁ ସେବା ସମବାୟ ସମିତି ଗଠନ କରାଯାଇଛି। ସମିତିରୁ ଚାଷୀମାନେ ସୁବିଧା ଓ ସହଜରେ ଋଣ ସମେତ ବିହନ, ସାର ପାଇପାରୁଛନ୍ତି। ତେଣୁ ସେବା ସମବାୟ ସମିତି ଜରିଆରେ ଚାଷୀ ଓ ମହିଳାଙ୍କ ଆର୍ଥିକ ବିକାଶ ହେଉଛି। ହେଲେ ଆଠମଲ୍ଲିକ ଉପଖଣ୍ଡ ସାନହୁଲା ସେବା ସମବାୟ ସମିତିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶହ ଶହ ଚାଷୀଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଛି। ଦୀର୍ଘ ୩ ବର୍ଷ ହେଲା ଚାଷୀମାନେ କାହିଁକି ଏବଂ କେଉଁ ଆଧାରରେ ସେମାନଙ୍କ ଖାତାରୁ ଟଙ୍କା କଟାଯାଇଛି ତାହା ଜାଣିବାକୁ ଚାହୁଁଥିଲେ ମଧ୍ୟ କର୍ତ୍ତୃପକ୍ଷ




ନିରବ ରହୁଛନ୍ତି। ଏହି ସମିତିରେ ୯ ଶହରୁ ଅଧିକ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଚାଷୀମାନେ ସମିତିରୁ ଋଣ ନେଇଛନ୍ତି। ପୂର୍ବରୁ ଚାଷୀଙ୍କ ବୀମା ବାବଦରେ ସେମାନଙ୍କ ଋଣର ୨ ପ୍ରତିଶତ ଅର୍ଥ ସମିତି କାଟି ରଖୁଥିଲା। ହେଲେ ୨୦୨୧-୨୨ ଆର୍ଥିକ ବର୍ଷରେ ସରକାର ଚାଷୀଙ୍କଠାରୁ ବୀମାରାଶି ସଂଗ୍ରହ ନ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ସମିତି ତରଫରୁ ସରକାରଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା କରି ପୂର୍ବ ଭଳି ସେମାନଙ୍କ ଖାତାରୁ ବୀମା ବାବଦ ଅର୍ଥ କାଟି ରଖାଗଲା। ଯାହାର ପରିମାଣ ୧୫ରୁ ୧୭ ଲକ୍ଷ ଟଙ୍କା ହେବ। ଇତିମଧ୍ୟରେ ୩ଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀଙ୍କ ଟଙ୍କା ଫେରସ୍ତ କରୁନି ସମିତି। ତେଣୁ ଗତ ସପ୍ତାହରେ ସମିତିର ନିର୍ଦ୍ଦେଶକମାନେ ଏହାର ତଦନ୍ତ କରି ଚାଷୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ସମିତିର ୩ଥର ବୋର୍ଡ ମିଟିଂ ହୋଇଛି। ମିଟିଂରେ ମଧ୍ୟ ଚାଷୀଙ୍କୁ ଟଙ୍କା ଫେରସ୍ତ କରିବା ସହ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହାଛଡ଼ା ସମବାୟ ବିଭାଗ ତରଫରୁ ୨/୩ ଥର ଅଡିଟ କରାଯାଇଛି। ଅଡିଟ କରିଥିବା ଅଧିକାରୀମାନେ କେମିତି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚିତ ନିର୍ଦ୍ଦେଶକମାନେ ଅଭିଯୋଗ କରିଛନ୍ତି ଯେ ଏସବୁ ସମିତି କର୍ମଚାରୀ ଏବଂ ସମବାୟ ଅଧିକାରୀଙ୍କ ମିଳିଭଗତରେ ଚାଲିଛି। ଏକଥା ଲୋକଲୋଚନକୁ ଆସିବା ପରେ ଏବେ କୁଆଡ଼େ ସମିତିର କର୍ମଚାରୀମାନେ ଚାଷୀଙ୍କ ଖାତାକୁ ଟଙ୍କା ଫେରାଇ ଦେବାକୁ ଯୋଜନା କରୁଛନ୍ତି। ଏକଥା ଖୋଦ ସମିତିର ସମ୍ପାଦକ ସୂଚନା ଦେଇଛନ୍ତି। ଟଙ୍କା ଫେରାଇବା ବଡ଼ କଥା ନୁହେଁ। କାହିଁକି ଚାଷୀଙ୍କ ଖାତାରୁ ଟଙ୍କା କଟାଗଲା, କିଏ ଏବଂ କେଉଁଠି ସେ ଟଙ୍କା ରଖିଥିଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ଏ ନେଇ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ନିଶ୍ଚିତ ଭାବେ ଚାଷୀ ସେମାନଙ୍କ ଟଙ୍କା ଫେରି ପାଇବେ। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ କେବଳ ସାନହୁଲା ସେବା ସମବାୟ ସମିତି କାହିଁକି ଏଭଳି ଅନେକ ସମିତିରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏ ସବୁର ତଦନ୍ତ କରି ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ସମସ୍ୟା ସମାଧାନ ଦାବିରେ ଉପଜିଲ୍ଲାପାଳ ଅଫିସ ଘେରଉ

**କିଶୋରନଗର, ୯ ।୧୨(ସମିସ):** ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ପାଇଁ ଟାଟା ପାୱାର ପକ୍ଷରୁ ବସାଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା, ସମସ୍ତ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇଦେବା, ବାରମ୍ବାର ବିଦ୍ୟୁତ କାଟ ବନ୍ଦ, ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ସମେତ କିଶୋରନଗର, ମଧାପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ମେସିନ ସ୍ଥାପନ, ପ୍ରତି ପଞ୍ଚାୟତରେ ମଣ୍ଡି ସ୍ଥାପନ କରି ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ, ହାତୀ, ବରହା, ମାଙ୍କଡ଼ ଉପଦ୍ରବ ରୋକି କ୍ଷତିଗ୍ରସ୍ତ ଚାଷୀଙ୍କୁ ୭ ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ, ଗାଁ ଗାଁରେ ମଦ, ମାଦକଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ସୁରେଶ୍ୱରୀ, ଧଉରାଗୋଠ, ରଜାମୁଣ୍ଡା ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା, ଆଠମଲ୍ଲିକ, ମାଧପୁର, କିଶୋରନଗର, ବଇଣ୍ଡାରେ ଶୀତଳଭଣ୍ଡାର ନିର୍ମାଣ, ସମସ୍ତ ସ୍କୁଲ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ବାମୁର ଷ୍ଟେସନରେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି, ବଇଣ୍ଡା ଷ୍ଟେସନ ଦେଇ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣି ଆଦି ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମଙ୍ଗଳବାର ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ ଅଫିସ ଘେରଉ କରି ଆନ୍ଦୋଳନ କରାଯାଇଛି। ଶତାଧିକ ପୁରୁଷ, ମହିଳା, ସ୍ଥାନୀୟ ଖେଳପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବଜାର ଗାନ୍ଧୀ ଛକ ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ରମଣୀ ରଞ୍ଜନ ପ୍ରଧାନ, ଲକ୍ଷ୍ମଣ ବେହେରା, ଚିତ୍ତରଞ୍ଜନ ମେଣ୍ଟୁଳି, ସରୋଜିନୀ ବେହେରା, ବିନତି ସାହୁ, ରବିନାରାୟଣ ବାରିକ, ସୁରୁଚି ପ୍ରଧାନ, ପୀତାମ୍ବର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ସ୍ମାର୍ଟ ମିଟର ଜରିଆରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ କରାଯାଉଥିବା ଶୋଷଣକୁ ତୀବ୍ର ନିନ୍ଦା କରିଥଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କୁ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଲୁହା, ସୁଶାନ୍ତ ପାତ୍ର, ଉମେଶ ମୁଣ୍ଡା, କିଶୋରୀ ପ୍ରଧାନ, ବସୁମତୀ ସାହୁ, ଜୟବେହେରା, ଦୀପକ ପ୍ରଧାନ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।




# ତାଳଚେରରେ ବେସାମରିକ ପ୍ରତିରକ୍ଷା ଦିବସ ପାଳିତ



**ତାଳଚେର, ୯ ।୧୨(ସମିସ):** ତାଳଚେରରେ ବେସାମରିକ ପ୍ରତିରକ୍ଷା ଦିବସ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଡେପୁଟି କଲେକ୍ଟର ମାନସ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଜରୁରୀ ସେବା ଯୋଗାଇବାରେ ବେସାମରିକ ପ୍ରତିରକ୍ଷା ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବେସାମରିକ ପ୍ରତିରକ୍ଷା ବାହିନୀ ସ୍ୱେଚ୍ଛାସେବୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ରୋବଟ ସାହାଯ୍ୟରେ ନିଆଁ ଆୟତ୍ତ କୌଶଳ ପ୍ରଦର୍ଶିତ ହୋଇଥିଲା। ଜ୍ଞାନେନ୍ଦ୍ର ଦାସ, ସଞ୍ଜୀବ ନାଏକ, ନିର୍ମଳ ରାଉତ, ଆଇନଜୀବୀ ବାଉରୀବନ୍ଧୁ ବେଜ, ଅଭିରାମ ଖୁଣ୍ଟିଆ ଓ ପ୍ରଶିକ୍ଷକ କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ନୂଆ ସୁସବ ଗ୍ରାମର ଜାହ୍ନବୀ ମୁଣ୍ଡାଙ୍କୁ ସେହି ଅଞ୍ଚଳର ବିକାଶ ମୁଣ୍ଡା ହତ୍ୟା ଧମକ ଦେଇଥିବା ସୋମବାର ଜାହ୍ନବୀ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଜାହ୍ନବୀ ଘରେ ଥିବାବେଳେ ବିଳମ୍ବିତ ରାତିରେ ବିକାଶ ଆସି ତାଙ୍କ କବାଟ ଭାଙ୍ଗିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଲଟାବୁଦା ସଫା ହେଉନି, ବଢୁଛି ଦୁର୍ଘଟଣା

### ଜିଲ୍ଲାପାଳଙ୍କୁ ଅଭିଯୋଗ

ବଇଣ୍ଡା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆଠମଲ୍ଲିକଠାରୁ କିଆକଟା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଦୁଇ ପାଶ୍ୱର୍ ଏବେ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। ଏଗୁଡ଼ିକ ସଫା କରାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସୋମବାର କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ଆଠମଲ୍ଲିକ-କିଆକଟା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ କରାଯାଉ ନାହିଁ। ରାସ୍ତାର ଦୁଇ ପାର୍ଶ୍ୱ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ୬ ତାରିଖ ଏହି ରାସ୍ତାରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଥିଲେ। ଲଟାବୁଦା ସଫା ହେଉ ନ ଥିବାରୁ ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣା ଘଟିଛି। ତୁରନ୍ତ ରାସ୍ତାର ଲଟାବୁଦା ସଫା କରିବା ପାଇଁ ସରପଞ୍ଚ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ ଘଟଣା

# ମହିଳା ସମେତ ୩ ଗିରଫ

ଛେଣ୍ଡିପଦା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ ଘଟଣାରେ ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କମ୍ପସଲା ପଞ୍ଚାୟତ ପୁରୁଣାସାହିର ମାନଗୋବିନ୍ଦ ସାହୁ, ଅଜୁ ସାହୁ ଓ ପୁଷ୍ପା ପ୍ରଧାନ। ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ତାଳଚେର ଖଣି ବିଭାଗ ଓ ଛେଣ୍ଡିପଦା ପୁଲିସ ପକ୍ଷରୁ ମଙ୍ଗଳବାର ରାତି ୪ଟାରେ ଚଢ଼ଉ କରାଯାଇଥିଲା। ଛେଣ୍ଡିପଦାରୁ କୁକୁରପେଟା ପ୍ରୋଜେକ୍ଟ ଆଡ଼କୁ ଯାଉଥିବା ଗୋଟିଏ ବେଆଇନ ବାଲି ଟ୍ରାକ୍ଟରକୁ ଅଧିକାରୀମାନେ ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବା ପରେ ସେଠାରୁ ଛେଣ୍ଡିପଦା ଥାନା ସୀମାନ୍ତ ଟିକିରା ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଆସୁଥିବା ଦେଖି ଅନ୍ଧାରିକଟା ନିକଟରେ ଅଟକାଇ ଯାଞ୍ଚ କରିଥିଲେ। କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରାକ୍ଟରକୁ ଥାନାକୁ ଆଣୁଥିବା ବେଳେ ପୁରୁଣାପାଣି ନିକଟରେ ବାଲି ମାଫିଆମାନେ ଖଣି ବିଭାଗ କର୍ମଚାରୀ ଓ ପୁଲିସକୁ ଅଟକାଇଥିଲେ। ପୁଲିସକୁ ମାଡ଼ ମାରି ଜବତ ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲେ। ଏନେଇ ଖଣି ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲି ମାଫିଆମାନେ ଛଡ଼ାଇ ନେଇଥିବା ଟ୍ରାକ୍ଟର ଜବତ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।



# ଏସ୍‌ୟୁସିଆଇ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

କଣିହାଁ, ୯ ।୧୨(ସମିସ)

ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ କଣିହାଁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଶତାଧିକ ବିକ୍ଷୋଭକାରୀ କଣିହାଁ ଗାନ୍ଧୀ ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି କଣିହାଁ ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନଟିପିସି, ଏମସିଏଲ, ଜେଆଇପିଏଲ, ପିଜିସିଆଇଏଲ ଆଦି କଳକାରଖାନା ଓ ଖଣି ଦ୍ୱାରା କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ବେକାର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା, କଣିହାଁରୁ ଟାଙ୍କୁଆ, ଝରାବେରେଣୀ, ଖଜୁରିଆ, ସାପକଟା, ନିଆଲୁ, ଲୋଧାଝରୀ ଦେଇ ବାଲିପଶି ପଞ୍ଚାୟତ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବା, ଧୂଳି, ଧୂଆଁ, ପାଉଁଶ, କୋଇଲା ଗୁଣ୍ଡ, ବିଷାକ୍ତ ଆବର୍ଜନା ଦ୍ୱାରା ହେଉଥିବା ପ୍ରଦୂଷଣ ବନ୍ଦ କରି କଣିହାଁ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା, ସର୍ବସାଧାରଣ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ, କଣିହାଁ ସିଏଚସିରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ କରି ଆସିୟୁ ବ୍ୟବସ୍ଥା କରିବା ସହିତ ସମସ୍ତ ପିଏଚସିଗୁଡ଼ିକରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ, ହାତୀ, ବାରହା, ମାଙ୍କଡ଼ ଉପଦ୍ରବ ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ କରି କ୍ଷତିଗ୍ରସ୍ତଙ୍କୁ ୭ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବାତିଲ କରିବା ସହ ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ, ଚାଷୀଙ୍କଠାରୁ ସମସ୍ତ ଉତ୍ପାଦିତ ଧାନ କଟଣି ଛଟଣି ନ କରି ମଣ୍ଡିରେ ଯଥା ସମୟରେ କ୍ରୟ କରିବା, ତାଳଚେରଠାରୁ କଣିହାଁ ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବା, ସମସ୍ତ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପକ୍କା ଘର ଯୋଗାଇବା, ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀମାନଙ୍କୁ ଦଖଲିକୃତ ଜମିର ସ୍ଥାୟୀ ପଟ୍ଟା ଯୋଗାଇ ଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅକାଶଛୁଆଁ ଦରବୃଦ୍ଧି ବନ୍ଦ କରିବା, ନାରୀ ନିର୍ଯାତନା ବନ୍ଦ କରିବା ସହିତ ଦୁଷ୍କର୍ମକାରୀଙ୍କୁ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡ ଦେବା, ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା, ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରି ବିଭିନ୍ନ ସ୍କିମରେ ନିଯୁକ୍ତ ଶିକ୍ଷକ, ପାଚିକା, ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ମଦ, ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟ କାରବାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହିତ ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ଯୌନ ବ୍ୟଭିଚାରିତା ଓ ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଦାବି କରାଯାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଅନୁଗୋଳ ଜିଲ୍ଲା କମିଟି ସଭ୍ୟ ଟୁନା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଦଳର ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ରେଙ୍ଗାଳି ଜୋନ୍ ସମ୍ପାଦିକା ମାନସୀ ସ୍ୱାଇଁ, ସଭ୍ୟ ପରମାନନ୍ଦ ସାହୁ, ପ୍ରତାପ ପ୍ରଧାନ, ମିନତୀ ସାମଲ, ତୁଳସୀ ନାଏକ, ସୁମିତ୍ରା ନାଏକ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ଘଟଣା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲି ସାହୁ, ବୈଦେହୀ ପ୍ରଧାନ, ରୁଦ୍ରମଣି ନାୟକ, ବିଜୟ କୁମାର ସାହୁ, ପ୍ରଗତି ନାୟକ, କାବେରୀ ଜେନା, ଗୀତାଞ୍ଜଳି ସାହୁ, ବୀରେନ୍ଦ୍ର ନାଏକ, ଗନ୍ଧର୍ବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ତ୍ରିବିକ୍ରମ କୁମ୍ଭରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



# ମହାବିଦ୍ୟାଳୟରେ ପିଏମ ଉଷା କାର୍ଯ୍ୟକ୍ରମ




ଅନୁଗୋଳ, ୯ ।୧୨(ସମିସ): ଅନୁଗୋଳ ମହିଳା ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ପ୍ରବଣତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଅଞ୍ଜଳି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତାର ବିଭିନ୍ନ କାରଣ ଓ ଏହାର ନିରାକରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ପିଏମ ଉଷା କାର୍ଯ୍ୟକ୍ରମର ନୋଡାଲ ଅଫିସର ଅମୂଲ୍ୟନିଧି ସାହୁ ଓ ବରିଷ୍ଠ ପ୍ରାଧ୍ୟାପିକା ଡ. ପ୍ରମୋଦା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ୍ତାହିକ ହାଟରେ ମୋବାଇଲ ଫୋନ ଚୋରି

ବଅଁରପାଳ, ୯ ।୧୨(ସମିସ): ବଅଁରପାଳ ମଙ୍ଗଳବାର ସାପ୍ତାହିକ ହାଟରେ ମୋବାଇଲ ଫୋନ ଚୋରି ହେଉଥିବା ଅଭିଯୋଗ ହେଉଛି। ଗହଳିର ଓ ଗ୍ରାହକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚତୁରତାର ସହ ମୋବାଇଲ ନେଇଯାଉଛନ୍ତି। ଗତ ମଙ୍ଗଳବାର ୩ଟି ମୋବାଇଲ ଚୋରି ହେଇଥିବା ବେଳେ ଆଜି ୪ଟି ଚୋରି ହୋଇଥିବା ଜଣାପଡ଼ିଛି। ଏ ସମସ୍ତ ଚୋରି ଘଟଣା ଗହଳିପୂର୍ଣ୍ଣ ଦୋକାନରେ ଘଟିଥିବା କୁହାଯାଉଛି। ଆଜି ଚୋରି ହେଇଥିବା ୩ ବ୍ୟକ୍ତିଙ୍କ ଘର ବାହାର ଅଞ୍ଚଳର ହୋଇଥିବା ବେଳେ ଜଣେ ବଅଁରପାଳର ସାମ୍ବାଦିକ ଅଖିଳ କୁମାର ମହାପାତ୍ର ବୋଲି ଜଣାପଡ଼ିଛି। ଏ ବିଷୟରେ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅନ୍ୟ କେହି ଅଭିଯୋଗ କରିନାହାନ୍ତି। ଚୋରି ପାଇଁ ଏକ ରାକେଟ ସକ୍ରିୟ ଥିବା ଅନୁମାନ କରାଯାଉଛି।


















# ସମ୍ବଲପୁର ଲୋକମହୋତ୍ସବ
# ଲୋକ ନୁହେଁ; ରାଜନେତାଙ୍କ ଆସର

## ● ପଦ ହାତେଇବା ପାଇଁ ନେତାଙ୍କ ସୁପାରିଶରେ ଲବି ଚାଲିଛି




ସମ୍ବଲପୁର, ୯।୧୨(ସମିସ)

ଲୋକ, କଳାକାର, କଳା ଓ ସଂସ୍କୃତିର ମିଶ୍ରଣରେ ସମ୍ବଲପୁର ଲୋକମହୋତ୍ସବ। ହେଲେ ଆଉ ଲୋକଙ୍କ ମହୋତ୍ସବ ହୋଇ ରହିନାହିଁ। ଏହି ମହୋତ୍ସବ ବର୍ତ୍ତମାନ ରାଜନେତଙ୍କ ମହୋତ୍ସବ ଭାବେ ପାଲଟି ଗଲାଣି। ମହୋତ୍ସବ ଆୟୋଜକ କମିଟିରେ କଳାକାରଙ୍କୁ ଉପେକ୍ଷା କରାଯାଉଛି। ତା ବଦଳରେ ରାଜନେତା, ମନ୍ତ୍ରୀମାନେ ତାଙ୍କ ସମର୍ଥକଙ୍କ ନାମ ସୁପାରିଶ କରୁଛନ୍ତି। ପରାମର୍ଶଦାତା କମିଟିରେ କଳାକାର କମ ରହୁଥିବା ବେଳେ, ଦଳୀୟ ନେତାଙ୍କ ନାମ ଅଧିକ ରହୁଛି। ସୂଚନା ଅନୁସାରେ ସମ୍ବଲପୁର ଲୋକ ମହୋତ୍ସବ ଜାନୁୟାରୀ ୪ ତାରିଖ ହେବ। ଏଥିପାଇଁ ପ୍ରସ୍ତୁତି ବୈଠକ ଚଳିତ ମାସ ୨ ତାରିଖରେ ସମ୍ପନ୍ନ ହୋଇଛି। ଉକ୍ତ ଦିନ ବିଭିନ୍ନ ପଦ ପାଇଁ ପ୍ରାୟ ୧୬୮ ଜଣ ଆବେଦନ କରିସାରିଛନ୍ତି। ଜିଲ୍ଲାପାଳ ଚୁଡାନ୍ତ ତାଲିକା ପ୍ରକାଶ କରିବେ। ହେଲେ ପଦ ହାତେଇବା ପାଇଁ ଲବି ଆରମ୍ଭ ହୋଇଯାଇଛି। ନେତା ମନ୍ତ୍ରୀ ମାନେ ନିଜ ସମର୍ଥକ ନାମ ସୁପାରିଶ କରିଥିବା ଜଣା ପଡୁଛି। ଆଶାୟୀଙ୍କ ମଧ୍ୟରେ ଗୋଷ୍ଠୀ ହୋଇ ଲାଗି ପଡ଼ିଛନ୍ତି। କିଛି ଦିନ ପୂର୍ବ ବିଜେପିର ଜଣେ ନେତ୍ରୀ ତାଙ୍କ ସମର୍ଥକଙ୍କ ତାଲିକ ଜିଲ୍ଲାପାଳଙ୍କୁ ଦେଇଥିଲେ। ସେ ଦେଇଥିବା ତାଲିକା ମଧ୍ୟ ବେଶ ଭାଇରାଲ ହୋଇଥିଲା। ଆୟୋଜକ କମିଟି ଚୟନ ପାଇଁ ଏତେ ମାତ୍ରାରେ କସରତ ଚାଲୁଛି, ଏହା ଲୋକ ମହୋତ୍ସବ ନୁହେଁ ନେତାଙ୍କ ମହୋତ୍ସବ ଭଳି ଲାଗୁଛି ବୋଲି ଆଲୋଚନା ହେଉଛି। ନେତା ସମର୍ଥକ ମାନଙ୍କୁ କଳାକାର ଭେଟି ନିଜ ନାମ ତାଲିକାରେ ଦେବାକୁ କହୁଛନ୍ତି।

ଅନ୍ୟପଟେ ନେତାମାନେ ମୁଖ୍ୟ ପଦ ହାତେଇବା ପାଇଁ ପ୍ରଶାସନ ଉପରେ ଚାପ ପକାଉଛନ୍ତି। ବିଗତ କିଛି ବର୍ଷ ହେବେ ଲୋକ ମହୋତ୍ସବ ସମ୍ପୂର୍ଣ୍ଣ ରାଜନେତାଙ୍କ ହାତକୁ ଚାଲି ଯାଇଛି। କଳା ସଂସ୍କୃତିକୁ ଆଗକୁ ବଢ଼ାଇବା ସହ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଲୋକ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ହେଲେ ନେତାମାନେ ନିଜ ପ୍ରଚାର ପ୍ରସାର କରିବାକୁ ଏକ ବଡ ପେଣ୍ଡାଲ ପାଇ ଯାଉଛନ୍ତି। ସରକାରୀ ଟଙ୍କା ଖର୍ଚ୍ଚ କରି ପ୍ରଚାର କରିବା ଭଳି ଅଭିଯୋଗ ହେଉଛି। ବିଗତ ବର୍ଷରେ ନେତାଙ୍କ ସୁପାରିଶ ହେଇଥିଲା ହେଲେ ତାହା କମାଣ୍ଡ ଜଣକ ହାତରେ ଥିଲା ତେଣୁ ପ୍ରଶାସନକୁ ଥଇଥାନ କରିବାରେ ସୁବିଧା ହେଇଥିଲା।

ଏବେ ସମ୍ବଲପୁର ଜିଲ୍ଲାରେ ଦଳୀୟ ଗୋଷ୍ଠୀ କନ୍ଦଳ ସମସ୍ତଙ୍କୁ ଜଣାଅଛି। ଏଥିପାଇଁ ସୁପାରିଶ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଅନ୍ୟପଟେ ଭାଇରାଲ ତାଲିକାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଉକ୍ତ ତାଲିକା ଅନୁଯାୟୀ, ଏକ ପ୍ରମୁଖ ରାଜନୈତିକ ଦଳର ବିଭିନ୍ନ ନେତା ଓ କର୍ମୀଙ୍କ ନାମ ପରିଚାଳନା କମିଟିରେ ସାମିଲ କରାଯାଇ ତାହା ଉପରେ ବିଚାର କରିବାକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଗଣମାଧ୍ୟମ ସଂଯୋଜକ କମିଟିରେ ସାମ୍ବାଦିକଙ୍କ ସ୍ଥାନରେ ରାଜନୈତିକ ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଏଥି ସହ ଯୁବ ମହୋତ୍ସବ ପାଇଁ ମଧ୍ୟ ଏକ ଭିନ୍ନ କମିଟିର ତାଲିକା ଘୁରି ବୁଲୁଥିବା ବେଳେ ଉକ୍ତ ତାଲିକାରେ ମଧ୍ୟ ଅନୁରୂପ ଅବସ୍ଥା ରହିଛି। ଅନଭିଜ୍ଞ ଲୋକଙ୍କୁ ରାଜନୈତିକ ଆଶା ଚରିତାର୍ଥ କରିବା ପାଇଁ କମିଟିରେ ସାମିଲ କରାଯାଇଛି। ଏହି ସୂଚୀ ଭାଇରାଲ ହେବା ପରେ କଳାକାର, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଗଭୀର ଉଦ୍‌ବେଗ ପ୍ରକାଶ କରୁଛନ୍ତି। କଳା ଓ ସଂସ୍କୃତି ପାଇଁ ପାଇଁ ଆରମ୍ଭ ଆରମ୍ଭ ହୋଇଥିବା ଲୋକ ମହୋତ୍ସବରେ ଦିନକୁ ଦିନ ରାଜନୀତିକରଣ ଏବଂ କଳା ଓ ସଂସ୍କୃତି ସମ୍ପର୍କରେ କୌଣସି ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ବଳପୂର୍ବକ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦେବ ବୋଲି ସଂସ୍କୃତି ପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ୧୯୯୭ ମସିହାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ବଜେଟ ଏବେ କୋଟିଏ ପାର କଲାଣି। କେବଳ ଏହି କାରଣରୁ ମୁଖ୍ୟ ସଂଯୋଜକ, ବିଭିନ୍ନ କମିଟି ତଥା ଉପ କମିଟିର ସଂଯୋଜକ, ଆବାହକ ହେବା ପାଇଁ ଏବେ ଏକ ପ୍ରକାର ଦୌଡ଼ ଚାଲିଛି। ଯୁବପିଢ଼ି, କଳାକାରଙ୍କୁ ସାମିଲ କରି ନୂତନ ପରିଚାଳନା କମିଟି ଗଠନ କଲେ, ଲୋକ ମହୋତ୍ସବ ତାର ଲକ୍ଷ୍ୟ ପ୍ରାପ୍ତି କରିବାରେ ସଫଳ ହେବ ବୋଲି ସାଧାରଣରେ ଦାବି ହୋଇଛି।

## ● ଦୁର୍ଘଟଣାରେ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ମୃତ୍ୟୁ ଘଟଣା
# ହତ୍ୟା ଅଭିଯୋଗ ଆଣିଲେ ପରିବାର

ନାକଟିଦେଉଳ, ୯।୧୨(ସମିସ): ରେଢ଼ାଖୋଲର ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ନାକଟିଦେଉଳ ନିକଟସ୍ଥ ଚମ୍ପାଳୀ ନଦୀ ଠାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କୁହାଯାଉଥିବା ବେଳେ ରମାକାନ୍ତଙ୍କ ଭାଇ ଉମାକାନ୍ତ ମହାନନ୍ଦ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ନାକଟିଦେଉଳ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଗତକାଲି ନାକଟିଦେଉଳରେ ସମ୍ବଲପୁର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିର ସମ୍ବାଦ ସଂଗ୍ରହ ପାଇଁ ସକାଳ ୯.୩୦ ମିରେ ରମାକାନ୍ତ ଘରୁ ବାହାରିଥିଲେ। ନାକଟିଦେଉଳ ଆଦର୍ଶ ବିଦ୍ୟାଳୟ ନିକଟ ଚମ୍ପାଳି ନଦୀ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ରମାକାନ୍ତ ବେଆଇନ ଗଞ୍ଜେଇ ଚାଷ ଓ ଦୁର୍ନୀତି ଉପରେ ଖବର ପ୍ରସାରଣ କରୁଥିବାରୁ କେହି ଜଣେ ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପିଙ୍ଗି ଦେଇଥିବା ଅଭିଯୋଗ ଆଣିବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି ତାଙ୍କ ଭାଇ ଉମାକାନ୍ତ।

## ● ପ୍ରେସ୍ କ୍ଲବ୍ ପକ୍ଷରୁ ରମାକାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି



ରେଢ଼ାଖୋଲ, ୯।୧୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପ୍ରେସ କ୍ଲବ୍ ସଭାପତି ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦ ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଯାଇଛନ୍ତି। ମଙ୍ଗଳବାର ରେଢ଼ାଖୋଲ ପ୍ରେସ କ୍ଲବ୍‌ରେ ପ୍ରେସ କ୍ଲବ୍ ସମ୍ପାଦକ ତପନ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ନିଜର ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ତାଙ୍କର ଆତ୍ମାର ସଦଗତି କାମନା କରିବା ସହିତ ପରିବାର ବର୍ଗକୁ ସମବେଦନା ଜଣାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘର କୋଷାଧକ୍ଷ ଯୋଶବନ୍ତ ନାରାୟଣ ସାହୁ, ବରିଷ୍ଠ ସାମ୍ବାଦିକ ଜୟନ୍ତ ଖାଡ଼ିରତ୍ନ, ରୋହିତ ଭୋଇ, ପ୍ରସନ୍ନ ପ୍ରଧାନ, ଶଙ୍କର ପୃଷ୍ଟି, ସୁଶାନ୍ତ ନାଗ, ରଶ୍ମି ଖଡିରତ୍ନ, ସରୋଜ ସାହୁ, ଅନିଲ ପୃଷ୍ଟି, ମମତା ପାତ୍ର, ସୁଧୀର ସୁନା, ଗଜାନନ ଭେଷରା, ବିଦ୍ୟାଧର ମାଝି, ସରୋଜ ରାଉତ, ରଶ୍ମିତା ରାଉତ, ମଦନ ବେହେରା, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ● ଏସ୍‌ୟୁଜେ ପକ୍ଷରୁ ଶୋକ

କୁଚିଣ୍ଡା, ୯।୧୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଦୁର୍ଘଟଣା ମୃତ୍ୟୁ ଘଟଣାରେ କୁଚିଣ୍ଡା ଏସୟୁଜେ ଶାଖା ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏସୟୁଜେ କୁଚିଣ୍ଡାଉପଖଣ୍ଡ ସଭାପତି ଗଜେନ୍ଦ୍ର ଭୋଇ, ଜାତୀୟ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଦସ୍ୟ ଗଗନ ଶର୍ମା, ପ୍ରସନ ପଧାନ, ସୁବ୍ରତ କାଉ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ସାମ୍ବାଦିକ ଅନାଥ ପରିବାରକୁ ସରକାର ଭରଣପୋଷଣ ବ୍ୟବସ୍ଥା କରିବା ସହିତ ତାଙ୍କ ପିଲାମାନଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା କରିବାକୁକୁ ଦାବି କରିଛନ୍ତି।

## ● ଜମନକିରାରେ ଶୋକସଭା

ଜମନକିରା, ୯।୧୨(ସମିସ): ରେଢ଼ାଖୋଲର ବରିଷ୍ଠ ସାମ୍ବାଦିକ ରମାକାନ୍ତ ମହାନନ୍ଦ (୪୫)ଙ୍କ ଦୁର୍ଘଟଣାରେ ବିୟୋଗ ଘଟିଛି। ଉଭୟ ରେଢ଼ାଖୋଲ ଓ ନାକଟିଦେଉଳ ବ୍ଲକରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ଜଣେ ସକ୍ରିୟ ସଭ୍ୟ ରହି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳି ଥିଲେ। ମଙ୍ଗଳବାର ଜମନକିରା



ସାମ୍ବାଦିକ ୟୁନିଅନ୍ ପକ୍ଷରୁ ସଭାପତି କ୍ଷିତିରଞ୍ଜନ ପଧାନଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରବୀନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସ୍ୱର୍ଗତ ରମାକାନ୍ତ ମହାନନ୍ଦଙ୍କ ଫଟୋ ଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ୍‌ର ସମସ୍ତ ସଭ୍ୟ ନୀରବ ପ୍ରାର୍ଥନା କରି ଅନ୍ତିମ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ। ଓୟୁଜେ ରାଜ୍ୟ କୋଷାଧକ୍ଷ ଅମୁଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ପରିଷଦ ସଭ୍ୟ ସଚ୍ଚିକାନ୍ତ ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ରାମନାରାୟଣ ସାହୁ, ତରୁଣ ପଧାନ, ଦିଲ୍ଲୀପ ବହିଦାର ପ୍ରମୁଖ ଶୋକ ସଭାରେ ଉପସ୍ଥିତ ଥିଲେ।

# ସମଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା

ସମ୍ବଲପୁର, ୯।୧୨ (ସମିସ) : ସମ୍ଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ ସହଭାଗିତାରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଷେତରାଜପୁର ୟୁପିଏଚ୍‌ସିର ମେଡିକାଲ ଅଧିକାରୀ ଡା. ବ୍ରଜେନ୍ଦ୍ର ପଣ୍ଡା ଓ ପବ୍ଲିକ ହେଲ୍‌ଥ ମ୍ୟାନେଜର ଡ. ଭାରତୀ ସ୍ୱରାଜ ସାହୁ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ପଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ଏଚ୍‌ଆଇଭି / ଏଡ୍‌ସ ରୋଗର କାରଣ ଓ ନିରାକରଣ ବିଷୟରେ ବିଶଦ ଭାବେ ବୁଝାଇଥିଲେ। ବିଦ୍ୟାଳୟର ଅଧକ୍ଷା ସଙ୍ଗିତା ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଇଂରାଜୀ ଅଧ୍ୟାପକ ମଞ୍ଚ ପରିଚାଳନା କରିଥିଲେ। ରେଡକ୍ରସ କାଉନସିଲର ଆନନ୍ଦ ଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଢ଼ାରଜା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ସମ୍ବଲପୁର, ୯।୧୨ (ସମିସ) : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଏନ.ଆଇ.ଏଫ୍ ର ଦୁଇଜଣ ସନ୍ତରଣ କୋଚ୍ ଆଶୁତୋଷ ନାୟକ ଏବଂ ସଞ୍ଜୟ କୁମାର ପାଣ୍ଡେ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବରିଷ୍ଠ ବିଭାଗରେ ଅଲକେଶ ପାଣ୍ଡେ, ପୂର୍ଣ୍ଣମୀ ନାୟକ ଏବଂ କନିଷ୍ଠ ବିଭାଗରେ ଆୟୁଷ ପ୍ରଧାନ ଓ ବିନୀତା ସାହୁ ଚମ୍ପିଆନ ହୋଇ ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ସୁଜିତ୍ ନାରାୟଣ ନାଏକ, ଭୋଳାନାଥ ବିଷୋୟୀ ଏବଂ ଟାଟା ପାୱାର ଓ ସ୍ପୋର୍ଟସ ଭିଲେଜ ଫାଉଣ୍ଡେସନର ଖୋଖୋ ତଥା କବାଡି କୋଚ୍ ବାଦଲ ମାହାର କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଭା ପରିଚାଳନା କରିଥିଲେ। ଶିକ୍ଷକ ତନୟ କୁମାର ପ୍ରଧାନ, ଅନୁବିନ୍ଦା ଦାଶ, ସୁଷମା ଖଡିଆ, ଗାୟତ୍ରୀ ଭୋଇ, ଦେବଶ୍ରୀ ଦେହୁରୀ, ପୁଷ୍ପାଞ୍ଜଳୀ ମିଶ୍ର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସୁଧାମୟୀ ପ୍ରଧାନ, ଅନ୍ନପୂର୍ଣ୍ଣା ପୂଜାରୀ, ପ୍ରଦୀପ କୁମାର ସାହୁ, ଜୟନ୍ତୀ ହୋତା, ସୁନିତୀ ଧର, ଦୀପ୍ତିରାଣୀ ପଣ୍ଡା, ମଦନ ମୋହନ ମାଝୀ, ପ୍ରିନ୍ସମିତାରାଣୀ ବିଶି, ଗିରିରାଜ ମୁଖୀ, ଜିତେନ୍ଦ୍ରୀୟ ବେରିହା, ଅପର୍ଣ୍ଣା ପଣ୍ଡା, ଦୀପକ ଓରାମ, ସତ୍ୟନାରାୟଣ ବାଗ, ବୁଦ୍ଧି ବାହାଦୁର, ଶିବ ପ୍ରଧାନ ଏବଂ ବିଇଡି କଲେଜ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ଏସ୍‌ଏସ୍‌ଡ଼ି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଜମନକିରା, ୯।୧୨(ସମିସ): ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ପିଏମଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଜଗତଙ୍କ ସଭାପତିତ୍ୱରେ ବିଦ୍ୟାଳୟ ଖେଳ ପଡ଼ିଆରେ ବାର୍ଷିକ ଖେଳ ପ୍ରତିଯୋଗିତା ଉଦ୍‌ଘାଟନ ହୋଇଯାଇଛି। ଛାତ୍ରମାନେ ମଶାଲ ଶୋଭାଯାତ୍ରା ଆସିବା ପରେ ପଡ଼ିଆରେ ପହଞ୍ଚି ଥିଲେ।ମୁଖ୍ୟଅତିଥି ଭାବେ ବଡ଼ରମା ସରପଞ୍ଚ ବିଜୟକୁମାର ନାଏକ ଯୋଗ ଦେଇଥିବା ବେଳେ ଦେବଗଡ଼ ମହାବିଦ୍ୟାଳୟ ଫିଜିକ୍ସ ଶିକ୍ଷକ ଡ଼ ନଗେନ୍ଦ୍ର



କୁମାର ପଧାନ, ଜମନକିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଜମନକିରା ଓଏଭି ପ୍ରିନସିପାଲ କୃଷ୍ଣ ଚନ୍ଦ୍ର ନନ୍ଦ, ଷଣ୍ଢପଥର କଲେଜ ପ୍ରିନ୍ସିପାଲ ଜ୍ୟୋତିମୟୀ ଜ୍ୟୋତ୍ସ୍ନା ଦାସ, ଜମନକିରା ଡବ୍ଲୁଇଓ ଅଶ୍ୱର୍ଯ୍ୟ କୁମାର ନାୟକ, କୁରେଇବାହାଲ ସିଆରସିସି ପ୍ରମୋଦ କୁଜୁର, ଟିକିଲିପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ବେହେରା ପ୍ରମୁଖ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ମା'ସମଲେଶ୍ୱରୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଷଣ୍ଢପଥର କଲେଜର ପୂର୍ବ ଅଧକ୍ଷ ସନ୍ତୋଷ କୁମାର ସାହୁ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରି ଥିଲେ। ପ୍ରିନ୍ସିପାଲ ଜ୍ୟୋତିମୟୀ ଜ୍ୟୋତ୍ସ୍ନା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଷଣ୍ଢପଥର ପିଏମଶ୍ରୀ ବିଦ୍ୟାଳୟ ଶିକ୍ଷୟତ୍ରୀ ସ୍ୱରୋପା ମାଝୀ ସଭା ପରିଚାଳନା କରିଥିଲେ। ଷଣ୍ଢପଥର ପିଏମଶ୍ରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ନାରାୟଣ ପ୍ରଧାନ, ରଞ୍ଜନ ମହାକୁଳ, ଲକ୍ଷ୍ମଣ କୁମାର ନାଥ, ଶିବ ନାରାୟଣ ବେହେରା, ରଞ୍ଜିତ ଗିରି, ଚାରୁଲତା ମାଝୀ, ପ୍ରିୟ ରଞ୍ଜନ ସାତୁଆ, ଲିଲିମା କେରକେଟା ପ୍ରମୁଖ ଖେଳ ଶିକ୍ଷକ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବ୍ରହ୍ମପଣ୍ଡିତ ମହାସଭା ପକ୍ଷରୁ ସପ୍ତଶତୀ ଚଣ୍ଡୀପାଠ



ସମ୍ବଲପୁର, ୯।୧୨(ସମିସ): ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସମ୍ବଲପୁର ପକ୍ଷରୁ ଆଜି ପୌଷ କୃଷ୍ଣ ପକ୍ଷ ପଞ୍ଚମୀ ମଙ୍ଗଳବାର ସମ୍ବଲପୁର କମଲିବଜାରସ୍ଥିତ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ସପ୍ତଶତୀ ଚଣ୍ଡୀପାଠ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମହାସଭାର ବରିଷ୍ଠ ପଣ୍ଡିତ ବଂଶୀଧର ଶତପଥୀଙ୍କ ନିର୍ଦ୍ଦେଶାନୁସାରେ ଏବଂ ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚଣ୍ଡୀପାଠ ବିଶ୍ୱ କଲ୍ୟାଣ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସତ୍ୟ ସନାତନ ହିନ୍ଦୁ ଧର୍ମର ଉତ୍‌ଥାନ ଓ ବିଧର୍ମୀ ମାନଙ୍କ କବଳରୁ ବିଶ୍ୱ ମାନସଙ୍କୁ ମୁକ୍ତ କରି ଏକ ସୁସ୍ଥ ସନାତନ ହିନ୍ଦୁ ସମାଜର ପରମ୍ପରା ଓ ସଂସ୍କୃତି ବଜାୟ ରଖିବାର ସଂକଳ୍ପ କରାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ତଥା ସ୍ଥାନୀୟ ଅଞ୍ଚଳର ୫୧ଜଣ ବିଦ୍ୱାନ ପଣ୍ଡିତଙ୍କ ଏକସ୍ୱରରେ ଶ୍ରୀ ଚଣ୍ଡୀପାଠର ମନ୍ତ୍ର ଧ୍ୱନିରେ ମନ୍ଦିର ପ୍ରାଙ୍ଗଣ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ମା' ପାଟଣେଶ୍ୱରୀଙ୍କ ଆଳତୀ କରାଯାଇ ବିଶ୍ୱ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା।

# ଭିସୁଟରେ 'ୟୁନିଭର୍ସାଲ୍ ହ୍ୟୁମାନ୍ ଭ୍ୟାଲୁସ୍' ବିଷୟରେ କର୍ମଶାଳା




ସମ୍ବଲପୁର, ୯।୧୨(ସମିସ): ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ) ପକ୍ଷରୁ 'ୟୁନିଭର୍ସାଲ୍ ହ୍ୟୁମାନ୍ ଭ୍ୟାଲୁସ୍-୨'ବିଷୟରେ ପାଞ୍ଚ ଦିନିଆ କର୍ମଶାଳା ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ, ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ ଓ ପ୍ରଫେସର ଗଣେଶ୍ୱର ନାଥ, ଡିନ୍, ସିଡ଼ିସିଇ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସାହୁ କହିଥିଲେ ଯେ, ଉଚ୍ଚଶିକ୍ଷାରେ ମାନବୀୟ ମୂଲ୍ୟବୋଧ ଶିକ୍ଷାର ସଠିକ୍ ସଂସ୍କାର ଅତ୍ୟାବଶ୍ୟକ। ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାପାଇଁ ଆମ ନୂତନ ପିଢ଼ିକୁ ନୀତି, ନୈତିକତା, ସତ୍ୟବାଦୀତା, ସମ୍ପର୍କର ସମ୍ମାନ ଓ ସମାଜ ସେବାର ଗୁରୁତ୍ୱ ବୁଝେଇବା ପାଇଁ ଏହି ପ୍ରକାର କର୍ମଶାଳା ଅତ୍ୟନ୍ତ ଦରକାର। ଟେକ୍ନୋଲୋଜି ଜ୍ଞାନ ମାତ୍ର ଜୀବନକୁ ପୂରଣ କରେନି; ମାନବୀୟ ମୂଲ୍ୟ ତାହାକୁ ଅର୍ଥବାହୀ କରେ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଡ. ଦିଲୀପ ଦେବନାଥ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ 'ମାନବୀୟ ମୂଲ୍ୟବୋଧ ଶିକ୍ଷା, ସମ୍ପର୍କ ଓ ସୁବିଧା, ସୁଖ ଓ ସମୃଦ୍ଧି, ଓ ମାନବୀୟ ମୂଳ ଆକାଂକ୍ଷା' ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗଭୀରତାର ସହ ଆଲୋକପାତ କରିଥଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରି ମାନେ ତାଙ୍କ ଉପସ୍ଥାପନାରୁ ଉଲ୍ଲେଖନୀୟ ଉପକୃତ ହେବା ସହ ମାନବୀୟ ମୂଲ୍ୟବୋଧର ବ୍ୟବହାରିକ ଆଧାର ବିଷୟରେ ଅଧିକ ସ୍ୱଷ୍ଟତା ଲାଭ କରିଲେ। କାର୍ଯ୍ୟକ୍ରମର ଗୁଣସ୍ତର ନିରୀକ୍ଷଣ ପାଇଁ ଅଖିଳ ଭାରତୀୟ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପରିଷଦ ନୂଆଦିଲ୍ଲୀରୁ ଡ. ରବୀନ୍ଦ୍ର କୁମାର ରାଉତ ଏବଂ ଡ. ପଙ୍କଜ କୁମାର ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ହୋଇଥଲେ। ବିଶ୍ୱବିଦ୍ୟାଳୟର ପ୍ରଧାପକ ଡ. ସୁଧାଂଶୁ ରଞ୍ଜନ ଦାସ ଏବଂ ଡ. ସଂଘମିତ୍ରା ଜେନା ସୁଚାରୁରୂପେ ସଂଯୋଜନା କରିଥିଲେ।

# ୧୨ରୁ ତୃତୀୟ ସମ୍ବଲପୁରୀ ବହିହାଟ୍

ସମ୍ବଲପୁର, ୯।୧୨ (ସମିସ): ଆସନ୍ତା ଡିସେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଓଡ଼ିଶା ସାଂସ୍କୃତିକ ସମାଜଠାରେ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ୍ ଆୟୋଜନ କରାଯିବ। ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ସହ ପଶ୍ଚିମ ଓଡ଼ିଶାର ଲେଖକଙ୍କ ପୁସ୍ତକ ବିକ୍ରୟ ଓ ପାଠକଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଏହି ସ୍ୱତନ୍ତ୍ର ସମ୍ବଲପୁରୀ ପୁସ୍ତକମେଳା ଆୟୋଜନ କରାଯାଉଛି ବୋଲି ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନ ଆଜି ପୂର୍ବାହ୍ଣରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ବଲପୁରୀ ଭାଷାର ଲେଖକଙ୍କୁ ପ୍ରୋତ୍ସାହନ ଓ ସମ୍ମାନ ପ୍ରଦାନ ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'କଲମ ଶ୍ରୀ' ସମ୍ମାନ ଚଳିତବର୍ଷ ବିଶିଷ୍ଟ ସାରସ୍ୱତ ସାଧକ ଅମୃତଲାଲ ସାହୁଙ୍କୁ ପ୍ରଦାନ କରାଯିବ। ଏଥର ପ୍ରଥମଥର ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ଏହି ବହି ହାଟ୍ ଅନୁଷ୍ଠିତ ହେବାକୁ ଯାଉଛି। ପଶ୍ଚିମ ଓଡ଼ିଶାର ଅନେକ ଲେଖକଙ୍କ ପୁସ୍ତକ ପ୍ରକାଶିତ ହେଉଥିଲେ ମଧ୍ୟ ବଜାର ବ୍ୟବସ୍ଥା ଅଭାବରୁ ତାହା ଲୋକଲୋଚନକୁ ଆସିପାରୁନାହିଁ। ସମ୍ବଲପୁରୀ ବହି ହାଟ୍ ମାଧ୍ୟମରେ ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରାଯାଉଛି। ପ୍ରଥମ ଦିନ 'ସମ୍ବଲପୁରୀ ସାହିତ୍ୟଥି ଆଲୋଚନା ଆର୍ ସମାଲୋଚନା' ଏବଂ ଦ୍ୱିତୀୟ ଦିନ 'ସ୍ରଷ୍ଟା ସୃଷ୍ଟି ଆର୍ ସାମାଜିକ୍ ପ୍ରତିବଦ୍ଧତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସେହିପରି ସମ୍ବଲପୁରୀ ସୁରୁ କଥାନୀ ପାଠ, ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଏବଂ ସ୍ୱତନ୍ତ୍ର ଶ୍ରାବ୍ୟ ନାଟକ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସମ୍ପାଦକ କ୍ଷେତ୍ରମଣି ବିଭାର, ଉପସଭାପତି ଜୟକୃଷ୍ଣ ବେହେରା, କୋଷାଧକ୍ଷ ପରବେଜ ଅଲ୍ଲୀ ଖାନ, ତ୍ରିଲୋଚନ ତ୍ରିପାଠୀ ମଞ୍ଚାସୀନ ଥିଲେ। ଶେଷରେ ପରାମର୍ଶଦାତା ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

ସମ୍ବଲପୁର, ୯।୧୨ (ସମିସ): ପ୍ରତିବର୍ଷ ଭଳି 'ଯୁବ ଉଦୟନ' ପକ୍ଷରୁ ଆସନ୍ତା ୨୪ ତାରିଖଠାରୁ ବୀର ସୁରେନ୍ଦ୍ର ସାଏ ୨୮ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା - ୨୦୨୫ ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚଠାରେ ଆୟୋଜିତ ହେବ ବୋଲି ସଭାପତି ସଞ୍ଜୟ କୁମାର ମିଶ୍ର ଜଣାଇଛନ୍ତି। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପ୍ରତ୍ୟହ ୩ଟି ଲେଖାଏ ନାଟକ ମଞ୍ଚସ୍ଥ ହେବ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ନାଟକ ସନ୍ଧ୍ୟା ୬ଟା୧୫ ମିନିଟ, ୭ଟା ୩୦ ମିନିଟ ଓ ୮ଟା ୪୫ ମିନିଟରେ ଆରମ୍ଭ ହେବ। ଆସନ୍ତା ୨୯ ତାରିଖ ପ୍ରଦର୍ଶନୀ ନାଟକ ଜୀବନ୍ ତାକର୍, ସ୍ୱାଧୀନତା ଆମର୍ ପରିବେଷଣ କରିବେ ସମଲେଶ୍ୱରୀ ସଂଘ, ତଳିପଡ଼ା, ବରଗଡ଼ ଏବଂ ସହଯୋଗ କରିବେ ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କେଶେଇପାଲି, ଭଟଲି। ଏହାପରେ ପୁରସ୍କାର ବିତରଣୀ ଓ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ୨୪ ତାରିଖ ଆମ୍ରପ୍ରକାଶ, ବରଡୋଲ, ବରଗଡ଼ର 'ଏ..ଆଇ ଦେଲୁ କାଏଁ ଭେଲ୍‌କେଇ', ଡ୍ରାମାଟିକ୍ କ୍ଲବ, ବି.ଏଡ୍ କଲେଜ, ସମ୍ବଲପୁରର 'ସମିୟାର ଡାକ୍' ଓ ନିଆଲିମଲି ନାଟ୍ୟକଳା ପରିଷଦ, ଗୌରେନମୁଣ୍ଡା, ଗାଇସିଲେଟ, ବରଗଡ଼ର 'ବିନ୍‌କୁଲିଆ' ମଞ୍ଚସ୍ଥ ହେବ। ୨୫ ତାରିଖ ବୀଣାପାଣି ସାହିତ୍ୟ କଳା ସଂସଦ, ବଡ଼କର୍ଲେ, ସୋନପୁରର 'କୈକେୟୀ', ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ର 'ଆଏବା ସକାଲ୍' ଓ ବୀର ସୁରେନ୍ଦ୍ର ସାଏ କ୍ଲବ, ପୋଡ଼ବାଡ଼ି, ବରଗଡ଼ର 'କଲାଗ୍ରାମ' ମଞ୍ଚସ୍ଥ ହେବାକୁ ଥିବାବେଳେ ୨୬ ତାରିଖ ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁରର 'ଫେର୍ ସେ ଶ୍ରବଣ', ପ୍ରତିବାଦ, ଗ୍ୟାନ, ପଦମପୁରର 'ଶକୁନ୍ତଲା' ଓ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁରର 'ଭାଜ୍ୟ ଭାଜକ ଭାଗଫଳ' ମଞ୍ଚସ୍ଥ ହେବ। ସେହିପରି ୨୭ ତାରିଖ ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ୍ ଆସୋସିଏସନ, ସମ୍ବଲପୁରର 'ଡର୍', ଅଙ୍ଗମଞ୍ଚ, ମହୁଲପାଲି, ପଦମପୁରର 'ଅନ୍ଧାରନୁ ଉକିଆ ତକ୍' ଏବଂ ମାହେଶ୍ୱରୀ ନାଟ୍ୟ ସଂସଦ, ଆଠମଲ୍ଲିକ, ଅନୁଗୋଳର 'ଝରନିପାଲିର ଝରନା' ମଞ୍ଚସ୍ଥ ହେବାକୁ ଥିବାବେଳେ ୨୮ ତାରିଖ ସଚେତନ ହେମା, ଢୋଲବନ୍ଧ, ବରଗଡ଼ର 'ମାର୍ଜାର କେଶରୀ', ମିରର୍ ଥିଏଟର, ବେଲପାହାଡ଼, ଝାରସୁଗୁଡ଼ାର 'ପାହା ଚିହ୍ନା' ଓ ଲୁ, ପଦମପୁରର 'ବଳିଦାନ' ମଞ୍ଚସ୍ଥ କରାଯିବ ବୋଲି ଜଣାପଡ଼ିଛି।

# ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଯୁବକଙ୍କୁ ହତ୍ୟା

## ପ୍ରେମ ପାଇଁ ମାରିଥିବା ଅଭିଯୋଗ



ସମ୍ବଲପୁର, ୯।୧୨(ସମିସ)

କ୍ଷେତରାଜପୁର ଥାନା ଲକ୍ଷ୍ମୀ ଡଙ୍ଗୁରୀ ପାହାଡ଼ରେ ହତ୍ୟା। ଜଣେ ଯୁବକଙ୍କୁ ଛୁରିରେ ହତ୍ୟା କରାଯାଇଥିବା ଜଣପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହୀରାକୁଦ ଭୁଜାପଡ଼ାର ଅଭୟ କୁମାର ଦାଶ। ମଙ୍ଗଳବାର ସକାଳୁ ମୃତଦେହ ପୁଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ ଅଭୟ ସୋମବାର ଠାରୁ ନିଖୋଜ ଥିଲେ। ମଙ୍ଗଳବାର ପାହାଡ଼ ତଳେ ଅଭୟଙ୍କ ସ୍କୁଟି ରହିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପରେ ଘଟଣାସ୍ଥଳରୁ ପୁଲିସ ଓ ପରିବାର ଲୋକ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଅଭୟଙ୍କ ମୁହଁ ଓ ଶରୀରରେ କ୍ଷତ ଚିହ୍ନ ରହିଛି। ଛୁରି କିମ୍ବା ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ଜାଣିବାକୁ ପାଇଛି। ଏପରେ ଅଭୟଙ୍କ ହତ୍ୟା ପାଇଁ ପରିବାର ଲୋକ ପ୍ରେମକୁ ଦାୟୀ କରିଛନ୍ତି। ଅଭୟଙ୍କ ସାଙ୍ଗ କହିଛନ୍ତି, ସୋମବାର ଅଭୟଙ୍କ ପ୍ରେମିକା ଟଙ୍କା ଦେବା ପାଇଁ ଡାକିଥିଲା। ଜନ୍ମଦିନ ପାଳନ ଲାଗି ପ୍ରେମିକା ୧୦ ହଜାର ନେବା ପାଇଁ ଅଭୟକୁ ଏକ ସ୍ଥାନକୁ ଡାକିଥିଲା। ପରେ ସୋମବାର ଅପରାହ୍ଣରେ ଅଭୟ ତାଙ୍କ ସାଙ୍ଗକୁ ଏକ ପାହାଡ଼ ଉପରକୁ ଆସିଥିବା କହିଥିଲେ। ତେଣୁ ଏହି ହତ୍ୟାରେ ପ୍ରମିକାଙ୍କ ସମ୍ପୃକ୍ତି ରହିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ସେପଟେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କ୍ଷେତରାଜପୁର ଥାନା ଅଧିକାରୀ ଅନିଲ ପ୍ରଧାନ କହିଛନ୍ତି। ଏହି ହତ୍ୟା ଘଟଣା ଉପରୁ ଖୁବ ଶୀଘ୍ର ପରଦା ହଟିବ ବୋଲି କହିଛନ୍ତି।



## ଦ୍ୱିତୀୟ ଦିନରେ ହୋମିଓପାଥିକ କଲେଜ ଛାତ୍ରଛାତ୍ରୀଙ୍କ ଅନଶନ

# ଗୁରୁତର ହୋଇ ୨ ଡାକ୍ତରଖାନାରେ ଭର୍ତ୍ତି

**ରାଉରକେଲା, ୯।୧୨(ସମିସ):** ବିଭିନ୍ନ ୮ ଦଫା ଦାବି ନେଇ ୩୬ ଘଣ୍ଟା ଧରି ଆମରଣ ଅନଶନରେ ବସିଥିବା ରାଉରକେଲା ହୋମିଓପାଥିକ୍ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଆଜି ୨ ଜଣ ଛାତ୍ରଛାତ୍ରୀ ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିବାରୁ ଉଭୟଙ୍କୁ ଅନଶନ ସ୍ଥଳରୁ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଛି। ଏହି ଅନଶନରେ ୧୩ ଜଣ ଛାତ୍ରୀ ଏବଂ ୯ ଜଣ ଛାତ୍ର ବସିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୮ ଦଫା ଦାବି ପୂରଣ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗତକାଲି ଠାରୁ ରାଜ୍ୟର ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଛନ୍ତି। ଏହି ଆମରଣ ଅନଶନରେ ରାଉରକେଲା ନୟାବଜାର ସ୍ଥିତ ହୋମିଓପାଥି କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇ ଶୀତ କାକରରେ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ରାଉରକେଲା ସ୍ଥିତ ଉତ୍କଳମଣି ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ଧରି ୮ ଗୋଟି ଦାବି ପାଇଁ ଆନ୍ଦୋଳନ ଜାରି ରହିଛି। ଗତ ୩୬ ଘଣ୍ଟା ଧରି ଛାତ୍ରଛାତ୍ରୀମାନେ ଆମରଣ ଅନଶନରେ ବସିଛନ୍ତି। ଯେଉଁଥିରେ ଛାତ୍ରଛାତ୍ରୀମାନେ ଖାଦ୍ୟ ଗ୍ରହଣ କରି ନାହାଁନ୍ତି। ବର୍ତ୍ତମାନ ୪ ରୁ ୬ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ଅଛନ୍ତି। ସେଥିମଧ୍ୟରୁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# କାର୍ଯ୍ୟକ୍ଷମ ହେଲା ଦେଓଗାଁ ଶବଦାହ ଗୃହ



ସକାଳ ପ୍ରଭାବ

**ବଣାଇଁ, ୯।୧୨(ସମିସ):** ବଣାଇଁଗଡ଼ ସହରରେ ବହୁ ଦିନର ଅପେକ୍ଷା ପରେ ସୋମବାରଠାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ନବ ନିର୍ମିତ ହୋଇଥିବା ଶବଦାହ ଗୃହ କାର୍ଯ୍ୟକ୍ଷମ ହୋଇଛି। ଚଳିତ ମାସ ୩ ତାରିଖ ବୁଧବାର ଦିନ ଏନେଇ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ବଣାଇଁଗଡ଼ ଗ୍ରାମ ପଞ୍ଚାୟତକୁ ଏହି ଗୃହର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଖବର ପ୍ରକାଶିତ ହେବା ପରେ ବଣାଇଁଗଡ଼ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ ବଣାଇଁଗଡ଼ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନଙ୍କୁ ଶବଦାହ ଗୃହଟିକୁ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ଠାରୁ ପ୍ରଥମେ ଶବଦାହ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଶବଦାହ ଗୃହ କିଛି ନୂଆ ନିୟମରେ ଆରମ୍ଭ କରାଯାଇଥିବା ବେଳେ ପଞ୍ଜୀକରଣ ପାଇଁ ୨୦୦ ଟଙ୍କା ରଖାଯାଇଛି। ସେହିଠାରେ ହିଁ ଦାହ ପାଇଁ କାଠ ଓ ଅନ୍ୟାନ୍ୟ ଜିନିଷ ଯୋଗାଇ ଦିଆଯିବ ବୋଲି ବଣାଇଁଗଡ଼ ସରପଞ୍ଚ ସୂଚନା ଦେଇଛନ୍ତି। ଏହି ଶବଦାହ ଗୃହରେ ସମସ୍ତେ ଶବ ଦାହ କରିବା ପାଇଁ ବଣାଇଁବାସୀଙ୍କୁ ବଣାଇଁଗଡ଼ ବିଡିଓ ସୂଚନା ଦେଇଛନ୍ତି। ବହୁତ ଦିନ ପରେ ଏହା କାର୍ଯ୍ୟକ୍ଷମ ହୋଇଥିବାରୁ ଜିଲ୍ଲା ପ୍ରଶାସନ, ବଣାଇଁଗଡ଼ ବିଡ଼ିଓ, ସରପଞ୍ଚ, ପିଇଓଙ୍କୁ ବଣାଇଁବାସୀ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ତୃତୀୟ ପ୍ରି ହାଫ୍ ମାରାଥନ୍ ପ୍ରୋମୋ ଦୌଡ଼

**ରାଉରକେଲା, ୯।୧୨(ସମିସ):** ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍-୨୦୨୬ର ପ୍ରୋମୋ ଦୌଡ଼ରେ ୩୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସେକ୍ଟର ୬ ଇସ୍ପାତ ଷ୍ଟାଡିୟମ୍ ଠାରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଆଡିଶ ଚନ୍ଦ୍ର ସରକାର ପ୍ରୋମୋ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ୱାର୍ମ-ଅପ୍ ରୁଟିନ୍, ସଠିକ୍ ଦୌଡ଼ ପୋଜିସନ୍, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଲିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ ଦୌଡ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା। ଏହି ପ୍ରୋମୋ ଦୌଡଟି ଇସ୍ପାତ ଷ୍ଟାଡିୟମରୁ ଆରମ୍ଭ ହୋଇ ଟେଲିଫୋନ ଭବନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟ, ଫିଟନେସ୍ ଗୋଷ୍ଠୀ, ସ୍କୁଲ ପିଲା ଏବଂ ଷ୍ଟିଲ୍ ଟାଉନସିପ୍ ସାରା କ୍ରୀଡା ପ୍ରେମୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଶ୍ରୀ ସରକାର କେତେକ ଅଂଶଗ୍ରହଣକାରୀଙ୍କୁ ଟୋକେନ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରିଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ। ପରବର୍ତ୍ତୀ ପ୍ରୋମୋ ଦୌଡ଼ ଡିସେମ୍ବର ୧୪ ତାରିଖ ସକାଳ ୬ ଟାରେ ଭଞ୍ଜ ଭବନ ପରିସରରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

## ବିଶ୍ରା ଛକରେ ସିଆଇଟିୟୁର ବିକ୍ଷୋଭ

# ୩୯ ମାସର ଏରିୟର୍ ପ୍ରଦାନ, ଏନ୍‌ଜେସିଏସ୍ ଚୁକ୍ତିନାମା ଦାବି

**ରାଉରକେଲା, ୯।୧୨(ସମିସ)**




ଆଜି ବିଶ୍ରା ଛକ ଠାରେ ୩୯ ମାସର ଏରିଅର୍ ପ୍ରଦାନ ସହ ଏନଜେସିଏସ୍ ଚୁକ୍ତିନାମା ଦାବିରେ ତଥା ସହରସେବା ଓ ଆଇଜିଏଚ୍‌ର ଚିକିତ୍ସା ବ୍ୟବସ୍ଥାକୁ ଘରୋଇକରଣ ଚକ୍ରାନ୍ତ ବିରୁଦ୍ଧରେ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆରସିଡବ୍ଲ୍ୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ୯ ବର୍ଷ ପରେ ମଧ୍ୟ ଏନଜେସିଏସ୍ ଚୁକ୍ତିନାମା ହୋଇପାରି ନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ୨ ବର୍ଷ ପରେ ଆଜି ଏନଜେସିଏସ୍‌ର ସବ୍ କମିଟି ବୈଠକ ବସୁଛି। ତେଣୁ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା କରିବା ସହ ସମସ୍ତ ଦାବିକୁ ଫଇସଲା କରିବା ପାଇଁ ସିଆଇଟିୟୁ ତରଫରୁ ଦାବି କରାଯାଇଥିଲା। ଏନେଇ ୧୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଜିର ବିକ୍ଷୋଭରେ କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ଜୀବନ ବାରିହା, ସୁରେନ୍ଦ୍ର ମହାନ୍ତି, ରାଜକିଶୋର ପ୍ରଧାନ, ସୁରେଶ ବେହୁରିଆ, ଜଜ୍ଞେଶ୍ୱର ସାହୁ, ରକର ନାୟକ, ପ୍ରଦିପ ସେଠୀ, ଦିବାକର ମହାରଣା, ଏଚ୍‌ଏନ୍ ଯାଦବ ପ୍ରମୁଖ ଉପସ୍ଥିତ ରହି ଚଳିତ ବୈଠକରେ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା କରିବା ପାଇଁ ଦାବି କରିଥିଲେ। ସେଲ୍‌ଫ କର୍ତ୍ତୃପକ୍ଷଙ୍କ ଘରୋଇକରଣ ତଥା ଶ୍ରମିକ ସ୍ୱାର୍ଥୀ ବିରୋଧ କାର୍ଯ୍ୟକୁ ବିରୋଧ କରିଥିଲେ। ତୁରନ୍ତ ରାଉରକେଲା ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ୧୦ ମିଲିୟନ ଟନ୍ କରି କାର୍ଯ୍ୟକାରୀ କରିବା ସହ ସ୍ଥାନୀୟ ଯୁବକ ଓ ବିସ୍ଥାପିତଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ ଦେବା, ଠିକା ଶ୍ରମିକଙ୍କ ଚକିରି ସ୍ଥାୟୀତ୍ୱ ସହ ସହରସେବା ଓ ଆଇଜିଏଚ୍‌ର ଚିକିତ୍ସା ବ୍ୟବସ୍ଥାକୁ ବିକାଶ କରିବାକୁ ଦାବି କରିଥିଲେ। ଏଥିସହ ବର୍ତ୍ତମାନ ଆର୍‌ଏସ୍‌ପିର ଖାଲି କ୍ୱାଟର ପାଇଁ ବାହାର ୟୁନିଟର ଶ୍ରମିକ ପ୍ରଦାନ ପାଇଁ ଯେଉଁ ସର୍କୁଲାର କରାଯାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଥିଲା। ବରିଷ୍ଠତା ଆଧାରରେ ଅବସର ଶ୍ରମିକଙ୍କୁ ପ୍ରଦାନ ସହ ଆବଶ୍ୟକ ସ୍ଥଳେ ରାଉରକେଲାବାସୀଙ୍କୁ ତାହା ପ୍ରଦାନ ପାଇଁ ଏଥିରେ ଦାବି କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ୪ଟି ଶ୍ରମ କୋର୍ଡକୁ ପ୍ରତ୍ୟାହାର କରିବାକୁ ମଧ୍ୟ ବିକ୍ଷୋଭ ସମାବେଶରେ ଦାବି କରାଯାଇଥିଲା। ୩୯ ମାସର ଏରିଅର ପ୍ରଦାନ ସହ ଉଭୟ ସ୍ଥାୟୀ ଓ ଠିକା ଶ୍ରମିକ ଏନଜେସିଏସ୍ ଚୁକ୍ତିନାମା କରା ନଗଲେ ଆଗାମୀ ଦିନରେ ସିଆଇଟିୟୁ ଆଇଜିଏଚ୍ ଓ ସହର ସେବା ସମ୍ମୁଖରେ ବ୍ୟାପକ ବିକ୍ଷୋଭ ଓ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସଚିନ ରାୟ, ଏମ୍‌କେ. ପାଣୀଗ୍ରାହୀ, ପର୍ଶୁରାମ ଜେନା, ବିଶ୍ୱଜିତ ମାଝି, ପ୍ରଭାତ ମହାନ୍ତି, କୁଳମଣୀ ରାଉତ ପିକେ ସଡଙ୍ଗୀ, ବିଜୟ ପରିଡ, ଜନ୍ମେଜୟ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

# ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସାଧନା ଶିବିର ଉଦ୍‌ଘାଟିତ

**ରାଉରକେଲା, ୯।୧୨(ସମିସ):** ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ରୌପ୍ୟ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ସେକ୍ଟର-୭ ସି/୬୩ ସ୍ଥିତ ଶାଖା କାର୍ଯ୍ୟାଳୟ ଶିବାନନ୍ଦ ଆଶ୍ରମଠାରେ ଆଜି ଠାରୁ ତ୍ରିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର ଆୟୋଜିତ ହୋଇଯାଇଛି। ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ସାଧାରଣ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦିବ୍ୟଜୀବନ ସଂଘ, ଋଷିକେଶ ମୁଖ୍ୟ କାର୍ଯ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଜୀ ମହାରାଜ ଆଶ୍ରମ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦିବ୍ୟଜୀବନ ସଂଘ, ଋଷିକେଶ ମୁଖ୍ୟ କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଶ୍ରୀ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀଜୀ ମହାରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟଜୀବନ ସଂଘର ପୂଜ୍ୟ ଶ୍ରୀ ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀଜୀ ମହାରାଜ, ସ୍ୱାମୀ ସରୂପାନନ୍ଦ ସରସ୍ୱତୀଜୀ ମହାରାଜ, ଯୋଗ ବେଦାନ୍ତ ଶିକ୍ଷା ସଂସ୍ଥା, ନିମାପଡ଼ା, ପୁରୀର ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀଜୀ ମହାରାଜ ଉପସ୍ଥିତ ଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀଜୀ ମହାରାଜ ବସ୍ତୁବାଦୀ ଭୌତିକ ଦୁନିଆଁରେ ମଣିଷ ଜୀବନର ବାସ୍ତବତା, ଜନ୍ମର ମୂଲ୍ୟ ଓ ସାର୍ଥକତା ଏବେ ସର୍ବୋପରି ବାସ୍ତବ ଜୀବନରେ ନିଜର ମାନବୀୟ ପରାକାଷ୍ଠାର ପ୍ରକୃତ ଧର୍ମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ସମ୍ପାଦକ ତ୍ରିଲୋଚନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ନରସିଂହ ରଥ ଓ ଉପସଭାପତି ବିଜୟ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗିରିଧାରୀ ସ୍ୱାଇଁ, ରାମକୃଷ୍ଣ ତ୍ରିପାଠୀ, ରାମଚନ୍ଦ୍ର ସ୍ୱାଇଁ, ବିରାଜିନୀ ଜେନା, ସାରଦା ପ୍ରସାଦ ମହାନ୍ତି, ଦୁର୍ଗା ପ୍ରସାଦ ରଥ ପ୍ରମୁଖ ଶିବିରର ସଫଳ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏତଦବ୍ୟତୀତ ରାମଚନ୍ଦ୍ର ମିଶ୍ର, ସିମାଞ୍ଚଳ ଦୀକ୍ଷିତ, ଶିଶିରକାନ୍ତ ପାଣିଗ୍ରାହୀ, ସୁଜାତା ଦୀକ୍ଷିତ, ଅରୁପମା ମହାନ୍ତି, ସୁଜାତା ରଥ, ମଞ୍ଜୁବାଳା ସ୍ୱାଇଁ, ଜାନକୀବାଳା ପାତ୍ର, ରବିନାରାୟଣ ପଣ୍ଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ପଣ୍ଡିତ ନିଗମାନନ୍ଦ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଏହି ଶିବିରରେ ସମଗ୍ର ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିବା ଜଣାପଡ଼ିଛି।



# ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ

**ରାଉରକେଲା, ୯।୧୨(ସମିସ):** ରାଜଗାଙ୍ଗପୁର ବ୍ଲକ କେଶରାମାଳ ପଞ୍ଚାୟତର ଗାରିଆମାଳ ଗ୍ରାମରେ ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ଣରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାମାଳ ପଞ୍ଚାୟତ ଗରିଆମାଳ ଗ୍ରାମର ଜନୈକା ଶିଶୁ କନ୍ୟା ସ୍କୁଲରୁ ପାଠ ପଢ଼ା ସାରି ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁରେଶ ଲାକ୍ରା (୪୫) ନାମକ ଜଣେ ଯୁବକ ନିକଟସ୍ଥ ପାନ ଦୋକାନକୁ ତାକୁ ଡାକିଥିଲା। ଏହାପରେ ପ୍ରଲୋଭନ ଦେଖାଇ ତାକୁ ନିକଟସ୍ଥ ହରଡ଼ ଗଛ କ୍ଷେତକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ଶିଶୁଟି ବଡ ପାଟିରେ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା କିଛି ମହିଳା ଘଟଣା ସ୍ଥଳକୁ ଦୌଡି ପହଞ୍ଚି ଥିଲେ। ମହିଳାମାନଙ୍କୁ ଦେଖି ସୁରେଶ ଶିଶୁ କନ୍ୟାକୁ ଛାଡି ଦୌଡି ଫେରାର ହୋଇଯାଇଥିଲା। ମହିଳାମାନେ ଶିଶୁକୁ ନେଇ ତାଙ୍କ ଘରେ ଛାଡି ଦେଇଥିଲେ। ତେବେ ରାତିରେ ଶିଶୁର ତଳିପେଟ ଯନ୍ତ୍ରଣା ହେବାରୁ ତାକୁ ତା'ର ମାଆ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାସ ସଦଳବଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସେପଟେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ରାଜଗାଙ୍ଗପୁର ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି।

## ଗୃହରକ୍ଷୀଙ୍କ ଦୀକ୍ଷାନ୍ତ ଉତ୍ସବ

# ବିପର୍ଯ୍ୟୟ ସୁରକ୍ଷା ବେଳେ ଗୃହରକ୍ଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଡିଆଇଜି

**ରାଉରକେଲା, ୯।୧୨(ସମିସ):** ରାଉରକେଲା ରିଜର୍ଭ ପୁଲିସ ପଡ଼ିଆଠାରେ ଆଜି ନୂତନ ଭାବେ ଯୋଗ ଦେଇଥିବା ଗୃହରକ୍ଷୀଙ୍କ ଦୀକ୍ଷାନ୍ତ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ହୋମଗାର୍ଡ ପକ୍ଷରୁ ଆୟୋଜିତ ଏକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ପୁଲିସ ଡିଆଇଜି ଶ୍ରୀ ରାୟ ହୋମଗାର୍ଡ ବାହିନୀକୁ ସମ୍ବୋଧିତ କରି ସମାଜର ମଙ୍ଗଳ ପାଇଁ ଗୃହରକ୍ଷୀ ବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶାନ୍ତିଶୃଙ୍ଖଳା ରକ୍ଷା, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ ପର୍ବପର୍ବାଣୀ ତଥା ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଗୃହରକ୍ଷୀ ବାହିନୀ ସମଗ୍ର ଭାରତ ବର୍ଷରେ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଛନ୍ତି। ସେବା ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ନବ ନିଯୁକ୍ତ ଗୃହରକ୍ଷୀମାନଙ୍କୁ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପୁଲିସ ସହ କାନ୍ଧରେ କାନ୍ଧ ମିଳାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବା ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ପାଇଁ ଉପସ୍ଥିତ ଗୃହରକ୍ଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ରାୟ ଏବଂ ଏସ୍‌ପି ଶ୍ରୀ ୱାଧୱାନୀ ଶ୍ରେଷ୍ଠ ବିବେଚିତ ଗୃହରକ୍ଷୀଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ସ୍ମାରକୀ ଦେଇ ପୁରସ୍କୃତ କରିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୧୧୮ ଜଣ ଗୃହରକ୍ଷୀ ୮୨ ଦିନ ଧରି ତାଲିମ ନେଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ, ଡିଆଇବି ଡିଏସପି ରାମରାଏ ମୁର୍ମୁ, ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର, ଜୋନାଲ ଡିଏସପି ଯୋଗେଶ୍ୱର ପଣ୍ଡା, ଅମରେନ୍ଦ୍ର ଷଣ୍ଢଙ୍କ ସମେତ ବିଭିନ୍ନ ଥାନାର ଇନିସପେକ୍ଟରମାନେ ଉପସ୍ଥିତ ଥିଲେ।





# ଆଜି ଓପିଟିସିଏଲ୍ ପକ୍ଷରୁ ବିଦ୍ୟୁତ୍ କାଟ୍

**ରାଉରକେଲା, ୯।୧୨(ସମିସ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ରାଉରକେଲା ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ରାଉରକେଲା ସହରର ବାଲୁଘାଟ୍, ବିର୍ସାମୁଣ୍ଡା, ଗନ୍ଧାରପାଲି, ହନୁମାନ ବାଟିକା ଅଞ୍ଚଳ, ଜଲଦା, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ରାମଜୋଡ଼ି ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି କଳୁଙ୍ଗା ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବଲଣ୍ଡା, ବିରକେରା, କଳୁଙ୍ଗା ଟାଉନ୍, ଟାଇଁସର ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ସୂଚନା ମିଳିଛି।

# ଡିଭାଇଡର ଉପରକୁ ମାଡ଼ିଗଲା ଥାର୍

**ରାଉରକେଲା, ୯।୧୨(ସମିସ):** ସେକ୍ଟର ଅଞ୍ଚଳରୁ ଛେଣ୍ଡ ଆଡକୁ ଯାଉଥିବା ଏକ ଦ୍ରୁତଗାମୀ ଥାର ଭ୍ୟାନ୍ ସ୍ଥାନୀୟ ସ୍ୱେସ୍ ଛକ ନିକଟରେ ରିଙ୍ଗରୋଡର ଡିଭାଇଡର ଉପରକୁ ମାଡି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଖବରପାଇ ସେକ୍ଟର - ୭ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

# ପଞ୍ଚତତ୍ତ୍ୱ ପକ୍ଷରୁ 'ନାଗମଣ୍ଡଳ' ମଞ୍ଚସ୍ଥ






**ରାଉରକେଲା, ୯।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆରଏସପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ପଞ୍ଚତତ୍ତ୍ୱ ନାଟ୍ୟାନୁଷ୍ଠାନ ତରଫରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ନାଗମଣ୍ଡଳ'। ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ନାଟକ ସଂଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି, ମୁଖ୍ୟ ଦର୍ଶକ ଭାବେ ବିଶିଷ୍ଟ ଶ୍ରମିକ ନେତା ପ୍ରଶାନ୍ତ ବେହେରା ଯୋଗଥିଲେ। ପ୍ରାରମ୍ଭରେ ଏକତ୍ରର ଅନ୍ୟତମ ଉପଦେଷ୍ଟା ତଥା ନାଟ୍ୟ ବ୍ୟକ୍ତିତ୍ୱ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସୁଲିପ୍ତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ଇଂ ଜନ୍ମେଜୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହାପରେ ପଞ୍ଚତତ୍ତ୍ୱ ଅନୁଷ୍ଠାନ ପକ୍ଷରୁ ଇଂ ଜନ୍ମେଜୟ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ନାଗମଣ୍ଡଳ' ମଞ୍ଚସ୍ଥ ହୋଇଥିଲା। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ସ୍ୱାଗତସାଇ ଜ୍ୟୋତି ଘଡେଇ ଓ ସୌରଭ ମିଶ୍ର ଦେଇଥିଲେ। ରୂପ ସଜା କରିଥିଲେ ପ୍ରେମ, ମଞ୍ଚ ସଜ୍ଜା ପଞ୍ଚତତ୍ତ୍ୱ, ମଞ୍ଚ ପରିଚାଳନା କରିଥିଲେ ଶୁଭମ ସାମନ୍ତରାୟ। ନାଟକର ମୂଳ ରଚୟିତା ଗିରିଶ କର୍ଣ୍ଣଡ୍ ଥିବା ବେଳେ ଓଡ଼ିଆ ଭାଷାନ୍ତର କରିଛନ୍ତି ନିହାର ରଞ୍ଜନ ମିଶ୍ର। ରାଣୀ ଏକ ନିଷ୍ପାପ ଯୁବତୀ ବିବାହ କରେ ଅପର୍ଣ୍ଣା ନାମକ ଜଣେ ସାଧାରଣ ଗ୍ରାମ୍ୟ ପୁରୁଷଙ୍କୁ। ଅପର୍ଣ୍ଣା ନିଜକୁ ସ୍ୱାମୀ ଭାବି ରାଣୀ ଠାରୁ ଅନ୍ଧ ଆଜ୍ଞା ପାଳନ ଓ ନିଜର ସ୍ୱେଚ୍ଛାଚାର ଚାହାଁନ୍ତି। ସେ ରାଣୀକୁ ଘରର ଚାରି କାନ୍ଥ ଭିତରେ ବନ୍ଦୀ କରି ରଖେ। ରାଣୀର ସ୍ୱାଭାବିକ ସ୍ୱାଧୀନତା, କଳ୍ପନା ଓ କାମନା ସବୁ ଦବି ରହେ। ଏହି ପୁରୁଷ ପ୍ରଧାନ ସମାଜରେ ନାରୀର ଦମନ ସର୍ବତ୍ର ଦେଖାଯାଏ। କିନ୍ତୁ ରାଣୀର ଅବଚେତନ ମନରେ ଏକ ନାଗ ଜାଗ୍ରତ ହୁଏ। ସେ ନାଗ ହେଉଛି ରାଣୀର ଦମିତ ଇଚ୍ଛା, ମୁକ୍ତିର ଆକାଂକ୍ଷା ଓ ନିଜର ସ୍ୱତ୍ୱର ପ୍ରତୀକ। ନାଗ ରୂପରେ ସେ ପ୍ରେମ, ସ୍ପର୍ଶ ଓ ସମାନତାର ସ୍ୱାଦ ପାଇଲା। ଯେତେବେଳେ ଅପର୍ଣ୍ଣା ଏ ରହସ୍ୟ ଜାଣିବାକୁ ପାଇଲା, ସେ ନାଗକୁ ମାରିବାକୁ ଚେଷ୍ଟା କଲା। କିନ୍ତୁ ରାଣୀ ନାଗକୁ ବଞ୍ଚାଇ ନିଜ କେଶରେ ଲୁଚାଇ ରଖିଦେଲା। ଏହା ଏକ ଅତି ଶକ୍ତିଶାଳୀ ପ୍ରତୀକ ନାରୀ ନିଜ ଅସ୍ତିତ୍ୱ ଓ ସ୍ୱାଧୀନତାକୁ କେବେ ହଜାଇ ଦେବ ନାହିଁ, ସେ ତାକୁ ଗୋପନେ ହେଲେ ମଧ୍ୟ ସଜୀବ ରଖିବ। ଏପରି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ନାଗମଣ୍ଡଳ'। ବିଭିନ୍ନ ଭୂମିକାରେ ଶୁଭସ୍ମିତା ମହାନ୍ତି, ସ୍ମାରକ ଅନୁରାଗ ବାରିକ, ସୌମ୍ୟ ରଞ୍ଜନ ଦାଶ, ବନ୍ଦନା ପ୍ରଧାନ, ସୌମ୍ୟ ରଞ୍ଜନ ବାରିକ, ଅମିତ ପାଢ଼ୀ, ସଞ୍ଜୟ ପ୍ରଧାନ, ଅନ୍ୱେଷା ନାୟକ, କବିତା ମଲ୍ଲିକ, ଶୁଭଶ୍ରୀ ପ୍ରଧାନ, ବର୍ଷା କୁମାରୀ ଷଡ଼ଙ୍ଗୀ, ରାଜେଶ୍ୱରୀ ପଣ୍ଡା, ସଞ୍ଜନା ପତି, ନୈନା କୁମାରୀ, ଅଭିନାଶ ମହାପାତ୍ର, ଗୌରୀ ଶଙ୍କର ସୂର୍ଯ୍ୟ, ନାରାୟଣ ରାଉଳ, ପ୍ରେମ ନାଗ, ସ୍ୱାଭିମାନ ଭୋଇନା, କେପି ଶୁଭମ, ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ସ୍ୱାଇଁ ଚମତ୍କାର ଅଭିନୟ କରିଥିଲେ।

ଜନ୍ମଦିନର ଅଭିନନ୍ଦନ



ମନୋଜ କୁମାର ପ୍ରଧାନ
ଚେୟାରମ୍ୟାନ୍, କଳିଙ୍ଗ ଆବାସିକ ବିଦ୍ୟାଳୟ
ପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ପ୍ରମୋଦ ଭାଇ ଓ
ଦୁର୍ଗାପ୍ରସାଦ ପଣ୍ଡା, ଶିକ୍ଷକ
କଳିଙ୍ଗ ଆବାସିକ ବିଦ୍ୟାଳୟ

## ଘରେ ପଶି ଟଙ୍କା ଓ ଗହଣା ଚୋରି

**କୁଚିଣ୍ଡା, ୯ ।୧୨(ସମିସ):** ବାମରା ବ୍ଲକ କିନାବଗା ପଞ୍ଚାୟତ ଯୌତୁକବାହାଲ ଗ୍ରାମରେ ଜଣକ ଘରୁ ତାଲା ଭାଙ୍ଗି ସୁନା ଗହଣା ଚୋରି ହୋଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଯୌତୁକବାହାଲ ଗ୍ରାମର ଉପେନ୍ଦ୍ର ଛଛାନ ଗତ ପ୍ରାୟ ୧୫ ଦିନ ଆଗରୁ ନିଜ ଭଣଜା ବାହାଘର ପାଇଁ ରାଉରକେଲା ଯାଇଥିଲେ। ସୋମବାର ଦିନ ଫେରିବା ପରେ ତାଙ୍କ ଘର ପଛ ପଟ କବାଟ ଓ ଘର ଭିତରେ ଥିବା ଆଲମିରାର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଆଲମିରରେ ରଖିଥିବା ନଗଦ ୩୦ ହଜାର ଟଙ୍କା, ଦେଢ଼ କେଜି ରୁପା ଏବଂ କିଛି ସୁନା ଗହଣା ଚୋରି ହୋଇ ଯାଇଥିଲା। ଏନେଇ ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଇନ୍ସପେକ୍ଟର ଆଶିଷ କୁମାର ପ୍ରଧାନ ଘଟଣାର ତଦନ୍ତ ଦାୟିତ୍ୱ ତୁଲାଉଛନ୍ତି।

## ସାପ କାମୁଡ଼ାରେ ମହିଳା ଆହତ

**କୁଚିଣ୍ଡା, ୯ ।୧୨(ସମିସ):** ବାମରା ନିକଟ ତାଲଡିହି ଜାମପଡ଼ା ଠାରେ ସାପ କାମୁଡ଼ାରେ ଜଣେ ମହିଳା ଆହତ ହୋଇଥିବା ବେଳେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ତାଲଡିହି ଗ୍ରାମର ଚାରକା କାଣ୍ଡୁଲନାଙ୍କ ସ୍ତ୍ରୀ ସୁମାନୀ କାଣ୍ଡୁଲନା ସୋମବାର ଦିନ ପୋଖରୀକୁ ଯାଉଥିବା ବେଳେ ତାଙ୍କ ଗୋଡ଼କୁ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଫଳରେ ସେ ଅସୁସ୍ଥ ଅନୁଭବ କରିବାରୁ ସନ୍ଧ୍ୟାରେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଦୁର୍ଘଟଣାରେ ୨ ଗୁରୁତର

**କୁଚିଣ୍ଡା, ୯ ।୧୨(ସମିସ):** ବାମରା ନିକଟ ବାଦପଡ଼ା ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ଓ ଅନ୍ୟ ଜଣେ ଆହତ ହୋଇଥିଲେ।ଗୋବିନ୍ଦପୁର ପୁଲିସ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିବା ସୂଚନା ରହିଛି। ସୂଚନା ଅନୁସାରେ ବାମରା ବ୍ଲକ ଅନ୍ତର୍ଗତ ଗୁର୍ଲା ଗ୍ରାମର ଭୀକ୍ଷୁ ରାଉତ ଓ ଫିରୋଜ ରାଉତ ମଙ୍ଗଳବାର ଦିନ ଏକ ବାଇକ୍ ଯୋଗେ ରେଙ୍ଘାପଡ଼ାକୁ ଯାଇ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତି ଯୋଗୁଁ ବାଦପଡ଼ା ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଭିକ୍ଷୁ ଗୁରୁତର ଆହତ ହୋଇ ଥିବା ବେଳେ ଫିରୋଜ ଆହତ ହୋଇଛନ୍ତି।ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର ବେହେରା ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଭିକ୍ଷୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

# କିଡ଼୍ନୀ ରୋଗର ହଟ୍‌ସ୍ପଟ୍ ପାଲଟିଛି ବରଗଡ଼ ଜିଲ୍ଲା

**ବରଗଡ଼, ୯।୧୨(ସମିସ)**

ବରଗଡ଼ ଜିଲ୍ଲା କିଡିନୀ ରୋଗର ହଟ୍‌ସ୍ପଟ୍ ପାଲଟିଛି। ବରଗଡ଼ ବାସୀ ପାଣି ବଦଳରେ ବିଷ ପିଉଛନ୍ତି। ନଳକୂଅ ପାଣିରୁ ବ୍ୟାପୁଛି କିଡିନୀ ରୋଗ। ଜଳରେ ଥିବା ଭାରୀ ଧାତୁ ପାଇଁ କିଡନୀ ସମସ୍ୟା ଦେଖାଦେଉ ଥିବା ରିପୋର୍ଟରୁ ଜଣା ପଡ଼ିଥିବା ବେଳେ ସିଡିଏମଓ ମଧ୍ୟ ନଳକୂପ ପାଣିରୁ କିଡନୀ ରୋଗ ହେଉଥିବା କଥାକୁ ସ୍ୱୀକାର କରିଛନ୍ତି। ଗାଁ ଗାଁରୁ ବାହାରୁଛନ୍ତି ମାଳମାଳ କିଡ଼୍ନୀ ରୋଗୀ। କ୍ୟାନ୍‌ସର ପରେ ଏବେ ବରଗଡ଼ ଜିଲ୍ଲାକୁ ଘାରିଛି କିଡିନୀ ରୋଗ ଚିନ୍ତା। ପୂର୍ବ ସର୍ଭେ ଅନୁସାରେ ବରଗଡ଼ ଜିଲ୍ଲାର ଭେଡେନ, ଭଟିଲି, ଅତାବିରା, ବିଜେପୁର, ଗାଇସିଲେଟ ବ୍ଲକର ୧୬ଟିରୁ ଅଧିକ ଗାଁକୁ କିଡନୀ ହଟସ୍ପଟ ଗାଁ ଭାବେ ଚିହ୍ନଟ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏହି ସବୁ ଅଞ୍ଚଳରେ କିଡନୀ ରୋଗ ମୁଖ୍ୟତଃ ପାଣି ପାଇଁ ହେଉଥିବା ସ୍ୱଷ୍ଟ କରିଥିଲା। ପାଣି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଥିଲା। ସମ୍ବଲପୁର ୟୁନିଭରସିଟିର ଗବେଷଣାରୁ ପାଣିରେ ଥିବା ଭାରୀ ଧାତୁ ପାଇଁ ଲୋକଙ୍କ ଦେହରେ କିଡନୀ ସମସ୍ୟା ଦେଖାଦେଇଥିବା ତଥ୍ୟ ସାମ୍ନାକୁ ଆସିଛି। ବରଗଡ଼ ଜିଲ୍ଲାର ଭଟିଲି ବ୍ଲକ ବଉଲସିଂହା ଗାଁରେ କିଡନୀ ସମସ୍ୟା ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରାହୋଇଥିଲା। ଏପରିକି କିଡନୀ ରୋଗରେ ପିଲାକୁ ହରାଇଥିବା ବାପା ମା' ନିଜେ କିଡନୀ ରୋଗ ପାଇଁ ଚିକିତ୍ସିତ ହେଉଥିବା ଦେଖା ଦେଇଛି। ଗାଁର ନଳକୂଅପରୁ ପରୀକ୍ଷଣ ହୋଇ ଆସିଥିବା ପାଣିର ରିପୋର୍ଟରେ କ୍ଲୋରାଇଡ, ଫ୍ଲୋରାଇଡ, ଆମୋନିଆ, ସର୍ବାଧିକ ରହିଥିବା ଉଲେଖ ରହିଛି। କିଡନୀ ରୋଗପାଇଁ ଅଞ୍ଚଳରେ ଅନେକଙ୍କର ଜୀବନ ଯାଇଥିବା ବେଳେ ଏବେବି ଅନେକ ଆକ୍ରାନ୍ତ ରହିଛନ୍ତି। ଫଳରେ ଗାଁକୁ ସୁଦ୍ଧ ପାଣି ଯୋଗାଇବାକୁ ଦାବି ହୋଇଛି।

**ଜଳ ହୋଇଛି ଜହର**



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ



**ବରଗଡ଼, ୯।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ୩ଦିନ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ପ୍ରାୟ ୧୮୦୦ ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ କରିବେ।

ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ର ବିଶିଷ୍ଟ କ୍ରୀଡାବିତ ଜ୍ଞାନରଞ୍ଜନ ପୂଜାରୀ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପୂର୍ବଛାତ୍ର ମାନ୍ୟ ପ୍ରତୀକ ମହାରଣା, ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ପ୍ରତୀକ ମହାରଣା, ପରିଚାଳନା ସମିତିର ସଦସ୍ୟ ଡୋଳାମଣି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଲ କରିଥିଲେ।

ଉଦ୍‌ଘାଟନୀ ଖେଳରେ ଭାଇ ମାନଙ୍କର ୬୦୦ ମିଟର ଦୌଡକୁ ମୁଖ୍ୟ ଅତିଥି ଆରମ୍ଭ କରି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପର୍ଯ୍ୟାୟ ପ୍ରମୁଖ ତନୁଜା ପାଢ଼ୀ ପରିଚାଳନା କରିଥିଲେ।

## ଅସହାୟ ମହିଳାଙ୍କୁ ପରିବାରକୁ ହସ୍ତାନ୍ତର

**କୁଚିଣ୍ଡା, ୯ ।୧୨(ସମିସ):** ବାମରାସ୍ଥିତ ପଣ୍ଡରିପଥର କର୍ପୋରେସନ ନିକଟରୁ ସୋନପୁର ଜିଲ୍ଲା ଅଞ୍ଚଳର ନିଖୋଜ ଥିବା ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରି ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ଗତ ଶୁକ୍ରବାର ଦିନ ପଣ୍ଡରିପଥର କର୍ପୋରେସନ ନିକଟସ୍ଥ ରାସ୍ତାରେ ଜଣେ ଅସହାୟ ମହିଳା ପଡ଼ି ରହିଥିଲେ। ସ୍ୱେଚ୍ଛାସେବୀ ଗୋବିନ୍ଦପୁର ସରପଞ୍ଚଙ୍କୁ ଖବର ଦେଇଥିଲେ। ସୂଚନା ପାଇ ସରପଞ୍ଚ ବିମଲ ଲାକ୍ରାଙ୍କ ସମେତ ସେଲିବ୍ରେଟ ଲାଇଫର ସନ୍ଦୀପ ଖଣ୍ଡେଲୱାଲ, ଅମନ କନ୍ସଲ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତାଙ୍କ ଗୋଡ଼ରେ ପୋକ ଲାଗି ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଇଥିଲା। ଉଦ୍ଧାର ମହିଳା ଜଣକ ସୋନପୁର ଜିଲ୍ଲା ତରଭା ବ୍ଲକ କୁମୁଣ୍ଡେଗ୍ରାମର ଭୁତୁଲୁ ବାଘଙ୍କ ଝିଅ ବୁଧୁବାରୀ ବାଘ ବୋଲି ତାଙ୍କ ଆଧାରକାର୍ଡରୁ ଜଣାପଡ଼ିଥିଲା। ତାଙ୍କ ମାନସିକ ଅବସ୍ଥା ଭଲ ନଥିବା ଓ ସେ ଘରୁ ନିଖୋଜ ଥିବା ସୂଚନା ମିଳିଛି। ତାଙ୍କ ପାଖରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ ପରେ ତାଙ୍କ ଭାଇ ଗୋବିନ୍ଦପୁର ଡାକ୍ତରଖାନାକୁ ଆସି ତାଙ୍କୁ ନିଜ ଜିମାରେ ନେଇଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଷଡ଼ଙ୍ଗୀଙ୍କ ପରଲୋକ

**ବିଜେପୁର, ୯।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସହରର ଜମିଦାର ପଡ଼ାସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ଅଧିକାରୀ ଷଡ଼ଙ୍ଗୀଙ୍କ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା।



ପୂର୍ବରୁ ବିଜେପୁର ମହାବିଦ୍ୟାଳୟ ପରିଚାଳନା କମିଟିରେ ବିଭିନ୍ନ ପଦପଦବୀରେ ରହିଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ମହାବିଦ୍ୟାଳୟ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଜୟକୃଷ୍ଣ ମୁଖାଗ୍ନି ଦେଇଥିଲେ।

## ମହିଳା ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସଂଘ ବୈଠକ



**ସମ୍ବଲପୁର, ୯।୧୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅଭିଭାବକ-ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଭିଭାବକ-ଶିକ୍ଷକ ସଂଘର ଅଧିକାରୀ ପ୍ରଫେସର ଶୈଳଜା ମହାନନ୍ଦ, ସଦସ୍ୟା ଡଃ ସନ୍ଧ୍ୟାମୟୀ ସାହୁ, ଡଃ ରାକେଶ କୁମାର ସାହୁ ଓ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଅଧକ୍ଷା ପ୍ରଫେସର ମେହେର ସ୍ୱାଗତ ବକ୍ତବ୍ୟ ସହ ମହାବିଦ୍ୟାଳୟର ଥିବା ବିଭିନ୍ନ ଶୈକ୍ଷିକ ଓ ଅନୁସଙ୍ଗିକ ସୁବିଧା ଉପରେ ଆଲୋକପାତ କରି ସେମାନଙ୍କର ସମଯୋପଯୋଗୀ ସାହାଯ୍ୟ ଓ ସମର୍ଥନ ଆଶା କରିଥିଲେ। ପ୍ରଫେସର ମହାନନ୍ଦ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ସାହୁ ସଂଘର ଉଦ୍ଦେଶ୍ୟ ଓ ଆବଶ୍ୟକତା ଜ୍ଞାପନ କରିଥିଲେ। ବୈଠକରେ ଷାଠିଏରୁ ଊର୍ଦ୍ଧ୍ୱ ଅଭିଭାବକ ତଥା ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଭିଭାବକ ଅଭିଭାବିକା ମାନଙ୍କ କଲେଜ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ତଥା ଜିଜ୍ଞାସାର ଉତ୍ତର ଅଧକ୍ଷା, ଅଧିକାରୀ ତଥା ବିଭାଗୀୟ ମୁଖ୍ୟମାନେ ପ୍ରଦାନ କରିଥିଲେ। ପ୍ରଫେସର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ।

## ଗାଇସିଲେଟ ବ୍ଲକରେ ୫୯୮ ଜଣଙ୍କୁ ନୂତନ ଭତ୍ତା ଅନୁମୋଦନ

**ଗାଇସିଲେଟ, ୯।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ଦୀର୍ଘ ୨ ବର୍ଷ ହବ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମ ମାନେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଆସି ଅଭିଯୋଗ କରିଆସୁଥିଲେ। ଜିଲ୍ଲାପାଳ ଏନେଇ ସ୍ଥାନୀୟ ବିଡିଓଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ଜାଣିବା ପରେ ବିଡିଓ ଲକ୍ଷ୍ମଣ ମାଝୀ ତତ୍ପରତା ଦେଖାଇ ଏହାର ସମାଧାନ କରିବା ପାଇଁ ଅଣ୍ଟା ଭିଡିଥିଲେ। ଦୀର୍ଘଦିନରୁ ଅନଲାଇନ ଆବେଦନ କରିଥିବା ୧୯ଟି ପଞ୍ଚାୟତର ୨ଟି ପର୍ଯ୍ୟାୟରେ ୭୪୭ ଜଣ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ପଦ୍ମପୁର ଉପଜିଲ୍ଲାପାଳଙ୍କ ପାଖକୁ ପଠାଇଥିଲେ। ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୯୮ ଜଣ ହିତାଧିକାରୀଙ୍କ ଭତ୍ତା ଅନୁମୋଦନ ହୋଇସାରିଛି। ତେବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶିବାନୀ ଭୋଇ ଅନେକ ଲୋକଙ୍କ କାଗଜ ପତ୍ର ଅପଡେଟ ହୋଇ ନଥିବାରୁ ବାକିତକ ଦ୍ୱିତୀୟ ପର୍ଯ୍ୟାୟର ଖୁବ୍‌ଶୀଘ୍ର ହୋଇଯିବ ବୋଲି ପ୍ରକାଶ କରିଥିବା ବେଳେ ବିଡିଓ ମାଝୀ ତୁରନ୍ତ କାଗଜ ପତ୍ର କାମ ସରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଡିଓଙ୍କ ଏଭଳି କାର୍ଯ୍ୟ ସମସ୍ତଙ୍କ ଠାରୁ ପ୍ରଶଂସାର ପାତ୍ର ହୋଇଛି।

## ସୁରକ୍ଷା ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ଢାଞ୍ଚାରେ ପରିବର୍ତ୍ତନ

**ସମ୍ବଲପୁର, ୯।୧୨(ସମିସ):** ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ରାଜ ଆଠଗଡ଼ ଏବଂ ଜୋରନ୍ଦା ରୋଡ୍ ମଧ୍ୟରେ ତୃତୀୟ/ଚତୁର୍ଥ ଲାଇନର କାର୍ଯ୍ୟକ୍ଷମ ସହିତ ରାଜ ଆଠଗଡ଼ ଷ୍ଟେସନରେ ନନ୍-ଇଣ୍ଟରଲକିଂ (ଏନ୍‌ଆଇ) କାର୍ଯ୍ୟ ସହିତ ଜଡିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟର ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ, ଟ୍ରେନ ସେବାର ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି।

ଏଥିପାଇଁ କେତେକ ଟ୍ରେନ୍ ବାତିଲ୍ କରାଯାଇଛି। ତନ୍ମଧ୍ୟରେ ୧୮୪୨୧ ପୁରୀ-ସୋନପୁର ଏକ୍ସପ୍ରେସ୍ ୧୧ ଏବଂ ୧୮ ଡିସେମ୍ବରରେ ବାତିଲ ରହିବ। ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ୧୨ ଏବଂ ୧୯ ଡିସେମ୍ବରରେ ବାତିଲ ରହିବ। ୧୮୩୧୪ ଭୁବନେଶ୍ୱର ନୂତନ-ବୌଦ୍ଧ ଏକ୍ସପ୍ରେସ୍ ୧୫ ଡିସେମ୍ବରରେ ବାତିଲ ରହିବ। ୧୮୩୧୩ ବୌଦ୍ଧ-ଭୁବନେଶ୍ୱର ନୂତନ ଏକ୍ସପ୍ରେସ୍ ୧୫ ଡିସେମ୍ବରରେ ବାତିଲ ରହିବ।

କେତେକ ଟ୍ରେନ୍‌ର ଗତିପଥ ୧୦ରୁ ୨୦ ଡିସେମ୍ବର ପର୍ଯ୍ୟନ୍ତ ବଦଳ କରାଯାଇଛି। ୧୮୪୨୫ ପୁରୀ-ଦୁର୍ଗ ଏକ୍ସପ୍ରେସ ୧୧ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ପୁରୀ -ଖୋର୍ଦ୍ଧା ରୋଡ -ବିଜୟନଗରମ-ରାୟଗଡ଼ା - ଟିଟଲାଗଡ଼-ଲାଖୋଲି-ଦୁର୍ଗ ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ ୧୧ ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ଦୁର୍ଗ-ଲାଖୋଲି-ଟିଟଲାଗଡ଼-ରାୟଗଡ଼ା-ବିଜୟନଗରମ-ଖୋର୍ଦ୍ଧା ରୋଡ- ପୁରୀ ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୦୮୦୭ ବିଶାଖାପାଟନମ୍ - ଅମୃତସର ଏକ୍ସପ୍ରେସ ୧୨, ୧୩ ଓ ୧୬ ଡିସେମ୍ବରରେ ବିଶାଖାପାଟନମ୍-ବିଜୟନଗରମ୍-ରାୟଗଡ଼ା-ସମ୍ବଲପୁର-ଝାରସୁଗୁଡା ରୋଡ୍ - ଇବ ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୦୮୦୮ ଅମୃତସର - ବିଶାଖାପାଟନମ୍ ଏକ୍ସପ୍ରେସ୍ ୧୦, ୧୩, ୧୪ ଏବଂ ୧୭ ଡିସେମ୍ବରରେ ଇବ୍-ଝାରସୁଗୁଡା ରୋଡ୍-ସମ୍ବଲପୁର-ରାୟଗଡ଼ା - ବିଜୟନଗରମ - ବିଶାଖାପାଟନମ୍ ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୧୮୧୧୭ ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ୧୨ ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ରାଉରକେଲା-ସମ୍ବଲପୁର-ଟିଟଲାଗଡ଼-ସିଙ୍ଗାପୁର ରୋଡ- ବିଜୟନଗରମ ଦେଇ ଡାଇଭରଟେଡ଼ ମାର୍ଗରେ ଚଳାଚଳ କରିବ। ୧୮୧୧୮ ଗୁଣପୁର - ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ୧୨ ରୁ ୨୦ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବିଜୟନଗରମ - ସିଙ୍ଗାପୁର ରୋଡ - ଟିଟଲାଗଡ଼-ସମ୍ବଲପୁର-ରାଉରକେଲା ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୦୮୩୧ ଶାଲିମାର - ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ୧୫, ୧୭ ଏବଂ ୧୯ ଡିସେମ୍ବରରେ ଖଡଗପୁର-ଟାଟାନଗର - ଝାରସୁଗୁଡା-ସମ୍ବଲପୁର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୦୮୩୨ ସମ୍ବଲପୁର - ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ ୧୪, ୧୬ ଏବଂ ୧୮ ଡିସେମ୍ବରରେ ସମ୍ବଲପୁର-ଝାରସୁଗୁଡା -ଟାଟାନଗର - ଖଡଗପୁର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୨୮୦୩ ଶାଲିମାର - ସମ୍ବଲପୁର ସୁପରଫାଷ୍ଟ ଏକ୍ସପ୍ରେସ ୧୩ ଡିସେମ୍ବରରେ ଖଡଗପୁର-ଟାଟାନଗର-ଝାରସୁଗୁଡା-ସମ୍ବଲପୁର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୨୮୦୪ ସମ୍ବଲପୁର-ଶାଲିମାର ସୁପରଫାଷ୍ଟ ଏକ୍ସପ୍ରେସ ୧୨ ଏବଂ ୧୯ ଡିସେମ୍ବରରେ ସମ୍ବଲପୁର-ଝାରସୁଗୁଡା-ଟାଟାନଗର-ଖଡଗପୁର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୦୨୮୩୧ ଧନବାଦ୍-ଭୁବନେଶ୍ୱର ସ୍ପେଶାଲ୍ ୧୨ ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ରାଉରକେଲା-ରାଜଖରସୱାନ୍-ଜାରୋଲି-ନୟାଗଡ଼-ଜଖପୁରା-କଟକ-ଭୁବନେଶ୍ୱର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୦୨୮୩୨ ଭୁବନେଶ୍ୱର-ଧନବାଦ୍ ସ୍ପେଶାଲ୍ ୧୧ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱର-କଟକ-ଜଖପୁରା - ନୟାଗଡ଼-ଜାରୋଲି-ରାଜଖରସୱାନ୍-ରାଉରକେଲା ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୨୮୦୫ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ ସୁପରଫାଷ୍ଟ ଏକ୍ସପ୍ରେସ ୧୩ ଡିସେମ୍ବରରେ ଭୁବନେଶ୍ୱର - ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ-ଜାଜପୁର କେଉଁଝର ରୋଡ-ଭଦ୍ରକ-ହିଜଲି-ଟାଟାନଗର ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ। ୨୨୮୦୬ ଆନନ୍ଦ ବିହାର ଟର୍ମିନାଲ୍-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ୧୫ ଡିସେମ୍ବରରେ ଟାଟାନଗର-ହିଜଲି-ଭଦ୍ରକ-ଯାଜପୁର କେଉଁଝର ରୋଡ-କପିଳାସ ରୋଡ - ନରାଜ ମାର୍ଥାପୁର - ବାରଙ୍ଗ ଦେଇ ଡାଇଭରଟେଡ ମାର୍ଗରେ ଚଳାଚଳ କରିବ।

# ଗନ୍ଧମାର୍ଦ୍ଦନକୁ ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସାଂସଦଙ୍କ ଦାବି

**ପଦ୍ମପୁର, ୯।୧୨(ସମିସ)**



ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକରେ ବିସ୍ତୃତ ଗନ୍ଧମାର୍ଦ୍ଦନ ପର୍ବତ ରହିଛି। ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଏବଂ ପ୍ରାସଙ୍ଗିକ ଏମଓଇଏଫସିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ସମଗ୍ର ଅଞ୍ଚଳକୁ ପରିବେଶଗତ ଭାବେ ସମ୍ବେଦନଶୀଳ ଅଞ୍ଚଳ (ଇଏସଜେଡ୍) ଭାବେ ଘୋଷଣା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦାବି କରିଛନ୍ତି। ସାଂସଦ ଉଲ୍ଲେଖ କରିଛନ୍ତି ଯେ ଗନ୍ଧମାର୍ଦ୍ଦନ ଜୈବ ବିବିଧତାର ଏକ ଭଣ୍ଡାର, ଏହା ବିରଳ ଔଷଧୀୟ ଉଦ୍ଭିଦ, ପବିତ୍ର ଉପବନ ଏବଂ ଅନନ୍ୟ ଜଙ୍ଗଲ ପରିସଂସ୍ଥାର ଆଶ୍ରୟସ୍ଥଳ। ହଜାର ହଜାର ଆଦିବାସୀ ପରିବାର ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ପାଇଁ ଏହା ସହାୟକ ହୋଇ ଆସିଛି। ଏହି ପର୍ବତ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀଙ୍କ ପାଇଁ ଏକ ପ୍ରାକୃତିକ ବାସସ୍ଥାନ। ଅଞ୍ଚଳଟି ଗଭୀର ସାଂସ୍କୃତିକ ଏବଂ ଐତିହାସିକ ଗୁରୁତ୍ୱ ମଧ୍ୟ ବହନ କରେ। ଯାହାର ଉଲ୍ଲେଖ ପ୍ରାଚୀନ ଶାସ୍ତ୍ରଗୁଡିକରେ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଦୃଢ଼ ପାରମ୍ପରିକ ସମ୍ପର୍କ ମିଳିଥାଏ। ତେଣୁ ଏହି ଅଞ୍ଚଳକୁ ଖଣି, ଖଣି ଖନନ, ବଡ ଧରଣର ଜଙ୍ଗଲ କ୍ଷୟ ଏବଂ ଅନ୍ୟାନ୍ୟ ପରିବେଶଗତ ଭାବେ ବିପର୍ଯ୍ୟସ୍ତ ହସ୍ତକ୍ଷେପ ଭଳି ଅନିୟନ୍ତ୍ରିତ କାର୍ଯ୍ୟକଳାପରୁ କଠୋର ସୁରକ୍ଷା ଆବଶ୍ୟକ। ମନ୍ତ୍ରଣାଳୟର ପ୍ରତିଷ୍ଠିତ ପ୍ରକ୍ରିୟା ଅନୁଯାୟୀ, ପରିବେଶଗତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂଦୃଶ୍ୟଗୁଡିକୁ ପରିବେଶ (ସୁରକ୍ଷା) ଆଇନ୧୯୮୬ ଅଧୀନରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ଇଏସଜେଡ ଭାବେ ଘୋଷଣା କରାଯାଇଛି। ପ୍ରାୟତଃ ରାଜ୍ୟ ଜଙ୍ଗଲ ଏବଂ ପରିବେଶ ବିଭାଗ ସହିତ ସମନ୍ୱୟରେ ଏପରି ଘୋଷଣା ଭୂମି ବ୍ୟବହାରକୁ ନିୟନ୍ତ୍ରଣ କରିବା, ଜୈବ ବିବିଧତା ସଂରକ୍ଷଣ କରିବା ଏବଂ ସ୍ଥାନୀୟ ଲୋକଙ୍କ ଅଧିକାର ଏବଂ ଜୀବିକାକୁ ଅଣଦେଖା ନକରି ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ପାଇଁ ଏକ ଦୃଢ଼, ଆଇନଗତ ଭାବେ ପ୍ରବର୍ତ୍ତନ ଯୋଗ୍ୟ ଢ଼ାଞ୍ଚା ପ୍ରଦାନ କରିବ। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଗନ୍ଧମାର୍ଦ୍ଦନ ପର୍ବତକୁ ଏକ ଇଏସଜେଡ ଭାବେ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କେବଳ ଏହାର ପରିବେଶଗତ ଅଖଣ୍ଡତାକୁ ସୁରକ୍ଷିତ କରିବ ନାହିଁ ବରଂ ପଶ୍ଚିମ ଓଡ଼ିଶାରେ ପରିବେଶ ପର୍ଯ୍ୟଟନ, ଗବେଷଣା ଏବଂ ଦୀର୍ଘକାଳୀନ ପରିବେଶଗତ ସନ୍ତୁଳନକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପକୁ ବରଗଡ଼ର ଲୋକମାନେ ବିଶେଷକରି ପାଇକମାଲ ଏବଂ ଏହାର ଆଖପାଖରେ ରହୁଥିବା ସମ୍ପ୍ରଦାୟ ମାନଙ୍କ ପାଇଁ ଲାଭପ୍ରଦ ହେବ ଯେଉଁମାନେ ପିଢ଼ି ପରେ ପିଢ଼ି ଏହି ଜଙ୍ଗଲକୁ ସୁରକ୍ଷା ଦେଇ ଆସିଛନ୍ତି। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସହିତ ପରାମର୍ଶ କରି ଗନ୍ଧମାର୍ଦ୍ଦନ ପର୍ବତକୁ ଏକ ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ଆବଶ୍ୟକୀୟ ମୂଲ୍ୟାଙ୍କନ ଏବଂ ବିଜ୍ଞପ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଶ୍ରୀ ପୁରୋହିତ ଅନୁରୋଧ କରିଛନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି**

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

# କଟକ ସିଟି















## ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ



# କମ୍ପିଲା ବାରବାଟୀ

### ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟିଲେ ବ୍ରହ୍ମାନନ୍ଦ



ଷ୍ଟାଡିୟମ ବାହାରେ ଜଣେ ବ୍ୟକ୍ତିଙ୍କ ନିଆରା ମେସେଜ୍ ବେଶ୍ ଚର୍ଚ୍ଚାରେ ରହିଥିଲା। କାମ୍ବ୍ରିଜ୍ ସ୍କୁଲ ପଟୁ ହର୍ସ ଗେଟ୍ ଆଡ଼କୁ ଥିବା ଷ୍ଟାଡିୟମ ସଂଲଗ୍ନ ରାସ୍ତାରେ ବ୍ରହ୍ମାନନ୍ଦ ଆଚାର୍ଯ୍ୟ ବୁଲୁଥିଲେ। ହାତରେ ଥିଲା ପ୍ଲାଷ୍ଟିକ୍ ବନ୍ଧୁକ। ବେକରେ ଏକ ନାଲି ଜରି ଝୁଲିଥିଲା। ଆଉ ଗୋଟିଏ ଏକ ସୁନ୍ଦର ଶାନ୍ତିବାର୍ତ୍ତା ଲେଖାଥିବା ପ୍ଲାକର୍ଡ ରହିଥିଲା। ତାଙ୍କୁ ଟିଏ ଦେଖୁଥିଲା ଘଡ଼ିଏ ଅଟକୁଥିଲା। ଗୋଟିଏ ସେଲ୍‌ଫି ନେବା ପରେ ତାଙ୍କୁ ଛାଡୁଥିଲା। ତେବେ ବ୍ରହ୍ମାନନ୍ଦ ବିଶ୍ୱରେ ଶାନ୍ତି ବଜାୟ ରଖିବା ପାଇଁ ଏକ ବାର୍ତ୍ତା ପ୍ରଚାର କରୁଥିଲେ। ଅପରେସନ୍ ସିନ୍ଦୂର-୨୦୨୫ ଏବଂ ଅପରେସନ୍ ପିସ୍(ଶାନ୍ତ)-୨୦୨୬ ତାଙ୍କ ହାତରେ ଥିବା ପ୍ଲ-କାର୍ଡରେ ଛପା ଯାଇଥିଲା। ଶାନ୍ତି ଏବଂ ପ୍ରେମର ବାର୍ତ୍ତା ବାଣ୍ଟୁଥିବା ବ୍ରହ୍ମାନନ୍ଦ ଗଞ୍ଜାମର କବିସୂର୍ଯ୍ୟନଗରରୁ ଆସିଥିଲେ। ଦେଶ ଏବଂ ଦେଶ ମଧ୍ୟରେ ଯୁଦ୍ଧ ନୁହେଁ ବରଂ ଖେଳ ମାଧ୍ୟମରେ ଲଢ଼େଇ ହେବା ଜରୁରୀ ବୋଲି ସେ କହିଛନ୍ତି।

### ଗ୍ୟାଲେରୀ ନଂ ୬: ସିଟ୍‌ଠାରୁ ପାସ୍ ବଳିଗଲା

କଟକ ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଟିକଟ ବଣ୍ଟନ କେଳେଙ୍କାରୀ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଏଥର ମଧ୍ୟ ବାଦ୍ ପଡ଼ିନି। ପାସ୍‌ଧାରୀଙ୍କ ପାଇଁ ଗ୍ୟାଲେରୀ ନଂ ୬ ଉଦ୍ଦିଷ୍ଟ ଥିବା ବେଳେ ଏଠାରେ ମଙ୍ଗଳବାର ଟ-୨୦ ମ୍ୟାଚ୍ ପାଇଁ ଅଧିକ ସଂଖ୍ୟାରେ ପାସ୍ ବଣ୍ଟନ କରାଯାଇଥିଲା। ଯା’ଫଳରେ ମ୍ୟାଚ୍ ଆରମ୍ଭ ହେବାର ଘଣ୍ଟାଏ ପରେ ମଧ୍ୟ ଏହି ଗ୍ୟାଲେରୀକୁ ପାସ୍ ଧରି ଧାଡ଼ି ବାନ୍ଧି ରହିଥିଲେ ଦର୍ଶକ। ଏହି ଗ୍ୟାଲେରୀ ପାଇଁ ପାସ୍ ବଣ୍ଟନରେ ଅନିୟମିତତା ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହାଦ୍ୱାରା ବାରବାଟୀ ଗ୍ୟାଲେରୀରେ ଦର୍ଶକଙ୍କ ସୁବିଧାକୁ ନେଇ ପରିଚାଳନା ଅବ୍ୟବସ୍ଥା ଦେଖାଯାଇଛି।

### ଚର୍ଚ୍ଚାରେ ‘କ୍ୟାପ୍-ମ୍ୟାନ୍’



ପଡ଼ିଆ ବାହାରେ ଚର୍ଚ୍ଚାରେ ରହିଥିଲେ କ୍ୟାପ୍-ମ୍ୟାନ୍। ସେ ହାତରେ ଧରିଥିବା ଗୋଟିଏ ସୂଚନା ତାଙ୍କୁ ବାସ୍ କିଛି ସମୟ ପାଇଁ ଚର୍ଚ୍ଚାରେ ରଖାଇଥିଲା। ତାଙ୍କ ପାଖରେ ଏକାଧିକ ଦର୍ଶକ ଛିଡ଼ା ହୋଇ ଫଟୋ ଉଠାଉଥିଲେ। ସେ ତାଙ୍କ ବ୍ୟାନ୍‌ରରେ ଲେଖିଥିଲେ ଯେ, ‘ଟି-ଟ୍ୱେଣ୍ଟି ହିଟ୍ସ ସିକ୍ସ: ଟ୍ରି ହିଟ୍ସ ପଲ୍ୟୁସନ୍’। ସବୁଜ ସୁନ୍ଦର ବାର୍ତ୍ତାଟି ଦର୍ଶକଙ୍କ ମହଲରେ ବେଶ୍ ଆଦୃତ୍ତ ହୋଇଥିଲା। ଚାରା ରୋପଣ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏକାଧିକ ଦର୍ଶକ ତାଙ୍କର ଏହି କାର୍ଯ୍ୟକୁ ଭିଡ଼ ଭିତରେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଥିଲା।

### ଭିନ୍ନ ଜଣେ ପ୍ରଶଂସକ ସଞ୍ଜୟ

କ୍ରିକେଟରମାନଙ୍କ ଜୀବନରେ ଉତଥାନ-ପତନ ଥାଏ। ଆଘାତଜନିତ ସମସ୍ୟା ବେଳେବେଳେ କିଛି ଖେଳାଳିଙ୍କ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଥିବା ନଜିର ମଧ୍ୟ ରହିଛି। ତେବେ ଖେଳାଳିମାନଙ୍କ ଅସହାୟ ସମୟକୁ ଫଟୋ ଫ୍ଲେକ୍ସରେ ସ୍ଥାନ ଦେଇ ଆଜି ବାରବାଟୀର ଭିଡ ଭିତରେ ଦେଖିବାକୁ ମିଳିଥିଲେ ଖୋର୍ଦ୍ଧାର ସଞ୍ଜୟ। ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ଅନୀଲ କୁମ୍ବଲେଙ୍କ ଠାରୁ ଆରମ୍ଭ କରି ଭାରତୀୟ ଦଳର କିମ୍ବଦନ୍ତୀ ଖେଳାଳିମାନଙ୍କ ଆହତ ସମୟର ଫଟୋ ତାଙ୍କ ଫ୍ଲେକ୍ସରେ ପ୍ରତିଫଳିତ ହେଉଥିଲା। ଏଭଳି ଫଟୋକୁ ସ୍ଥାନ ଦେବା ବିଷୟରେ ସଞ୍ଜୟ କହିଥିଲେ କି, ସେ ଜଣେ ପ୍ରକୃତ କ୍ରିକେଟ ଫ୍ୟାନ୍। କେବଳ ଛକା କି ୱିକେଟରେ ତାଳି ମାରନ୍ତି ନାହିଁ। ଖେଳାଳିଙ୍କୁ ଭଲ ପାଆନ୍ତି। ସବୁ ପରିସ୍ଥିତିରେ ତାଙ୍କ ପାଇଁ ଶୁଭ ମନାସନ୍ତି। କ୍ରିକେଟର ତରିକା ଦିନକୁ ଦିନ ବଦଳୁଥିବଲ ସୁଦ୍ଧା ସଞ୍ଜୟ ଜଣେ ଭିନ୍ନ ଧରଣର ପ୍ରଶଂସକ ବୋଲି ତାଙ୍କ କଥାରୁ ସ୍ପଷ୍ଟ ଭାବେ ବାରି ହୋଇ ପଡୁଥିଲା।

**କଟକ, ୯ ।୧୨(ସମିସ)**

ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ କଟକରେ ଜମିଥିଲା କ୍ରିକେଟ୍ କ୍ରେଜ୍। ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ କମ୍ପିଥିଲା ବାରବାଟୀ। ରୌପ୍ୟନଗରୀ ହୋଇ ଉଠିଥିଲା କ୍ରିକେଟ୍‌ମୁଖର। ସାରା ସହରକୁ ଧରିଥିଲା କ୍ରିକେଟ୍ ଫିବର୍। ଷ୍ଟାଡିୟମ ବାହାରେ ଦର୍ଶକଙ୍କ କ୍ରିକେଟ୍ ପ୍ରେମ ଦେଖିବାକୁ ମିଳିଥିଲା। ଦେହରେ ଟିମ୍ ଇଣ୍ଡିଆର ଜର୍ସି। ମୁହଁରେ ଜାତୀୟ ପତାକାର ଚିତ୍ର। ମୁଣ୍ଡରେ ରଙ୍ଗୀନ ୱିଗ୍। ହାତରେ ଜାତୀୟ ପତାକା ଧରି ଫ୍ୟାନ୍ସମାନେ ଷ୍ଟାଡ଼ିୟମ ଭିତରକୁ ପ୍ରବେଶ କରିଥିଲେ। ଫ୍ୟାନ୍ସଙ୍କ ଭିତରେ ଦେଖିବାକୁ ମିଳିଥିଲା ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା। ଯୋବ୍ରା ମାଲଗୋଦାମ ଥାନାଠାରୁ ଡିସିପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରିଂ ରୋଡ୍, ଜୁଡିସିଆଲ୍ ଏକାଡେମୀ ଛକଠାରୁ କ୍ୟାଣ୍ଟନ୍‌ମେଣ୍ଟ ଥାନା ପର୍ଯ୍ୟନ୍ତ ରିଂରୋଡ୍‌ରେ ଅପରାହ୍ଣ ୪ଟା ପରେ ଭିଡ଼ ବଢ଼ିଥିଲା। ଠିକ୍ ୫ଟା ସୁଦ୍ଧା ଷ୍ଟାଡିୟମ ସଂଲଗ୍ନ ସମସ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ଷ୍ଟାଡିୟମ ବାହାରେ ଦର୍ଶକଙ୍କ ଖଚାଖଚ୍ ଭିଡ଼ ଲାଗି ରହିଥିଲା। ଯଦିଓ ସନ୍ଧ୍ୟା ୬ଟା ୩୦ରେ ଟସ୍ ପଡ଼ିଥିଲା, ଏହାପୂର୍ବରୁ ଷ୍ଟାଡିୟମ ବାହାରେ ଦର୍ଶକଙ୍କ ଭିଡ଼ରେ କିଲ୍ଲା ପଡ଼ିଆ ଉଚ୍ଛୁଳି ଉଠିଥିଲା। ତଳପଡ଼ିଆରେ ପାଦ ରଖିବାକୁ ଜାଗା ନଥିଲା। ପଡ଼ିଆରେ ଭିତରେ ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବା ସମୟରେ ମଧ୍ୟ ଷ୍ଟାଡିୟମ ବାହାର ଗହଳି ଭାଙ୍ଗି ନଥିଲା। ପୁଲିସ ଆକଳନ ଅନୁଯାୟୀ, ୩୦ହଜାରରୁ ଅଧିକ ଦର୍ଶକ ପଡ଼ିଆ ବାହାରେ ଗହଳି କରିଥିଲେ।



ଯେଉଁମାନେ ଟିକେଟ୍ ନପାଇ ଷ୍ଟାଡିୟମ୍ ଭିତରକୁ ଯାଇ ପାରି ନଥିଲେ, ସେମାନେ କିଲ୍ଲାପଡ଼ିଆରେ ଓସିଏ ପକ୍ଷରୁ ଲଗାଯାଇଥିବା ୨ଟି ବଡ଼ବଡ଼ ଏଲିଇଡି ସ୍କ୍ରିନ୍‌ରେ ମ୍ୟାଚ୍ ଉପଭୋଗ କରିଥିଲେ। ଏହି ଲାଇଭ୍-ସ୍କ୍ରିନିଂ ଦେଖିବାକୁ ଦର୍ଶକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଷ୍ଟାଡିୟମ ବାହାରେ ଦର୍ଶକଙ୍କୁ ସମ୍ଭାଳିବାକୁ ପୁଲିସ ନାକେଦମ୍ ହୋଇଥିଲା। ଷ୍ଟାଡିୟମ ବାହାରେ ଟିକଟ୍ ବ୍ଲାକର୍‌ଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ତେବେ ଅପରାହ୍ଣ ୩ଟାରୁ ଷ୍ଟାଡିୟମ ନିକଟସ୍ଥ ଅଞ୍ଚଳରେ ଟିକେଟ୍ ବ୍ଲାକ୍ ହେଉଥିବା ଖବର ମିଳିବା ପରେ ଉଭୟ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ, ଦରଘବଜାର ଥାନା ପୁଲିସ ଓ ସ୍ପେସାଲ୍ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ ଜାରି ରହିଥିଲା। ୧୧ଜଣ ଟିକେଟ୍ ବ୍ଲାକ୍‌ରଙ୍କୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ବାଲିଯାତ୍ରା ଉପର ପଡ଼ିଆ ରିଂ ବନ୍ଦ ଭିଆଇପିମାନେ ଗାଡ଼ି ପାର୍କିଂ କରିଥିଲେ। ବାଲିଯାତ୍ରା ତଳ ପଡ଼ିଆରେ(ରିଂ ବନ୍ଧ) ସାଧାରଣ ଦର୍ଶକ ପାର୍କିଂ କରିଥିବା ବେଳେ ସେଠାରେ ଅବ୍ୟବସ୍ଥା ଲାଗି ରହିଥିଲା। ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଗାଡ଼ି ରଖିବା ଓ ବାହାର କରିବାକୁ ନେଇ ପୁଲିସକୁ ମଧ୍ୟ ନାକଦେମ ହେବାକୁ ପଡ଼ିଥିଲା। କ୍ରିକେଟ୍ ଏକାଡେମୀ ପଡ଼ିଆ ୱାଇଏମ୍‌ସିଏ ରାସ୍ତା କଡ଼ରେ ଓସିଏ ସଦସ୍ୟ ପାର୍କିଂ କରିଥିଲେ। ହର୍ସଗେଟ୍ ସାମ୍ନା ତିନିକୋଣିଆସ୍ଥାନ କିଲ୍ଲାଫୋର୍ଟ ରାସ୍ତା ପାସ୍‌ଧାରୀ/ ଭିଆଇପିମାନେ ପାର୍କିଂ କରିଥିଲେ। ଓସିଏ କ୍ଲବ୍ ଜାଭିୟର୍ସ ସ୍କୁଲ ପାର୍କିଂ ମଧୁସୂଦନ ସେତୁ ରାସ୍ତା ଭିଆଇପି/ ପାସ୍‌ଧାରୀ ଓ ଜାଭିୟର ସ୍କୁଲ ଗେଟ୍-୧୪ ଭିଆଇପି/ ପାସ୍‌ଧାରୀ ପାର୍କିଂ କରିଥିବା ବେଳେ ସେଠାରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା।

ପୁଲିସ ସୂଚନା ଅନୁସାରେ, ଷ୍ଟାଡିୟମର ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ମୋଟ ୯ ଜଣ ଅତିରିକ୍ତ ଏସ୍‌ପି, ୪୦ ଜଣ ଡିଏସ୍‌ପି, ୬୫ ଜଣ ଇନ୍ସପେକ୍ଟର, ୩୨୫ ଜଣ ଏସ୍‌ଆଇ, ୩୮ ହାବିଲଦାର/କନଷ୍ଟେବଲ, ୨୦୮ ଏପିଆର୍ କନଷ୍ଟେବଲ, ୭୩ ମହିଳା କନେଷ୍ଟବଳଙ୍କ ସମେତ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ। ଏହାସହ ୧ ୟୁନିଟ୍ ଓଡ୍ରାଫ୍ ଓ ୨ ୟୁନିଟ୍ ଏସ୍‌ଟିୟୁ ମଧ୍ୟ ଡ୍ୟୁଟି କରିଥିଲେ। ଡଗ ସ୍କ୍ୱାଡ, ବମ ସ୍କ୍ୱାଡ, ସ୍ପେସାଲ ଟାକ୍ଟିକାଲ ୟୁନିଟ ଓ ଟ୍ରାଫିକ ପୁଲିସ କର୍ମଚାରୀ ଷ୍ଟାଡିୟମରେ ନିୟୋଜିତ ହୋଇଥିଲେ। ବିନା ଟିକେଟରେ ଦର୍ଶକଙ୍କ ପ୍ରବେଶ ରୋକିବା ଓ ପଡ଼ିଆକୁ କୌଣସି ଅଦରକାରୀ ଜିନିଷରୁ ଦୂରରେ ରଖିବା, ଦର୍ଶକଙ୍କୁ ଠିକ ଢଙ୍ଗରେ ଯାଞ୍ଚ କରିବା ଓ ଆପାତକାଳୀନ ସ୍ଥିତିକୁ ମୁକାବିଲା କରିବା ପାଇଁ ନିଜକୁ ପ୍ରସ୍ତୁତ ରଖିବା ଦିଗରେ କଟକ ପୁଲିସ ଗୁରୁତ୍ୱ ଦେଇଥିଲା। ଖେଳ ସମୟରେ ସନ୍ଦିଗ୍ଧ ଆତଙ୍କବାଦୀ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ୟୁନିଟ କାର୍ଯ୍ୟ କରିଥିବା ବେଳେ ମ୍ୟାଚ୍ ପରିଚାଳନା ଠିକ୍ ଭାବେ କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।













- ଅଧଘଣ୍ଟା ବିଳମ୍ବରେ ଖୋଲିଲା ଗ୍ୟାଲେରୀ ଫାଟକ
- ବିଧାୟକ-ପୁଲିସ କଥା କଟାକଟି
- ଅପରାହ୍ଣ ୪ ପରେ ଷ୍ଟାଡିୟମ୍‌କୁ ସବୁ ରାସ୍ତା ଜାମ୍
- ଗାଡ଼ି ଷ୍ଟାଣ୍ଡରେ ପ୍ରବଳ ଅବ୍ୟବସ୍ଥା: ବାହାରେ ଟିକଟ୍ ଦଲାଲଙ୍କ ଦୌରାତ୍ମ୍ୟ; ୧୧ ଅଟକ

- ଦର୍ଶକଙ୍କ ଗାଲରେ ବଲ୍ ବାଜିଲା; କ୍ଷମା ମାଗିଲେ ପାଣ୍ଡ୍ୟା
- ଟିମ୍ ଇଣ୍ଡିଆ ଜର୍ସି, ମୁହଁରେ ଜାତୀୟ ପତାକା
- ୨ ମିନିଟ୍‌ର ଫ୍ଲଡ୍ ଲାଇଟ୍ ଶୋ’
- ବାରବାଟୀରେ ପାଣ୍ଡ୍ୟା ଶୋ’



## ‘ଆମ ବସ୍’ରେ ଟିକଟ ଦରକୁ ନେଇ ଅସନ୍ତୋଷ

**କଟକ, ୯ ।୧୨(ସମିସ):** ଟି-୨୦ମ୍ୟାଚ୍ ପାଇଁ କ୍ରୁଟ୍ ପକ୍ଷରୁ ଦର୍ଶକଙ୍କ ନିମନ୍ତେ ସ୍ୱତନ୍ତ୍ର ବସ୍ ଚଳାଚଳ କରୁଥିଲା। ପ୍ରତି ୨୦ମିନିଟ୍ ଅନ୍ତରରେ ବାରବାଟୀ ଷ୍ଟାଡ଼ିୟମକୁ ମୋ ବସ୍ ଆସୁଥିଲା। ଏହି ସେବା ଅପରାହ୍ଣରୁ ଜାରି ରହିଥିବା ବେଳେ ବସ୍ ଟିକଟ୍‌କୁ ଯାତ୍ରୀ ଅସନ୍ତୋଷ ଦେଖିବାକୁ ମିଳିଥିଲା। ମୋ ବସ୍ ପକ୍ଷରୁ ଯାତ୍ରୀଙ୍କଠାରୁ ମନଇଚ୍ଛା ଦର ନିଆଯାଇଥିବା ଅଭିଯୋଗ ହୋଇଛି। କଟକ ରେଳ ଷ୍ଟେସନରୁ ସିଏନ୍‌ବିଟି ଏବଂ ବାରବାଟୀ ଷ୍ଟାଡ଼ିୟମ ଅଞ୍ଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହୋଇଥିବା ବେଳେ ଏହା ଫେଲ୍ ମାରିଥିଲା।

ମ୍ୟାଚ୍ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେସନରୁ ଏହି ସଟଲ୍ ସେବା ଆରମ୍ଭ ହୋଇଥିଲା। ମ୍ୟାଚ୍ ଶେଷ ପରେ, ଟ୍ରାଫିକ୍ ପ୍ରବାହକୁ ଧ୍ୟାନରେ ରଖି ବାରବାଟୀ ଷ୍ଟାଡିୟମରୁ ସଟଲ୍ ବସ୍ ସେବା ଜାରି ରଖାଯାଇଥିଲା। ସେହିପରି ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକମାନଙ୍କ ପାଇଁ ମ୍ୟାଚ୍ ଶେଷ ପରେ ୨ଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହୋଇଥିଲା। ଆମ ବସ ବାରବାଟୀ ଷ୍ଟାଡିୟମରୁ ବିଏସ୍‌ଏବିଟି, ବରମୁଣ୍ଡାକୁ ଯାଇଥିଲା। ବସ୍ ଜୁଡିସିଆଲ୍ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ କରିଥିବା ବେଳେ ଏହି ରୁଟ୍‌ରେ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଦ୍ୱିତୀୟ ବସ୍‌ଟି ବାରବାଟୀ ଷ୍ଟାଡିୟମରୁ ଭୁବନେଶ୍ୱର ରେଳଷ୍ଟେସନ୍‌କୁ ଯାଇଥିଲା। ଏହା ସିଏନ୍‌ବିଟି, ଲିଙ୍କ୍ ରୋଡ୍, ଜାତୀୟ ରାଜପଥରେ ଦେଇ ଚଳାଚଳ କରିଥିଲା। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ଫ୍ଲାଟ୍ ମୂଲ୍ୟ ୪୦ ଟଙ୍କା ରହିବ ଏବଂ ବସ୍‌ଗୁଡିକ ପ୍ରତି ୨୦ ମିନିଟ୍ ଅନ୍ତରରେ ଚାଲିଥିଲା। ଏହି ସ୍ୱତନ୍ତ୍ର ସେବାକୁ ବାଦ ଦେଲେ ଆମ ବସ୍ ରୁଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଓ କଟକ ମଧ୍ୟରେ ପୂର୍ବଭଳି ଚାଲୁ ରହିଥିଲା। ବାରବାଟୀ ଷ୍ଟାଡିୟମ୍‌ରୁ କଟକ ରେଳଷ୍ଟେସନ୍‌କୁ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ୍ ଏକାଡେମୀ, ସିଏନବିଟି, ବାଦାମବାଡି, ଲିଙ୍କ ରୋଡ୍ ଏବଂ ଓଏମପି ଛକ ଦେଇ ଯାତାୟାତ ହୋଇଥିଲା। ଏହି ରୁଟ୍‌ରେ ଚାଲୁଥିବା ବସ୍ ଗୁଡ଼ିକରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ପୂର୍ବ ନିଷ୍ପତ୍ତି ଅନୁସାରେ ରୁଟ୍-୧ରେ ବାରବାଟୀ ଷ୍ଟାଡିୟମରୁ ବିଏସଏବିଟି, ବରମୁଣ୍ଡା ବସ୍ ଚଳାଚଳ କରାଯାଇଥିଲା। ଏହା ଜୁଡିସିଆଲ୍ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ ହୋଇଥିଲା। ଏହିଭଳି ଭାବେ ୧୯ଟି ରୁଟ୍‌ରେ ସ୍ୱତନ୍ତ୍ର ବସ୍ ଚଳାଚଳ କରିଥିଲେ ମଧ୍ୟ ଭିଡ଼ ଓ ଚଢ଼ା ଦରରେ ଟିକଟ କାରଣ’ରୁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।


TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି**

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

ସକାଳ THE SAKALA



# ସାଂସ୍କୃତିକ ଶୋଭାଯାତ୍ରା ସହ ପଦ୍ମପୁର ଲୋକ ମହୋତ୍ସବ ଶୁଭାରମ୍ଭ

ପଦ୍ମପୁର, ୯।୧୨(ସମିସ)

ପଦ୍ମପୁର ସ୍ଥାନୀୟ ଟାଉନ୍ କ୍ଲବ୍ ଦ୍ୱାରା ଆୟୋଜିତ ଲୋକ ମହୋତ୍ସବର ପଞ୍ଚମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକାରଙ୍କୁ ଏକତ୍ରିତ କରି ବୋଡାସମ୍ବର ଅଞ୍ଚଳ ତଥା ଓଡ଼ିଶା ଓ ଭାରତର ବିଭିନ୍ନ ପ୍ରାନ୍ତର ସଂସ୍କୃତିକୁ ବିଶ୍ୱ ଦରବାରକୁ ପହଞ୍ଚାଇବା ମହୋତ୍ସବର ଉଦ୍ଦେଶ୍ୟ ରହିଛି। ସ୍ଥାନୀୟ ଲୋକ ସଂସ୍କୃତି ପରମ୍ପରା, ଲୋକ ନୃତ୍ୟ, ଗୀତ ସମେତ ଲୁପ୍ତ ହେବାକୁ ବସୁଥିବା ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ସଙ୍ଗୀତକୁ ପ୍ରାଧାନ୍ୟ ଦେଇ ଗତ ୪ ବର୍ଷ ହେବ ଟାଉନ କ୍ଲବ୍ ତରଫରୁ ପଦ୍ମପୁର ଲୋକ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ଏଥର ପଞ୍ଚମ ଥର ପାଇଁ ଟାଉନ୍ କ୍ଲବ୍ ପକ୍ଷରୁ ୫ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେଉଛି। ଏନେଇ ଆଜି ସାଂସ୍କୃତିକ ଶୋଭାଯାତ୍ରା ସହ ମହୋତ୍ସବ ହୋଇଥିଲା। ପାରମ୍ପରିକ ଗଣା ବାଜା, ଘୁଡକା ଆଦି ପ୍ରାୟ ୧୮ଟି ସ୍ଥାନୀୟ ସାଂସ୍କୃତିକ ଦଳ ସହ କେଉଁଝରର ସାନ୍ତାଳୀ ନୃତ୍ୟ, ବ୍ରହ୍ମପୁରର ବାଘ ନାଚ, ଧର୍ମଗଡ଼ର ବୀର ବାଦ୍ୟ ଘୁମୁରା ସହ ପୁରୀର ସମର କଳା ଓ ଛତିଶଗଡ଼ ବିଳାଶପୁର ପରି ବାହାର ରାଜ୍ୟର ଲୋକନୃତ୍ୟ ପରମ୍ପରା ମଧ୍ୟ




ଶୋଭାଯାତ୍ରାରେ ସ୍ଥାନ ପାଇଥିଲା। ମୋଟ ୨୫ରୁ ଅଧିକ ଦଳ ସହ ୪୦୦ରୁ ଅଧିକ କଳାକାର ଯୋଗ ଦେଇଥିଲେ। ସେହିପରି ବିଭନ୍ନ ବିଭାଗ ଏବଂ ସ୍କୁଲ ପକ୍ଷରୁ ବିଭିନ୍ନ ଜନ ସଚେତନତା ତଥା ଦେଶର ବୀରତ୍ୱକୁ ଦର୍ଶାଉଥିବା ମେଢ଼ ଯେପରିକି ଜଙ୍ଗଲ ସୁରକ୍ଷା, ସାଇବର ସଚେତନତା, ସ୍ୱଚ୍ଛ ଭାରତ, ଶ୍ରୀରାମ ଜନ୍ମଭୂମି, ପାରମ୍ପରିକ ଯୋଗ କଳାର ବିଜ୍ଞାନ କୌଶଳକୁ ଦର୍ଶାଉଥିବା ଅନେକ ମେଢ଼ ସ୍ଥାନ ପାଇଥିଲା। ଶୋଭାଯାତ୍ରା ସ୍ଥାନୀୟ ଅଶୋକ ପଡ଼ିଆରୁ ବାହାରି ସମଗ୍ର ନଗର ପରିକ୍ରମା କରିଥିଲା। ବିଶେଷ କରି ବୋଡାସମ୍ବରର ପୁରାତନ ଝଙ୍କର ପରମ୍ପରା ମଧ୍ୟ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ବୋଡାସମ୍ବର ଐତିହରେ ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ସମ୍ପ୍ରଦାୟର ଜଣେ ଜଣେ ଗ୍ରାମ୍ୟ ବା ପ୍ରାନ୍ତ ପୂଜକ ରହୁଥିଲେ। ତାଙ୍କୁ ଝଙ୍କର କୁହାଯାଉଥିଲା। ଏହି ପରମ୍ପରା ଏବେ ଲୁପ୍ତ ହେବାକୁ ବସିଛି। ଏଣୁ ପଦ୍ମପୁର ଲୋକ ମହୋତ୍ସବ ତରଫରୁ ଝଙ୍କାର ଦାୟିତ୍ୱରେ ଥିବା ବର୍ତ୍ତମାନ ପିଢ଼ିର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଛି। ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ହିଁ ମହୋତ୍ସବର ଆୟୋଜନ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ତେବେ ଦୀର୍ଘ ୧୫ ଦିନ ଧରି ବାଣିଜ୍ୟ ମେଳା ମଧ୍ୟ ଅନୁଷ୍ଠିତ ହେଉଛି। ଘର କରଣା ସାମଗ୍ରୀ ସହ ବିଭିନ୍ନ ରାଜ୍ୟର ଖାଦ୍ୟ ସାମଗ୍ରୀ, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, ବସ୍ତ୍ର, ଆଭୂଷଣ ଆଦି ବିକ୍ରି ହେଉଛି। ଏହାସହ ଲୋକେ ମୀନାବଜାରର ମଧ୍ୟ ମଜା ନେଉଛନ୍ତି।

# କ୍ରୀଡ଼ା ଯୁବ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଯୁବ ଉତ୍ସବ




ବରଗଡ଼, ୯।୧୨(ସମିସ): ଜିଲ୍ଲା କ୍ରୀଡ଼ା ଯୁବ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଯୁବୋତ୍ସବ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବବିତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ଓ ରାଣା ପ୍ରତାପ ସ୍କୁଲ ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ତର୍କ ଚିତ୍ରାଙ୍କନ, ଗଳ୍ପ ଲିଖନ ଓ ପଦ୍ୟ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକରୁ ମନୋନୀତ ହୋଇ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଭିସୁଟ ବୁର୍ଲା ଇଂରାଜୀ ବିଭାଗ ଅଧ୍ୟାପିକା ସ୍ୱାଗତିକା ଦାଶ, ପଞ୍ଚାୟତ ମହାବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରଫେସର ବନଜା ମେହେର, ଭେଡେନ ଆଞ୍ଚଳିକ କିଶନ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ପ୍ରଜ୍ଜ୍ୱଲ୍ ଶୁଭମ୍ ବ୍ରହ୍ମଚାରି, ଟିଏଫ୍ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପିକା ମାଳବିକା ମିଶ୍ର, ରିଡର୍ ଧ୍ରୁବ ପୁରୋହିତ, ଅଧ୍ୟାପିକା ଅନୁପମା ଚାନ୍ଦ, ଅଧ୍ୟାପକ ବିଶ୍ୱଜିତ୍ ସାହୁ, ଅଧ୍ୟାପିକା ଚୂଳମୁକ୍ତା ପ୍ରଧାନ, ଅଧ୍ୟାପକ ଅମିତ୍ ଭାର୍ଗବ, ଅଧ୍ୟାପକ ଯଜ୍ଞେଶ୍ୱର ବଢ଼େଇ, ସହକାରୀ ଶିକ୍ଷକ ବିନୋଦ ସାହୁ, ଦୁଃଖୀ ସେବକ ସାହୁ, କଳା ଶିକ୍ଷକ କୁଶ ଭୁୟା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା କ୍ରୀଡା ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ୧୦ ତାରିଖ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଜିଲ୍ଲା ସ୍ତରୀୟ ଯୁବୋତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ● କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଗାଇସିଲେଟ ବିଡିଓ, ଅତିରିକ୍ତ ବିଡିଓ

ଗାଇସିଲେଟ : ବରଗଡ଼ ଠାରେ ଆୟୋଜିତ ହେଉଥିବା ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ୨୦୨୫ ପ୍ରତିଯୋଗିତାରେ ଗାଇସିଲେଟ ବ୍ଲକ ତରଫରୁ ଅଂଶଗ୍ରହଣ କରିଥିବା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ର ଜିତୁ ପ୍ରକାଶ ସାହୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରୋଜାଲିନ ପଣ୍ଡା, ପ୍ରୀତି ମହାପାତ୍ର, ରୋମୀ ଭୋଇ ଓ ଖୁସିମୟି ପଟେଲ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବ ୨୦୨୫ ପାଇଁ ମନୋନୀତ ହୋଇଛନ୍ତି। ତେବେ ଏହି ସଫଳତା ଗାଇସିଲେଟ ପାଇଁ ଗର୍ବର ବିଷୟ ବୋଲି ପ୍ରକାଶ କରିବା ସହିତ ଗାଇସିଲେଟ ବିଡିଓ ଲକ୍ଷ୍ମଣ ମାଝୀ, ଏବିଡିଓ ଭୀଷ୍ମ ମାଝୀ ଉଭୟ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସମ୍ଭବ ଚାରିଟେବଲ୍ ଟ୍ରଷ୍ଟର ସ୍ୱନକ୍ଷତ୍ର ଉତ୍ସବ



ବରଗଡ଼, ୯।୧୨(ସମିସ): କଟକ ଜିଲ୍ଲା ଛତିଆ ଠାରେ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦିକା ପ୍ରମିଳା ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଦେବୀ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ତଥା ପଶ୍ଚିମ ଓଡ଼ିଶାର ସମାଜସେବୀ ସଂଘମିତ୍ରା ପଟେଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅମରେଶ୍ୱର୍ ନୃତ୍ୟକଳା ପରିଷଦ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସମାଜ ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରି ନିୟମିତ ରକ୍ତଦାନ, ଶବ ସତ୍କାର, ଅସହାୟଙ୍କୁ ଥଇଥାନ ତଥା ଗରିବ ବସ୍ତି ଅଞ୍ଚଳର ପିଲାମାନଙ୍କୁ ମାଗଣା ଶିକ୍ଷାଦାନ କରିଥିବା ବରଗଡ଼ ଜିଲ୍ଲାର ତିନି ଅନୁଷ୍ଠାନ ଅଟଳ ପରିବାର, ସଂଘମିତ୍ରା ଆଣ୍ଡ ଗ୍ରୁପ ଏବଂ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରକୁ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଟେଲ ସମ୍ଭବ ଚାରି ଟେବୁଲ୍ ପକ୍ଷରୁ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମିଶି ପ୍ରାୟ ୧୦୦ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଯୁବ ଚାଷୀନେତାଙ୍କୁ ଆକ୍ରମଣ



ବରଗଡ଼, ୯।୧୨(ସମିସ): ବରଗଡ଼ କଳାପାଣି ଛକରେ ଜଳଖିଆ ଖାଉଥିବା ବେଳେ ଗତକାଲି ହଠାତ କିଛି ଦୁର୍ବୃତ୍ତ ଆସି ଯୁବ ଚାଷୀ ନେତା ତଥା ସଂଯୁକ୍ତ କୃଷକ ସଂଗଠନର ଆଗଧାଡିର ସଦସ୍ୟ ସୁରେଶ ନିକେଣ୍ଟିକୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ଉପସ୍ଥିତ ଲୋକମାନେ ପାଟି କରିବାରୁ ଦୁର୍ବୃତ୍ତ ମାନେ ସୁରେଶଙ୍କୁ ଲହୁଲୁହାଣ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ମୁହଁରେ ଗଭୀର କ୍ଷତ ହୋଇଥିବାରୁ ପୁଲିସ ତାଙ୍କୁ ତୁରନ୍ତ ଡାକ୍ତର ପାଖକୁ ପଠାଇଥିଲା। ପରେ ସୁରେଶଙ୍କ ତରଫରୁ ଥାନାରେ ଲିଖିତ ମାମଲା କରାଯାଇଛି। ସୁରେଶଙ୍କ ଅଭିଯୋଗ ଅନୁସାରେ କୃଷିମେଳାରେ କିଛି ଲୋକଙ୍କ ହାବଭାବ ସନ୍ଦେହଜନକ ଲାଗିବାରୁ ସେ ପୁଲିସକୁ ଜଣାଇଥିଲେ। ପୁଲିସ ଗାଡ଼ି ପଠାଇଥିଲେ ହେଁ ସେ ଦେଖି ନପାରି ନିଜେ ସ୍କୁଟିରେ ଥାନାରେ ପହଞ୍ଚି ଥିଲେ। ପୁଲିସ ତାଙ୍କୁ ନିଜ ଗାଡିରେ ନେଇ ଘରେ ଛାଡି ଆସିଥିଲା। କିନ୍ତୁ ସନ୍ଧ୍ୟାରେ କଳାପାଣି ଛକରେ ଜଳଖିଆ ଖାଉଥିବା ସମୟରେ ପୁଣି ସେହି ଦୁର୍ବୃତ୍ତ ମାନେ ହଠାତ ପହଞ୍ଚି ତାଙ୍କୁ ଆକ୍ରମଣ କରି ଖସି ପଳାଇ ଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ସୁରେଶ ଜଣେ ସାମାଜିକ କର୍ମୀ ହେବା ସହ କୃଷକ ମାନଙ୍କ ହକ ଅଧିକାର ପାଇଁ ଲଢ଼େଇ କରି ଆସୁଛନ୍ତି। ତାଙ୍କର କେହି ଶତ୍ରୁ ନ ଥିବା ବେଳେ ଏପରି ଆକ୍ରମଣର ତୁରନ୍ତ ତଦନ୍ତ ଆବଶ୍ୟକ। ଦୋଷୀଙ୍କୁ ଯଥାଶୀଘ୍ର ଗିରଫ କରାଯିବାକୁ ଲୋକେ ମତ ପ୍ରକାଶ କରିଛନ୍ତି।

# ମହିଳା ହିଂସା ବିରୋଧୀ ନିରାକରଣ



ବରପାଲି, ୯।୧୨(ସମିସ): ବରପାଲି ବ୍ଲକ ଅଧୀନ ବିଭିନ୍ନ ଗାଁରେ ବରଗଡ଼ ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ମହିଳା ବିରୋଧୀ ହିଂସା ନିରାକରଣ ପାଇଁ ଅନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି। ମା' ଏବଂ ଶିଶୁ ମାନଙ୍କ ପାଇଁ କାର୍ଯ୍ୟକ୍ରମ ମମତା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିଲା। ମମତା ଏଚଆଇଏମସି ଜିଲ୍ଲା ସଂଯୋଜକ ଅଦିତି ଜାନା ଚଳିତ ବର୍ଷର ବିଷୟବସ୍ତୁ 'ଘରୋଇ ହିଂସା'ର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସାଧନ ବ୍ୟକ୍ତି ଥିବା ଆଇନଜୀବୀ ଭୁବନେଶ୍ୱର ବାରିକ ଘରୋଇ ହିଂସା ଆଇନ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ।

ସେହିପରି ସ୍ଥାନୀୟ ସହାୟତା ସୁବିଧା ଉପରେ ଆଲୋଚନା ହୋଇଥିଲା। ମହିଳାଙ୍କୁ ସଶକ୍ତ କରିବା, ମହିଳା ଅଧିକାର ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ମମତାର ଜିଲ୍ଲା ସଂଯୋଜକ ଅଦିତି ଜାନାଙ୍କ ସହିତ ମମତାର ସମସ୍ତ ବିଏସ ଯଶୋବନ୍ତ ପୂଜାରୀ, ସୌମ୍ୟ ବାରିକ ଓ ଓଆରଡବ୍ଲ୍ୟୁ କ୍ଷୀରୋଦ୍ରୀ ପଧାନ, ମହାଦେବ ଭୁଏ, କ୍ଷୀରସିନ୍ଧୁ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ଆଲୋକ ମେହେର, ମୁକେଶ ଚୌହାନ, ଘନଶ୍ୟାମ ଭୋଇ, ଜୀବର୍ଦ୍ଧନ ସାହା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ




ଭେଡେନ, ୯।୧୨(ସମିସ): ଭେଡେନ ବ୍ଲକ ଅଧୀନ ବଡ଼ ପିପିଲିପାଲି କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅନ୍ତର୍ଗତ ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ମୁଖ୍ୟ ଅତିଥି ଭାବେ ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆଇଟିଆଇର ଭେଡେନ ଭାରପ୍ରାପ୍ତ ଅଧ୍ୟକ୍ଷ ଗିରି ସାର, ଚିଚିଣ୍ଡା ପଞ୍ଚାୟତ ସରପଞ୍ଚ ସୀମା ମେହେର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବୁଦ୍ଧଦେବ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ତାଣ୍ଡିଆ ଓ ଆଦିତ୍ୟ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ବିଭିନ୍ନ ବିଦ୍ୟାଳୟରୁ ସର୍ଭେ କାମରେ ନିୟୋଜିତ ଶିକ୍ଷକ ତଥା ପ୍ରଧାନଶିକ୍ଷକ, ଆଶା ଅଙ୍ଗନବାଡି କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।

# ପାଇକମାଳ ବ୍ଲକ୍ସ୍ତରୀୟ ଜୁନିୟର ରେଡକ୍ରସ୍ ଦିବସ

ପାଇକମାଳ, ୯।୧୨(ସମିସ): ପାଇକମାଳ ବ୍ଲକ ସ୍ତରୀୟ ଜୁନିୟର ରେଡକ୍ରସ ଦିବସ ଭୁବନେଶ୍ୱରପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଭୀଷ୍ମଦେବ ପଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଦ୍ୱାଦଶ ପଧାନ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁରଥ ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ଟଙ୍କଧର ହାତୀ ଓ ସମିତି ସଭ୍ୟ ପଙ୍କଜ ସାହୁ ଯୋଗ ଦେଇଥିଲେ। ବ୍ଲକ ଜେଆରସିଓ ଦୋଳଗୋବିନ୍ଦ ସାହୁ ଓ ବ୍ଲକ କ୍ରୀଡା ସମ୍ପାଦକ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, କୁଇଜ, ବକ୍ତୃତା, ରଚନା, ନାଚ, ଗୀତ, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନରସିଂହ ପଧାନ ଓ ଅମିତ ସାହୁ ମଞ୍ଚ ପରିଚାଳନା କରିଥିଲେ ଓ ଲୋକନାଥ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଫାର୍ମାସ୍ୟୁଟିକାଲ୍ କଲେଜର ବାର୍ଷିକ କ୍ରୀଡ଼ା

ବରପାଲି/ମହଦା, ୯।୧୨(ସମିସ): ବରପାଲି ଫାର୍ମାସ୍ୟୁଟିକାଲ୍ କଲେଜ୍ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମିଟି ସମ୍ପାଦକ ଦାମୋଦର ପଣ୍ଡା ଏବଂ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ। ନିମନ୍ତ୍ରିତ ମୁଖ୍ୟ ଅତିଥି ଭାବେ ଜନାର୍ଦ୍ଦନ ପାଣିଗ୍ରାହୀ, ବାବଲୁ ତ୍ରିପାଠୀ ଏବଂ ହର୍ଷ ବେହେରା ଯୋଗ ଦେଇଥିଲେ। କଲେଜ୍ ଅଧ୍ୟକ୍ଷ ଡ.ଆଶୁତୋଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଡ.ରଞ୍ଜନ ସାହୁଙ୍କ ସମେତ କଲେଜର ଅଧ୍ୟାପନା ମଣ୍ଡଳି



ତଥା ସହ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜନତା ହାଇସ୍କୁଲରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିକ୍ଷା ସଭା




ଅମ୍ବାଭୋନା, ୯।୧୨(ସମିସ): ପାଠପଢ଼ା ଛାଡିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି କେଦାର ନାଏକଙ୍କ ଆହ୍ୱାନ କ୍ରମେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ବୈଠକରେ ମୁଖ୍ୟ ବକ୍ତା ଭାବେ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ଶିକ୍ଷକ ଈଶ୍ୱର ପଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆରସିସି ଶ୍ରୀ ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। 'ଆସ ସ୍କୁଲ ଯିବା ଅଭିଯାନ'ରେ ସମସ୍ତେ ସାମିଲ ହେଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଉପସ୍ଥିତ ଅତିଥିବୃନ୍ଦ ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ତଥା ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ 'ଆସ ଆମେ ସ୍କୁଲ ଯିବା, ମିଳିମିଶି ଆମେ ପାଠ ପଢ଼ିବା', 'ସ୍କୁଲ ଯିବା ପାଠ ପଢ଼ିବା ପାଇଁ, କେହି ଅପାଠୁଆ ରହିବେ ନାହିଁ' ଆଦି ସ୍ଲୋଗାନ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅଭିଯାନରେ ଶିକ୍ଷକ ବଶିଷ୍ଠ ସାହୁ, ଗୌରାଙ୍ଗ ସେଟ୍, ପ୍ରେମଜିତ ସୁନା, ଭୈରବନାଥ ପଟେଲ, ପୀତାମ୍ବର ବିଶ୍ୱାଳ, ରଞ୍ଜନ ଭୁଏ, ଆକୁଳ ବାଗ, ଚୌଧୁରୀ ପାତ୍ର ଓ ରୁଦ୍ରମଣି ପ୍ରଧାନଙ୍କ ସମେତ ଭୁକ୍ତା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଷ୍ଣା ବିକାଶର ବାର୍ଷିକୋତ୍ସବ 'ଭାଇବ୍ରାନ୍ସ' ଉଦ୍‌ଘାଟିତ

## ଯୋଗଦେଲେ ପ୍ରସିଦ୍ଧ ଅଭିନେତା ସୋନୁ ସୁଦ୍

ବରଗଡ଼, ୯।୧୨(ସମିସ)

କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସରେ 'ସଂସ୍କୃତି କି ନୀଭ, ବିକାଶ କି ଉଡାନ' ବିଷୟବସ୍ତୁ ଉପରେ କେନ୍ଦ୍ରିତ ବାର୍ଷିକ ସମାରୋହ 'ଭାଇବ୍ରାନ୍ସ ୨୦୨୫' ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରସିଦ୍ଧ ଭାରତୀୟ ଅଭିନେତା, ଚଳଚ୍ଚିତ୍ର ପ୍ରଯୋଜକ ଏବଂ ସମାଜସେବୀ ସୋନୁ ସୁଦ୍ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଗହଣରେ ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା ଅନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିକାଶ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ଦେଇଥିଲେ। ଅଭିନେତା ଏବଂ ସମାଜସେବୀ ସୋନୁ ସୁଦ୍ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକ୍ରମକୁ ଦେଖି ନିଜ




ଛାତ୍ର ଜୀବନର କଥା ମନେ ପକାଇଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ଲୋବାଲ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ନୂତନ ୱେବସାଇଟ ଉନ୍ମୋଚନ କରାଯାଇଥିଲା। ଚେୟାରମ୍ୟାନ୍ ଶ୍ରୀ ମୂରଲୀ କ୍ରିଷ୍ଣା, କ୍ରିଷ୍ଣା ବିକାଶ ବିଦ୍ୟାଳୟ ସମୂହ ସବୁବେଳେ ଉନ୍ନତ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ବିଶ୍ୱାସ ରଖେ ବୋଲି ମତବ୍ୟକ୍ତ କରିଥିଲେ।

କ୍ରିଷ୍ଣା ବିକାଶ ସମୂହର ଏମଡି ବିବେକ ଦାଶରୀ ଓ ଡାଇରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦାଶରୀ ନିଜ ବକ୍ତବ୍ୟରେ ସମଗ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉତ୍ସର୍ଗିକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଡ.ସୀମା ଅଗ୍ରୱାଲ ଏବଂ ଡ.ଚଞ୍ଚଳଦୀପ କୌର, ଡିଏନ ଦେବାଙ୍ଗନ, ଉପାଧ୍ୟକ୍ଷ ମାଧୁରୀ ପାଲିଟିଙ୍କ ସହିତ ବିସ୍ତୃତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ସ୍ମୃତିଫଳକ ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଶିବ ତାଣ୍ଡବ ପୂଜା, ସୋନୁ ସୁଦ୍‌ଙ୍କ ସମ୍ମାନରେ ନୃତ୍ୟ, ଯୋଗ ଏବଂ ପରୀ ନୃତ୍ୟ, ଜଳବାୟୁ ପରିବର୍ତ୍ତନ, ଭାରତର ସଂସ୍କୃତି, ପରମ୍ପରା, ବିବିଧତାରେ ଏକତା ଅନ୍ତର୍ଭୁକ୍ତ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ଅତିଗଙ୍କୁ କ୍ରିଷ୍ଣା ବିକାଶର ପରିଚାଳନା କମିଟିର ସଦସ୍ୟମାନେ ପୁଷ୍ପଗୁଚ୍ଛ, ସ୍ମୃତିଫଳକ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ସିନିୟର କ୍ୟାମ୍ପସ୍ ମ୍ୟାନେଜର ରଜନୀଶ ଆୟାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ



ନବରଙ୍ଗପୁର, ୯।୧୨ (ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ ସ ଦିବସ ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ୫୦ ସ୍ୱେଚ୍ଛାସେବୀଙ୍କ ସମେତ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ପ୍ରଧାନ, ଯୁବ ରେଡକ୍ରସ ସଂଯୋଜିକ ଡଃ ସଂଯୁକ୍ତା ପଣ୍ଡା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁନୀତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ଛାତ୍ରୀଙ୍କ ମଧ୍ୟରେ ଏଡ୍‌ସ ସମ୍ପର୍କିତ ପ୍ରବନ୍ଧ, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ସେଥିରେ ବିଚାରକ ଭାବେ ରଞ୍ଜୁସା କୁମାରୀ ପ୍ରହରାଜ , ନୃପେନ୍ଦ୍ର ନାଥ ଖୋସଲା ତରାନୁମ୍ ଆରା, ଡଃ ଏମ୍ ରୋହିଣୀ ରାଣୀ, ଲକ୍ଷ୍ମୀକାନ୍ତ ସୌରା ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମନୋରମା ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଡ୍ସ ରୋଗକୁ ଘୃଣା ନକରି କିପରି ସଚେତନ ମାଧ୍ୟମରେ ଏହାକୁ ରୋକାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜିଆ ବନୋ, ଦୀପଞ୍ଜଳି ମାଝୀ, ବିନିତା ମନ୍ଦାର, ଭଗବାନ ଭତରା ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ରକ୍ତ ନମୂନା ପରୀକ୍ଷା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଦ୍ୱାରା ଏଡସ୍ ର ଭୟାବହତା ବିଷୟରେ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଯୁବ ରେଡକ୍ରସ ସଂଯୋଜିକା ଡଃ ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁନୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୌର ଡମ୍ପିୟାର୍ଡ ଆବର୍ଜନା ଉଠାଇବା ନେଇ ଡ୍ରୋନ୍ ସର୍ଭେ

## ଟେଣ୍ଡର ପାଇଲା ଭୁବନେଶ୍ୱର ସଂସ୍ଥା



ଜୟପୁର, ୯।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ମକାପୁଟ ଠାରେ ନିର୍ମିତ ଅଳିଆ ଆବର୍ଜନା ପ୍ରକ୍ରିୟାକରଣ ଏବଂ ଖତ ପ୍ରସ୍ତୁତ କେନ୍ଦ୍ର ନିକଟରେ ରହିଥିବା ପଡିଆରେ ସହରର ଅଳିଆ ଆବର୍ଜନା ଜମା ହୋଇ ଏକ ପାହାଡ଼ ସଦୃଶ ରହିଛି। ଏହାକୁ ତୁରନ୍ତ ଉଠାଇବା ନେଇ ଏହାର ପରିସର ଏବଂ ଉଚ୍ଚତା ନେଇ ଏକ ଡ୍ରୋନ ସର୍ଭେ କରିବା ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ବାଙ୍ଗାଲୁରର ୨ଟି ଏବଂ ଭୁବନେଶ୍ୱରର ଏକ ଠିକାସଂସ୍ଥା ଟେଣ୍ଡରରେ ଭାଗ ନେଇଥିଲେ। ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଗଠିତ କମିଟି ସମ୍ମୁଖରେ ବନ୍ଦ ଲଫାଫାରୁ ଖୋଲାଯାଇଥିଲା। ଏଥିରେ ଭୁବନେଶ୍ୱରର ଏକ ଠିକାସଂସ୍ଥା ଡ୍ରୋନ ସର୍ଭେ କରିବା ନେଇ ସର୍ବକମ୍ ମୂଲ୍ୟରେ ଟେଣ୍ଡର ଦାଖଲ କରିଥିବା ଯୋଗୁଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ଠିକାସଂସ୍ଥାର ସମସ୍ତ ଯୋଗ୍ୟତାକୁ ନେଇ କାଗଜପତ୍ର ଯାଞ୍ଚ କରାଯିବା ପରେ ଉକ୍ତ ସଂସ୍ଥା ସହିତ ଚୁକ୍ତିନାମା କରାଯାଇ ସର୍ଭେ କାର୍ଯ୍ୟ ପ୍ରଦାନ କରାଯିବ ବୋଲି ଟେଣ୍ଡର କମିଟିର ଅଧ୍ୟକ୍ଷ ତଥା ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ଏହି ଟେଣ୍ଡର ଖୋଲିବା ସମୟରେ କମିଟିର ସଦସ୍ୟ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ମୁଖ୍ୟ କିରାଣୀ ସୁକଦେବ ବେହେରା, ଅଡିଟର ଭୋଳାଶଙ୍କର ରାମ, ସେନିଟାରୀ ଏକ୍ସପାର୍ଟ କିରଣ କୁମାର ମଲ୍ଲିକ ଉପସ୍ଥିତିରେ ଟେଣ୍ଡର ଦାଖଲକାରୀ ମାନଙ୍କ କାଗଜପତ୍ର ସହିତ ସର୍ବନିମ୍ନ ଦରର କାର୍ଯ୍ୟ କରିବାକୁ ପ୍ରସ୍ତୁତ ଠିକାସଂସ୍ଥାକୁ ଚୟନ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୟପୁର, ୯ ।୧୨(ସମିସ) :

ଜୟପୁର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୬ ତମ ବାର୍ଷିକ କ୍ରୀଡ଼ା ସମାରୋହ ବିଦ୍ୟାଳୟ ଖେଳ ପଡିଆ ଠାରେ ଉଦ୍‌ଯାପିତ ହୋଇଥିଲା। ଗତ ଶୁକ୍ରବାର ଏବଂ ଶନିବାର ଦୁଇଦିନ ଧରି ବିଦ୍ୟାମନ୍ଦିରର ଖେଳପଡିଆ ଠାରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦରଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ଯୋଗଦେଇ ପାଠପଢା ସହିତ କ୍ରୀଡା ମଧ୍ୟ ସମସ୍ତ ବାଳକ ବାଳିକାଙ୍କ ପାଇଁ ଆବଶ୍ୟକ ଏବଂ ସମସ୍ତ ଶିଶୁମାନେ ନିଜର ବିଦ୍ୟାଳୟ ଏବଂ ପିତାମାତାଙ୍କୁ କେବେ ଭୁଲିବେ ନାହିଁ ବୋଲି ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ କ୍ରୀଡ଼ାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନ ଏବଂ ଉଦଯାପନୀ ଉତ୍ସବ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରେଷ୍ଠ ତଥା ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ଦିଲ୍ଲୀପ କୁମାର ଗନ୍ତାୟତ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପଣ୍ଡା ଏବଂ ଯୁଗ୍ମସଂପାଦକ ତପନ କିରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପରିଚାଳନା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଏବଂ ଲମ୍ବୋଦର ମହାରଣାଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ। ଏହି କ୍ରୀଡ଼ା ସମାରୋହରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନେ ଆସନ୍ତା କୁନ୍ଦୁରାଠାରେ ହେବାକୁ ଥିବା ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେବେ। ଏଥିରେ ୬ଟି ବର୍ଗର ଦୌଡ, ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ଲମ୍ବ ଡ଼ିଆଁ, ଉଚ୍ଚ ଡିଆଁ ପ୍ରଭୃତି କ୍ରୀଡା ଆୟୋଜିତ ହୋଇଥିଲା। ଏଥିରେ ସେମାନଙ୍କ ବର୍ଗରେ ଶ୍ରେଷ୍ଠ ଛାତ୍ର ଛାତ୍ରୀ ଭାବେ ଆଶୁତୋଷ ସିଂ, ଜାଗୃତି ଦାଶ, ଶୁଭମ୍ ପଟ୍ଟନାୟକ, ବନେଶ୍ୱରୀ ଗାଦବା, କ୍ରିଷ୍ଣା ମାଳି ଏବଂ ଅପୂର୍ବ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ନବରଙ୍ଗପୁର, ୯।୧୨ (ସମିସ): ଜିଲ୍ଲା "ସକ୍ଷମ" ତରଫରୁ ସିନ୍ଧିଗୁଡା ଉତ୍କଳ ବାଳାଶ୍ରମ ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସକ୍ଷମ ପରିବାରରୁ ସଚିବ ଏ ସୁରେଶ ଶାସ୍ତ୍ରୀ , ସକ୍ଷମ ପରିବାରରର ସଭାପତି ସୁଜିତ ରଥ ବକ୍ତବ୍ୟ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତେଜେଶ୍ୱର ରାଓ, ଲୋକନାଥ ପ୍ରଧାନ,ବାଳାଶ୍ରମ ଅଧ୍ୟକ୍ଷ ରାମକୃଷ୍ଣ ସାବତ,ଶ୍ରୀପତି ଶତପଥି,ନିଳମଣି ମହାପାତ୍ର,ଉମାରାଣୀ ପଣ୍ଡା ପ୍ରମୂଖ ଉପସ୍ଥିତ ରହିଥିଲେ।

# ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ'

ପାପଡ଼ାହାଣ୍ଡି, ୯।୧୨ (ସମିସ): ପାପଡ଼ାହାଣ୍ଡିରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ 'ମଣ୍ଡେଇ' ମଣ୍ଡପରେ ମଶାଲକୁ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ଜନପ୍ରତିନିଧି, ବିଭିନ୍ନ ନେତା, ପ୍ରଶାସନିକ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଓ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ ଗୁଡ଼ିକୁ ଉଦ୍‌ଘାଟନ କରାଯାଇଥିଲା। ପରେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ ବିଧାୟକଙ୍କ ପ୍ରତିନିଧି ରଜନୀକାନ୍ତ ସାସମଲ, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ବିଜେପି ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାସ, ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା,ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ଝାଙ୍କର ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ , ଜିଲ୍ଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଯଶବନ୍ତ ନାୟକ ବିଡିଓ କପିଳଦେବ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଡିଓ ଶ୍ରୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପାପଡାହାଣ୍ଡି ବ୍ଲକର ୨୩ ପଞ୍ଚାୟତରୁ ୧୭ଟି ଦଳ ଭାଗ ନେଇଥିଲେ। ଏଥିରେ ୩ଟି ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି। ବ୍ଲକର ଶ୍ରେଷ୍ଠ ଯନ୍ତ୍ରୀ ଭାବେ ବାପୁଜୀ ନାୟକ ଓ ବିପିନ ତ୍ରିପାଠୀ, ଶ୍ରେଷ୍ଠ ସଂଯୋଜକ ଭାବେ ଜିପିଇଓ ଅକ୍ଷୟ ପଟ୍ଟନାୟକ, ଶ୍ରେଷ୍ଠ ପିଇଓ ଭାବେ ସୁମିତ୍ରା ମିଶ୍ର , ଶ୍ରେଷ୍ଠ କିରାଣୀ ମହେଶ ଦାସ, ଶ୍ରେଷ୍ଠ ବ୍ଲକ ପ୍ରୋଗ୍ରାମର ପ୍ରଶାନ୍ତ ସାହୁ କୁ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ଆସିଥିବା ନୃତ୍ୟଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଢ଼ ବିପିସି ବି ଶଶିକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶୁଭଶ୍ରୀ ଗନ୍ତା ଗନ୍ତାୟତ ଓ ସେକ୍ସପିୟର ଆଲବର୍ଟ ବେନିୟା ମଞ୍ଚ ପରି କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏସଡିପିଓ ସତ୍ୟଜିତ କଣ୍ଡେଲକାଲ ନେତୃତ୍ୱରେ ଏବଂ ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କ ତଦାରଖରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ହୃଦରୋଗୀ ଶିଶୁଙ୍କ ଚିକିତ୍ସା ଶିବିର

ଜୟପୁର, ୯ ।୧୨(ସମିସ): ଜୟପୁରସ୍ଥିତ ଜିଲ୍ଲାଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ହୃଦରୋଗ ଶିଶୁ ମାନଙ୍କ ଚିକିତ୍ସା କରାଯାଇଛି। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ଏହି ଶିବିରରେ ମୋଟ ୩୨ ଜଣ ହୃଦରୋଗ ଶିଶୁ ମାନଙ୍କୁ ଆଜି ଚିକିତ୍ସା କରାଯିବା ପରେ ଉଚ୍ଚ ସ୍ତରୀୟ ଚିକିତ୍ସା ନିମନ୍ତେ ମେଡିକଭର ଚିକିତ୍ସାଳୟକୁ ପଠାଯାଇଛି। ଏହି ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଏନଏଚଏମର ପ୍ରୟାସରେ ଏହି ଉଦ୍ୟମରେ ଏହି ଶିଶୁ ହୃଦରୋଗର ଚିକିତ୍ସା ହୋଇ ସୁସ୍ଥ ଜୀବନଯାପନ କରିପାରିବେ। ଏହି ଶିବିରରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ଓ ଡିଇଆସିର ସମସ୍ତ କର୍ମଚାରୀ ଓ ମୋବାଇଲ ସ୍ୱାସ୍ଥ୍ୟ ଦଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶିଶୁଗଣନା ନେଇ ପ୍ରଶିକ୍ଷଣ ଶିବିର

ଜୟପୁର, ୯।୧୨(ସମିସ) : ଜୟପୁର ବ୍ଲକ ସଭାଗୃହରେ ଶିଶୁଗଣନା ନେଇ ଏକଦିବସୀୟ ପ୍ରଶିକ୍ଷଣ କାଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରସିସି ଭାଗିରଥି ବାରିକ ଓ ଜ୍ୟୋତି ଶଙ୍କର ତ୍ରିପାଠୀ ତାଲିମ ପ୍ରଦାନ କରିଥିଲେ। ଜୟପୁର ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି ବ୍ଲକ ଅଧିନରେ ଥିବା ଅଙ୍ଗନବାଡି, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ ଓ ଜେଣ୍ଡର ସିଆରପି , ସମିତି ସଭ୍ୟ ମାନେ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଚୟନ

ସେମିଳିଗୁଡ଼ା, ୯।୧୨ (ସମିସ):

କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସଂଘ ସଭା ଗୃହରେ ଆୟୋଜିତ ହୋଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଗାମୀ ତିନି ବର୍ଷ ଯାଏଁ ସଂଘର ସଭାପତି ଭାବେ ପ୍ରତାପ ଚନ୍ଦ୍ର ପାତ୍ର ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ ଈଶ୍ୱର ଚନ୍ଦ୍ର ଗୁରୁ- କାର୍ଯ୍ୟକାରୀ ସଭାପତି, ଗଜାନନ ପାଣିଗ୍ରାହୀ- ଉପ ସଭାପତି, ଭୁବନେଶ୍ୱର ପଟ୍ଟନାୟକ- ସାଧାରଣ ସମ୍ପାଦକ, ନୀଳମଣି ନାୟକ- ଯୁଗ୍ମ ସମ୍ପାଦକ, ନୀଳକଣ୍ଠ ଡୋଲିଆ-ସହ ସମ୍ପାଦକ, ପ୍ରକାଶ ଚନ୍ଦ୍ର ବେହେରା - ଅଫିସ ସମ୍ପାଦକ, ସି. ଏଚ. ପ୍ରଦୀପ କୁମାର ପାତ୍ର ଓ ଫକିର ଚରଣ ରାଉତ - ସଙ୍ଗଠନ ସମ୍ପାଦକ , ପାଣ୍ଡୁ ଚରଣ ସାହୁ, ଅଡିଟର ଭାବେ ଅନାଦି ଚରଣ ସାହୁ ମନୋନୀତ ହୋଇଛନ୍ତି। ଏନ୍‌ସି ବେହେରା, ସୁଧା ଚରଣ ପାତ୍ର, ଭୁବଦେବ ଶବର, ନକୁଳ ସେଠୀ ଶ୍ରୀକାନ୍ତ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ବାଘ, ଅନନ୍ତ ଦୋରା, କେ. ମୋହନ ରାଓ, କ୍ଷୀରୋଦ ବେହେରା, ମୋହନ ସାହୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିବା ବେଳେ ବିଜୟ କୁମାର ସାହୁ, ଶେଖ ଇବ୍ରାହିମ, ନୀଳକଣ୍ଠ ଧୀବର, ଲକ୍ଷ୍ମୀଧର ନନ୍ଦ, ଡଃ ଚିତ୍ତ ରଞ୍ଜନ ମିଶ୍ର, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ ଏବଂ ଦିଗାମ୍ବର ନାୟକଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ନାକଚଣା ଓ ମୁଗ ବିହନ ବଣ୍ଟନ



ଉମରକୋଟ, ୯।୧୨ (ସମିସ): ସରକାରଙ୍କ ବ୍ୟାପକ ଧାନ ପଡ଼ିଆ ପରିଚାଳନା କାର୍ଯ୍ୟକ୍ରମ ଯୋଜନାର ଅନ୍ତର୍ଗତ ଉମରକୋଟ ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ପରିସରରେ କୃଷି ବିଭାଗ ତରଫରୁ ଚାଷୀଙ୍କୁ ମାଗଣାରେ ନାକଚଣା ଓ ମୁଗ ବିହନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢୀ ଓ ସାଂସଦ ପ୍ରତିନିଧି ରାମ ନାୟକ ଯୋଗଦେଇ ଚାଷୀଙ୍କୁ ବିହନ ବଣ୍ଟନ କରିଥିଲେ। ଚଳିତରବିଋତୁରେଉମରକୋଟବ୍ଲକର ୧୯୦୦ ହେକ୍ଟର ଅଣ ଜଳସେଚିତ ଜମିରେ ନାକଚଣା ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୫ ହାଜର ଚାଷିଙ୍କୁ ୬୮୦ କ୍ୟୁଣ୍ଟାଲ ବିହନ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ମୁଗ ବିହନ ୪୦୦ ହେକ୍ଟର ଜମିରେ ଚାଷ କାରିବାକୁ ଲକ୍ଷ୍ୟ ନେଇ ୮୦ କ୍ୟୁଣ୍ଟାଲ ମୁଗ ବିହନ ୧୨୦୦ ଜଣ ଚାଷୀଙ୍କୁ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ସନ୍ତୋଷ ନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ ନାୟକଙ୍କ ସହ ସହକାରୀ କୃଷି ଅଧିକାରୀ ଅଞ୍ଜଳି ନାୟକ, କୃଷି ଓଭରସିଓର ସୁନନ୍ଦା ପଣ୍ଡା,ପୁଷ୍ପା ରାଣୀ ଦାସ, ଅଞ୍ଜନା ହାଲଦାର , ବନ୍ଦିତା ଓଡୁ, କୃଷି ସେବକ ମୀନକେତନ ଭତ୍ରା, ଏଟିଏମ୍ ଆଶୁତୋଷ ପଟ୍ଟନାୟକ, ଜୟନ୍ତ ସାସମଲ, ଅନୁପମ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ନେଇ କର୍ମଶାଳା

ରାୟଗଡ଼ା, ୯।୧୨(ସମିସ): ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ସୋମବାର ଅନ ଲାଇନ୍ ସୁରକ୍ଷା ଓ ସାଇବର୍ ଅପରାଧ ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ସଂଯୋଜକ ଦିବାକର ପରିଚ୍ଛା ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନଆଇସି ଯୁଗ୍ମ ନିର୍ଦ୍ଦେଶକ ଗୁଣଶେଖର ମିଥେଟି ସାଇବର ଅପରାଧ ର ଶିକାର ନହେବାର ଉପାୟ ଗୁଡ଼ିକ କହିଥିଲେ। ଗଣମାଧ୍ୟମର ଉପକାରିତା ଅପକାରିତା ଉପରେ ଧ୍ୟାନ ଦେବାକୁ କହିଥିଲେ। ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଯୋଗ ଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କର ମାନବ ସମ୍ବଳ ମ୍ୟାନେଜର ରାଜେଶ ପାଣିଗ୍ରାହୀ ନିଜର ଟଙ୍କା କିପରି ସୁରକ୍ଷିତ ରଖିବେ, ଆକାଉଣ୍ଟ ନମ୍ବର, ଓଟିପି, ଆଧାର ନମ୍ବର , ବ୍ୟକ୍ତିଗତ ତଥ୍ୟ, କେଉଁ ସ୍ଥାନ ରେ ଅଛନ୍ତି ଇତ୍ୟାଦି କାହାକୁ ନଦେବାକୁ ବୁଝାଇ ଥିଲେ। ସେହିଭଳି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ଓକିଲ ରବି ନାରାୟଣ ଶତପଥୀ ଯୋଗ ଦେଇ ସାଇବର ଅପରାଧ ର ଆଇନ, ଦଣ୍ଡ ବିଧାନ, ସାଇବର ଶିକାର ହେଲେ କଣ କରିବେ ବୁଝାଇଥିଲେ। କାର୍ଯ୍ୟକ୍ରମ ରେ ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଉମେନ୍ ହବ୍ ର ସାଏଦ ସଲିମ୍, ଶ୍ରୀକାନ୍ତ ପଣ୍ଡା, ଆଶିଷ ନାୟକ, ଡି ସୁଧୀର , ଶିକ୍ଷକ, ନାରୀ ଅଦାଲତ ର ନ୍ୟାୟ ସଖୀ, ଓଏସସି ର କର୍ମକର୍ତ୍ତା, ସ୍କୁଲ ଓ କଲେଜ ର ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଚାରି ଜଣ କୃତି କିଶୋରୀ ବାଳିକାଙ୍କୁ ଏକ ହଜାର ଟଙ୍କା ନଗଦ ପୁରସ୍କୃତ କରାଗଲା।

# ଜଳ ବିଭାଜିକା ପକ୍ଷରୁ ଏଲଆର୍‌ଆଇ ଯାତ୍ରା



ବୈପାରୀଗୁଡ଼ା, ୯।୧୨(ସମିସ): ବୈପାରୀଗୁଡା ବ୍ଲକ୍ ପଡେଇଗୁଡ଼ା ଜଳ ବିଭାଜିକା ଅଧିନସ୍ଥ ପାଲିଗୁଡା ଠାରେ ଭୂସମ୍ପଦ ତଥ୍ୟାବଳୀ ରଥ ବା ଲ୍ୟାଣ୍ଡ ରିସୋର୍ସ ଇନଭେଣ୍ଟରିର ଶୁଭାରମ୍ଭ ହୋଇଯାଇଛି । ବୈପାରୀଗୁଡା ଜଳ ବିଭାଜିକା ଉପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ ନରସିଂହ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା କୋରାପୁଟ ଶିବ ଚରଣ ଜେଠି, ବଜ୍ଞାନିକ ସବେକ ହନ୍ତାଳ ଓ ସୁଧାଂଶୁ ଶେଖର ପାତ୍ର, ବ୍ଲକ କୃଷି ଅଧିକାରୀ ସୋମ୍ୟ ରଞ୍ଜନ ପାତ୍ର, ଏଡିଏସସି ସୁମନ ରାଉତ, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ବୈପାରୀଗୁଡା ସରପଞ୍ଚ ସୂର୍ଯ୍ୟମଣି ନାୟକ ଓ ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସ୍ଥାନୀୟ ୱାର୍ଡ ମେମ୍ବର ବଳାରାମ, ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ କୋରାପୁଟ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଶିବ ଚରଣ ଜେଠି ନିଜର ଅଭିଭାଷଣ ରଖିଥିଲେ। ଏତଦ୍ ବ୍ୟତୀତ ଉପ ଜଳବିଭାଜିକା ଅନ୍ତର୍ଗତ ନୂତନ କାର୍ଯ୍ୟର ଶୁଭାରମ୍ଭ ଓ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ଏଲଆରଆଇ ମହୋତ୍ସବ ଅବସରରେ ଶ୍ରମଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ




ନବରଙ୍ଗପୁର, ୯।୧୨(ସମିସ) ସ୍ଥାନୀୟ ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ଏବଂ ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନ ସଂସ୍ଥା ତରଫରୁ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ର ଶୁଭାରମ୍ଭ ହୋଇଯାଇଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ଅଧକ୍ଷ ବବିତା ପାତ୍ର ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବରେ ପୌରପାଳିକା ଅଧକ୍ଷ କୁନୁ ନାୟକ, ଆୟୋଗ ସଭ୍ୟା ସୁଜାତା ନାୟକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପ୍ରକଳ୍ପ ପ୍ରଶାସକ, ଜନଜାତି ଉନ୍ନୟନ ସଂସ୍ଥା ରାଜୀବ ସାହୁ ,ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର ପ୍ରମୁଖ ଯୋଗ ଦେଇ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଏବଂ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ଉପରେ ଗୁରୁତ୍ୱ ଆରୋପ କଲେ। ଏହି ଅବସରରେ ମୁଖ୍ୟ ଅତିଥି ବାଲ୍ୟ ବିବାହ ବିରୋଧରେ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ସଭାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ , ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକାଙ୍କ ସମେତ ସଖି ୱାନ ଷ୍ଟପ ସେଣ୍ଟର କିଶୋରୀ ପଟନାୟକ, ସରିତା ପାଣି, ଓ ସଦସ୍ୟ, ଆଂଗନ ଟ୍ରଷ୍ଟ ରୁ ପ୍ରଭାସିନୀ ପଟନାୟକ , ପିରାମଲ ଫାଉଣ୍ଡେସନ ତରଫ ରୁ ବିକ୍ରମ ରାଣା, ଶିଶୁ ଅଧିକାର ସହଯୋଗୀ ସୌରବ ଉପାଧ୍ୟାୟ, ପୌରପାଳିକା ସଭ୍ୟା,ବିଭିନ୍ନ ବ୍ଲକର ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବଦଳିବ ବୋରିଗୁଡା-ଛତିଶଗଡ଼ ସୀମାନ୍ତ ରାସ୍ତାର ଭାଗ୍ୟ

## ପୂର୍ତ୍ତ ବିଭାଗର ବିଜ୍ଞପ୍ତି



ଚନ୍ଦାହାଣ୍ଡି, ୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ମୋହରା ବୋରିଗୁଡା ଚାରି ଛକ ଠାରୁ ଛତିଶଗଡ଼ ରାଜ୍ୟ ଉରମାଲକୁ ସଂଯୋଗ କରୁଥିବା ରାସ୍ତା ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ପାଇଁ ମରଣଜନ୍ତା ପାଲଟି ଥିଲା। ବର୍ତ୍ତମାନ ଏହି ରାସ୍ତାର ଭାଗ୍ୟ ବଦଳିବାକୁ ଯାଉଛି । ୨୦୨୩ ମସିହାରେ ଉକ୍ତ ରାସ୍ତାଟିକୁ ତତ୍କାଳୀନ ସରକାରଙ୍କ ଝରିଗାଁ ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ମାଝୀ ଏବଂ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ପ୍ରଚେଷ୍ଟା ଦ୍ୱାରା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ସହ ସର୍ଭେ କାର୍ଯ୍ୟ ସମାପ୍ତ ହୋଇଥିଲା । କିନ୍ତୁ ସରକାର ପରିବର୍ତ୍ତନ ଯୋଗୁଁ ଉକ୍ତ ରାସ୍ତା କାର୍ଯ୍ୟ ଅଟକି ରହିଥିଲା। ମୋହରା ପଞ୍ଚାୟତ ଦେଇ ଯାଇଥିବା ଉମରକୋଟ-ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ମୋହରା-ଛତିଶଗଡ଼ ସୀମାନ୍ତ ଉରମାଲ ରାସ୍ତା ପ୍ରତିବର୍ଷ ପ୍ରଶାସନ ତରଫରୁ ମେଟାଲ ମୋରମ ପକେଇ ରାଜକୋଷରୁ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଚନ୍ଦାହାଣ୍ଡି ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ସମାଜସେବୀ ପ୍ରଶାନ୍ତ ପାରି ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ସହ ଜିଲ୍ଲାପାଳଙ୍କୁ ରାସ୍ତାକୁ ଦେଖି ଜରୁରୀ ଭିତିରି ରାସ୍ତା କାମ କରିବାକୁ ଅନୁରୋଧ କରିଥିଲେ। ବିଜେପି କର୍ମକର୍ତ୍ତା କିଛି ମାସ ପୂର୍ବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଓ ବିଧାୟକ ନରସିଂହ ଭତ୍ରାଙ୍କ ଚନ୍ଦାହାଣ୍ଡି ଗସ୍ତ ସମୟରେ କହିଥିଲେ। ଏହି ରାସ୍ତା ବ୍ଲକ ଅଧିନରେ ରହିଥିବାରୁ ନିର୍ମାଣରେ ସମସ୍ୟା ହେଉଥିବା ସାଂସଦ ଶ୍ରୀ ମାଝୀ ଜାଣିବାକୁ ପାଇଥିବା ସହ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ସହ ଚନ୍ଦାହାଣ୍ଡି ବିଡିଓଙ୍କୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ମାଝୀ ପୂର୍ବତନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ନିଜ ବାସଭବନରେ ଡକେଇ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ। ଛତିଶଗଡ଼ ସରକାର ତେଲନଦୀ ର ଉରମାଲ ଘାଟରେ ପୋଲ ନିର୍ମାଣ କରିବା ପରେ ଛତିଶଗଡ଼ ରାଜଧାନୀ ରାଇପୁରକୁ ପହଞ୍ଚି ବାକୁ ମାତ୍ର ୪ ରୁ ୫ ଘଣ୍ଟା ସମୟ ଲାଗୁଥିବାରୁ ଏହି ପୋଲ ଉପର ଦେଇ ସମସ୍ତ ଗାଡି ଚଳାଚଳ ହେଉଛି। ମୋହରା ବୋରିଗୁଡା ଛକ ଠାରୁ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ମାତ୍ର ତିନି କିମି ରାସ୍ତା ଓଡ଼ିଶା ସରକାର ଯଦି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ଦୁଇ ଲେନ ରାସ୍ତା ନିର୍ମାଣ କରନ୍ତି ଅଞ୍ଚଳ ବାସୀ ବିଶେଷ ଉପକୃତ ହେବେ ବୋଲି ଦାବି ହେଉଥିଲା। ଏହି ରାସ୍ତା ଉପରେ ପଡୋଶୀ ଛତିଶଗଡ଼, କଳାହାଣ୍ଡି, ନୂଆପଡା, ଯାତାୟତ ପାଇଁ ଲୋକେ ନିର୍ଭର କରିଥାନ୍ତି। ପୂର୍ତ୍ତ ବିଭାଗ ତରଫରୁ ବର୍ତମାନ ବଡମୁଣ୍ଡା ଠାରୁ ତେଲନଦୀ ପୋଲ ପର୍ଯ୍ୟନ୍ତ ଭାୟା ଜୟନ୍ତଗୋଛୀଆପଡା ୫ କିମି ରାସ୍ତା ଦୁଇ ଲେନ ହେବା ସହ ଏଥି ନିମନ୍ତେ ଖୁବ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାରେ ଜଣା ପଡିଛି। ଏହି ରାସ୍ତା ନିର୍ମାଣ ହେଲେ ଚନ୍ଦାହାଣ୍ଡି ଅଞ୍ଚଳବାସୀଙ୍କ ନିମନ୍ତେ ଯାତାୟାତ ସୁଗମ ହେବା ସହ ଲୋକଙ୍କ ଦୁଃଖ ଦୂର ହେବ। ସାଂସଦ ବଳଭଦ୍ର ମାଝୀଙ୍କ ନିଜ ବ୍ଲକ ହୋଇଥିବାରୁ ଏହି ରାସ୍ତା ପାଇଁ ସେ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ଏନେଇ ସକାଳ ଖବର କାଗଜରେ ବାରମ୍ବାର ହେବ ଖବର ପ୍ରକାଶ ପାଇଥିଲା।

### ଚାଇନା ସହଯୋଗୀ ସହ ଚଳାଇଥିଲା କାରବାର

# ସାଇବର ଠକ ଗିରଫ



ବଡ଼ବିଲ, ୯।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁଲିସ୍ ଜଣେ ସାଇବର ଠକକୁ ଗିରଫ କରିଛି। ସେ ତା'ର ଜଣେ ଚାଇନାର ସହଯୋଗୀ ସହ ଏଭଳି କାରବାରରେ ସମ୍ପୃକ୍ତ ଥିଲା ବୋଲି ବଡ଼ବିଲ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଜିଲ୍ଲାର ବଡ଼ବିଲଥାନାଅନ୍ତର୍ଗତପୌରାଞ୍ଚଳରୱାର୍ଡ଼ ନଂ ୪ ଶ୍ରୀରାମ ନଗର ଅଞ୍ଚଳର ବିଶାଳ ସାଓ। ସେ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ତା' ନାଁରେ ପୂର୍ବରୁ ବିଭିନ୍ନ ରାଜ୍ୟରେ ପ୍ରାୟ ୩୭ଟି ସାଇବର ଠକେଇ ମାମଲା ରହିଛି। ଏହାସହ ବିଭିନ୍ନ ବ୍ୟାଙ୍କ୍‌ରେ ଥିବା ନଅଟି ଏକାଉଣ୍ଟ୍ ଓ ତା' ମାଆ ନାମରେ ଦୁଇଟି ଏକାଉଣ୍ଟ୍ ରହିଛି। ଯାହାକୁ କି ଫ୍ରିଜ୍ କରାଯାଇଥିବା ବେଳେ ସେ ଓଡ଼ିଶା ବାହାରେ ତାର ସିଣ୍ଡିକେଟ୍ ଚଳାଇ ଆସୁଥିବା ଜଣାପଡ଼ିଛି। ତା' ବିରୋଧରେ ବଡ଼ବିଲ ପୁଲିସ୍ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କ୍‌ରୁ ପାଇଥିବା ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇଛି। ଆକାଉଣ୍ଟ୍‌ରେ ଲକ୍ଷାଧିକ ଟଙ୍କାର କାରବାର ହୋଉଥିବା ଜାଣି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଭିଯୁକ୍ତର କୌଣସି ନିଜସ୍ୱ ଚାକିରି ଅବା କୌଣସି ବୈଧ ବ୍ୟାପାର ନଥାଇ ସେ ଏକ ବିଳାସପୂର୍ଣ୍ଣ ଜୀବନ ବିତାଉ ଥିବା ପୁଲିସ୍ ଜାଣିଥିଲା। ସେ ଚାଇନାରେ ଥିବା ତା ସହଯୋଗୀଙ୍କୁ ବିଭିନ୍ନ ସୂଚନା ଯୋଗାଇବା ସହ ଭିନ୍ନଭିନ୍ନ ଏକାଉଣ୍ଟ୍ ତିଆରି କରିବା ଓ ଭିନ୍ନଭିନ୍ନ ଏକାଉଣ୍ଟ୍ ଯୋଗାଡ଼ କରିବା ତାର ମୁଖ୍ୟ କାର୍ଯ୍ୟ ଥିଲା। ପ୍ରାୟ ୧କୋଟି ଟଙ୍କା ବିଭିନ୍ନ ଖାତାରେ କାରବାର କରି ମୋଟା ଅଙ୍କର ପଇସା ରୋଜଗାର କରୁଥିବା ଅଭିଯୁକ୍ତ ଗିରଫଦାରୀରୁ ବର୍ତ୍ତିବା ପାଇଁ ବାରମ୍ବାର ଠିକଣା ବଦଳାଉଥିଲା।

**ମୋବାଇଲ, ଲାପ୍‌ଟପ, ପେନ୍‌ଡ୍ରାଇଭ ଜବତ**

୨୦୨୩ରେ ଦିଲ୍ଲୀ ଯାଇ ସେଠାରେ ସାଇବର ଅପରାଧୀଙ୍କ ଯୋଗାଯୋଗରେ ଆସି ତାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ତା ନିକଟରୁ ବଡ଼ବିଲ ପୁଲିସ୍ ତିନୋଟି ମୋବାଇଲ୍, ଗୋଟିଏ ମୋବାଇଲ୍ ପ୍ୟାଡ ଗୋଟିଏ ଲାପଟପ୍ ଗୋଟିଏ ପେନଡ୍ରାଇଭ ଜବତ୍ କରିଥିବା ଜଣାପଡିଛି। ଏନେଇ ଶ୍ରୀ ପିଙ୍ଗୁଆ, ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ସହ ଏକ ମିଳିତ ପ୍ରେସ ବିବୃତ୍ତିରେ ସୂଚନା ଦେବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

---

### ■ ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରସଂଗ

# ସୋସିଆଲ ପେଜ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ




ଆନନ୍ଦପୁର, ୯।୧୨(ସମିସ): କେନ୍ଦୁଝର ଜିଲ୍ଲାର ସର୍ବପୁରାତନ ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ଦେବାକୁ ଦାବି କରିଛି ଭାରତୀୟ ଜାତୀୟ କଂଗ୍ରେସ। ଏନେଇ ଆନନ୍ଦପୁର ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ସୋସିଆଲ ମିଡ଼ିଆରେ ନିଜର ଦାବିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ପୁରାତନ ଛାତ୍ର ଅଟନ୍ତି। ମହାବିଦ୍ୟାଳୟର ବାର୍ଷିକଉତ୍ସବରେ ଯୋଗଦେଇ ଅନେକ ସ୍ମୃତି ସାଉଁଟିଥିଲେ। ଅନେକ ଛାତ୍ର ଜୀବନର କଥା ବଖାଣିଥିଲେ। ସଭାରେ ମହାବିଦ୍ୟାଳୟର ଉନ୍ନତିକରଣ ପାଇଁ ଅନୁଦାନ ରାଶି ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଇତିମଧ୍ୟରେ ୭ ମାସ ବିତିଗଲାଣି ଘୋଷଣାର କୌଣସି ଗୋଟିଏ କାର୍ଯ୍ୟକାରୀ ହୋଇନାହିଁ। ଯେଉଁ ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରି ଏତେ ବଡ଼ ପ୍ରତିଷ୍ଠା ମିଳିଛି ସେହି ଅନୁଷ୍ଠାନର ଯେତେ ଉନ୍ନତି କଲେବି କମ ହେବ ବୋଲି ଶ୍ରୀ ଜେନା ନମ୍ରତାର ସହିତ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସୋସିଆଲ ପେଜରେ ଅନୁରୋଧ କରିଛନ୍ତି। ସେହିପରି ବର୍ତ୍ତମାନର ବିଧାୟକ ଅଭିମନ୍ୟୁ ସେଠୀ ମଧ୍ୟ ଏହି ମହାବିଦ୍ୟାଳୟର ଛାତ୍ର ଅଟନ୍ତି। ସେହି ଦୃଷ୍ଟିରୁ ଏହି ପବିତ୍ର ମହାବିଦ୍ୟାଳୟ ପ୍ରତି ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କଂଗ୍ରେସ ନେତା ଶ୍ରୀ ଜେନା କହିଛନ୍ତି। ବିଗତ ଦିନରେ ତାଙ୍କୁ ସୁଯୋଗ ମିଳିଥିବା ବେଳେ ବିଧାନସଭାରେ ସେ ନିଜେ ଏହି ପ୍ରସଙ୍ଗକୁ ବାରମ୍ବାର ଦୋହରାଇଛନ୍ତି। ଆନନ୍ଦପୁର ସହର କେବଳ ବିକାଶ ପାଇଁ ନୁହେଁ ବରଂ ତା'ସହ ଆମର ମର୍ଯ୍ୟାଦା, ଯୁବ ପିଢ଼ିଙ୍କ ଶୈକ୍ଷିକ ଗୁଣର ଆହୁରି ବିକାଶ ଏବଂ ଶିକ୍ଷାର ଆୟତନକୁ ଅଧିକରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଯାହା ଅବଶ୍ୟକ ତାହା କରାଯାଇ ମହାବିଦ୍ୟାଳୟକୁ ଯଥାଶୀଘ୍ର ସ୍ୱୟଂଶାସିତ କଲେଜ ଭାବରେ ମୁଖ୍ୟମନ୍ତ୍ରୀ ଘୋଷଣ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି।

---

# ସଢ଼ା-ଦରଢ଼ା ଶନିମନ୍ଦିରରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ



ଆନନ୍ଦପୁର, ୯।୧୨ (ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ସଢା ପଞ୍ଚାୟତର ଦରଢ଼ା ଗ୍ରାମର ବାବା ଶନିଦେବଙ୍କ ମନ୍ଦିରରୁ ଗତ ଶନିବାର ବିଳମ୍ବିତ ରାତିରେ ରୁପାର ମୁକୁଟ, ସ୍ୱର୍ଣ୍ଣ ଅଳଙ୍କାର ଓ ଘଣ୍ଟା ସହ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ପାଖାପାଖି ହେବ। ଏନେଇ ସୋସୋ ଥାନାରେ ଅଭିଯୋଗ ହୋଇଥିବା ବେଳେ କେନ୍ଦୁଝରରୁ ସାଇଣ୍ଟିଫିକ ଟିମ ଓ ସୋସୋ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ଗ୍ରାମବାସୀଙ୍କ ପ୍ରତିକ୍ରିୟା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ନିଶାଡି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବାବା ଶନିଙ୍କ ମନ୍ଦିରରୁ ଏଭଳି ଚୋରି ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ନିଶାରେ ଲିପ୍ତ ଥିବା ଯୁବଗୋଷ୍ଠୀଙ୍କ ଉପରେ ସନ୍ଦେହ ଉପୁଜିଛି। ସୋସୋ ପୁଲିସ ସିସିଟିଭି ଯାଞ୍ଚ ଆରମ୍ଭ କରିଥିବା ବେଳେ ଯଥା ଶୀଘ୍ର ଚୋରି ସାମଗ୍ରୀ ଜବତ କରିବା ସହ ଚୋରଙ୍କୁ ଗିରଫ କରିବା ପାଇଁ ତଦନ୍ତ ପକ୍ରିୟା ଚଳାଇ ଥିବା ଜଣାଯାଇଛି।

---

### ■ ଛତୁଆ ଯୋଗାଣରେ ଅନିୟମିତତା

# ସିଙ୍ଗନାଳି ଅଙ୍ଗନବାଡ଼ି କର୍ମୀଙ୍କ ଅଭିଯୋଗ



ଆନନ୍ଦପୁର, ୯।୧୨ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଦିଆଯାଉଥିବା ସରକାରଙ୍କ ଛତୁଆ ଓ ମାଣ୍ଡିଆ ଛତୁଆ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚୁ ନଥିବା ଗୁରୁତର ଅଭିଯୋଗ ହୋଇଛି। ଛତୁଆ ଯୋଗାଉଥିବା ପରିବହନକାରୀ ପ୍ରତ୍ୟେକ କେନ୍ଦ୍ରକୁ ନଯାଇ ଗୋଟିଏ କେନ୍ଦ୍ରରେ ଏକାଧିକ କେନ୍ଦ୍ରର ଛତୁଆ ଦେଇ ଦେଉଥିବା ଅଭିଯୋଗ ହେଉଥିଲା ବେଳେ ନିୟମିତ ଠିକ ସମୟରେ ଛତୁଆ ବଣ୍ଟନ ହୋଇପାରୁ ନଥିବା ସଂଗୀନ ଅଭିଯୋଗ ହୋଇଥିବା ଅଭିଯୋଗ ସାମନାକୁ ଆସିଛି। ଏପରି ସମ୍ବେଦନଶୀଳ ଅଭିଯୋଗ କରିଛନ୍ତି ଆଦିବାସୀ ଇଲାକାର ସିଙ୍ଗନାଳି କେନ୍ଦ୍ର ଅଙ୍ଗନବାଡ଼ି କର୍ମୀ ସୁକାନ୍ତିମଣି ସିଂ। ସେ ଏହି ସମସ୍ୟା ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଶିଶୁବିକାଶ ଅଧିକାରୀଙ୍କଠାରେ ହେଲେ ରାସ୍ତା ଖରାପ ଥିବାରୁ ଗାଡ଼ି ଯାଇପାରୁନାହିଁ ବୋଲି ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ସଫେଇ ଦେଇ ଏହି ପ୍ରସଙ୍ଗକୁ ରଫାଦଫା କରିବାକୁ ଉଦ୍ୟମ ଚାଲିଥିବା ଜଣାଯାଇଛି। ଏଭଳି ଅନେକ ଅଭିଯୋଗ ଆସିବା ପରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ସମସ୍ୟା ଅନୁଭବ କରିବା ପରେ ଶିଶୁବିଭାଗ ଅଧିକାରୀଙ୍କୁ ତାଗିଦ କରିଥିଲେ। ଛତୁଆ ମାନ ପରୀକ୍ଷା ପାଇଁ ଗୋଟିଏ ପ୍ରକାର ପଠାଯାଉଥିବା ବେଳେ ଯୋଗାଣ ହେଉଛି ଗୋଟିଏ ପ୍ରକାର। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏନେଇ ପ୍ରଶ୍ନ ଉଠାଉ ନଥିବା ପଛରେ ପ୍ରସ୍ତୁତକାରୀ ସଂସ୍ଥା ସହ ସାଲିସ ହୋଇଥିବା ଅଭିଯୋଗ ହୋଇଛି। ଆଦିବାସୀ ଇଲାକାରେ ଛତୁଆ ନିୟମିତ ମାସକୁ ମାସ ଦିଆଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦୁଝର ଜିଲ୍ଲାପାଳ ଏହାର ବିଧବଦ୍ଧ ତଦନ୍ତ କରାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆନନ୍ଦପୁର ବ୍ଲକର କୋଲିମାଟି, ଧକୋଠା, ମନୋହରପୁର, ପଣସଡିହା, ଗୟଳମୁଣ୍ଡା, ବୁଢ଼ୀକୁଦ ଆଦି ଅନେକ ପଞ୍ଚାୟତରେ ନିୟମିତ ଭାବେ ବନ୍ଧିତ ମାଣ୍ଡିଆ ଛତୁଆ ମିଳୁ ନଥିବାରୁ ଶିଶୁମାନେ ଅପୁଷ୍ଟିର ଶିକାର ହେଉଥିବା ଅଭିଯୋଗ ହେଉଛି। ଅଙ୍ଗନବାଡ଼ି କେନ୍ଦ୍ରକୁ ନିୟମିତ ଠିକ୍ ସମୟରେ ଛତୁଆ ଦିଆଯାଉନାହିଁ। ଏହି ମାଣ୍ଡିଆ ଛତୁଆ ଯୋଗାଇବା ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ କରାଯାଇ ଉପଯୁକ୍ତ ସଂସ୍ଥାକୁ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସଂସ୍ଥା ଏହି ଛତୁଆ ଯୋଗାଣ ହାତେଇ ନେଇ ନିଜ ମନମାନି ଚଳାଇଥିବା ଅଭିଯୋଗ ହୋଇଛି। ସେନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଟେଣ୍ଡର ନିୟମ ଅନୁଯାୟୀ କରା ନଯାଇ ଗୋଟିଏ ସଂସ୍ଥାକୁ କାଗଜପତ୍ର କରାଯାଇ ଦିଆଯାଉଥିବା ଅଭିଯୋଗ କରିଛନ୍ତି।

---

# ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଳାଗଲା କେନାଲ




ଚମ୍ପୁଆ, ୯।୧୨ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଞ୍ଚାୟତ ଇଚିଣ୍ଡାଠାରେ ଦୀର୍ଘଦିନ ହେବ ଅଟକି ରହିଥିବା କାନପୁର କେନାଲ କାର୍ଯ୍ୟ ପୁଲିସ ଓ ମାଜଷ୍ଟ୍ରେଟଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି। କାନପୁର କେନାଲ ଡିଭିଜନ ପକ୍ଷରୁ ଚାଷଜମିକୁ କେନାଲ ମାଧ୍ୟମରେ ଜଳ ଯୋଗାଇବା ନିମିତ କେନାଲ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଆନୁଷଙ୍ଗିକ ଭାବରେ ଜମି ଅଧିଗ୍ରହଣ କରାଯାଇଥିଲା। ଏନେଇ ଜମିହରାଙ୍କୁ ସରକାରୀ ନିର୍ଦ୍ଦେଶ ତଥା ଧାର୍ଯ୍ୟ ଦର ଅନୁସାରେ ଅର୍ଥ ପୈଠ କରାଯାଉଥିବା ବେଳେ ଇଚିଣ୍ଡା ଗ୍ରାମର ଝୁଲୁ ପ୍ରଧାନ ଜମି ଅଧିଗ୍ରହଣ ଅର୍ଥ ପାଇ ନଥିବା ଦାବି କରି ଅଧିଗ୍ରହଣ ସ୍ଥାନରେ କେନାଲ ନଖୋଳିବାକୁ ଦାବି କରି ଏହି କାର୍ଯ୍ୟକୁ ବିରୋଧ କରିଆସୁଥିଲେ। ଅନ୍ୟପକ୍ଷରେ ଚମ୍ପୁଆ ତହସିଲଦାର ସଜତ ମାର୍କେଙ୍କ କହିବା ଅନୁସାରେ ଉକ୍ତ ଅଧିଗ୍ରହଣ ଅର୍ଥ ପ୍ରଦାନ ପାଇଁ ତାଙ୍କୁ ନୋଟିସ କରାଯାଉଥିଲେ ମଧ୍ୟ ସେମାନେ ସହଯାଗ କରୁନାହାଁନ୍ତି। ଫଳରେ ଦୀର୍ଘ ଦିନ ହେବ ଅଟକି ରହିଥିବା ଏହି କାର୍ଯ୍ୟ ମଙ୍ଗଳବାର କେନାଲ ଡିଭିଜନ ଅଧିକାରୀ, ଚମ୍ପୁଆ ପୁଲିସ ଓ ମାଜଷ୍ଟ୍ରେଟଙ୍କ ଉପସ୍ଥିତିରେ କେଲାଲ କାର୍ଯ୍ୟ ଆରମ୍ଭ କରାଯାଇଛି।

---

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରଙ୍କ ପାଇଁ ସଚେତନତା ଶିବିର




କେନ୍ଦୁଝର, ୯।୧୨(ସମିସ): କେନ୍ଦୁଝର ମୁଣ୍ଡୁଆସ୍ଥିତ ସଂସ୍କୃତିଭବନଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଳିକ ବୃତ୍ତିରେ ପରିବାର ପ୍ରତିପୋଷଣ କରୁଥିବା ବାରିକ, ବଢେଇ, ମୋଚି, କଣ୍ଢେଇ ଖେଳଣା, ମାଛ ଜାଲ ବୁଣାଳି, ଫୁଲମାଳା ନିର୍ମାତା, ବଣିଆ/ସୁନାରୀ, ହାମର/ଟୁଲକିନ, କମାର, ତାଲା ନିର୍ମାଣ, ରାଜମିସ୍ତ୍ରି, ଧାତୁ ପଦାର୍ଥ ନିର୍ମାଣକାରୀ, କୁମ୍ଭାର, ମୂର୍ତ୍ତିକାର, ଧୋବା, ଅସ୍ତ୍ରଶସ୍ତ୍ର, ବାସ୍କେଟ ନିର୍ମାଣ କରୁଥିବା ୧୧୦ ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଏମଏସ୍‌ଏମଇ ଡିଏଫ୍‌ଓ କଟକର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ରଖିଥିଲେ। ଭୁବନେଶ୍ୱରସ୍ଥିତ ପୋଷ୍ଟାଲ ବ୍ୟାଙ୍କର ସର୍କଲ ମୁଖ୍ୟ ସୁଶାନ୍ତ କୁମାର ବେହେରା ବ୍ୟାଙ୍କର ସୁବିଧା ଏବଂ ୩୪ଜଣ ହିତାଧିକାରଙ୍କୁ ମାଗଣାରେ କ୍ୟୁଆର କୋର୍ଡ ପ୍ରଦାନ କରିଥିଲେ। ଏନ୍‌ଏସଡିସିର ପ୍ରବକ୍ତା ଲକ୍ଷ୍ମୀପ୍ରିୟା ମହାନ୍ତି ହିତାଧିକାରୀମାନଙ୍କ ସାମର୍ଥ୍ୟ ବୃଦ୍ଧି ସହ ମିଳୁଥିବା ଷ୍ଟାଇପେଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ। ଯେଉଁମାନଙ୍କର କିଛି ଅସୁବିଧା ରହିଛି ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର, କେନ୍ଦୁଝରର ସହାୟକ ଅଧିକାରୀ ମଲ୍ଲିକା ମୁର୍ମୁ ପିଏମ୍ ବିଶ୍ୱକର୍ମା ଚୟନ ପ୍ରକ୍ରିୟା ବିଷୟରେ ବକ୍ତବ୍ୟ ରଖିଥିଲେ। ସ୍କିମର ଡୋମେନ ଏକ୍ସପୋର୍ଟ ଅନୁବ୍ରତ ବେହେରା, ଜ୍ଞାନରଞ୍ଜନ ସାମନ୍ତ ସିଂହାର ସମସ୍ତ ହିତାଧିକାରୀମାନଙ୍କୁ ବ୍ୟାଙ୍କରୁ ଋଣ ନେଇ ଟଙ୍କାର ସଦୁପଯୋଗ କରିବା, ନିଜର ବ୍ୟବସାୟକୁ ବଢାଇବା ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଋଣ ବହୁତ କମ ଲୋକଙ୍କୁ ମିଳିଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଭୁବନେଶ୍ୱରସ୍ଥିତ କ୍ରସସଫ୍ଟ ସଲ୍ୟୁସନ ପ୍ରାଇଭେଟ ଲିଃର ପ୍ରତିଷ୍ଠାତା ତଥା ଡିଜିଟାଲ ମାର୍କେଟିଂ ବିଶାରଦ ସତ୍ୟଜିତ୍ ପରିଜା ଅନଲାଇନରେ ମାର୍କେଟିଂ କରିବାର ପଦ୍ଧତି, ଏହାଦ୍ୱାରା ଅଳ୍ପ ପରିଶ୍ରମ ଏବଂ ସମୟ ବ୍ୟବଧାନରେ ଅଧିକା ବିକ୍ରୀ କରିବାର କ୍ଷମତା ବିଷୟରେ ବୁଝାଇଥିଲେ। ବିଭିନ୍ନ ହିତାଧିକାରୀମାନଙ୍କର ଦ୍ରବ୍ୟଗୁଡିକର ଫଟୋ ଦେଖାଇବା ସଙ୍ଗେ ସଙ୍ଗେ ହିତାଧିକାରୀମାନଙ୍କର ଅନଲାଇନରେ ମେସୋ ପ୍ଲାଟଫର୍ମରେ ଫଟୋ ଅପଲୋଡ କରିଥିଲେ। ଏମଏସ୍‌ଏମଇ ଡିଏଫଓ, କଟକର ସହ ନିର୍ଦ୍ଦେଶକ ଅଭିମନ୍ୟୁ ମୋଦୀ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ଜିଲ୍ଲାରେ ୫୭୬ କୌଳିକ ବୃତ୍ତି ଟ୍ରେନିଂ ନେଇଥିବା ହିତାଧିକାରୀଙ୍କ ମଧ୍ୟରୁ ୫୬୬ଜଣଙ୍କୁ ବ୍ୟବସାୟ ପାଇଁ ଯନ୍ତ୍ରପାତି(ଟୁଲ କିଟ) ପ୍ରଦାନ କରାଯାଇ ସାରିଲାଣି। ସେହିପରି ଋଣ ପାଇଁ ଆବେଦନ କରିଥିବା ୨୭୫ ଜଣଙ୍କ ମଧ୍ୟରୁ ୮୦ଜଣ ହିତାଧିକାରୀଙ୍କୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି।

---

# ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

ଚମ୍ପୁଆ, ୯।୧୨ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ପଞ୍ଚାୟତର ଜାମୁଦଲକ-କଙ୍କଡ଼ାପାଟ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ଜଗନ୍ନାଥପୁର ଗ୍ରାମର ଜଳଧର ନାଏକ ନିଜ ବାଇକ ଯୋଗେ କୌଣସି କାର୍ଯ୍ୟ ପାଇଁ ମଙ୍ଗଳପୁର ରାସ୍ତା ଦେଇ ଜାମୁଦଲକ ଜାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଳଧରଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟ୍ରାକ୍ଟର ଧକ୍କାରେ ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର, ୯।୧୨ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ ଗୟାଳମୁଣ୍ଡା ଛକରେ ଟ୍ରାକ୍ଟର ଧକ୍କାରେ ଗୁରୁବାରୀ ବାଗେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। କନ୍ତଳା ଗ୍ରାମର କୁଟୁ ବାଗେ ଓ ତାଙ୍କ ସ୍ତ୍ରୀ ଗୁରୁବାରୀ ଗୟାଳମୁଣ୍ଡାରୁ ଘରକୁ ଫେରୁଥିବା ବେଳେ ଏକ ଧାନ ବୋଝେଇ ଟ୍ରାକ୍ଟର ଧକ୍କା ଦେବାରୁ ମହିଳା ଗୁରୁତର ହୋଇପଡ଼ିଥିଲେ ତେବେ ଚିକିତ୍ସା ପାଇଁ ଆନନ୍ଦପୁର ଯିବା ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଛି। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

---

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଆନନ୍ଦପୁର, ୯।୧୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୌରପାଳିକାର ନଗରପାଳ ରଜନୀରାଣୀ ଖଟୁଆ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ କୃଷ୍ଣଚନ୍ଦ୍ର ଦାସ, ପ୍ରାକ୍ତନ ନଗରପାଳ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ନିରାକାର ସାହୁ, ମହାବିଦ୍ୟାଳୟର ଅଧକ୍ଷ ଡ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଓ ଅଧାପକ ରଘୁଦୀପ୍ତି ନାୟକଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଡ ନିମାଇ ଚରଣ ରାଉତ, ଡ ଶକ୍ତିପ୍ରସାଦ ମହାପାତ୍ର, ଦୁର୍ଗାଶଙ୍କର ପରିଡ଼ା, ଶ୍ରୀଲେଖା ସାହୁ ପ୍ରମୁଖ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଡ ବଶିଷ୍ଟ କୁମାର ବେହେରା ପ୍ରାରମ୍ଭରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। ବେଲେଶ୍ୱର ଉଚ୍ଚ ମାଧ୍ୟମିକର କ୍ରୀଡା ଶିକ୍ଷକ ଆମୋଦଚନ୍ଦ୍ର ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ।

---

# ଜଗତସିଂହପୁରରେ ବାଳିକା କ୍ରିକେଟ ଦଳ



ହାଟଡିହୀ, ୯।୧୨(ସମିସ): ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ ଦଳ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବାକୁ ଜଗତସିଂପୁର ଗସ୍ତ କରିଛି। ଜିଲ୍ଲା ସ୍ତରରୁ କୃତିତ୍ୱ ଅର୍ଜନ କରିଥିବା ହାଟଡିହୀ ବ୍ଲକର ବାଳିକା କ୍ରିକେଟ୍ ଟିମ୍‌ର ଏକ ୧୬ ଜଣିଆ ପ୍ରତିନିଧି ଦଳ ସାମିଲ ହୋଇଛନ୍ତି। ଅନ୍ୟାନ୍ୟ ଛାତ୍ରୀଙ୍କ ଖେଳ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସଫଳତା ନେଇ ଆଶିଷ କାମନା କରିଥିଲେ। ସାଇପ୍ରତୀକ୍ଷା ଜେନାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଶାସଙ୍ଗ ହାଇସ୍କୁଲଠାରୁ ଗସ୍ତ ଆରମ୍ଭ କରିଛନ୍ତି। ଏହି ଦଳରେ ଶାସଙ୍ଗ ହାଇସ୍କୁଲର ୧୦ ଜଣ ଛାତ୍ରୀ ଥିବାବେଳେ ବରାହୀ ହାଇସ୍କୁଲର ୨ ଜଣ, ଆନନ୍ଦପୁରରୁ ୨ ଜଣ ଓ ଶାଳଦେଇ ହାଇସ୍କୁଲରୁ ଜଣେ ଛାତ୍ରୀ ଅଛନ୍ତି। କ୍ରୀଡ଼ା ପ୍ରଶିକ୍ଷକ ଶାନ୍ତନୁ ରାଉତ, ପଦ୍ମନାଭ ସାମଲ, ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଡିପିଓ ରାମକୃଷ୍ଣ ବେହେରା, ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ, ଓଷ୍ଟା ଶିକ୍ଷକ ସଂଘର ରାଜ୍ୟ ସହସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ ପ୍ରମୁଖ ବାଳିକା କ୍ରିକେଟ ଦଳର ସଫଳତା ନେଇ ଆଶାବାଦୀ ଅଛନ୍ତି।

---

# ମାଳମାଳ ବେଆଇନ ଇଟାଭାଟି; ପ୍ରଶାସନର ନିଘା ନାହିଁ

**ସରକାରୀ ଓ ଦେବୋତ୍ତର ଜମିରେ ପୋଖରୀ ଭ୍ରମ**



ଆନନ୍ଦପୁର, ୯।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅଞ୍ଚଳରେ ଗଢ଼ି ଉଠିଛି ମାଳମାଳ ବେଆଇନ ଇଟାଭାଟି। ସରକାରୀ ଓ ଦେବୋତ୍ତର ଜମିରେ ପ୍ରତିବର୍ଷ ଏପରି ଲାଭଜନକ କାରବାର ଚାଲିଆସୁଛି। କେତେକ ରାଜସ୍ୱ ବିଭାଗ କର୍ମଚାରୀ ହାତ ଚିକ୍କଣ କରୁଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଛକ ଦେଇ ଶାଳବଣି ଆଡ଼କୁ ଗଲେ ରାସ୍ତାକଡ଼ରେ ବହୁ ସଂଖ୍ୟାରେ ଇଟାଭାଟି ଗଢ଼ି ଉଠିଛି। ଶାଳବଣି, ମୋଚିଦା, ବଳଦୁଆଁ, ବାରୁଆଁ, କଣ୍ଟିପାଳ, ମଠସାହି ଅଞ୍ଚଳରେ ଶହେରୁ ଅଧିକ ଇଟାଭାଟି ନିର୍ମାଣପାଇଁ ପ୍ରସ୍ତୁତି ଚାଲିଛି। ମନଇଚ୍ଛା ବିଭିନ୍ନ ଲୋକଙ୍କ ଚାଷଜମିରୁ ମାଟି ଖୋଳାଯାଇ ଇଟା ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ଚାଷଜମି ଖାଲୁଆହୋଇ ପୋଖରୀର ଭ୍ରମ ସୃଷ୍ଟି ହେଲାଣି। ଉଚ୍ଚ ନ୍ୟାୟାଳୟ ଓ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ ପକ୍ଷରୁ ନାଲି ମାଟିଇଟା ତିଆରି ଓ ବ୍ୟବହାର ଉପରେ କଟକଣା ରହିଛି। ଏହାକୁ ବେଖାତିର ଇଟା ତିଆରି ଚାଲିଛି। ଦୁଇ ସପ୍ତାହ ହେଲା ଇଟଭାଟି କାମ ଆରମ୍ଭ ହୋଇଥିବା ବେଳେ ଏହା ଜୁନ୍ ମାସ ପର୍ଯ୍ୟନ୍ତ ଚାଲିବା ଇଟା ପୋଡ଼ିବା ଦ୍ୱାରା ଗ୍ରୀଷ୍ମଋତୁରେ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଇଟାଭାଟି ପାଇଁ ବ୍ୟବହାର ହେଉଥିବା ବିପୁଳ ପରିମାଣର କୋଇଲା ଚୋରାରେ ଆସୁଥିବା କୁହାଯାଉଛି। ଗତବର୍ଷ ଏପ୍ରିଲ ମାସରେ ଇଟଭାଟି ମାଲିକଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ବଳଦୁଆଁ ଗ୍ରାମର ଚାଷୀମାନେ ଆନନ୍ଦପୁର ତହସିଲଦାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଇଟାଭାଟି ଚଳାଇବା ପାଇଁ ଆନନ୍ଦପୁର ଅଞ୍ଚଳରେ ଏକ ର୍‌ୟାକେଟ୍ କାମ କରୁଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଭୁବନେଶ୍ୱର ସିଟି



# ପୁଲିସର ବର୍ବରତା; ଘରେ ପଶି ଆକ୍ରମଣ

ଭୁବନେଶ୍ୱର, ୯।୧୨(ସମିସ)

ଚନ୍ଦକା ଥାନାର ଦୌରାତ୍ମ୍ୟ ବ୍ରିଟିଶରାଜର ବର୍ବରତାକୁ ଅତିକ୍ରମ କରିଛି। ଅପରାଧୀଙ୍କୁ ଧରିବାକୁ ଯାଇ ଅନ୍ୟ ଜଣଙ୍କ ଘରେ ପଶି ପୁଲିସ ଜୁଲମ କରିଛି। ପୁଲିସ ଅନ୍ୟ ଜଣଙ୍କ ଘରେ ଫୋପଡ଼ା ଫିଙ୍ଗା କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଛି। ଏମିତି କି ସମ୍ପୃକ୍ତ ପରିବାରର ଏକାଧିକ ସଦସ୍ୟଙ୍କୁ ଗିରଫ କରି ଚନ୍ଦକା ଥାନା ପୁଲିସ କୋର୍ଟ ଚାଲାଣ କରିଛି ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଯୁବ କଂଗ୍ରେସ କଡ଼ା ପ୍ରତିକ୍ରିୟା ପ୍ରକାଶ କରିବା ସହ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଛି।

ମଙ୍ଗଳବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ଜଣେ ଅପରାଧୀକୁ ଗିରଫ କରିବାପାଇଁ ଚନ୍ଦକା ଥାନାର ଏକ ଟିମ ସାଧା ପୋଷାକ ଓ ବିନା ପରିଚୟ ପତ୍ରରେ କଣ୍ଟାବାଡ଼ ଗ୍ରାମର ଜଲିଲ ଖାନଙ୍କ ଘରେ ରାତିଅଧିଆ ଚଢ଼ଉ କରିଥିଲେ। ହେଲେ ପୁଲିସ ଚଢ଼ାଉ କରୁଥିବା ଘର ସେ ଅପରାଧୀଙ୍କର ନଥିଲା। ଅପରାଧୀଙ୍କ ଘର ଜଲିଲ ଖାନଙ୍କ ଘର ନିକଟବର୍ତ୍ତୀ ଥିଲା। ଜଲିଲ ଖାନ ଜଣେ ଭଦ୍ରଲୋକ ଏବଂ ସେ ନୀରପରାଧ। ପୁଲିସ ତାଙ୍କ ଘର କବାଟ ଭାଙ୍ଗିବା ସହ ଘରେ ଥିବା ଆସବାବପତ୍ରକୁ ଫୋପଡ଼ା ଫିଙ୍ଗା କରିଥିଲେ। ଜଲିଲ ଖାନ ଏବଂ ତାଙ୍କର ପରିବାର ବର୍ଗ ପୁଲିସର ଏଭଳି ଆକ୍ରମଣରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ସେମାନେ ଯେହେତୁ ଅପରାଧୀ ନ ଥିଲେ ପୁଲିସର ଏଭଳି କାର୍ଯ୍ୟକ୍ରମକୁ ପ୍ରତିବାଦ କରିଥିଲେ। ପୁଲିସ ପରିବାରର ମହିଳାମାନଙ୍କୁ ଅସଦାଚରଣ କରିବା ସହ ପୁରୁଷ ସଭ୍ୟମାନଙ୍କୁ ନିର୍ମମ ଭାବରେ ପ୍ରହାର କରିଥିଲେ।

- ସାଦା ପୋଷାକଧାରୀଙ୍କୁ ପ୍ରତିବାଦ କରିବାରୁ ବାହାରିଲା ଦବଙ୍ଗଗିରି
- ଡିଜିପି ହସ୍ତକ୍ଷେପ ନ କଲେ ରାସ୍ତାକୁ ଓହ୍ଲାଇବ ଯୁବ କଂଗ୍ରେସ



ପୁଲିସର ବର୍ବରତା ଏତିକିରେ ସରି ଯାଇ ନ ଥିଲା। ସେହି ଟିମ୍‌ର ପୁଲିସ କର୍ମଚାରୀମାନେ ମଦ୍ୟପାନ କରିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଯେହେତୁ ପୁଲିସମାନେ ୟୁନିଫର୍ମରେ ନ ଥିଲେ ଏବଂ ତାଙ୍କ ପାଖରେ ପରିଚୟ ପତ୍ର ନ ଥିଲା ସେହି କାରଣରୁ ଜଲିଲ ଖାନଙ୍କ ପରିବାର ସେମାନେ ପୁଲିସ ବୋଲି ଜାଣିପାରିଲେ ନାହିଁ। ତେଣୁ ଆକ୍ରମଣ କରିଥିବା ପୁଲିସଙ୍କୁ ସେଠାରେ ଅଟକ ରଖିଥିଲେ। ଏହାପରେ ଚନ୍ଦକାଥାନା ପକ୍ଷରୁ ଦାୟିତ୍ୱପ୍ରାପ୍ତ ଅଧିକାରୀ ଘଟଣାସ୍ଥଳକୁ ଯିବା ଫଳରେ ଜଲିଲ ଖାନ ଏବଂ ତାଙ୍କ ପରିବାର ଜାଣିପାରିଲେ ଯେ ଯେଉଁମାନେ ତାଙ୍କୁ ଆକ୍ରମଣ କରିଥିଲେ ସେମାନେ ପୁଲିସ। ପୁଲିସ ଯେଉଁ ଅପରାଧିଙ୍କୁ ଗିରଫ କରିବାକୁ ଯାଉଥିଲେ ସେ ବ୍ୟକ୍ତି ଜଲିଲ ଖାନ କିମ୍ବା ତାଙ୍କ ପରିବାର ବର୍ଗରୁ କେହି ନୁହନ୍ତି। ଅପରାଧୀଙ୍କ ଘର ଜଲିଲ ଖାନଙ୍କ ଘର ଠାରୁ ୭-୮ଟି ଘର ପରେ ଅବସ୍ଥିତ। ପୁଲିସ ଭୁଲକ୍ରମେ ନିରୀହ ଲୋକଙ୍କର ଘର ଭାଙ୍ଗିବା ସହ ସେମାନଙ୍କୁ ଅମାନୁଷିକ ଆକ୍ରମଣ କଲେ। ସମଗ୍ର ଘଟଣାରେ ପୁଲିସର ଅକ୍ଷମଣୀୟ ତ୍ରୁଟି ରହିଥିବା ବେଳେ ପୁଲିସ ଜଲିଲ ଖାନଙ୍କ ପରିବାରରୁ ମହିଳା, ବୃଦ୍ଧ ଓ ଛୋଟ ପିଲାଙ୍କୁ ମିଶାଇ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିରୀହ ଓ ନୀରପରାଧ ଲୋକଙ୍କୁ ବିନା କାରଣରେ ଜେଲରେ ଭର୍ତ୍ତି କରାଯାଉଛି। ପୁଲିସ ଅପରାଧିଙ୍କୁ ଠିକ ଭାବେ ଠାବ ନକରିପାରି ସାଧାରଣ ନାଗରିକଙ୍କୁ ଅତ୍ୟାଚାର କରୁଛନ୍ତି। ପୁଲିସର ଏପରି ବ୍ରିଟିଶରାଜକୁ ଯୁବ କଂଗ୍ରେସ ସହ୍ୟ କରିବନାହିଁ। ଯଦି ଭୁବନେଶ୍ୱର କମିସନର୍ ଏବଂ ପୁଲିସ ମହାନିର୍ଦ୍ଦେଶକ ଘଟଣାର ତଦନ୍ତକରି ଏହି ନିରୀହ ପରିବାରଙ୍କୁ ନ୍ୟାୟ ଦେବା ସହ ସେମାନଙ୍କୁ ଜେଲରୁ ମୁକ୍ତ ନକରନ୍ତି ତେବେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି।

ଅପରପକ୍ଷେ ପୁଲିସ ପୋଷାକ ପିନ୍ଧି ରାସ୍ତାରେ ବଟି ଆଦାୟ ଅଭିଯୋଗରେ ଚନ୍ଦକା ଥାନା ପୁଲିସ କଣ୍ଟାବାଡ଼ ଗ୍ରାମର ଶେଖ୍ ମକସୁଦ ଆଲମ୍, ଜଲିଲ୍ ଖାନ୍, ଉମରାଲି ଖାନ୍, ତାଜମା ବେଗମ୍, ଅପସାନା ବିବି, ଶେହେନାଜ୍ ବିବି ଓ ମରିୟମ୍ ବିବିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୮ଟି ସ୍କୁଟି ଏବଂ ବାଇକ୍ ଏହାସହ ଗୋଟିଏ କାର ଜବତ କରାଯାଇଥିବା ଜଣାପଡ଼ିଛି।

## ଖଣ୍ଡା ଦେଖାଇ ଲୁଟ୍; ୫ ଗିରଫ



- ଲୁଟି ନେଇଥିଲେ ସୁନା, ୨୦ ହଜାର ଟଙ୍କା
- ଅଭିଯୁକ୍ତଙ୍କର ହେବ ଟିଆଇ ପରେଡ

ଭୁବନେଶ୍ୱର, ୯।୧୨ (ସମିସ): ହୋଟେଲ ମାଲିକଙ୍କୁ ଖଣ୍ଡା ଦେଖାଇ ଲୁଟ୍ କରିଥିବା ୫ ଡକାୟତଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ହରପାର୍ବତୀ ସାହିର ସଞ୍ଜୟ ସାହୁ ଓରଫ୍ କାହ୍ନା (୨୪), ବୀଣା ଭାରତୀ ସ୍କୁଲ୍ ନିକଟରେ ରହୁଥିବା ସାହିଲ ନାୟକ (୧୯), ଜୋକଲଣ୍ଡିର ଲକ୍ଷ୍ମଣ ଦାସ (୨୩), ଶିବ ମନ୍ଦିର ଗଳିର କାର୍ତ୍ତିକ ଦାସ (୨୬) ଓ ବଳରାମ ଭୋଇ (୧୯)।

ପୁଲିସ ସୂଚନାନୁସାରେ, କଳିଙ୍ଗନଗର କେ୮ ଅଞ୍ଚଳରେ ହୋଟେଲ କରିଥିବା ବିଶ୍ୱରଞ୍ଜନ ପରିଡ଼ା ଗତମାସ ୩୦ ତାରିଖ ରାତି ୩ଟାରେ ଜିଏ କଲୋନୀ ସ୍ଥିତ ଘରକୁ ଫେରୁଥିଲେ। ସେହି ସମୟରେ ଉପୋରକ୍ତ ଅଭିଯୁକ୍ତମାନେ ତାଙ୍କୁ ଭରତପୁର ଡାକ୍ତରଖାନା ନିକଟରେ ଅଟକାଇ ଖଣ୍ଡା, ଲୁହାଛଡ଼, କଟୁରି ଦେଖାଇ ଭୟଭୀତ କରିଥିଲେ। ଧମକଚମକ ଦେଇ ବିଲ୍ ତାଙ୍କଠାରୁ ଦୁଇଟି ମୋବାଇଲ୍ ଫୋନ୍, ଗୋଟିଏ ସୁନା କଙ୍କଣ ଓ ନଗଦ ୨୦ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ବିଶ୍ୱରଞ୍ଜନ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ହରପାର୍ବତୀ ସାହିରୁ କାହ୍ନାକୁ ଗିରଫ କରିବା ପରେ ସବୁକଥା ପଦାକୁ ଆସିଥିଲା। ତା' ଠାରୁ ସୂଚନା ପାଇ ପୁଲିସ ଅନ୍ୟମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଲୁହା ଛଡ଼, ଭୁଜାଲି, ଗୋଟିଏ ସୁନା କଙ୍କଣ, ଗୋଟିଏ ସୁନା ଚେନ, ୩ ହଜାର ଟଙ୍କା ଓ ୨ ମୋବାଇଲ ଫୋନ ଜବତ କରିଥିଲା। ଡକାୟତି ମାମଲା ହୋଇଥିବାରୁ ଘଟଣାକୁ ପୁଲିସ ଗୁରୁତ୍ୱ ଦେବା ସହ ପ୍ରମାଣ ସଂଗ୍ରହ କରୁଛି। ଏଥିଲାଗି ଅଭିଯୁକ୍ତମାନଙ୍କର ଟିଆଇ ପରେଡ କରାଯିବ ବୋଲି ପୁଲିସ କହିଛି। ପୂର୍ବରୁ କାହ୍ନା ନାମରେ ୬ଟି, ସାହିଲ ନାମରେ ୨ଟି ଓ କାର୍ତ୍ତିକ ନାମରେ ୩ଟି ମାମଲା ରହିଥିବା ଜଣାପଡ଼ିଛି।

## ଚାରି ବର୍ଷ ପରେ ଧରାପଡ଼ିଲା ନକଲି ଜମି ମାଲିକ



ଭୁବନେଶ୍ୱର, ୯।୧୨ (ସମିସ): ସେୟାରିଂ ପ୍ରୋଜେକ୍ଟ ଆଳରେ ଠକେଇ କରିଥିବା ନକଲି ଜମି ମାଲିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାରଙ୍ଗ ଥାନା ବଛିପୁରର ପ୍ରତାପ ସାହୁ ଓରଫ୍ ପହଲି (୫୯)। ପୁଲିସ ସୂଚନା ଅନୁସାରେ, ୪ ବର୍ଷ ପୂର୍ବେ ଅବନୀ ଓ ଅକ୍ଷୟ ନାମକ ଦୁଇଜଣ ବ୍ୟକ୍ତି ବିଲ୍ଡର ଜଗତ କୁମାର କରଙ୍କ ପାଖକୁ ଆସି କଳାରାହାଙ୍ଗା ମୌଜାର ୬ଟି ଦେଖାଇଥିଲେ। ଉକ୍ତ ଜମିର ମାଲିକ ପ୍ରହଲ୍ଲାଦ ଚରଣ ସ୍ୱାଇଁ ଓ ଲୋଚନ ସ୍ୱାଇଁ ୬୦ ଲକ୍ଷ ଟଙ୍କା ଡାଉନ୍ ପେମେଣ୍ଟ ସହିତ ଏକ ଆପାର୍ଟମେଣ୍ଟ ପ୍ରକଳ୍ପ ପାଇଁ ଜମି ଦେବାକୁ ରାଜିଥିବା କହିଥିଲେ। ସେହି ସେୟାରିଂ ପ୍ରୋଜେକ୍ଟରେ ଜମି ମାଲିକଙ୍କର ୪୦ ପ୍ରତିଶତ ଓ ବିଲ୍ଡର୍ସ ୬୦ ପ୍ରତିଶତ ଅଂଶ ରହିବ ବୋଲି କଥାବାର୍ତ୍ତା ହୋଇଥିଲା। ଅବନୀ ଓ ଅକ୍ଷୟ କଥାରେ ଭରସା କରି ଜଗତ ନେଟ୍ ପଟ୍ଟା ଦେଖିବା ସହ କଥିତ ମାଲିକ ପ୍ରହଲ୍ଲାଦଙ୍କୁ ଅଗ୍ରୀମ ବାବଦକୁ ଏକଲକ୍ଷ ଟଙ୍କା ଦେଇଥିଲେ। ହେଲେ ସେ ଭେଟିଥିବା ପ୍ରହଲ୍ଲାଦ ପ୍ରକୃତ ଜମି ମାଲିକ ନୁହେଁ, ବରଂ ବଛିପୁରର ପହଲି ସାହୁ ବୋଲି ଜଗତ ଜାଣିବାକୁ ପାଇଥିଲେ। ଜଗତ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ କୌଣସି ଉତ୍ତର ଦେଇନଥିଲେ। ଏନେଇ ଜଗତ ୨୦୨୧ ମସିହା ଜୁନ ମାସରେ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବଛିପୁରରୁ ପହଲିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପୁସ୍ତକ ମହୋତ୍ସବରେ 'ବିନ୍ଦୁସୀମା' ଉନ୍ମୋଚିତ

ଭୁବନେଶ୍ୱର, ୯।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ କବି ରମାକାନ୍ତ ରଥ ମଞ୍ଚରେ ଭାଷା ଆନ୍ଦୋଳନ ଓଡ଼ିଶା ତରଫରୁ ଓଡ଼ିଆ କବିତାରେ ନବରସ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବରସର ଯୁଗଳବନ୍ଦୀ କବିତା ପୁସ୍ତକ 'ବିନ୍ଦୁ ସୀମା' ଉନ୍ମୋଚିତ ହୋଇଯାଇଛି।

ଆଲୋଚନାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିବା ବେଳେ ନାଟ୍ୟକାର ବିଜୟ ଦାସ ବିନ୍ଦୁସୀମା ପୁସ୍ତକର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ପଣ୍ଡା, ପ୍ରକାଶକ ରାଜ କିଶୋର ଦାସ ଏବଂ ବ୍ୟଙ୍ଗକବି ଶ୍ରୀ ସତ୍ୟନାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ଜାନକୀଶ ବଡପଣ୍ଡା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁସାହିତ୍ୟିକ ଶ୍ରୁତକୀର୍ତ୍ତି ତ୍ରିପାଠୀ ଓ ସ୍ୱାଗତ ଭାଷଣ ରଖିଥିଲେ ଭାଷା ଆନ୍ଦୋଳାନ୍ ଓଡ଼ିଶାର ଆବାହକ ପବିତ୍ର ମହାରଥା। ବିନ୍ଦୁସୀମା ରଚୟିତା କବି ବିନ୍ଦୁ ନିବେଦିତା ପଟ୍ଟନାୟକ ଏବଂ ଡଃ ଅସୀମା ସାହୁ ନିଜର କବିତାଗୁଡିକର ଯୁଗଳବନ୍ଦୀ ଆବୃତି କରିଥିଲେ। ଏହି ନୂତନ ପ୍ରୟୋଗ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଭାସୀ ପ୍ରକାଶନୀର ସମ୍ପାଦକ ସାରଦା ପ୍ରସାଦ ମହାପାତ୍ରଙ୍କ ଆବାହକତ୍ୱରେ ବିଶିଷ୍ଟ ବ୍ୟଙ୍ଗକବିମାନଙ୍କ ସମାବେଶରେ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ମୋହନ ଜେନାଙ୍କ ଅବର୍ତ୍ତମାନରେ ସାମାଜିକ ନ୍ୟାୟ ଆନ୍ଦୋଳନ ଦିଗହରା

ଭୁବନେଶ୍ୱର, ୯।୧୨(ସମିସ) : ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି, ଓଡ଼ିଶାରେ ଯୁବଛାତ୍ର ଆନ୍ଦୋଳନର କ୍ରାନ୍ତିକାରୀ ନେତୃତ୍ୱ ତଥା ପୂର୍ବତନ ସାଂସଦ ମୋହନ ଜେନା ସାମାଜିକ ନ୍ୟାୟ ପାଇଁ ଥିଲେ ଜଣେ ଲଢୁଆ ସାରଥୀ। ତାଙ୍କ ଅବର୍ତ୍ତମାନରେ ସାମାଜିକ ନ୍ୟାୟ ଆନ୍ଦୋଳନ ଆଜି ଦିଗହରା ବୋଲି ମୋହନ ଜେନା ସ୍ମୃତି କମିଟି ତରଫରୁ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ମୋହନ ଜେନାଙ୍କ ତୃତୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ସାଂସଦ ମୋହନ ଜେନାଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ବସନ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବଡ଼ଚଣା ମାନ୍ୟବର ବିଧାୟକ ଅମର ନାୟକ, ସାମ୍ବାଦିକ ରବି ଦାସ, ଇଂ ଅଲେଖ ଚନ୍ଦ୍ର ମଲ୍ଲିକ, ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମିହିର ପ୍ରସାଦ ସେଠୀ, ସୁଧାଂଶୁ ଡାଙ୍ଗ, ଇଂ ଭୋଜରାଜ ଲୁହା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସମାଜସେବୀ ପ୍ରତାପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ରାଜଧାନୀ ବଜାରରେ ୮୦ ପ୍ରକାରର ରଙ୍ଗୀନ ମାଛ

## ଗୋଟିଏ ମାଛର ଦାମ୍ ୪୫ ହଜାର

ଭୁବନେଶ୍ୱର, ୯।୧୨(ସମିସ): ଘରର ସୌନ୍ଦର୍ଯ୍ୟ ପାଇଁ ହେଉ କି ଟ୍ରେଣ୍ଡରେ ସାମିଲ ହେବା ପାଇଁ ହେଉ ଘରେ ଆକ୍ୱାରିଅମ୍‌ରେ ରଙ୍ଗିନ ମାଛର ସୌକ ଏବେ ରାଜଧାନୀରେ ବଢ଼ିବାର ଲାଗିଛି। କେହି କେହି ଏହାକୁ ବାସ୍ତୁ ଦୃଷ୍ଟିରୁ ମଧ୍ୟ ଘରେ ଆଣି ରଖୁଛନ୍ତି। ଘରେ ରଙ୍ଗ ବେରଙ୍ଗର ମାଛ ଆଣି ରଖିବା ଲୋକଙ୍କର ସୌକ୍ ପାଲଟିଗଲାଣି। ସେଥିପାଇଁ ତା ପଛରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ବି ଲୋକ ପଛାଉନାହାନ୍ତି। ଏମିତି କି ସାରୱାନା ପ୍ରଜାତିର ଗୋଟିଏ ରଙ୍ଗୀନ ମାଛର ଦାମ୍ ୪୫ ହଜାର ଟଙ୍କା ରହିଛି। ଏତେ ଦାମ୍ ସତ୍ତ୍ୱେ ବି ସେଭଳି ମାଛ କିଣିବା ପାଇଁ ସାଧାରଣରେ ସୌକ ମଧ୍ୟ ବଢ଼ିବାରେ ଲାଗିଛି।

ଏହି ରଙ୍ଗିନ ମାଛ ଭିନ୍ନ ଭିନ୍ନ ରଙ୍ଗ ଏବଂ ପ୍ରଜାତିର ବଜାରରେ ମିଳୁଛି। ବିଶେଷକରି ଚେନ୍ନାଇ, କେରଳ, ମୁମ୍ବାଇ, କୋଲକାତା ଏବଂ ହାଇଦରାବାଦରୁ ଏହାକୁ ବ୍ୟବସାୟ ପାଇଁ ଓଡ଼ିଶା ତଥା ରାଜଧାନୀକୁ ଅଣାଯାଉଛି। କାରଣ କେବଳ ଏହିସବୁ ସ୍ଥାନରେ ଆକ୍ୱାରିଅମ୍ ମାଛ ଅଧିକ ପରିମାଣରେ ଚାଷ କରାଯାଇଥାଏ। ସେଠାରୁ ବ୍ୟବସାୟୀମାନେ ଆଣି ରାଜଧାନୀରେ ପାଖାପାଖି ୧୫୦ରୁ ଅଧିକ ସ୍ଥାନରେ ବିକ୍ରି କରୁଛନ୍ତି। ଏନେଇ ଦିସା ଆକ୍ୱାରିଅମର ବ୍ୟବସାୟୀ କୁହନ୍ତି, ବଜାରରେ ଚାହିଦାକୁ ଦେଖି ବର୍ତ୍ତମାନ ୭୦ରୁ ୮୦ ପ୍ରକାରର ରଙ୍ଗିନ ମାଛ ବଜାରରେ ବିକ୍ରି ହେଉଛି। ସେଥିରେ ଭିନ୍ନ ଭିନ୍ନ ପ୍ରଜାତି ଅନ୍ତର୍ଭୁକ୍ତ ରହିଛି। ଯେପରି ହ୍ୱାଇଟ୍ ସାର୍କ, ବ୍ଲାକ୍ ସାର୍କ, କ୍ରୋକୋଡାଇଲ୍, ଏନ୍‌ଜେଲ, ଟାଇଗର ବାର୍କ, ରୋଜି ବାର୍କ, ଟେଟ୍ରା, ଗୋଲ୍ଡ ଫିସ୍ ଏବଂ ଟାଇଗର ଭେରାଇଟି ଦେଖିବାକୁ ମିଳେ। ବିଶେଷକରି ଚେନ୍ନାଇ, କେରଳ ଏବଂ ମୁମ୍ବାଇରୁ ସବୁଠୁ ଦାମୀ ମାଛ ଅଣାଯାଇଥାଏ। କାରଣ ରାଜଧାନୀରେ କାଁ ଭାଁ କେଉଁଠି ରଙ୍ଗୀନ ମାଛ ଉତ୍ପାଦ କରାଯାଉଥିବାବେଳେ ଲୋକ ତାକୁ ନେବାକୁ ପସନ୍ଦ କରୁନାହାନ୍ତି। ସେଥିପାଇଁ ରାଜ୍ୟବାହାରୁ ଅଧିକ ଆମଦାନୀ କରାଯାଉଛି। ସେସବୁର ଦାମ ୧୦ଟଙ୍କାରୁ ଆରମ୍ଭ ହୋଇ ୨ ଲକ୍ଷ ପର୍ଯ୍ୟନ୍ତ ରହୁଛି। ରାଜଧାନୀରେ ଲୋକ ଗୋଲ୍ଡ, ସୁଭାଙ୍ଗୀକୁ ଲୋକ ଅଧିକ କିଣୁଛନ୍ତି। ଗୋଲ୍ଡ ଫିସର ମଧ୍ୟ ଶହେ ଭେରାଇଟି ରହିଛି। ଏହି ମାଛ ଖୁବ୍ କମ୍ ଦାମ୍‌ରେ ମିଳେ ଓ ସୁନ୍ଦର ହେବା ସହ ରଙ୍ଗ ବେରଙ୍ଗର ମିଳିଯାଏ। କିନ୍ତୁ ଏହାର ଆୟୁଷ ମାତ୍ର ଦୁଇରୁ ୩ ବର୍ଷ ସର୍ବାଧିକ ବଞ୍ଚିଥାନ୍ତି। ବର୍ତ୍ତମାନ ସୁଦ୍ଧା ରାଜଧାନୀରେ ସବୁଠୁ ଅଧିକ ୪୫ ହଜାର ଟଙ୍କାର ମାଛ ବିକ୍ରି ହୋଇଛି।

- ଚେନ୍ନାଇ, କେରଳ, ମୁମ୍ବାଇରୁ କୋଲକାତାରୁ ଆମଦାନୀ

ସୂର୍ଯ୍ୟନଗରସ୍ଥିତ ଅନ୍ୟ ବ୍ୟବସାୟୀଙ୍କ ମତରେ ସହିଦ ନଗରଠାରେ ଅନ୍ୟସ୍ଥାନ ଅପେକ୍ଷା ଭଲ ବ୍ୟବସାୟ ହୁଏ। ମାସକୁ ୪୦ରୁ ୫୦ ହଜାର ପର୍ଯ୍ୟନ୍ତ ଏହି ବ୍ୟବସାୟରେ ଲାଭ ମଧ୍ୟ ମିଳିଥାଏ। ଏହାଛଡ଼ା ଏବେ ବଜାରକୁ ବାସ୍ତୁ ମାଛ ମଧ୍ୟ ଆସିଲାଣି। ଯାହାର ଚାହିଦା ଏବେ ଦେଖିବାକୁ ମିଳୁଛି। ତା'ର ନା ଫ୍ଲାୱାର ହୋମ୍ ବୋଲି କହୁଛନ୍ତି। ହେଲେ ପ୍ରାୟତଃ ତାକୁ ବାସ୍ତୁ ମାଛ ବୋଲି ଜାଣନ୍ତି। ବର୍ତ୍ତମାନର ସମୟରେ ଯେଉଁମାନେ ନୂଆଘର କରୁଛନ୍ତି ଏବଂ ବଡ଼ ବଡ଼ ହୋଟେଲରେ ବାସ୍ତୁକୁ ଦୃଷ୍ଟିରେ ରଖି ଏହି ମାଛ ରଖିବାକୁ ପସନ୍ଦ କରୁଛନ୍ତି। ଏପରି କିଛି ମାଛ ମଧ୍ୟ ରହିଛି ଯେଉଁଗୁଡ଼ିକ ଗୋଷ୍ଠୀଗତ ଭାବେ ବଞ୍ଚପାରନ୍ତି ନାହିଁ। ସେଥିପାଇଁ ସେଗୁଡ଼ିକୁ ଗୋଟିକିଆ ରଖାଯାଏ ବୋଲି ସେ କହିଥିଲେ।

### ଚିନ୍ତା ବଢ଼ାଇଲାଣି ବରମୁଣ୍ଡା ଫ୍ଲାଇଓଭର୍

## ବସ୍‌ରୁ ବଟି ଆଦାୟ; ଯାତ୍ରୀଙ୍କୁ ଯନ୍ତ୍ରଣା

ଭୁବନେଶ୍ୱର, ୯।୧୨ (ସମିସ)

ବରମୁଣ୍ଡା ଫ୍ଲାଇଓଭର ଉପରୁ ଯାତ୍ରୀ ଉଠାଣ ଏବେ ଚିନ୍ତା ବଢ଼ାଇଲାଣି। ଫ୍ଲାଇଓଭରରେ କୌଣସି ଷ୍ଟପେଜ୍ ନଥାଇ ମଧ୍ୟ ଶହ ଶହ ବସ୍ ବେଆଇନ ଭାବେ ଯାତ୍ରୀ ଉଠାଉଛନ୍ତି। ଜାତୀୟ ରାଜପଥକୁ ମାଡ଼ି ବସି ଏଭଳି ବେଆଇନ ଭାବେ ଅସମ୍ଭାଳ ଭିଡ଼ ସୃଷ୍ଟି ହେଉଛି। ଲୋକମାନେ ଭିଡ଼ ଭିତରେ ଫସି ହନ୍ତସନ୍ତ ହେଉଥିବା ବେଳେ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ିଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ପ୍ରତିଦିନ ଏଭଳି ଅବସ୍ଥା ହେଉଥିଲେ ମଧ୍ୟ ପୁଲିସ କି ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଅପରପକ୍ଷେ ଏଠାରେ ମାଷ୍ଟର କ୍ୟାଣ୍ଟିନରୁ ଖୋର୍ଦ୍ଧା ଦେଇ ବାଙ୍କୀ ଯାଉଥିବା ବସ୍ ଗୁଡ଼ିକୁ ବରମୁଣ୍ଡା ଫ୍ଲାଇଓଭର ତଳେ (ଇପିକଲ୍ ଅଫିସ୍ ରାସ୍ତା) ନିକଟରୁ ଯାତ୍ରୀ ଉଠାଇବାକୁ ନିର୍ଦ୍ଦେଶ ରହିଛି। ବରମୁଣ୍ଡା ଫ୍ଲାଇଓଭରରେ କୌଣସି ଷ୍ଟପେଜ୍ ନଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା କୌଣସି ବସକୁ ମଧ୍ୟ ବରମୁଣ୍ଡା ଫ୍ଲାଇଓଭର ଉପରୁ ଯାତ୍ରୀ ଉଠାଇବାକୁ ଅନୁମତି ଦିଆଯାଇନାହିଁ।

କୌଣସି ଷ୍ଟପେଜ୍ ବା ଅନୁମତି ନ ଥାଇ ମଧ୍ୟ ପ୍ରତିଦିନ ଶହ ଶହ ବସ୍ ବରମୁଣ୍ଡା ଫ୍ଲାଇଓଭର ଉପରୁ ଯାତ୍ରୀ ଉଠାଉଛନ୍ତି। ପ୍ରତିଯୋଗିତା କରିବା ଭଳି ଏକକାଳୀନ ୩/୪ ଟି ବସ୍ ପଛକୁ ପଛ ଛିଡ଼ା ହେଉଛନ୍ତି। ପରିସ୍ଥିତି ଏମିତି ହେଉଛି ଯେ, ରାଜପଥର ପ୍ରାୟ ଶହେ ମିଟର ଲମ୍ବରେ ବାମ ପଟ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିଲେ ମଧ୍ୟ ଏହି ଧାରାରେ ରୋକ୍ ଲାଗି ପାରିନାହିଁ।

ସେହିପରି ଫାୟାର ଷ୍ଟେସନ ଫ୍ଲାଇଓଭର ତଳୁ ଆସି ବରମୁଣ୍ଡା ଫ୍ଲାଇଓଭର ଦେଇ ଯିବାକୁ ଚାହୁଁଥିବା ଗାଡ଼ି ଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ବରମୁଣ୍ଡା ଫ୍ଲାଇଓଭର ଉପରେ ବସ୍ ଗୁଡ଼ିକ ବେଆଇନ ଭାବେ ରାସ୍ତାକୁ ଏକପ୍ରକାର ମାଡ଼ି ବସୁଛନ୍ତି। ଫଳରେ ସର୍ଭିସ୍ ରୋଡ ଓ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଅବରୋଧ ହୋଇଯାଉଛି। ଫାୟାର ଷ୍ଟେସନ ଛକରୁ ଆସୁଥିବା ଗାଡ଼ି ଗୁଡ଼ିକ ମଧ୍ୟ ସର୍ଭିସ୍ ରାସ୍ତାରେ ଅଟକି ରହୁଛି। ବେଳେବେଳେ ପରିସ୍ଥିତି ଏମିତି ହେଉଛି ଯେ, ଭିଡ଼ କାଳୀ ମନ୍ଦିର ଟପି ରାଜଧାନୀ

- ଷ୍ଟପେଜ୍ ନ ଥାଇ ଯାତ୍ରୀ ଉଠାଉଛନ୍ତି ବସ୍ କର୍ମଚାରୀ
- ଭିଡ଼ରେ ଫସୁଛନ୍ତି ଶହଶହ ଯାନବାହାନ
- ବାଦ୍ ପଡୁନି ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି
- ପ୍ରତି ବସ୍‌ରୁ ଆଦାୟ ହେଉଛି ୨୦୦ ଟଙ୍କା



କଲେଜ ପର୍ଯ୍ୟନ୍ତ ବ୍ୟାପି ଯାଉଛି। ଉପସ୍ଥିତ ପୁଲିସ ଓ ଟ୍ରାଫିକ୍ ୱାର୍ଡେନ ବସ୍ ଗୁଡ଼ିକୁ ହଟାଇବା ପରିବର୍ତ୍ତେ ଗାଡ଼ି ଗୁଡ଼ିକୁ ବରମୁଣ୍ଡା ଫ୍ଲାଇଓଭରର ତଳ ସର୍ଭିସ୍ ରାସ୍ତାରେ ଯିବାକୁ କହୁଛନ୍ତି। ଅମାନିଆ ବସ୍ ଗୁଡ଼ିକ ପ୍ରଶାସନିକ ଅଧିକାରୀଙ୍କ ଆଖିରେ ଆଙ୍ଗୁଳି ଖେଞ୍ଚି ସବୁଦିନ ବେଆଇନ ଭାବେ ଯାତ୍ରୀ ଉଠାଉଛନ୍ତି। ପୁଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଏସବୁ ଦେଖି ମଧ୍ୟ ଏକପ୍ରକାର ହାତ ଟେକି ଦେଇଛନ୍ତି। ଏନେଇ ଧରପଗଡ଼ ହେଉନଥିବାରୁ ଅମାନିଆ ବସ୍ ଗୁଡ଼ିକ ପ୍ରତିଦିନ କୃତ୍ରିମ ଭିଡ଼ ସୃଷ୍ଟି କରି ପରୋକ୍ଷରେ ଦୁର୍ଘଟଣା ଘଟାଉଛନ୍ତି।

ଠିଆ ହେଉଥିବା ବସ୍ ପାଇଁ ୨୦୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି।

ବରମୁଣ୍ଡାସ୍ଥିତ ବିଏସ୍ଏବିଟିରୁ ପ୍ରତିଦିନ ପ୍ରାୟ ଦୁଇ ହଜାରରୁ ଅଧିକ ବସ୍ ରାଜ୍ୟ ଓ ରାଜ୍ୟ ବାହାରକୁ ଚଳାଚଳ କରୁଛି। ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଆଦି ରୁଟରେ ଯାଉଥିବା ବସ୍ ଗୁଡ଼ିକ ବସଷ୍ଟାଣ୍ଡରୁ ଯାତ୍ରୀ ଉଠାଇବା ପରେ ଫାୟାର ଷ୍ଟେସନ ଛକରୁ ୟୁ ଟର୍ଣ୍ଣ ନେଇ ଖଣ୍ଡଗିରି ମୁହାଁ ହେଉଛନ୍ତି। ବରମୁଣ୍ଡା ବସଷ୍ଟାଣ୍ଡ ପରେ ଫାୟାର ଷ୍ଟେସନ ଓ ଖଣ୍ଡଗିରି ଛକରୁ ଯାତ୍ରୀ ଉଠାଇବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଇଛି। ସେହିପରି ଲେନକୁ ସମ୍ପୂର୍ଣ୍ଣ ଭାବେ ମାଡ଼ି ବସୁଛନ୍ତି। ପଛକୁ ପଛ ହୋଇ ବସ୍ ଛିଡ଼ା ହେଉଥିବାରୁ କୃତ୍ରିମ ଭିଡ଼ ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଫାୟାର ଷ୍ଟେସନ ଫ୍ଲାଇଓଭର ପଟରୁ ଖଣ୍ଡଗିରି ଆଡ଼କୁ ଯାଉଥିବା ଗାଡ଼ି ଗୁଡ଼ିକ ଭିଡ଼ରେ ଫସିବା ସହ ବରମୁଣ୍ଡା ଫ୍ଲାଇଓଭର ଉପରେ ଅଟକି ରହୁଛନ୍ତି। ବାମ ପଟ ଲେନରେ ଚଳାଚଳ ଠପ୍ ହୋଇ ଯାଉଛି। ଆଉ ଯଦି ବାମ ପଟ ଲେନରେ ଯାଉଥିବା ଗାଡ଼ି ଡାହାଣ ପଟ ଲେନ୍ ଦେଇ ବସକୁ ଅତିକ୍ରମ କରିବାକୁ ଉଦ୍ୟମ କରୁଛନ୍ତି, ତାହାଲେ ପଛରୁ ଆସୁଥିବା ଗାଡ଼ି ଧକ୍କା ଦେଉଛି। ଫ୍ଲାଇଓଭର ଉପରୁ ବେଆଇନ ଯାତ୍ରୀ ଉଠାଇବା


**TPCODL**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି**

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍ଏମ୍ଏସ୍/ହ୍ୱାଟ୍ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

**ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।**

**୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।**





# ସହିଦନଗର ସ୍ମାର୍ଟପାର୍କରେ ଗଦାଗଦା ଆବର୍ଜନା

ଭୁବନେଶ୍ୱର, ୯।୧୨(ସମିସ)

ରକ୍ଷଣାବେକ୍ଷଣ ଅଭାବରୁ ଭୁବନେଶ୍ୱରରେ ହାର୍ଟ କୁହାଯାଉଥିବା ସହିଦନଗର ସ୍ମାର୍ଟ ପାର୍କରେ ଗଦା ହୋଇପଡ଼ିଛି ଆବର୍ଜନା। ସେହିଭଳି ଶୌଚାଳୟରେ ଦୀର୍ଘଦିନ ହେଲା ତାଲା ଝୁଲୁ ଥିବାରୁ ଲୋକେ ବାହାରେ ଶୌଚ କରୁଛନ୍ତି, ଯାହା ପରିବେଶକୁ ଦୁର୍ଗନ୍ଧ କରୁଛି।



ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୨୦୧୮ ମସିହାରେ ଏହି ସ୍ମାର୍ଟ ପାର୍କ ସମୂହ ଉଦ୍‌ଘାଟିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏହା ଏକ ରିଫ୍ରେଶ୍ ସେଣ୍ଟର କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁଠାରେ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଆସି ନିଜର କ୍ଳାନ୍ତ ମେଣ୍ଟାଇଥାନ୍ତି। ବିଶେଷକରି ସକାଳ ଓ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଲୋକ ଚାଲିବାକୁ ଆସୁଥିବା ବେଳେ ଅନ୍ୟ ସମୟରେ ପାର୍କରେ ଭିଡ଼ ଜମେ। ନିକଟସ୍ଥ ଶିକ୍ଷାନୁଷ୍ଠାନର ଛାତ୍ରାଛାତ୍ରୀମାନେ ମଧ୍ୟ ଏହିଠାରେ ସମୟ ଅତିବାହିତ କରିବାକୁ ଆସିଥାନ୍ତି। ହେଲେ ପରିତାପର ବର୍ତ୍ତମାନ ଶ୍ରୀହିନ ପାଲଟିଛି ଏହି ସମୂହ ପାର୍କ। କାରଣ ପାର୍କର ପ୍ରବେଶ ପଥରୁ ଆରମ୍ଭ କରି ପରିସରରେ ଗଦା ହୋଇଛି ଆବର୍ଜନା। ମୁକ୍ତାପାଶ ଗ୍ୟାଲେରୀରେ ଅନାବନା ଗଛ ଭର୍ତ୍ତି ହୋଇଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଭଳି କି ଭଳି ଫୁଲଗଛରେ ସଜା ଯାଉଥିବା ବେଳେ ଏଠାରେ ରହିଥିବା ଗଛ ଗୁଡ଼ିକ ଶୁଖି ମାଟିରେ ମିଶି ଗଲାଣି। କେବଳ ସେତିକି ନୁହେଁ ପାର୍କ ପରିସରରେ ପୁରୁଷ ଓ ମହିଳାଙ୍କ ଶୌଚାଳୟ ପ୍ରାୟ ୮ ମାସେ ହେବ ଅଚଳ ହୋଇଥିବାରୁ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। କେବଳ ସେତିକିରେ ସମସ୍ୟା ଶେଷ ହୋଇ ନାହିଁ, ଏଠାରେ ରହିଥିବା ଭ୍ୟୁ ପଏଣ୍ଟରେ ସଞ୍ଜ ହେଲେ ଅସାମାଜିକଙ୍କ ଭିଡ଼ ଜମୁଛି। ଚାରିଆଡ଼େ ମଦ ବୋତଲ ସାଙ୍ଗକୁ

- ୮ ମାସ ହେଲା ଶୌଚାଳୟରେ ଝୁଲୁଛି ତାଲା
- ଶୁଖି ଗଲାଣି ଫ୍ଲାସ୍ ପୁଲ୍

ପ୍ଲାଷ୍ଟିକ୍ ଗ୍ଲାସ୍ ଭଡ଼ି ରହିଛି। ସେହିପରି ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ଫ୍ଲାସ୍ ପୁଲ୍ ମଧ୍ୟ ଶୁଖିଲା ପଡ଼ିଛି। ସନ୍ଧ୍ୟା ହେଲେ ଯେଉଁସ୍ଥାନରେ ପ୍ରବଳ ଜନସମାଗମ ହୋଇଥାଏ ବର୍ତ୍ତମାନ ପାର୍କରେ ଅଧାରୁ ଅଧିକ ଲାଇଟ୍ ଜଳୁନଥିବା ବେଳେ ୪ଟି ପାର୍କ ଦାୟିତ୍ୱରେ ଜଣେ ମାତ୍ର ସୁରକ୍ଷାକର୍ମୀ ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଏହି ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ପାର୍କର ବିଭିନ୍ନ ସମସ୍ୟା ନେଇ ଉକ୍ତ ସଂସ୍ଥାକୁ ଅଭିଯୋଗ କରାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ କରାଯିବାକୁ ପ୍ରୟାସ କରାଯାଇ ମଧ୍ୟ ଯୋଗାଯୋଗ ହୋଇପାରି ନାହିଁ।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ




ଭୁବନେଶ୍ୱର, ୯।୧୨(ସମିସ): ରାଜଧାନୀର ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ରିଙ୍ଗ ସ୍ମାଇଲ୍, ଦୈନିକ ଖବରକାଗଜ 'ନନ୍ଦିନୀ' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରୁ ୪ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପିଲାଙ୍କ ସହ ସେମାନଙ୍କ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସମାଜର ପୂର୍ବତନ ମୁଦ୍ରାକର ତଥା ସମାଜସେବୀ ପ୍ରଭାସ ଆଚାର୍ଯ୍ୟ, ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ସମାଜସେବୀ କରୁଣାକର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଇଂ ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗ ସ୍ମାଇଲର ଅଧ୍ୟକ୍ଷା ସୁଚରିତା ମିଶ୍ର, ନନ୍ଦିନୀର ସମ୍ପାଦକ ହେମନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହାସହ ୪ଜଣ ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭର ହେବା ପାଇଁ ସିଲାଇ ମେସିନ ପ୍ରଦାନ କରାଯାଇଥିଲା। ଶେଷରେ ଦିବ୍ୟାଙ୍ଗ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ସିଂ ପରିଚାଳନା କରିଥିବା ବେଳେ ଶେଷରେ ବିଜୟ ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ନାୟକ ଅଭିଷେକ ପଣ୍ଡା, ଜ୍ୟୋତି ଯୋଗଦେଇ ପିଲାମାନଙ୍କ ଉତ୍ସାହିତ କରିବା ସହ ଚକୋଲେଟ ପ୍ରଦାନ କରିଥିଲେ। ଏହାପରେ 'ନନ୍ଦିନୀ'ର ସାଧାରଣ ପ୍ରଶାସନିକ ଅଧିକାରୀ ସ୍ୱାଗତ ପାତ୍ର ତିନି ହଜାର ଚାଦର ଦିବ୍ୟାଙ୍ଗ ପିଲାଙ୍କୁ ବଣ୍ଟନ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ, ହାଇଟେକ ଗ୍ରୁପ ଏବଂ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ଦିବ୍ୟାଙ୍ଗ ପିଲାମାନଙ୍କୁ ମହୋତ୍ସବ ସ୍ଥଳକୁ ଆଣିବା ପାଇଁ ପରିବହନ ବ୍ୟବସ୍ଥା କରିଥିବା ବେଳେ ହାଇଟେକ୍ ମେଡିକାଲ ଦିବ୍ୟାଙ୍ଗ ପିଲାଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ଶିବିରର ଆୟୋଜନ ସହ ଏକ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦେଇଥିଲେ।

## ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀରେ ଚିତ୍ରକଳା ଶିବିର ଉଦଯାପିତ




ଭୁବନେଶ୍ୱର, ୯।୧୨(ସମିସ): ବିଶ୍ୱ ଶିଳ୍ପୀ ଦିବସ ଅବସରରେ ଓଡ଼ିଶା ମଡ଼ର୍ଣ୍ଣ ଆର୍ଟ ଗ୍ୟାଲେରୀ ତରଫରୁ ରାଜ୍ୟସ୍ତରୀୟ ଯୁବ ଶିଳ୍ପୀମାନଙ୍କୁ ନେଇ ଆୟୋଜିତ ହେଉଥିବା କର୍ମଶାଳା ଉଦଯାପିତ ହୋଇଛି। ଏଥିରେ ୪୦ ଜଣ ଯୁବ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରକଳା ଶିବିର ସହିତ ନୃତ୍ୟ, ସଙ୍ଗୀତ ଓ ଅଭିନୟ ଆଦି ପରିବେଷଣ କରାଯାଇଥିଲା। ଚିତ୍ରଶିଳ୍ପୀ ରଘୁନାଥ ସାହୁଙ୍କ ଉପରେ ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ବରିଷ୍ଠ ସଂସ୍କୃତି ସମୀକ୍ଷକ ଦିଲୀପ ହାଲି, ଗ୍ୟାଲେରୀର ପ୍ରତିଷ୍ଠାତା ତାରକାନ୍ତ ପରିଡ଼ା, କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ଅଧ୍ୟାପିକା ଚିତ୍ରା ମିଶ୍ର, ଅଧ୍ୟାପକ ମନୋରଞ୍ଜନ ଦାସ, ଦୁଷ୍ମନ୍ତ କୁମାର ମୁଖୀ ଓ ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଭାଗ ନେଇଥିବା ସମସ୍ତ ଯୁବ କଳାକାରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ସୁନୀଲ ମିଶ୍ରଙ୍କୁ କାନ୍ତକବି ସ୍ମୃତି ସମ୍ମାନ

ଭୁବନେଶ୍ୱର, ୯।୧୨(ସମିସ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ ସ୍ଥାନୀୟ ମହାଡାକପାଳଙ୍କ କାର୍ଯ୍ୟାଳୟସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ପ୍ରାଣ କାନ୍ତକବିଙ୍କ ଦାୟାଦ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ବରିଷ୍ଠ ସମାଜସେବୀ ମନୋରଞ୍ଜନ ମହାନ୍ତି, ପୂଜ୍ୟପୂଜା ପ୍ରାଣ କାମଦେବ ମହାପାତ୍ର, ସଂଯୋଜକ ବାପୁ ଓଝା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ରମେଶ ପାତାଳ ସିଂ ତାଙ୍କ ସ୍ମୃତି ଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ। ତାଙ୍କ ରଚିତ ବୁଢ଼ା ଶଙ୍ଖାରି, କଣା ମାମୁ ସମାଜକୁ ନୂତନ ବାର୍ତ୍ତା ଦେଇଥିବା ସହିତ ଡଗର ପତ୍ରିକା ସମ୍ପାଦନା କରିବା ତାଙ୍କ କୃତୀ ଓ କୀର୍ତ୍ତି ମଧ୍ୟରେ ଅନ୍ୟତମ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷକ ସୁନୀଲ କୁମାର ମିଶ୍ରଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସମ୍ମାନ -୨୦୨୫ ପ୍ରଦାନ କରାଯାଇଥିଲା।

## କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା କର୍ମଶାଳା



ଭୁବନେଶ୍ୱର, ୯।୧୨(ସମିସ): କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧାଦେଶ ଓ ପୁନଃନିର୍ମାଣ) କର୍ମଶାଳା ଜାତୀୟ ଅଭିଲେଖାଗାରରେ ଅନୁଷ୍ଠିତ ହୋଇଯାଇଛି। ଅଧିନିୟମ-୨୦୧୩ ଅନୁଯାୟୀ କର୍ମଚାରୀମାନଙ୍କୁ ସମ୍ବେଦନଶୀଳ କରିବା ଲକ୍ଷ୍ୟରେ ଆୟୋଜିତ ଏହି କର୍ମଶାଳାରେ ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ତଥା ମୁଖ୍ୟ ଡ. ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ତଥା ଆଇସିସିର ସଦସ୍ୟ ଡ. ମାନସ ରଞ୍ଜନ ମିଶ୍ର, ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶିକ ତଥା ଆଇସିସି ସଦସ୍ୟ ଡ. ରିଚା ପନ୍ତ ଯୋଗେଦେଇ ସରକାରୀ କର୍ମକ୍ଷେତ୍ରରେ ମହିଳାମାନଙ୍କର ଅଧିକାର ନିୟମ କାର୍ଯ୍ୟକାରିତା ତଥା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କର୍ମକ୍ଷେତ୍ରରେ ମହିଳା ଓ ପୁରୁଷ ମଧ୍ୟରେ ଏକ ସୁ-ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ କର୍ମଚାରୀମାନେ ଅନୁପଯୁକ୍ତ ଆଚରଣକୁ ଚିହ୍ନିବା ଓ ଏଡାଇବା ସହଜ କରିବା ପାଇଁ ସଚେତନତା ସୃଷ୍ଟି କରିବା ଓ ଯୌନ ଉତ୍ପୀଡ଼ନରେ କ'ଣ ଅନ୍ତର୍ଭୁକ୍ତ କରାଯାଇଛି ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଭିଲେଖାକାରୀ ଡ. ଜୟନ୍ତୀ ସାହୁ ଉପସ୍ଥିତ ଥିବା ବେଳେ ଶେଷରେ ଅଭିଲେଖାକାରୀ ଡ. ରାମଚନ୍ଦ୍ର କରଣ ଧନ୍ୟବାଦ ଅର୍ପଣ କରିଥିଲେ।

## ବସନ୍ତ ବାହାର ସଙ୍ଗୀତ ଏକାଡେମୀର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୯।୧୨(ସମିସ): ସଙ୍ଗୀତ ଶିକ୍ଷାନୁଷ୍ଠାନ ବସନ୍ତ ବାହାର ସଙ୍ଗୀତ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ଏହି ଉତ୍ସବରେ ସଙ୍ଗୀତଜ୍ଞ ଶରତ ଚନ୍ଦ୍ର ବାରିକ, ହିଲିଂଟଚ୍ ଥେରାପି ସେଣ୍ଟର ପ୍ରତିଷ୍ଠାତା ଡ. ପ୍ରୟାସ ରଥ, ନୀଳମାଧବ ପଣ୍ଡା, ଡ. ଶୁଶାନ୍ତ ସେଠୀ, ମନୋଜ କୁମାର ପଣ୍ଡାଙ୍କୁ ବସନ୍ତ ବାହାର ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ବସନ୍ତ ବାହାର ସଙ୍ଗୀତ ଏକାଡେମୀର ମୁଖ୍ୟ ବସନ୍ତ ପାତ୍ରଙ୍କର ଭଜନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ରିୟାଙ୍କ ଦ୍ୱାରା କଣ୍ଠସଙ୍ଗୀତ ପରିଶେଷଣ କରାଯାଇଥିଲା। ନିର୍ଦ୍ଦେଶକ ବସନ୍ତ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନୀଳାଦ୍ରି ବିହାରରେ 'ସପ୍ତ ଶକ୍ତି ସଂଗମ'



ଭୁବନେଶ୍ୱର, ୯।୧୨(ସମିସ): ନୀଳାଦ୍ରି ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ 'ସପ୍ତ ଶକ୍ତି ସଂଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ୧୧୮ ଜଣ ମାଆ ଏବଂ ମାତୃଭାରତୀର ୧୧ ଜଣ ମାଆ ଯୋଗ ଦେଇଥିଲେ। ଗୁରୁମାମାନଙ୍କ ମଧ୍ୟରୁ ବରିଷ୍ଠା ଗୁରୁମା ସୁରମା ଦେବୀ ଅତିଥିମାନଙ୍କର ପରିଚୟ ପ୍ରଦାନ। ଏହି କାର୍ଯ୍ୟକ୍ରମରେ ଯଶୋଦା ମାଆ ଫାଉଣ୍ଡେସନର ପ୍ରତିଷ୍ଠାତା ନିବେଦିତା ଲେଙ୍କା, ସୁମିତ୍ରା ପଣ୍ଡା ଯୋଗ ଦେଇଥିଲେ। ସତ୍ୟଭାମା ପଣ୍ଡା, ବିନୋଦିନୀ ମହାରଣା, ଲୋପାମୁଦ୍ରା ଷଡଙ୍ଗୀ ଓ ଶୈଳବାଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁମା ମମତା ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୁରୁମା ସୁମନ୍ତିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଝିଣ୍ଟି ଶାସନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ବାଲିଅନ୍ତା, ୯।୧୨(ସମିସ): ଝିଣ୍ଟିଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣୀ ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବାଲିଅନ୍ତା ତହସିଲଦାର ଲିଲନ୍ ପ୍ରସାଦ ସାହୁ, ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ବିଜୟ କୁମାର ମହାରଣା, ବାଲିଅନ୍ତା ବ୍ଲକ ଉପାଧ୍ୟକ୍ଷା, ଇତିଶ୍ରୀ ଜେନା, ଝିଣ୍ଟିଶାସନ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ପାତ୍ରଙ୍କ ସମେତ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୯୦ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୪ ଅଭିଯୋଗ, ଭତ୍ତା ସମ୍ବନ୍ଧୀୟ ୧୧, ଯୋଗାଣ ବିଭାଗ ସମ୍ବନ୍ଧୀୟ ୧୨ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୩ ଗୋଟି ଅଭିଯୋଗ ହସ୍ତଗତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଦ୍ୱାରା ଝିଣ୍ଟିଶାସନ ଗ୍ରାମର ୨୧ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଦେବେନ୍ଦ୍ର ଦାସ, ଝିଣ୍ଟିଶାସନ (ମେଳକ) ଗ୍ରାମର ୧୫ ବର୍ଷୀୟ ଦିବ୍ୟାଙ୍ଗ ପିୟୁଷ ପ୍ରିୟ ରଞ୍ଜନ ପ୍ରଧାନ ଏବଂ ପାଣିକଟା ଗ୍ରାମର ୬ ବର୍ଷୀୟ ଦିବ୍ୟାଙ୍ଗ ଶିବାଦିତ୍ୟ ସେଠୀଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।



### ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ସନ୍ତୁଳିତ ପୋଷଣ ସମ୍ପର୍କିତ ଯୁବ କନକ୍ଲେଭ

## 'ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୌନ୍ଦର୍ଯ୍ୟମୟ କରେ'




ଭୁବନେଶ୍ୱର, ୯।୧୨(ସମିସ): ଯୁବଗୋଷ୍ଠୀ ମଧ୍ୟରେ ବଢୁଥିବା ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ରୋଗକୁ ଆମନ୍ତ୍ରଣ କରୁଛି। ଏଣୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ସୁସ୍ଥ ଓ ଉଜ୍ଜଳ ରହିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇ ଅତିଥିମାନେ କହିଛନ୍ତି। ମହିଳା ଓ ଶିଶୁବିକାଶ ବିଭାଗ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୌନ୍ଦର୍ଯ୍ୟମୟ କରିଥାଏ ବୋଲି କହିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁନିସେଫର ନିଉଟ୍ରିସନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷଣର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଇସିଏଆର୍ ନୋଡାଲ ଅଫିସର ଡ. ମିନାକ୍ଷୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋଷଣ ବିଭାଗ ମୁଖ୍ୟ ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ଭରସା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୯।୧୨(ସମିସ): ଭରସା ଫାଉଣ୍ଡେସନ ଟ୍ରଷ୍ଟ ଏବଂ ରୁଚିକା ଦୁର୍ଗାପୁଜା ସମିତି ବରମୁଣ୍ଡା ସହଯୋଗରେ ରୁଚିକା ଦୁର୍ଗାପୁଜା ମଣ୍ଡପଠାରେ ସେଚ୍ଛକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ରକ୍ତଦାନ ଶିବିରକୁ ଦୂର୍ଗା ପୂଜା ସମିତିର ସେକ୍ରେଟାରୀ ବିରେନ ସାହୁ ଏବଂ ଭରସା ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ଏହି ଶିବିରରୁ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରରେ ଭରସା ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ମୁକ୍ତିକାନ୍ତ ବାରିକ, ମନୋଜ ସାହୁ, ରାଧାକାନ୍ତ ମଲ୍ଲିକ, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତରହି ଶିବିରରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ବିଭୁ ଚେତନାରେ ତରଙ୍ଗାୟିତ ସତ୍ୟବାଦୀ ସାହିତ୍ୟ'

ଭୁବନେଶ୍ୱର, ୯।୧୨(ସମିସ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ 'ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା'ରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଜୟ ମହାନ୍ତି, ଆରତି କର, ମନୋଜ ଜେନା, ସୁଷମା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ନ୍ୟାସୀ ମଣ୍ଡଳର ଗୋପବନ୍ଧୁ ସଭା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁରଲୀଧର ପଲାଇଙ୍କ ନେତୃତ୍ୱରେ ସାମୂହିକ ଶ୍ରୀଜଗନ୍ନାଥ ସହସ୍ରନାମ ପଠନ କରାଯାଇଥିଲା। ଏହାପରେ ଦିବଙ୍ଗତ କ୍ରିଷ୍ଣା ପଲାଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରାମ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରିପଲ୍ ଆଇଟି ପକ୍ଷରୁ ୧୦ରୁ ଦୁଇଟି ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୯।୧୨(ସମିସ): ଟ୍ରିପଲ୍ ଆଇଟି ଭୁବନେଶ୍ୱର ପକ୍ଷରୁ ଆସନ୍ତା ଡିସେମ୍ବରରେ ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଶିକ୍ଷାଗତ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଯାହା ବିଶ୍ୱ ଗବେଷକ, ଶିଳ୍ପ ନେତା ଏବଂ ଉଦ୍ଭାବକମାନଙ୍କୁ ରିମୋଟ୍ ସେନ୍ସିଂ, ଭୂବିଜ୍ଞାନ, କ୍ରିପ୍ଟୋଲୋଜି ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ଆଲୋଚନା ପାଇଁ ଓଡ଼ିଶାରେ ଆଣିବ।

୧୦-୧୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ, ଟ୍ରିପଲ ଆଇଟି ଭୁବନେଶ୍ୱର ଆନ୍ତର୍ଜାତୀୟ ଭୂବିଜ୍ଞାନ ଏବଂ ଦୂରବିଜ୍ଞାନ ସିମ୍ପୋଜିୟମ (ଇଣ୍ଡୋଗ୍ରାସ୍-୨୦୨୫)ରେ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବ, ଏହା ଏକ ବିଶ୍ୱସ୍ତରୀୟ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଯାହା ଭୂବିଜ୍ଞାନ ଏବଂ ଦୂରବିଜ୍ଞାନ ପ୍ରଯୁକ୍ତିବିଦ୍ୟାର ସଦ୍ୟତମ ଉନ୍ନତି ଉପରେ ଆଲୋକପାତ କରେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏବଂ ଟ୍ରିପଲ୍ ଆଇଟିର ଭୁବନେଶ୍ୱରର କୁଳପତି ମହାମହିମ ଡକ୍ଟର ହରିବାବୁ କମ୍ଭମପାଟି ୧୧ ଡିସେମ୍ବର ୨୦୨୫ରେ ଉଦଘାଟନୀ ସମାରୋହରେ ଅଧ୍ୟକ୍ଷତା କରିବେ। ସେହିଭଳି ଟ୍ରିପଲ ଆଇଟି ଭୁବନେଶ୍ୱର ୧୫-୧୭ ଡିସେମ୍ବର ପର୍ଯ୍ୟନ୍ତ ଇଣ୍ଡୋକ୍ରିପ୍ଟ ୨୦୨୫ ଆୟୋଜନ କରିବ। ଯାହା କ୍ରିପ୍ଟୋଲୋଜି ଏବଂ ସାଇବର ସୁରକ୍ଷା ଉପରେ ଭାରତର ସବୁଠାରୁ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ ମଧ୍ୟରୁ ଅନ୍ୟତମ। ଏହି ବିଦାୟ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ରାଜଧାନୀରେ ହଜିବାକୁ ବସିଲାଣି କମାରଶାଳ

ଭୁବନେଶ୍ୱର, ୯।୧୨(ସମିସ)

ଆଧୁନିକ ଯନ୍ତ୍ରପାତି ଭିତରେ ଅଲୋଡ଼ା ହୋଇପଡ଼ିଲାଣି କମାରଶାଳ। ଏବେ ଆଉ ଆଗଭଳି କମାରଙ୍କ ଠକ୍‌ଠକ୍ ଶବ୍ଦ ଶୁଣାଯାଉନାହିଁ କି କମାରମାନେ ଦିନରାତି ନିଆଁ ପାଖରେ ବସି କାମ କରୁଥିବାର ଆଉ ଦେଖିବାକୁ ମିଳୁନାହିଁ। ଫଳରେ ହଜିବାକୁ ବସିଲାଣି କମାରଙ୍କ କୂଳ ବେଉସା। ପ୍ରୋତ୍ସାହନ ଅଭାବରୁ କମାରମାନେ ସେମାନଙ୍କ କୂଳ ବେଉସାରୁ ମୁହଁ ଫେରାଇ ଅଲଗା କାମ ଦେଖୁଛନ୍ତି। ତେବେ ରାଜଧାନୀ ସହର ମଧ୍ୟରେ

### ପ୍ରୋତ୍ସାହନ ନାହିଁ ବୃତ୍ତି ହରାଇବେ କମାର

କେତେକ ଶ୍ରମିକ ଶ୍ରେଣୀର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାଁ ଭାଁ କମାର ଶାଳ ତିଷ୍ଠି ରହିଛି।

ଚାଷୀଙ୍କ ସମେତ ମାଟି, ସିମେଣ୍ଟ ଆଦି କାମ କରୁଥିବା ଶ୍ରମିକମାନେ ସେମାନଙ୍କ ଦୈନନ୍ଦିନ ବ୍ୟବହାର କରୁଥିବା ସାମଗ୍ରୀ ଭିତରେ ଲୁହା ଉପକରଣର ବେଶ ଚାହିଦା ରହିଛି। ପନିକି, କଟୁରି, ଦା, କୁରାଢ଼ି, ଟାଙ୍ଗିଆ, ନଡ଼ିଆ କୋରଣା, କଇଞ୍ଚି, ଫାଉଡ଼ା, ହାତକୋଡ଼ି, ଶାବଳ ଆଦି ବହୁଳ ବ୍ୟବହାର ହେଉଛି। ମାତ୍ର ଏ ସବୁକୁ ନିର୍ମାଣ କରୁଥିବା କମାରମାନେ ଏବେ ଉପେକ୍ଷିତ। ସରକାରୀ ପ୍ରୋତ୍ସାହନ ଅଭାବରୁ କମାର ପରିବାର ନିଜର କୁଳ ବେଉସାକୁ ବନ୍ଦ କରି ଅନ୍ୟ ସଂସ୍ଥାରେ ମନ ଦେବାକୁ ଲାଗିଲେଣି।



ରାଜଧାନୀରେ ଏବେ ନୂଆପଲ୍ଲୀ, ଜିଜିପି କଲୋନୀ, ପୁରୁଣା ଭୁବନେଶ୍ୱର, ଭିଏସ୍‌ଏସ୍ ନଗର, ନାକା ଗେଟ୍, ବିଜେବି କଲେଜ ପଛ ପାଖରେ କିଛିଟା କମାରଶାଳ ରହିଛି। ଏହି କମାରଶାଳକୁ ଅଧିକାଂଶ ଶ୍ରମିକଙ୍କ ସମେତ ଉପକଣ୍ଠ ଗାଁ ମାନଙ୍କରୁ ଲୋକମାନେ ଆସି ସେମାନଙ୍କ କୋଡ଼ି କୋଦାଳ, କଟୁରି ଆଦିକୁ ପଜାଉଛନ୍ତି। ଏହିପରି ବାହାର ରାଜ୍ୟରୁ ମଧ୍ୟ ଅନେକ ବେପାରୀମାନେ ରାସ୍ତା କଡ଼ରେ କମ୍ ମୂଲ୍ୟରେ ଲୁହା ସାମଗ୍ରୀ ପଜାଉଥିବା ବେଳେ ଦୋକାନମାନଙ୍କ ମଧ୍ୟ ଆଧୁନିକ ଉପାୟରେ ନୂଆ ନୂଆ ସାମଗ୍ରୀ ମିଳୁଅଛି। ଯେଉଁଥିପାଇଁ କମାରଙ୍କ ବେପାର ମାନ୍ଦା ହେଉଅଛି।

ହେଲେ ଆଗ ଅପେକ୍ଷା କମାରଙ୍କର ବର୍ତ୍ତମାନ ଗୋଟେ ଦିନରେ ୨ଶହ ଟଙ୍କା ତ ଆଉ କେଉଁ ଦିନ ୩ ଶହ ଟଙ୍କା ବେପାର ହେଉଛି ବୋଲି ବିଜେବି କଲେଜ ପଛପାଖରେ ଥିବା କମାରଶାଳର କମାର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଆଗରୁ ଲୋକମାନେ ପନିକି, କୋରଣା ନେଉ ପଜେଇବାକୁ ଆସୁଥିଲେ ହେଲେ ଏବେ ତ ସମସ୍ତେ ଛୁରିରେ କଟିବା ସହ ହାତ କୋରାଣାରେ ନଡ଼ିଆ କରୋଉଛନ୍ତି ଆଉ କିଏ କାହିଁକି କମାରଙ୍କୁ ଖୋଜିବେ। ଯେତେ ବି ନୂଆ ନୂଆ ଜିନିଷ ଆସିଲେ ବି ଶ୍ରମିକମାନେ ସେମାନଙ୍କ କୋଡ଼ି କୋଦାଳକୁ ଆମ ପାଖକୁ ପଜେଇବାକୁ ଆଣିବେ। ଯେତେ କମ୍ ଟଙ୍କା ହେଲେ ମଧ୍ୟ ପଜେଇବାକୁ ପଡୁଛି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଏବେର ପୂର୍ବ ପିଢ଼ି ଆଉ ଏହି କାମକୁ ପସନ୍ଦ କରୁନାହାନ୍ତି କି ଏଥିପାଇଁ ମଧ୍ୟ କୌଣସି ପ୍ରୋତ୍ସାହନ ବି ନାହିଁ। ଯେଉଁଥି ପାଇଁ ଏବର ପିଢ଼ିମାନେ ଆଉ ଏହି କାମ ନଶିଖି ଅଲଗା କାମ ଦେଖୁଛନ୍ତି ବୋଲି ସେ କହିଛନ୍ତି।

### ଉନ୍ନତି ନେଇ ପର୍ଯ୍ୟଟନ ବିଭାଗର ନାହିଁ ନଜର

# ବିକାଶ ଆଢୁଆଳରେ ବିଞ୍ଝଧର ଜଳପ୍ରପାତ

ବିଜାତଳା, ୯।୧୨ (ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ସେଥିପାଇଁ ତ ପିକନିକ ଋତୁର ଆଗମନ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ସୁଅ ଛୁଟିଥାଏ। ବାମନଘାଟି ଉପଖଣ୍ଡର ବିଞ୍ଝଧର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀ ବିକାଶ ଆଢୁଆଳରେ ରହିଯାଇଛି। ଫଳରେ ପର୍ଯ୍ୟଟକଙ୍କ ଲୋକଲୋଚନରୁ ଏହା ବଞ୍ଚିତ ହୋଇ ରହିଯାଇଛି।

ଶିମିଳିପାଳର ପାଦଦେଶରେ ଉକ୍ତ ପର୍ଯ୍ୟଟନ ସ୍ଥଳୀ ରହିଛି। ସବୁଜ ବନାନୀ ମଧ୍ୟରେ ଥିବା ଜଳପ୍ରପାତ ସ୍ଥାନୀୟ ପର୍ଯ୍ୟଟକଙ୍କୁ ଅନେକ ଆକୃଷ୍ଟ କରିଥାଏ। ବ୍ୟସ୍ତବହୁଳ ତଥା ଜଞ୍ଜାଳମୟ ଜୀବନରୁ କିଛି ସମୟ ବିରତି ନେଇ ଲୋକେ ଏଠାକୁ ଧାଇଁ ଆସିଥା'ନ୍ତି। ମନୋରମ ଦୃଶ୍ୟରାଜିରେ ମନରେ ନବଉଲ୍ଲାସ ଭରି ଦେଇଥାଏ। ସେଥିପାଇଁ ତ ଅବସର ବିନୋଦନ ପାଇଁ ଲୋକେ ଏଠାକୁ ଆସନ୍ତି। ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ସାରଣ୍ଡା ଗ୍ରାମ ନିକଟରେ ଉକ୍ତ ବିଞ୍ଝଧର ଜଳପ୍ରପାତ ରହିଛି। ଜଳପ୍ରପାତର ସୌନ୍ଦର୍ଯ୍ୟତାକୁ ନିଜ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେନି। ସରକାରୀ ଅବହେଳା ପାଇଁ ଏଠାରେ ପର୍ଯ୍ୟଟକଙ୍କ ପାଦ ପଡୁନାହିଁ। ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ରହିଥିବାରୁ ଲୋକଲୋଚନକୁ ବଞ୍ଚିତ ରହିଛି। ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ପହଞ୍ଚିବା ପାଇଁ ହେଲେ ରାଇରଙ୍ଗପୁର-ବିଶୋଇ ରାଜ୍ୟ ରାଜପଥର ପାଟପୁର ଛକଠାରୁ ଚଡେଇପାହାଡ଼ି ରାସ୍ତାରେ ଯିବାକୁ ପଡ଼ିବ। ସରଗଡ଼ା ବଜାର ଅତିକ୍ରମ କଲେ ପଡ଼େ ସାରଣ୍ଡା ରାଜସ୍ୱ ଗ୍ରାମ। ସେଠାରୁ ଡାହାଣକୁ କିଛି ବାଟ ଗଲେ ବିଞ୍ଝଧର ଜଳପ୍ରପାତ ରହିଛି।






ବିରାଟକାୟ ପ୍ରସ୍ତର ଶଯ୍ୟା ଦେଇ ବୋହିଯାଉଥିବା ପାହାଡି ଝରଣାଟି ନିମ୍ନକୁ ପତିତ ହୋଇ ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି। ଜଳଧାର ନିମ୍ନରେ ଏକ ବିରାଟକାୟ ଗଣ୍ଡ ବା ଜଳାଶୟ ରହିଛି। ଏହି ଜଳାଶୟର ଗଭୀରତା ମାପିବା ଆଜିଯାଏଁ ସମ୍ଭବ ହୋଇନାହିଁ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହି ସ୍ଥାନର ସୁନ୍ଦରତା ପର୍ଯ୍ୟଟକଙ୍କୁ ବିମୋହିତ କରୁଥିଲେ ମଧ୍ୟ ବଣଭୋଜି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଏଠାରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି। ପାନୀୟଜଳ ସମସ୍ୟା, ଆଲୋକ ବ୍ୟବସ୍ଥା, ପ୍ରତୀକ୍ଷାଳୟ, ଶୌଚାଳୟ, ବିପଦପୂର୍ଣ୍ଣ ଚଲାପଥ ଯୋଗୁଁ ଲୋକେ ଏଠାରେ ବଣଭୋଜି କରିବାକୁ ଅସୁରକ୍ଷିତ ମଣୁଛନ୍ତି। ଉଚ୍ଚରୁ ନିମ୍ନକୁ ଓ ନିମ୍ନରୁ ଉଚ୍ଚକୁ ଓହ୍ଲାଇବା ବେଳେ ଭୟ ଲାଗିଥାଏ। ପର୍ଯ୍ୟଟନ ବିଭାଗ କେବଳ ଏକ ସୂଚନା ଫଳକଟିଏ ମାରି କାମ ସାରି ଦେଇଛନ୍ତି। ପାରିପାର୍ଶ୍ୱିକ ଉନ୍ନତି ନେଇ କୋଣସି ମନ ଦେଉନାହାନ୍ତି। ବିଞ୍ଝଧର ଜଳ ପ୍ରପାତ ସଂଯୋଗ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେଉଛି। ଯାହାର ନିର୍ମାଣ କାର୍ଯ୍ୟ ପ୍ରାୟ ସପ୍ତାହକ ପୂର୍ବେ ଜିଲ୍ଲାପାଳ ହେମକାନ୍ତ ସୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଜଳପ୍ରପାତଟି ଜଙ୍ଗଲ ମଧ୍ୟରେ ଥିବାବେଳେ ଗମନାଗମନ ନେଇ ସୁବନ୍ଦୋବସ୍ତ ନାହିଁ। ଫଳରେ ଲୋକେ ଉକ୍ତ ସ୍ଥାନକୁ ଯାଇପାରୁନାହାଁନ୍ତି। ସୁନ୍ଦର ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଜଳପ୍ରପାତ ଥିବା ସତ୍ତ୍ୱେ ଲୋକଲୋଚନ ଆଢୁଆଳରେ ରହିଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନକୁ ଗମନାଗମନ ବ୍ୟବସ୍ଥା କରାଯାଉଥିବାବେଳେ ପର୍ଯ୍ୟଟନ ବିଭାଗର କୌଣସି ବ୍ୟବସ୍ଥା ନାହିଁ। ଆଗାମୀ ଦିନରେ ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମି ବିକାଶ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି। ଏହାର ଭିତ୍ତିଭୂମି ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହିତ ସ୍ଥାନୀୟ ଲୋକ ଅଧିକ ରୋଜଗାରକ୍ଷମ ହୋଇପାରିବେ। ପିକନିକ ଋତୁରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ବିଞ୍ଝଧର ଜଳପ୍ରପାତ ଅପେକ୍ଷାରତ ରହିଥିବା ଏହାର ବିକାଶ ନିହାତି ଆବଶ୍ୟକ ଅଟେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଶିମିଳିପାଳରୁ ୨ ଶିକାରୀ ଗିରଫ



ରାଇରଙ୍ଗପୁର, ୯।୧୨(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ପୁଣି ୨ଜଣ ଶିକାରୀ ଧରାପଡ଼ିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟ୍‌ୱର୍କ (ଏସ୍‌ଡବ୍ଲୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି। ୨ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ଦୁଧିଆଣିର ଜଲଡ଼ା ଗ୍ରାମର ଭାଗିରଥି ବୁଲିଉଲି (୩୧) ଓ ବୁଧୁରାମ କନ୍ଦାଙ୍କେଲ (୩୫)। ତାଙ୍କ ପାଖରୁ ଧନୁ ୪ଟି, ତୀର ୧୦ଟି, ଶୁଖିଲା ବଣ୍ଡା ମାଂସ ୧.୭୦୦ କେଜି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅନ୍ତର୍ଗତ କେନ୍ଦୁମୁଣ୍ଡି ରେଞ୍ଜ ଅଧୀନସ୍ଥ କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବାବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆୟୁଦ୍ଧ କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏକ ଆର୍ମ ଆକ୍ଟ ନେଇ ମାମଲା ରୁଜୁ ତଦନ୍ତ ଜାରି ରଖିଥିବାବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସେମିନାର




ବାରିପଦା, ୯।୧୨(ସମିସ): ସ୍ଥାନୀୟ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'ଗଣତନ୍ତ୍ରରେ ସମାନତା ଓ ନ୍ୟାୟ' ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ପୌରୋହିତ୍ୟ କରି ସମାନତା ଓ ନ୍ୟାୟ ଗଣତନ୍ତ୍ରର ଦୁଇ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ଏହି ସେମିନାରର କନ୍‌ଭେନର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦେବପ୍ରିୟା ପରିଡ଼ା ସେମିନାରର ବିଷୟକୁ ଉପସ୍ଥାପିତ କରିଥିବାବେଳେ ଅଧ୍ୟାପକ କୁମାରେଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ଆଲ୍‌ବର୍ଟିନା ତିର୍କୀ ବେଶ୍ ନିଖୁଣ ଭାବରେ ନିଜର ବକ୍ତବ୍ୟ ରଖିଥିଲେ। କି ନୋଟ୍ ସ୍ପିକର ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ସ୍ୱାଇଁ ଗଣତନ୍ତ୍ରରେ ସମାନତା ଓ ନ୍ୟାୟ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ପରବର୍ତ୍ତୀ ଟେକ୍‌ନିକାଲ ସେସନ୍‌ରେ ରିସୋର୍ସ ପର୍ସନ ଭାବରେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଶିଷ ସେନାପତି ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇ କିପରି ଭାବରେ ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସମାନତା ଦେଇପାରିବ ସେ ସମ୍ପର୍କରେ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପକ କୁମାରେଶ ନାୟକ, ଅଧ୍ୟାପିକା ମାମାଲି ନାୟକ, ଛାତ୍ରୀ ଲିପି ବେହେରା, ଦୀପ୍ତିରେଖା ସ୍ୱାଇଁ, ସୁକାନ୍ତି ସିଂ ପ୍ରମୁଖ ଗଣତନ୍ତ୍ରରେ ସମାନତା ଓ ନ୍ୟାୟ ସମ୍ପର୍କରେ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ମାମାଲି ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଉପେନ୍ଦ୍ର ନାଥ କଲେଜରେ ବୈଠକ



ରାସଗୋବିନ୍ଦପୁର, ୯।୧୨(ସମିସ): ନଳଗଜା ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ୧୯୭୯ ଶିକ୍ଷାବର୍ଷର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ରାସଗୋବିନ୍ଦପୁର ବିମାନବନ୍ଦରସ୍ଥ ଉଷାରତ୍ନ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଅଧିକ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ପରିବାର ଯୋଗ ଦେଇଥିଲେ। ପ୍ରଥମେ ଛାତ୍ର ସୁମନ୍ତ ମହାନ୍ତି ଓ ପତ୍ନୀ ବିନିତା ମହାନ୍ତିଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଚନ୍ଦନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟୁତ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ନରୋତ୍ତମ ଆଚାର୍ଯ୍ୟ 'ଭକ୍ତି, ଶ୍ରଦ୍ଧାର ସଙ୍ଗମ' ସ୍ମରଣିକା ଗୁରୁଜୀଙ୍କ ଦ୍ୱାରା ଉନ୍ମୋଚନ କରିଥିଲେ। ଗୁରୁ ଓ ଗୁରୁମାଙ୍କୁ ଫୁଲ, ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ମଧ୍ୟରେ ଜଗତବନ୍ଧୁ ଆଚାର୍ଯ୍ୟ, ଜିତାରାମ ଦେ, ରମାକାନ୍ତ ଭଞ୍ଜ, ପ୍ରବୋଧ ମହାପାତ୍ର, ରାଧାରଞ୍ଜନ ସାହୁ, ଗୀତାରାଣୀ ଭୂୟାଁ, ବିଶ୍ୱମ୍ବର ଜେନା, ସୁଦର୍ଶନ ଖିଲାର, ସମରେନ୍ଦ୍ର ଦତ୍ତ, ପ୍ରକାଶ ମହାପାତ୍ର, ସୁବଳ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଅବସରରେ ପଚାଶ ବର୍ଷ ପୂର୍ତ୍ତିରେ ଏହି ଗୁରୁଶିଷ୍ୟ ମିଳନକୁ ଭିନ୍ନଧରଣରେ ପାଳନ କରିବାକୁ ସ୍ଥିର କରାଯାଇଛି। ଡ. ବୁଜଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବନଭୂମି କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ଉତ୍ସବ




ବାରିପଦା, ୯।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରରେ ବନଭୂମି କୃଷକ ଉତ୍ପାଦକ ସଂଗଠନ ନିର୍ଦ୍ଦେଶକ ଗତିକ୍ରିଷ୍ଣ ତିୱାରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ, ମୁଖ୍ୟବକ୍ତା ଭାବେ ଉତ୍କଳ ବିପନ୍ନ ସହାୟତା ସମିତି ସଭାପତି ଅଭୟ ସାମନ୍ତରାୟ, ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଗିରିଜା ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ର ବରିଷ୍ଠ ବୈଜ୍ଞାନିକ ତଥା ବିଶେଷଜ୍ଞ ସଂଘମିତ୍ରା ପଟ୍ଟନାୟକ, ଶାମାଖୁଣ୍ଟା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନା ସେଠୀ, ଉତ୍କଳ ବିପନ୍ନ ସହାୟତା ସମିତି ଭୁବନେଶ୍ୱରରୁ ଆସିଥିବା କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ, ସନ୍ତୋଷ ପଣ୍ଡା, ବନଭୂମି କୃଷକ ଉତ୍ପାଦକ ସଂଗଠନର ସମସ୍ତ ନିର୍ଦ୍ଦେଶକ ଓ ସଦସ୍ୟସଦସ୍ୟା ଓ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ୨୭୦ ଜଣ ମହିଳା ଓ ୪୧ ଜଣ ପୁରୁଷ ଚାଷୀଙ୍କ ଉପସ୍ଥିତିରେ ବନଭୂମି କୃଷକ ସଂଗଠନର ଉତ୍ପାଦକ ଶସ୍ୟର ଶୁଭାରମ୍ଭ ଓ ମୟୂରଭଞ୍ଜ ଜିଲ୍ଲାର ୪ଟି ବ୍ଲକ ଶାମାଖୁଣ୍ଟା, ଶୁଳିଆପଦା, ସାରସକଣା ଓ କୁଳିଅଣା ବ୍ଲକର ୨୫ ଜଣ ଅଗ୍ରଣୀ ଚାଷୀ ଭାଇଭଉଣୀଙ୍କୁ ସମ୍ମାନିତ କରାଯାଇଥିଲା।

## ଅଂଶୁମାନ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ



ରାଇରଙ୍ଗପୁର, ୯।୧୨(ସମିସ): ବିଜେପି ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା ପାଇଁ ନୂତନ ପ୍ରଭାରୀ ନିଯୁକ୍ତ କରାଯାଇଛି। ବରିଷ୍ଠ ନେତା ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କୁ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାର ଜିଲ୍ଲା ସଭାପତି ସମେତ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଥିଲେ। ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ନୂତନ କରି ପ୍ରଭାରୀ ଦାୟିତ୍ୱ ପ୍ରଦାନ କରି ନାମ ଘୋଷଣା କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଧର୍ମପ୍ରାଣଙ୍କ ପରଲୋକ



ବଡ଼ସାହି, ୯।୧୨(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡ଼ିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମର ପରେଶ ସେନାପତି (୮୬) ଭୁବନେଶ୍ୱରସ୍ଥ ଏକ ଘରୋଇ ନର୍ସିଂହୋମରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ଧର୍ମପରାୟଣ, ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ବୟସାଧିକ କାରଣରୁ ସେ ଗତ କିଛିଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅବୋହୂ, ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁର ଅଧିକାଂଶ ଲୋକ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ତାଙ୍କ ପରଲୋକରେ ଗାଁ ଓ ନିକଟବର୍ତ୍ତୀ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ବିଶ୍ୱବିଦ୍ୟାଳୟରେ କ୍ଷମତା ବିକାଶ କାର୍ଯ୍ୟକ୍ରମ

ବାରିପଦା, ୯।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଦୁଇଦିନ ଧରି ଏକ ଜାତୀୟସ୍ତରୀୟ କ୍ଷମତା ବିକାଶ କାର୍ଯ୍ୟକ୍ରମ 'ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା' ଶୀର୍ଷକରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପିଏମ୍-ଉଷା ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଆଇଆଇଟି ଖଡ଼ଗପୁରର ପ୍ରଫେସର ନାରାୟଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ, ଆର୍‌ବିଆଇର ପ୍ରାକ୍ତନ ମୁଖ୍ୟ ଅର୍ଥନୀତିକ ଉପଦେଷ୍ଟା ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା, ଆଇଆଇଟି ଖଡ଼ଗପୁରର ପ୍ରଫେସର ଜିତେନ୍ଦ୍ର ମହାକୁଡ଼ ସମ୍ମାନିତ ଅତିଥି ଏବଂ ପିଏମ୍-ଉଷାର ବିଶ୍ୱବିଦ୍ୟାଳୟ ନୋଡାଲ୍ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ ଉପପୃଷ୍ଠପୋଷକ ଭାବେ ଯୋଗଦେଇଥିଲେ। ଉକ୍ତ ସମାରୋହରେ ପ୍ରୋଗ୍ରାମ ସଂଯୋଜିକା ପ୍ରଫେସର କବିତା କୁମାରୀ ସାହୁ ଅତିଥି ଏବଂ ବିଷୟବସ୍ତୁ ପରିଚୟ ପ୍ରଦାନ କରିଥିଲେ ଏବଂ ସହସଂଯୋଜକ ଓ ଟ୍ରେଜରର୍ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୋଗ୍ରାମ ସହସଂଯୋଜକ ବିଶ୍ୱଜିତ ଷଡ଼ଙ୍ଗୀଙ୍କ ସହ ସୁଜାତା ମହାକୁଡ଼ ଏବଂ ସଞ୍ଜିତା ପାଗଲ୍ ମଞ୍ଚ ପରିଚାଳନା କରିଥିଲେ। ଏହି କ୍ଷମତା ବିକାଶ କାର୍ଯ୍ୟକ୍ରମରେ ବାରିପଦାର ଏଏସ୍‌ପି ଦୀପକ କୁମାର ଗୋଚ୍ଛାୟତ, ସାଇବର୍ ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧାକର ପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ମନୋଜ କୁମାର ଦାସ, ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଆଦିତ୍ୟ କୁମାର ପାତ୍ର, ପ୍ରଫେସର ଏମ୍ ହିମାବିନ୍ଦୁ, ଆଇଏମ୍‌ଆଇର ଡ. ପ୍ରୀତିସ୍ କୁମାର ସାହୁ, ବରିଷ୍ଠ ଆଡ୍‌ଭୋକେଟ୍ ବିଭୁପ୍ରସାଦ ଦାସ ଏବଂ ଏଲ୍‌ଆଇସି କଟକ ଡିଭିଜନ୍‌ର ଡ. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ।



## ଜିଲ୍ଲାସ୍ତରୀୟ ଯୁଥ୍ ପାର୍ଲିଆମେଣ୍ଟ ଓ କୁଇଜ୍ ପ୍ରତିଯୋଗିତା

ବାରିପଦା, ୯।୧୨(ସମିସ): ସ୍ଥାନୀୟ ତକତପୁରସ୍ଥିତ ପିଆରଏମ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟେରିୟମ ପରିସରରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୁବ ପାର୍ଲିଆମେଣ୍ଟ ପ୍ରତିଯୋଗିତା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବ ପାର୍ଲିଆମେଣ୍ଟ ପ୍ରତିଯୋଗିତାରେ ସେଣ୍ଟ ମେରୀ କନଭେଣ୍ଟ ବିଦ୍ୟାଳୟର ଆରୟାନ ଦାସ ପ୍ରଥମ, ପିଏମଶ୍ରୀ ଏମକେସି ଉଚ୍ଚବିଦ୍ୟାଳୟର ଦିବ୍ୟାଂଶୁ ବାରିକ ଦ୍ୱିତୀୟ ଓ ମୁଣ୍ଡାଠାକୁରା ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟର କଲ୍ୟାଣ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କୁଇଜ ପ୍ରତିଯୋଗିତା ସିନିୟର ବିଭାଗରେ ରଘୁନାଥ ଉଚ୍ଚବିଦ୍ୟାଳୟର ଆୟୁଷ ମହାନ୍ତ ପ୍ରଥମ, ବଡ଼ସାହି ସରକାରୀ ଉଚ୍ଚବିଦ୍ୟାଳୟର ଓମ ଶଙ୍କର ରଣା ଦ୍ୱିତୀୟ, ଓଏଭି, ବଡ଼ସାହିର ରୋହିତ ଦଳେଇ ତୃତୀୟ ଓ ଜୁନିୟର ବିଭାଗରେ ଓଏଭି, ଜୁଆଳିଆର ସୌଭାଗ୍ୟ ବେହେରା ପ୍ରଥମ, ଓଏଭି, ଭାଲିଆଶୋଳର ଉଶ୍ୱସୀ ମହାନ୍ତ ଦ୍ୱିତୀୟ ଓ ପିଏମଶ୍ରୀ ଏମକେସି ଉଚ୍ଚବିଦ୍ୟାଳୟର ଅଙ୍କିତ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଦେଶର ପ୍ରଗତିରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନୟନ ଗିରି, ସୁବ୍ରତ ଆଚାର୍ଯ୍ୟ ଓ ବସନ୍ତ ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।



### ତଥ୍ୟ ପ୍ରଦାନରେ ଅବହେଳା ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ମହଙ୍ଗା ପଡ଼ିଲା

## ୨୫ ହଜାର ଆର୍ଥିକ ଜରିମାନାରେ ପିଆଇଓ ଦଣ୍ଡିତ

ବାରିପଦା, ୯।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦା ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନକୁ ଅବମାନନା କରିବା ସହ ତଥ୍ୟ ପ୍ରଦାନରେ ଅବହେଳା ଯୋଗୁଁ ରାଜ୍ୟ ସୂଚନା କମିଶନ ତାଙ୍କୁ ୨୫ହଜାର ଟଙ୍କା ଆର୍ଥିକ ଜରିମାନା ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ମୋରଡ଼ା ଅଞ୍ଚଳର ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ସୂଚନା ଅଧିକାର ଆଇନ ବଳରେ ୨୦୨୩ ମେ' ୨୨ରେ ବାରିପଦା ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟର ପିଆଇଓଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପିଙ୍କ କାର୍ଯ୍ୟାଳୟ ଏବଂ ବାସସ୍ଥାନର ନବୀକରଣ ଓ ମରାମତି ବାବଦକୁ ୨୦୧୮ରୁ ୨୦୨୩ ଆର୍ଥିକ ବର୍ଷ ମଧ୍ୟରେ କେଉଁଥିରେ କେତେ ଟଙ୍କା ଖର୍ଚ୍ଚ କରାଯାଇଥିଲା ସେ ସମ୍ପର୍କରେ କେତେକ ଆବଶ୍ୟକ ତଥ୍ୟ ମାଗିଥିଲେ। ମାତ୍ର ପିଆଇଓ ରାଜେନ୍ଦ୍ର କିଷାନ ସଠିକ୍ ସମୟରେ ତଥ୍ୟ ନ ଦେବାରୁ ମହେଶ୍ୱର ଉକ୍ତ କାର୍ଯ୍ୟାଳୟର ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ୨୦୨୩ ଜୁନ୍ ୨୬ରେ ପ୍ରଥମ ଅପିଲ୍ କରିଥିଲେ। ହେଲେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କଠାରୁ ନ୍ୟାୟ ନ ମିଳିବାରୁ ୨୦୨୩ ଅଗଷ୍ଟ ୨ରେ ସୂଚନା ଆୟୋଗଙ୍କ ନିକଟରେ ଫେରାଦ ହୋଇଥିଲେ। କମିଶନର ଏହି ୨ୟ ଅପିଲ୍‌କୁ ୨୯୭୪/୨୩ରେ ପଞ୍ଜିକୃତ କରି ଏହାର ବିଚାର କରିଥିଲେ। ଫଳରେ କମିଶନଙ୍କ ନିର୍ଦ୍ଦେଶରେ ଆର୍‌ଏଣ୍ଡବି ଡିଭିଜନ ବାରିପଦା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି ପାଇଁ ଉଭୟ ପକ୍ଷଙ୍କୁ ଡାକି ଗତ ଅକ୍ଟୋବର ୧୮ରେ ହାତାହାତି ତଥ୍ୟ ପ୍ରଦାନ କରିଥିଲେ। ତେବେ ସୂଚନା କମିଶନ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଶୁଣାଣି କରି ଶେଷରେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଯେହେତୁ ପିଆଇଓ ତଥ୍ୟ ପ୍ରଦାନରେ ଅବହେଳା କରିଥିଲେ ତେଣୁ ତାଙ୍କୁ ୨୫ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି। ଏହି ଅର୍ଥ ଚଳିତ ମାସ ଶେଷ ସୁଦ୍ଧା ସରକାରୀ ତହବିଲ୍‌ରେ ଜମା ନ କଲେ ତାଙ୍କ ଦରମା ଟଙ୍କାରୁ କାଟି ଭରଣା କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଆଦେଶ ଦେଇଛନ୍ତି।

### ମାଗେ ପର୍ବ ପାଳିତ

## କୋହ୍ଲ ଓ ହୋ ସମାଜ ଲୋକଙ୍କ ନାଚଗୀତ ଆସର

ରାଇରଙ୍ଗପୁର, ୯।୧୨(ସମିସ): ଆଦିବାସି ସମ୍ପ୍ରଦାୟର ଅନେକ ପର୍ବପର୍ବାଣୀ ଥିବାବେଳେ ସେଥିମଧ୍ୟରୁ ମାଗେ ପର୍ବ ନିଆରା ଅଟେ। ଯାହାକି କୋହ୍ଲ ଓ ହୋ ଜନଜାତିର ସବୁଠାରୁ ବଡ଼ ପର୍ବ ଥିବାବେଳେ ନାଚଗୀତ ଆସର ଜମିଥାଏ। ଆଦିବାସୀ ଗ୍ରାମରେ ପର୍ବକୁ ନେଇ ପରିବେଶ ମଧ୍ୟ ବେଶ ନିଆରା ଅଟେ। ଉକ୍ତ ମାଗେ ପର୍ବ କୋହ୍ଲ ଓ ହୋ ଜନଜାତି ଲୋକମାନେ ଆଦିମ କାଳରୁ ପାଳନ କରିଆସୁଛନ୍ତି। ଏହି ପର୍ବରେ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଖୋଲା ସ୍ଥାନରେ ଆଠଦିନ ଧରି ଏକତ୍ରିତ ହୋଇଥା'ନ୍ତି। ପ୍ରଥମ ଦିନକୁ ମାଗେ ଅନାଦେର, ଦ୍ୱିତୀୟ ଦିନ ଗାଉମାହାରା, ତୃତୀୟ ଦିନ ଓଦେଇଲି, ଚତୁର୍ଥ ଦିନ ହଂସାକାମ୍‌ରେ ଦାଲସାରୀ ବଙ୍ଗୀ, ପଞ୍ଚମ ଦିନ ହେଲା ଗୁରଃ ପରବ୍, ଷଷ୍ଠ ଦିନକୁ ମାଗେ ମାରା ପର୍ବ, ସପ୍ତମ ଦିବସରେ ସୁସୁନ ଆକାଳାରେ ପାଉଣିଙ୍କୁ ରସି ଅର୍ପଣ ପୂର୍ବକ ପୂଜା ଓ ଅଷ୍ଟମ ଦିନ 'ହାର ମାଗେଆ' ପରବ ପାଳନ ହୋଇଥାଏ। ପୂଜାର୍ଚ୍ଚନା କରି ବେଶ ଧୂମଧାମ ମଧ୍ୟରେ ପର୍ବ ପାଳନ କରିଛନ୍ତି। ଆଦିବାସୀଙ୍କ ଏହି ପର୍ବ ସମୟରେ ଗ୍ରାମ ପରିବେଶ ମଧ୍ୟ ଉଲ୍ଲାସରେ ଭରି ରହିଥାଏ। ଜାମଦା ବ୍ଲକ ଅନ୍ତର୍ଗତ ଶାଗଯୋଡ଼ି ଗାଁରେ ଏହି ନିଆରା ମାଗେ ପରବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି।



ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଆଦିବାସୀ ଧରମ ପରିଷଦ ରାଜ୍ୟ ସଭାପତି ସେଲାଏ ପୂର୍ତ୍ତି, ସୋମା ସାୱାଁୟା, ରଘୁନାଥ ସାମାଡ, ଦେହୁରୀ ହେମନ୍ତ ହେମ୍ବ୍ରମ, ଚୈତନ ବାରୀ, ବିଆର୍ ବବି, ପଙ୍କଜ ସିର୍କା, ଶଙ୍କର ପୂର୍ତ୍ତୀ, ତ୍ରିନାଥ ସିଦ୍ଧୁ ନାଏକ ପ୍ରମୁଖ ଉପସ୍ଥିତ ରହି ନୀତି ନିୟମାନୁସାରେ ପୂଜାର୍ଚ୍ଚନା କରିଥିଲେ। ଉଭୟ ମହିଳା ଓ ପୁରୁଷ ଏକାଠି ହୋଇ ନାଚଗୀତ ଆସରରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଏସ୍‌ଆଇ ସଂଗଠନର ରାଜ୍ୟ ସମ୍ପାଦକ ପିକେ ଶତପଥୀ, ସମାଜସେବୀ ଆନନ୍ଦ ବିନ୍ଧାଣୀ, ରତିକାନ୍ତ ବେହେରା, ରାଜେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସି ସମ୍ପ୍ରଦାୟର ଏହି ପର୍ବ ଦେଖିବାକୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

**ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ-୨୦୨୬' ପ୍ରସ୍ତୁତି ବୈଠକ**

# ନେହରୁ ଷ୍ଟାଡିୟମ ବଦଳରେ ଚରମ୍ପା ପଡ଼ିଆରେ ହେବ ଆୟୋଜନ

ଭଦ୍ରକ, ୯ ।୧୨(ସମିସ):

ସବୁ ବର୍ଷ ଭଳି ଭଦ୍ରକ ଜିଲ୍ଲା ମହୋତ୍ସବ "ଭଦ୍ରାୟଣୀ-୨୦୨୬' ଜିଲ୍ଲା ମହୋତ୍ସବ ଆସନ୍ତା ଜାନୁଆରୀ ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି

## ଜାନୁଆରୀ ୧୬ରୁ ୧୦ ଦିନ ଧରି ଚାଲିବ

ଅନୁଷ୍ଠିତ ହେବ। ଏଥର ନେହେରୁ ଷ୍ଟାଡିୟମରେ ପରିବର୍ତ୍ତେ ଏହି ଜିଲ୍ଲା ମହୋତ୍ସବ ଚରମ୍ପା ଓଏସ୍ଆରଟିସି ପଡ଼ିଆରେ ଆୟୋଜିତ ହେବ ବୋଲି ସୋମବାର ଅପରାହ୍ନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ନିଆଯାଇଛି। ଗତ କିଛିଦିନ ତଳେ ଏହି ଓଏସ୍ଆରଟିସି ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରାଯାଇ ପାଖାପାଖି ସାଢେ ୪ଏକର ଜମିକୁ ନିଜ ଅକ୍ତିଆରକୁ ପ୍ରଶାସନ ଆଣିଥିଲା। ଏହି ଉଚ୍ଛେଦରେ ୫୪ ଜଣ ଛୋଟବଡ଼ ଦୋକାନ ଘର ଉଚ୍ଛେଦ ହୋଇଥିଲା। ନେହେରୁ ଷ୍ଟାଡ଼ିୟମ ଏବେ କ୍ରୀଡ଼ା ବିଭାଗ ଅଧୀନରେ ଅଛି। ଜିଲ୍ଲାରେ ଏହି ଷ୍ଟାଡିୟମରେ କେବଳ କ୍ରୀଡ଼ା ଓ କ୍ରୀଡାଭ୍ୟାସ ବ୍ୟତୀତ ପୂର୍ବଭଳି ଅନ୍ୟକୌଣସି ସରକାରଙ୍କ ସଭାସମିତି ଓ ମହୋତ୍ସବ ହୋଇପାରିବନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଖେଳ ପଡିଆ ନଷ୍ଟ ହେବାର ଆଶଙ୍କା କରି ଏଥର ଏହି କାର୍ଯ୍ୟେକ୍ରମର ସ୍ଥାନ ପରିବର୍ତ୍ତନ କରାଯାଇଛି। ସେହିଭଳି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସରକାରଙ୍କ ସଭା ସମିତି କଲେଜ ପଡିଆରେ ପ୍ରଶାସନ ପକ୍ଷରୁ ଆୟୋଜିତ କରାଯାଉଥିଲା। ଛାତ୍ରଛାତ୍ରୀଙ୍କ ପରୀକ୍ଷା ରତୁ ଥିବାରୁ ସେଠାରେ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ମହୋତ୍ସବର ସ୍ଥାନ ନିରୁପଣ ନେଇ ପ୍ରଶାସନର ଏକ ଜଏଣ୍ଟ କମିଟି ଚରମ୍ପା ପଡିଆର କ୍ଷେତ୍ରୀୟ ତଦନ୍ତ କରିବା ପରେ ଏହି ସ୍ଥାନଟିକୁ ମନୋନୀତ କରାଯାଇଛି। ଏହାବ୍ୟତୀତ ଏହି ସ୍ଥାନଟି ଭଦ୍ରକ ରେଳ ଷ୍ଟେସନ ନିକଟବର୍ତ୍ତୀ ହୋଇଥିବାରୁ ସମସ୍ତେ ମହୋତ୍ସବର ମଜା ନେଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଭଦ୍ରକାୟଣୀ-୨୦୨୬ ଜିଲ୍ଲା ମହୋତ୍ସବ, ଆତ୍ମନିର୍ଭରଶୀଳ ମେଳା, ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧକ୍ଷତାରେ ଏହି ପ୍ରସ୍ତୁତି ବୈଠକ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସପି ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟମେଣ୍ଟର ଇଂଜିନିୟର ଉପସ୍ଥିତ ରହି ନିଜର ମତ ରଖିଲେ। ଆଗାମୀ ଜିଲ୍ଲା ମହୋତ୍ସବରେ ଲୋକକଳା ଓ ସଂସ୍କୃତି କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖ୍ୟାତି ଅର୍ଜନ କରିଥିବା କଳାକାର ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



## ଏଡିଏମଙ୍କ ରାଜସ୍ୱ କାର୍ଯ୍ୟର ସମୀକ୍ଷା

ବାରିକପୁର, ୯ ।୧୨(ସମିସ):ଭଣ୍ଡାରିପୋଖରୀ ତହସିଲ ଅଧୀନ ସରସଦାସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆଜି ରାଜସ୍ୱ ସମ୍ପର୍କିତ ସମୀକ୍ଷା ହୋଇଛି। କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନାରାୟଣ ସାହୁ ପହଞ୍ଚି ବିଭିନ୍ନ କ୍ଷେତ୍ରରୁ ହେଉଥିବା ଟିକସ ଆଦାୟ ବାବଦରେ ସମୀକ୍ଷା କରିଥିଲେ। ରାଜସ୍ୱ ଆଦାୟକୁ ନେଇ ସୁବିଧା ଅସୁବିଧା ଓ ଅନେକ ସମସ୍ୟା ବାବଦରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତ ଆର୍ଠିଥକ ବର୍ଷ ଶେଷ ସୁଦ୍ଧା ଟିକସ ଆଦାୟ କ୍ଷେତ୍ରରେ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବେଳେ ତହସିଲଦାର ରୋଜାଲିନ ବେହେରା ଓ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କ ସମେତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ହୋଇଥିବା ଜବରଦଖଲ ବାବଦରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳିତ

ଦୋଳସାହି, ୯ ।୧୨(ସମିସ): ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ତାଙ୍କ ଗାଁ ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତର ତାଳପଦାଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ, କାନ୍ତକବି ସ୍ମୃତି ପରିଷଦ ଓ ତିହିଡି ବିଷୁବ ସାମ୍ମୁଖ୍ୟ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଅଭୟ ଦାସ, କାନ୍ତକବି ସାହିତ୍ୟ ପରିଷଦର ସମ୍ପାଦକ ଚିନ୍ତାମଣି ଦାସ, ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ବହଳୀ, ହୃଦାନନ୍ଦ ପାଣିଗ୍ରାହୀ, ତିହିଡ଼ି ସାମ୍ମୁଖ୍ୟର ସମ୍ପାଦକ ରଘୁନାଥ ପାତ୍ର ପ୍ରମୁଖ ଯାଗଦେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୀ ସାହିତ୍ୟ ସମ୍ଭାର ସମ୍ପର୍କରେ କହିଥିଲେ। ପ୍ରଥମେ ଜିଲ୍ଲାପାଳ ଶ୍ରୀ ରାଉତରାଏ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ କାନ୍ତକବିଙ୍କ ସମାଧି ପୀଠରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ କାନ୍ତକବି ସ୍ମୃତି ମନ୍ଦିରରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ।

■ ଆମ ଅଗଣାର ଫୁଲର ବାର୍ଷିକ ଉତ୍ସବ

## ମନୋରଞ୍ଜନ ମହାନ୍ତିଙ୍କୁ ସହୃଦ୍ ପଦ୍ମ ସମ୍ମାନ

ବନ୍ତ/ଆଗରପଡ଼ା, ୯।୧୨(ସମିସ): ଭୁବନେଶ୍ୱରସ୍ଥ ଓଡ଼ିଶା ଭବନରେ ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଅଗଣାର ଫୁଲର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ଶ୍ରୀରାମ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସାରା ରାଜ୍ୟର କୋଣ ଅନୁକୋଣରୁ ବହୁ ଲେଖକ, କବି ଓ କବୟିତ୍ରୀ ଯୋଗ ଦେଇଥିଲେ। ସଭାପତି ଜୟଶ୍ରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିପିନି ବିହାରୀ ମହାନ୍ତି, ମୁଖ୍ୟବକ୍ତା ଶଶଧର ପଣ୍ଡା, ବିଶିଷ୍ଟ କର୍ମକର୍ତ୍ତା ସୁରେନ୍ଦ୍ର ରଥ, ସମ୍ମାନିତ ଅତିଥି କୃଷ୍ଣ ମହାପାତ୍ର ଓ ସୌଦାମିନୀ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇଥିଲେ। ସସ୍ମିତା ମହାପାତ୍ର, ସୁନୀତା ପତ୍ରୀ, ମଞ୍ଜୁଶ୍ରୀ ଶତପଥୀ, ମଞ୍ଜୁଳା ନେମାଳ, ଜ୍ୟୋତି ରଞ୍ଜନ ପାତ୍ର, ଦୋଳଗୋବିନ୍ଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ଏହି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ ସହିତ ପତ୍ରିକା ଆମ ଅଗଣାର ଫୁଲ ଉନ୍ମୋଚିତ ହୋଇଥିଲା। କୁନି ପ୍ରତିଭାଙ୍କୁ ରଜପରି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବନ୍ତ ବ୍ଲକ ରାମକୃଷ୍ଣପୁର ଗ୍ରାମର କବି ମନୋରଞ୍ଜନ ମହାନ୍ତିଙ୍କୁ ସହୃଦ୍ ପଦ୍ମ ସମ୍ମାନରେସମ୍ମାନିତ କରାଯାଇଥିଲା।



# ଶିଶୁଙ୍କ ସହାୟତା ପାଇଁ ବୈଠକ

ଭଦ୍ରକ, ୯ ।୧୨(ସମିସ):ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ଼ ହେଲ୍ପଲାଇନ ସହଯୋଗରେ ଏକ ବୈଠକ ଚରମ୍ପା ରେଳ ଷ୍ଟେସନ ସଭାଗୃହରେ ଷ୍ଟେସନ ପରିଚାଳକ ଅମୂଲ୍ୟ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେଳ ବିଭାଗରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ସାମାଜିକ ତଥା ଆଇନ ଅଧିକାରୀ ସୁବ୍ରତ ଦାସ ବିଶାରଦ ରୂପେ ଯୋଗଦାନ କରି ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ବିଭିନ୍ନ ଅପରାଧ, ଶିଶୁ ଚାଲାଣ, ଶିଶୁଙ୍କୁ ଶୋଷଣ, ଆଇନ ସହ ମୁକାବିଲା କରୁଥିବା ଶିଶୁ, ପିତୃ ମାତୃହୀନ ଶିଶୁଙ୍କୁ ଚିହ୍ନଟ, ଅଜଣା ,ଅପରିଚିତ ଶିଶୁଙ୍କୁ ଠାବ କରି କିପରି ତୁରନ୍ତ ଉଦ୍ଧାର କରିହେବ ଓ ଚାଇଲ୍ଡ଼ ହେଲ୍ପ ଲାଇନ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର କରି ତ୍ୱରିତ ଶିଶୁଙ୍କୁ ବିପଦରୁ ରକ୍ଷା କରାଯାଇପାରିବ, ତତ୍ ସମ୍ବନ୍ଧରେ ଅବଗତ କରିଥିଲେ। ଚାଇଲ୍ଡ଼ ହେଲ୍ପଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ରେଳ ଷ୍ଟେସନ ପରିସରରେ ଖୁବ୍‌ଶୀଘ୍ର ଶିଶୁଙ୍କୁ ସହାୟତା ନିମନ୍ତେ ଚାଇଲ୍ଡ଼ ହେଲ୍ପ କେନ୍ଦ୍ର କାର୍ଯ୍ୟକାରୀ ହେବା ନେଇ ସୂଚନା ଦେଇଥିଲେ। ରେଳ ବିଭାଗ ସିଟିଆଇ ରମେଶ ବେହେରା, ସିଟିଏସ ରାଜକୁମାର ସାହାଣୀ, ସୁଭଦ୍ରା ସାହୁ, ରବିନା ବେହେରା, ରେଳ ସୁରକ୍ଷା ବଳରୁ ପ୍ରଭାତ ଖୁଣ୍ଟିଆ, ଜିଆରପି, ଭଦ୍ରକ ରେଳ ଷ୍ଟେସନର ବରିଷ୍ଠ ଅଧିକାରୀ ସୁକଦେବ ଜେନା, ଶଶୀକାନ୍ତ ଉପାଧ୍ୟାୟ ପ୍ରମୁଖ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ବିଭିନ୍ନ ଘଟଣା ସମ୍ବନ୍ଧରେ ମତପୋଷଣ କରିଥିଲେ। ଚାଇଲ୍ଡ଼ ହେଲ୍ପ ଲାଇନର ପରାମର୍ଶଦାତା ଲକ୍ଷ୍ମଣ ଜେନା, ଟିମ ସୁପରଭାଇଜର ରମାକାନ୍ତ ଜେନା, ଚନ୍ଦ୍ରକାନ୍ତ ଗୋଛାୟତ, କାହ୍ନୁ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶୁଭଶ୍ରୀ ପଡ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପାଚିକା ଭୂମିକାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ

ଭଣ୍ଡାରିପୋଖରୀ, ୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ୧୪୯ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା କରାଯାଉଥିବା ଜଣାଯାଇଛି। ଦରମା ବୃଦ୍ଧି ଦାବିରେ ପାଚିକାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ନ କରିବାକୁ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି। ଏଭଳି ସ୍ଥଳେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାଦାନ ଛାଡ଼ି ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଗତ ୨ ଦିନ ହେବ ପାଚିକାଙ୍କ ଆନ୍ଦୋଳନରେ ମଧ୍ୟାହ୍ନଭୋଜନ ପରିଚାଳନା ବାଧାପ୍ରାପ୍ତ ହୋଇନାହିଁ ବୋଲି ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ପାଚିକାଙ୍କ ଆନ୍ଦୋଳନ ଜାରି ରହିଲେ ଶିକ୍ଷାଦାନ ସହ ମଧ୍ୟାହ୍ନଭୋଜନ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ଅଧ୍ୟୟନରତ ୧୨,୪୦୬ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ୩,୨୯୭ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ପରିବେଷଣ ପାଇଁ ୩୨୪ ପାଚିକା ନିୟୋଜିତ ଅଛନ୍ତି। ପାଚିକାମାନେ ଆନ୍ଦୋଳନ କରୁଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି ହୋଇଛି।

## ଦୁର୍ଦ୍ଦଶାରେ ପାଲା ଗାୟକ



ଅସୁରାଳି, ୯ ।୧୨(ସମିସ):ଚୁଡ଼ାକୁଟି ପଞ୍ଚାୟତର ତମ୍ପଲା ଗ୍ରାମର ୬୮ ବର୍ଷୀୟ ପାଲା ଗାୟକ ଅର୍ଜୁନ ମହାରଣା ଜୀବନର ଶେଷ ସୋପାନରେ ପହଞ୍ଚିଲେଣି। ଦୀର୍ଘଦିନ ଧରି ଗାଁକୁ ଗାଁ ବୁଲି ପାଲା ଗାୟନ କରି ଲୋକ ସଂସ୍କୃତିକୁ ଜୀବନ୍ତ ରଖିଥିବା ଏହି କଳାକାର ଆଜି ବାର୍ଦ୍ଧକ୍ୟରେ ଅସମର୍ଥ ହୋଇପଡ଼ିଛନ୍ତି। ଅର୍ଜୁନ ମହାରଣା ଦୀର୍ଘଦିନ ଧରି ପାଲା ଗାୟନରେ ନିଜକୁ ନିୟୋଜିତ କରି ଗ୍ରାମୀଣ ସମାଜରେ ଲୋକ ସଂସ୍କୃତିକୁ ଜୀବନ୍ତ ରଖିଆସୁଛନ୍ତି। ସରକାରୀ ଯୋଜନାରେ ଆବାସ ପାଇବାକୁ ଯୋଗ୍ୟ ହେଲେଣି, କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଆବାସ ମିଳିନାହିଁ। ବାର୍ଦ୍ଧକ୍ୟରେ ଆସି ଜୀବନର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ସେ ସଂଘର୍ଷ କରୁଛନ୍ତି। କଳାକାର ଭତ୍ତା ପାଇବାକୁ ଅନେକବାର ଚେଷ୍ଟା କରିଥିଲେ, କିନ୍ତୁ ଏଯାଏଁ ସେଥିରେ ସଫଳ ହୋଇନାହାନ୍ତି। ଆଜି ସେ ଗାଁକୁ ଗାଁ ବୁଲି ପାଲା କରିବାରେ ଅସମର୍ଥ। ଶାରୀରିକ ଶକ୍ତି କ୍ଷୀଣ ହୋଇଥିବାରୁ ଜୀବନର ଦୈନନ୍ଦିନ କାର୍ଯ୍ୟ କରିବାରେ ସେ ଅସୁବିଧାରେ ପଡ଼ିଛନ୍ତି। ଜଣେ ପାଲା ଗାୟକ, ଯିଏ ଗ୍ରାମୀଣ ସଂସ୍କୃତିକୁ ଜୀବନ୍ତ ରଖିବାରେ ନିଜ ଜୀବନକୁ ନିୟୋଜିତ କରିଛନ୍ତି, ସେ ଯଦି ବାର୍ଦ୍ଧକ୍ୟରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥା'ନ୍ତି, ତେବେ ସେଥିରେ ସମାଜ ଓ ପ୍ରଶାସନଙ୍କ ଦାୟିତ୍ୱ କେଉଁଠି। ଅର୍ଜୁନ ମହାରଣାଙ୍କ ଦୁର୍ଦ୍ଦଶା, ଗ୍ରାମୀଣ କଳାକାରଙ୍କ ପ୍ରତି ସରକାରୀ ଯୋଜନାର ଅଭାବକୁ ପ୍ରକାଶ କରୁଛି। ସମାଜରେ ସଂସ୍କୃତିକୁ ଜୀବନ୍ତ ରଖିଥିବା ଏମିତି କଳାକାରଙ୍କୁ ସମ୍ମାନ ଓ ସୁବିଧା ଦେବା ପ୍ରଶାସନର ନୈତିକ ଦାୟିତ୍ୱ ବୋଲି ଦାବି ହେଉଛି।

■ ପାରମ୍ପରିକ କୃଷିରେ ସାଇ ଶୁଭମ ପ୍ରଥମ

## ଜିଲ୍ଲା ସ୍ତରକୁ ୧୪ ବିଜ୍ଞାନ ପ୍ରକଳ୍ପ ମନୋନୀତ



ବାରିକପୁର, ୯ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ତନ୍ମଧ୍ୟରୁ ୧୪ଟି ବିଭାଗରେ କୁନି ବୈଜ୍ଞାନିକ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଏନର୍ଜି କ୍ଲବ ବିଭାଗରେ ସୁବର୍ଣ୍ଣମୁଖୀ ଉଚ୍ଚବିଦ୍ୟାଳୟ ଛାତ୍ର ଚନ୍ଦ୍ରଶେଖର ଦ୍ୱିବେଦୀ, ଆଦର୍ଶ ବିଦ୍ୟାଳୟର ସାଇକୃପା ମନ୍ମୟୀ ଜେନା, ଜଗନ୍ନାଥପ୍ରସାଦ ବିଦ୍ୟାଳୟରୁ ପରମଜିତ ସାହୁ, ନପଙ୍ଗ ଚଣ୍ଡିମାତା ବିଦ୍ୟାଳୟରୁ ସାଇ ଶୁଭମ ନାୟକ, ପିରିପୁର ବିଦ୍ୟାଳୟରୁ ନୀତିଶ ରଞ୍ଜନ ଜେନା, ମହୁରା ବିଦ୍ୟାଳୟରୁ ଆୟୁଷ ଜେନା, କୁରିଗାଁ ବିଦ୍ୟାଳୟରୁ କ୍ରିଷ୍ଣା ବିଶ୍ୱାଳ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ସେହିଭଳି ବାଲ୍ ବୈଜ୍ଞାନିକ ବିଭାଗରୁ ମାଳଦା ଉଚ୍ଚବିଦ୍ୟାଳୟରୁ ସାଇ ସାଧନା ରାଉତ, ରହଣିଆ ବିଦ୍ୟାଳୟରୁ ରଶ୍ମିରଞ୍ଜନ ଜେନା, ଆଦର୍ଶ ବିଦ୍ୟାଳୟରୁ ସୁସଂକେତ ଜେନା, ମଞ୍ଜୁରୀରୋଡ଼ ବିଦ୍ୟାଳୟରୁ ପୁଷ୍ପାଞ୍ଜଳି ସାହୁ, ଭଣ୍ଡାରିପୋଖରୀ ହାଇସ୍କୁଲରୁ ଗୁରୁଦେବ ମିଶ୍ର, ସରସଦା ଉଚ୍ଚ ବିଦ୍ୟାଳୟରୁ ହରପ୍ରିୟା ସ୍ୱାଇଁ ଓ ଭଗିବିନ୍ଧା ସରକାରୀ ଉପ୍ରା ବିଦ୍ୟାଳୟରୁ ଅନନ୍ତ ନାରାୟଣ ସାହୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ ପାଇଁ ମନୋନୀତ ହୋଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ଦୋବଲ, ୯ ।୧୨(ସମିସ): ଧାମନଗର ଥାନା ଅନ୍ତର୍ଗତ ଦୋବଲ ନିକଟସ୍ଥ ବେଲମଳା ଗ୍ରାମର ଜଣେ ମହିଳାଙ୍କ ଚରିତ୍ରକୁ ସନ୍ଦେହ କରି ବାରମ୍ବାର ଆକ୍ଷେପ କରିବାରୁ ସେ ବିଷପିଇ ଆତ୍ମହତ୍ୟା କରିବାରୁ ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଉକ୍ତ ଗ୍ରାମର ଭଗବାନ ସ୍ୱାଇଁ ସେହି ଗ୍ରାମର ସୁଶାନ୍ତ ପାତ୍ରଙ୍କ ସ୍ତ୍ରୀ ମାତନ ପାତ୍ରଙ୍କୁ ବାରମ୍ବାର ତାଙ୍କ ଚରିତ୍ରକୁ ନେଇ ଆକ୍ଷେପ କରି କହି ବୁଲିଲେ। ଫଳରେ ୧୦ ଦିନ ତଳେ ମାତନ ବିଷପିଇ ଦେଇଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ପରେ କଟକ ମେଡ଼ିକାଲକୁ ନିଆଯାଇଥିଲା। ଆଜି ମାତନଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଧାମନଗର ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ପେନ୍‌ସନ୍‌କୁ ଚାହିଁ ଚାହିଁ ଚାଲିଗଲେ ଗୌରାଙ୍ଗ ସାର୍

# ଅବସରର ଦେଢ଼ବର୍ଷ ପରେ ବି ମିଳୁନାହିଁ ପେନ୍‌ସନ୍

ବାସୁଦେବପୁର, ୯ ।୧୨(ସମିସ): ବାସୁଦେବପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଶୋଷଣର ପେଣ୍ଠସ୍ଥଳୀ ପାଲଟିଛି। ଅବସରର ଦେଢ଼ବର୍ଷ ପରେ ମଧ୍ୟ ପେନସନ ମିଳୁନାହିଁ। ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ ପରେ ମଧ୍ୟ ପେନସନ ମିଳିବା ଦିନ ଘୁଞ୍ଚି ଘୁଞ୍ଚିଯାଉଛି। ବ୍ଲକର ଦୁଇ ଦୁଇଟି ଦକ୍ଷ ଶିକ୍ଷାଧିକାରୀଙ୍କ ପାରିବାପଣିଆ ଯୋଗୁଁ ୧୦ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ପେନସନ ପାଇଥିବାରୁ ବଞ୍ଚିତ ହେଉଛନ୍ତି। ପେନସନକୁ ଅନାଇ ଅନାଇ କିଏ ଆରପାରିକୁ ଚାଲିଗଲାଣି ତ ପୁଣି କିଏ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ନ ପାରି ରୋଗଶଯ୍ୟାରେ ଛଟପଟ ହେଉଛନ୍ତି। ମୋଟାଅଙ୍କର ଉତ୍କୋଚ ନ ଦେଲେ ପେନସନ ଫାଇଲ ବର୍ଷ ବର୍ଷ ଧରି ପଡୁଥିବା ଅଭିଯୋଗ ହେଉଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି।

ଏହି ବ୍ଲକ୍‌ର ଅଯୋଧ୍ୟା ଅପରପ୍ରାଇମେରୀ ସ୍କୁଲର ଲେଭୁଲ-୩ ପ୍ରଧାନ ଶିକ୍ଷୟିତ୍ରୀ ସବିତା କର ୨୦୨୪ ମଇ ମାସରେ ଅବସର ଗ୍ରହଣ କରିଥିଲେ। ତତ୍କାଳୀନ ବିଇଓ ଜଗବନ୍ଧୁ ସାହୁ ପେନସନ ପତ୍ର ପ୍ରସ୍ତୁତ କରିଥିଲେ। ପେନସନ ପ୍ରସ୍ତୁତ ସମୟରେ କ୍ଲିୟରାନ୍ସ ନେବା ପାଇଁ ଜଣକ ପିଛା ୫ ହଜାର ଟଙ୍କା ହାତଗୁଞ୍ଜା ନେଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅପାରଗ କର୍ମଚାରୀ ଥିବାରୁ ପେନସନ ନଥିପତ୍ର କରିବାରେ ଅସମର୍ଥ । ପେନସନ କାଗଜପତ୍ର ଅପଟୁଡେଟ କରିବା ପାଇଁ ଭଦ୍ରକର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୬ ହଜାର ଦେବାକୁ ପଡିଥାଏ ବୋଲି ସମସ୍ତ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀ ଅଭିଯୋଗ କରୁଛନ୍ତି। ଏହାବ୍ୟତୀତ ବିଇଓ କାର୍ଯ୍ୟାଳୟର କର୍ମଚାରୀଙ୍କ ଦାବି ମୁତାବକ ହାତଗୁଞ୍ଜା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସବିତା କର ୨୦୨୪ରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପେନସନ ମିଳିନାହିଁ ବୋଲି କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ବୟସର ଅପରାହ୍ନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେବାକୁ ପଡିଛି। ଅତିରିକ୍ତ ଦାୟିତ୍ୱରେ ଥିବା ନୂତନ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ

**ଶୋଷଣର ପେଣ୍ଠସ୍ଥଳୀ ବାସୁଦେବପୁର ବିଇଓଙ୍କ କାର୍ଯ୍ୟାଳୟ**

ଦେଖା କରିବାକୁ ବହୁଥର ଆସି ନିରାଶ ହୋଇଛନ୍ତି। ସବିତା କର ଅସୁସ୍ଥ ଥିବାରୁ ତାଙ୍କର ସ୍ୱାମୀ ସୁବାସ ସାହୁ ୬ମାସ ତଳେ ବିଇଓଙ୍କୁ ଦେଖାକରି ସମସ୍ତ ଘଟଣା ଜଣାଇଥିଲେ। ତୁରନ୍ତ କାମ ହୋଇଯିବ ବୋଲି କହିଥିଲେ। ତେବେ ଶିକ୍ଷାଧିକାରୀଙ୍କ ପାରିବାପଣିଆ କେବଳ କଥାରେ ସୀମିତ ରହିଲା। ଶେଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୨୦୨୫ ଅଗଷ୍ଟ ୧୭ ତାରିଖରେ ଖୋଦ୍ ଜିଲ୍ଲାପାଳ ନିକଟରେ ଅଭିଯୋଗ କରିଥିଲେ। ଏ ଅଭିଯୋଗ ପ୍ରହସନରେ ପରିଣତ ହେଲା। ପୁନଶ୍ଚ ୨୦୨୫ ଅକ୍ଟୋବର ୨୭ ତାରିଖରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣିରେ ସବିତା କର ଅଭିଯୋଗ କଲେ। ମାସେରୁ ଉର୍ଦ୍ଧ୍ୱ ସମୟ ବିତିଲା। ତେବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପେନସନ ପାଇଁ ଅନାଇ ବସିଛନ୍ତି।

କେବଳ ସବିତା କର ନୁହଁନ୍ତି, ତାଙ୍କ ଭଳି ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରି ପେନସନକୁ ଅନାଇ ଅନାଇ ବସିଛନ୍ତି। ପାଞ୍ଚଦିନ ପୂର୍ବେ ମୃତ୍ୟୁବରଣ କଲେଣି ହେଲେ ଆଜି ପର୍ଯ୍ୟନ୍ତ ପେନସନ ମିଳିନାହିଁ। ଏହି ବ୍ଲକର ଆରୁହା ପଞ୍ଚାୟତର ନଇଛଣପୁର ସ୍କୁଲର ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ମଲିକ ଅବସର ଗ୍ରହଣ ପରେ ପେନସନ ପାଇଁ ଦୌଡି ଦୌଡି ଶେଷରେ ପରଲୋକଗମନ କରିଛନ୍ତି। ଦକ୍ଷ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଦକ୍ଷତାର ସ୍ୱଚ୍ଛତା ବାରି ହୋଇପଡୁଛି। ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ କାଗଜପତ୍ର କରିବାକୁ ସମୟ ନାହିଁ। ପୂର୍ବରୁ ଥିବା ବ୍ଲକ୍ ଶିକ୍ଷାଧିକାରୀ ଅବସର ଦିନ ପେନସନ ପ୍ରଦାନ କରି ବାହାବା ନେଉଥିବାବେଳେ ସବିତା କର ପେନସନ ପାଇବାରେ ଦେଢ ବର୍ଷ କେମିତି ବିତିଲା। ଏବେର ବ୍ଲକ ଶିକ୍ଷାଧିକାରୀ କେବଳ ସଭା ସମିତି ହେଲେ ଆସିବାକୁ ସମୟ ମିଳୁଛି। ଅବସର ଗ୍ରହଣ କରୁଥିବାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପେନସନ କାଗଜପତ୍ର କରିବାକୁ ସମୟ ପାଉନାହାନ୍ତି। ଫଳରେ ତାଙ୍କ ସମୟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଗୌରାଙ୍ଗ ମଲିକ ପେନସନକୁ ଅନାଇ ଅନାଇ ମୃତ୍ୟୁବରଣ କଲେ। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ପାଇ ଶୋଷଣ କରିବାରେ ବ୍ୟସ୍ତ କର୍ମଚାରୀ। ଫଳରେ ନମ୍ବର ୱାନ ପାଲଟିଛି ବାସୁଦେବପୁର ବିଇଓ କାର୍ଯ୍ୟାଳୟ। ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ବରିଷ୍ଠ ନାଗରିକଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ପରି ମାନବିକ ଅଧିକାର କ୍ଷୁର୍ଣ୍ଣ କରୁଥିବାରୁ ବିଇଓଙ୍କ ମତାମତ ପାଇଁ ଆମ ପ୍ରତିନିଧି ଫୋନ ଯୋଗେ ଏକାଧିକ ଥର ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ।

## ଶୀତ ପ୍ରକୋପରେ ଲୋକେ ଅତିଷ୍ଠ



ବାରିକପୁର, ୯ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗତ ଏକ ସପ୍ତାହ ହେବ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଏଥିପାଇଁ ବିଭିନ୍ନ ଗ୍ରାମ୍ୟ ବଜାରଠାରୁ ଆରମ୍ଭ କରି ଗାଁ ଛକରେ ସକାଳ ଓ ସଞ୍ଜ ବେଳା ଲୋକେ ନିଆଁ ହୁଳା ଜାଳୁଥିବା ଦେଖିବାକୁ ମିଳିଛି। ଦୁଇତିନି ଦିନ ହେବ କୁହୁଡି ଓ କୋହଲା ପାଗ ଲାଗି ରହିଥିବାବେଳେ ଶୀତ ଦ୍ୱିଗୁଣିତ ହୋଇଛି। ଯେଉଁଥିପାଇଁ ସକାଳ ୭ଟା ପରେ ଛକ ବଜାରକୁ କାଁ ଭାଁ ଲୋକ ଆସୁଥିବା ଦେଖିବାକୁ ମିଳିଛି। ଏପରିକି ସଞ୍ଜ ନଇଁଲା ପରେ ବଜାର ଖାଁଖାଁ ଲାଗୁଛି। ରାସ୍ତାରେ ମଧ୍ୟ ଯାନବାହନ ଚଳାଚଳ ହ୍ରାସ ପାଉଥିବା ଦେଖାଯାଇଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାବେଳେ ଅତ୍ୟଧିକ କୋହଲା ପାଗ ଓ ଶୀତ ଯୋଗୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୀତର ମାତ୍ରା ଏତେ ବଢିଯାଇଛି ଯେ ଅନେକ ଲୋକ ଜ୍ୱର ଓ ଥଣ୍ଡାରେ ଆକ୍ରାନ୍ତ ହୋଇ ମେଡିକାଲ ଯାଉଥିବା ଜଣାପଡିଛି। ବିଶେଷକରି ୬୦ ବର୍ଷରୁ ଅଧିକ ବୟସର ଲୋକେ ଶୀତରେ ଦହଗଞ୍ଜ ହେଉଛନ୍ତି। ବ୍ଲକ୍‌ର ମଞ୍ଜୁରୀରୋଡ଼ଠାରୁ ଆରମ୍ଭ କରି ବିଷ୍ଣୁପୁର ଓ ଆଖୁଆପଦାଠାରୁ ଆରମ୍ଭ କରି ମଣିନାଥପୁର ଯାଏଁ ଅଧିକ ଶୀତ ଅନୁଭୂତ ହେଉଛି।

## ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୯।୧୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାଯାଇଛି। କନଷ୍ଟେବଲ ରାଜେନ୍ଦ୍ର ସିଂ ଓ ମନ୍ତ୍ରୀ ମାଝୀ ପାଟ୍ରୋଲିଂ କରୁଥିବାବେଳେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ବ୍ୟକ୍ତିଙ୍କ ଉପରେ ଗାଡି ଚଢିଯାଇଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବ ହୋଇ ନ ଥିଲା। ମୃତକ ୨ ଦିନ ହେବ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲେ। ତାଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି।

# ହୋମଗାର୍ଡ ନିଯୁକ୍ତିରେ ଆସିଲା ଅର୍ଥ ଆଦାୟ ଅଭିଯୋଗ

ବାସୁଦେବପୁର, ୯ ।୧୨(ସମିସ):

ରାଜ୍ୟରେ ସବଇନ୍ସପେକ୍ଟର ନିଯୁକ୍ତିରେ ଅର୍ଥ କାରବାର ସମଗ୍ର ରାଜ୍ୟର ବିବାଦ ତୁଟି ନ ଥିବାବେଳେ ଭଦ୍ରକ ଜିଲ୍ଲାର ହୋମଗାର୍ଡ ନିଯୁକ୍ତିରେ ଅର୍ଥ ଆଦାୟ ଅଭିଯୋଗ ହେବା ପରେ ପୁଲିସ ସ୍କାନରେ ହୋମଗାର୍ଡ ଆବେଦନକାରୀ। ଭଦ୍ରକ ଜିଲ୍ଲାର ହୋମଗାର୍ଡ ନିଯୁକ୍ତି ପାଇଁ ଆରମ୍ଭ ହୋଇଛି ନିଯୁକ୍ତି ପ୍ରକ୍ରିୟା। ଭଦ୍ରକ ଏସ୍‌ପି ମନୋଜ ରାଉତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ନିଯୁକ୍ତିରେ ସ୍ୱଚ୍ଛତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ନିଯୁକ୍ତି ପାଇଁ କେହି ଅର୍ଥ ମାଗିଲେ କିମ୍ବା ଦାବି କଲେ ତୁରନ୍ତ ଜଣାଇବାକୁ କହିଥିଲେ। ବେକାର ଯୁବକଯୁବତୀଙ୍କ ମଧ୍ୟରେ ଖଣ୍ଡିଏ ସରକାରୀ ଚାକିରି ପାଇଁ ନାହିଁ ନ ଥିବା ପ୍ରତିଯୋଗିତା ଆରମ୍ଭ ହୋଇଛି। ସଟକଟ୍ ରାସ୍ତା ଦେଇ ଚାକିରି ହାତେଇବାକୁ ସବୁ ପ୍ରକାର କୌଶଳ ପ୍ରୟୋଗ କରିବାକୁ ପଛାଉନାହାନ୍ତି। କିଛି ଆବେଦନ ମଧ୍ୟସ୍ଥି ନ ପାଇବାରୁ ଚାକିରି ହାତଛଡ଼ା ହୋଇଯିବ ଚିନ୍ତାକରି ବରିଷ୍ଠ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଭଦ୍ରକ ପୁଲିସ ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି।

ହୋମଗାର୍ଡ ଚାକିରି କରାଇ ଦେବା ନାମରେ ଜଣକ ପିଛା ୫ ଲକ୍ଷ ପର୍ଯ୍ୟନ୍ତ ଡିଲ୍ ହୋଇଛି। ଶହ ଶହ ଆବେଦନକାରୀ ଚାକିରି ପାଇବାକୁ ଅଣ୍ଟା ଭିଡିଛନ୍ତି। ବିଚରା ଗରିବ ଆବେଦନକାରୀଙ୍କ ପକେଟ ଫାଙ୍କା ଥିବାରୁ ଚାକିରି ହାତଛଡା ହୋଇଯିବା ଭୟରେ ଅଭିଯୋଗ କରିଛନ୍ତି। ଅଭିଯୋଗର ସତ୍ୟାସତ୍ୟକୁ ବାସୁଦେବପୁର ପୁଲିସ ଗତକାଲି ରାତିରେ କିଛି ଆବେଦନକାରୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। ଏହି ଆବେଦନକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ସେମାନେ କହିଥିଲେ, ହୋମଗାର୍ଡ ନିଯୁକ୍ତିରେ ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଛି। ଆମକୁ ସନ୍ଦେହରେ ଥାନାକୁ ଡକାଇ ପଚରାଉଚରା କରିଥିଲେ। ଆମେ କାହା ଦ୍ୱାରା ପ୍ରଲୋଭିତ ହୋଇ ଅର୍ଥ ଦେଇନାହୁଁ ବୋଲି ମନା କରିଥିଲୁ। ଅର୍ଥ କାରବାରରେ ପୁଲିସ ଖିଅ ଖୋଜୁଛି। ଯଦି ଶହ ଶହ ଆବେଦନକାରୀଙ୍କଠାରୁ ଅର୍ଥ ଆଦାୟ କିମ୍ବା ଡିଲ୍ ହୋଇଥାଏ, ଏକ ବଡ଼ଧରଣର ସ୍କାମ ପଦାକୁ ଆସିବ। ଘଟଣାର ସତ୍ୟାସତ୍ୟକୁ ନେଇ ଏସପିଙ୍କ ନିର୍ଦ୍ଦେଶରେ ବାସୁଦେବପୁର ପୁଲିସ ତଦନ୍ତ ଆରମ୍ଭ କରିଛି।

# ବାରବାଟୀ ଟି-୨୦




















## ଶତକ କ୍ଲବ୍‌ରେ ପାଣ୍ଡ୍ୟା-ବୁମରା

ବାରବାଟୀ ଲଢ଼େଇରେ ମଙ୍ଗଳବାର ବ୍ୟାଟିଂରେ ଗୋଟିଏ ମାତ୍ର ଅର୍ଦ୍ଧଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। କିନ୍ତୁ ଭାରତର ଦୁଇଜଣ ଖେଳାଳି ଏଠାରେ ଭିନ୍ନ ଭିନ୍ନ ଭାବେ ନିଜ ଶତକ ହାସଲ କରିଥିଲେ। ପ୍ରଥମେ ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ତାଙ୍କ ଶତକୀୟ ଛକା ମାରିଥିଲେ। ରୋହିତ୍ ଶର୍ମା (୨୦୫ଟି ଛକା), ସୂର୍ଯ୍ୟକୁମାର ଯାଦବ (୧୫୫) ଓ ବିରାଟ କୋହଲି (୧୨୪)ଙ୍କ ପରେ ୪ର୍ଥ ଭାରତୀୟ ବ୍ୟାଟର ଭାବେ ପାଣ୍ଡ୍ୟା ଟି-୨୦ରେ ୧୦୦ତମ ଛକା ମାଇଲଖୁଣ୍ଟ ଛୁଇଁଛନ୍ତି। ୯୯ ଛକା ସହ ଲୋକେଶ ରାହୁଲ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ସେହିଭଳି ବୋଲିଂରେ ଆଉ ଏକ ଶତକ ଦେଖିବାକୁ ମିଳିଥିଲା। ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏଠାରେ ଟି-୨୦ କ୍ୟାରିୟରରେ ତାଙ୍କ ଶତକ ୱିକେଟ୍ ପୂରଣ କରିଥିଲେ। ବିଶ୍ୱର ୫ମ ବୋଲର ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ୩ଟି ଯାକ ଫର୍ମାଟ ଟେଷ୍ଟ, ଦିନିକିଆ ଓ ଟି-୨୦ରେ ୧୦୦ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା, ନ୍ୟୁଜିଲାଣ୍ଡର ଟିମ୍ ସୌଦୀ, ବାଂଲାଦେଶର ଶାକିବ ଅଲ୍ ହାସାନ, ପାକିସ୍ତାନର ଶାହୀନ ଆଫ୍ରିଦୀ ଏହି କ୍ଲବରେ ସାମିଲ ହୋଇଥିଲେ।






## ନାଚିଲେ, ନଚାଇଲେ ଅର୍ଶଦୀପ

ଦକ୍ଷିଣଆଫ୍ରିକା ସମ୍ମୁଖରେ ୧୭୬ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରି ବୋଲିଂ ଆରମ୍ଭ କରିଥିବା ଭାରତୀୟ ଦଳକୁ ଦ୍ୱିତୀୟ ବଲ୍‌ରେ ସଫଳତା ମିଳିଥିଲା। ବାମହାତୀ ପେସ୍‌ର ଅର୍ଶଦୀପ ସିଂହ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ କ୍ୱିଂଟନ୍ ଡିକକ୍‌ଙ୍କୁ ସ୍ଲିପରେ ଛିଡ଼ା ହୋଇଥିବା ଅଭିଷେକଙ୍କ ହାତରେ ଧରାପକାଇ ପ୍ୟାଭିଲିୟନ ଫେରାଇ ଦେଇଥିଲେ।

ଦକ୍ଷିଣଆଫ୍ରିକାକୁ ପ୍ରାରମ୍ଭିକ ଝଟକା ଦେଇ ମନୋବଳକୁ ଭାଙ୍ଗିଥିବା ଅର୍ଶଦୀପ ବାଉଣ୍ଡରୀ କଡରେ ଛିଡ଼ା ହୋଇ ନାଚିବ ସହ ଦର୍ଶକଙ୍କୁ ମଧ୍ୟ ନାଚିବାକୁ କହିଥିଲେ। କିଛି ସମୟର ବ୍ୟବଧାନରେ ଅର୍ଶଦୀପଙ୍କ ଏଭଳି ଆଚରଣ ଦର୍ଶକଙ୍କୁ ମଧ୍ୟ ମନୋରଞ୍ଜନ କରିଥିଲା।





## ଅଧିନାୟକ ସୂର୍ଯ୍ୟଙ୍କ ଫର୍ମକୁ ନେଇ ଚିନ୍ତା

ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ନୈରାଶ୍ୟଜନକ ଫର୍ମ ଜାରି ରଖି ବାରବାଟୀ ଟି-୨୦ରେ ମଧ୍ୟ ଫେଲ୍ ମାରିଛନ୍ତି। ମଙ୍ଗଳବାର ସିରିଜର ପ୍ରଥମ ମୁକାବିଲାରେ ସୂର୍ଯ୍ୟ ୧୧ଟି ବଲ୍ ଖେଳି ମାତ୍ର ୧୨ ରନ କରି ଆଉଟ୍ ହୋଇଥିଲେ। ଫଳରେ ସୂର୍ଯ୍ୟଙ୍କ ବ୍ୟାଟରୁ ବଡ଼ ଇନିଂସ ଦେଖିବାରୁ ଓଡ଼ିଶା କ୍ରିକେଟପ୍ରେମୀ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ସୂର୍ଯ୍ୟଙ୍କ ପାଇଁ ଅତ୍ୟନ୍ତ ନିରାଶଜନକ ରହିଛି। ବର୍ଷ ୨୦୨୫ରେ ସୂର୍ଯ୍ୟକୁମାର ୧୬ଟି ଇନିଂସରେ ୧୫.୦୭ ହାରରେ ମାତ୍ର ୧୯୬ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୧୨୬.୪୫ ସହ ଆଖିଦୃଶିଆ ମଧ୍ୟ ନାହିଁ। ସେହିଭଳି ଏହି ୧୬ଟି ପାଳିରେ ସେ ଥରେ ମାତ୍ର ୪୦ରୁ ଊର୍ଦ୍ଧ୍ୱ ସ୍କୋର କରିଛନ୍ତି। ମୁଣ୍ଡ ଉପରେ ଟି-୨୦ ବିଶ୍ୱକପ୍ ଥିବାବେଳେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ଏଭଳି ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ବେଶ୍ ଚିନ୍ତାର କାରଣ ପାଲଟିଛି। ତାଙ୍କ ଖରାପ ଫର୍ମ ସତ୍ତ୍ୱେ ଭାରତ ଗୋଟିକ ପରେ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହେଉଥିବାରୁ ଏଥିଲାଗି ଦଳ ଉପରେ ଚାପ ନାହିଁ।



### ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର

| ସ୍କୋର | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|
| ୭୪ | ଭାରତ | କଟକ | ୨୦୨୫ |
| ୮୭ | ଭାରତ | ରାଜକୋଟ | ୨୦୨୨ |
| ୮୯ | ଅଷ୍ଟ୍ରେଲିଆ | ଜୋହାନ୍ସବର୍ଗ | ୨୦୨୦ |
| ୯୫ | ଭାରତ | ଜୋହାନ୍ସବର୍ଗ | ୨୦୨୩ |
| ୯୬ | ଅଷ୍ଟ୍ରେଲିଆ | କେପ୍ ଟାଉନ୍ | ୨୦୨୦ |
| ୯୮ | ଶ୍ରୀଲଙ୍କା | କଲମ୍ବୋ | ୨୦୧୮ |





ରିପୋର୍ଟ: କୁମାରଶ୍ରୀ, ଫଟୋ: ବିକାଶ

# ରଘୁଦେଇପୁର-ଛୋଟି ରାସ୍ତା କାମ ନିମ୍ନମାନର



ପଞ୍ଚୁପାଣ୍ଡବ, ୯ ।୧୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁରରୁ ଛୋଟି ରାସ୍ତାରେ ହେଉଥିବା ପିଚୁ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସପ୍ତାହ ହେଲା ଠିକାଦାର କାମ କରିଥିବାବେଳେ ଏହା ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ରଘୁଦେଇପୁରରୁ ରାଇସ ମିଲ୍ କେନାଲ ବନ୍ଧ ପର୍ଯ୍ୟନ୍ତ ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଠିକାଦାର ନିମ୍ନମାନର କାମ କରିବା ସହ ର' ଠ' କାମ କରି ସାରିଦେଇଥିବା ଅଭିଯୋଗ ହୋଇଛି। କେତେକ ଜାଗାରେ ଖଣ୍ଡିଆ ଖାବରା ରହିଥିବାବେଳେ ଭଲ ରାସ୍ତାକୁ ମରାମତି କରିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ପ୍ରତିଦିନ ସରକାରୀ ବସ୍ ଓ ଶହ ଶହ ଗାଡ଼ି ଯାତାୟାତ କରୁଥିବାବେଳେ ରାଇସ ମିଲ୍‌କୁ ୧୬, ୧୮ ଚକିଆ ଗାଡ଼ି ଚଳାଚଳ କରୁଛି। ଠିକାଦାର ଜଣକ ମନମୁଖି କାର୍ଯ୍ୟ କରି ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଲ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିର୍ମାଣାଧୀନ ରାସ୍ତାରେ ଗଡୁଛି ମେଣ୍ଟାଲ

ଡେରାବିଶ, ୯ ।୧୨(ସମିସ)



ଡେରାବିଶ ବ୍ଲକ ଅଞ୍ଚଳର ଅନ୍ୟତମ ମୁଖ୍ୟ ରାସ୍ତା ଭାବେ ପରିଚିତ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ଜାରି ରହିଛି। ଠିକାଦାର ଏହି ରାସ୍ତାର ଗୁଆଲସିଂ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟଠାରୁ ଠାକୁରହାଟ ପର୍ଯ୍ୟନ୍ତ ରାସ୍ତାର ପିଚୁକୁ ତାଡ଼ି ଦେଇଛନ୍ତି। ଫଳରେ ରାସ୍ତାରେ ବଡ଼ ବଡ଼ ମେଣ୍ଟାଲ ଗଡ଼ି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି ରାସ୍ତା ଗୁଆଲସିଂ, କୁଶିଆପାଳ, ରଘୁଦେଇପୁର, ଚାଟରାଚକଡ଼ା କୁରୁଜଙ୍ଗା, ଗୋଲରହାଟ, କାଉପଡ଼ା, ଲକ୍ଷ୍ମୀନାରାୟଣପୁର ଆଦି ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲା ସଦରମହକୁମାକୁ ଯିବା ପାଇଁ ମୁଖ୍ୟ ରାସ୍ତା ଅଟେ। ଏଥିସହ ଏହି ପଞ୍ଚାୟତଗୁଡ଼ିକରୁ ଦୈନିକ ହଜାର ହଜାର ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଓ କଲେଜ ଯାଇଥାନ୍ତି। ଠିକାଦାର ରାସ୍ତାରେ ରୋଲର ଚଳାଉ ନ ଥିବାରୁ ବଡ଼ ମେଣ୍ଟାଲଗୁଡ଼ିକ ଗଡ଼ି ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ମେଟାଲରେ ଚକ ଖସିବା ଫଳରେ ଛାତ୍ରଛାତ୍ରୀ ରାସ୍ତାରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ପ୍ରକାଶ କରିଛନ୍ତି। ସେହିପରି ଠିକାଦାର କିଛି ସ୍ଥାନରେ ରାସ୍ତା ଚଉଡ଼ା କରିବା ପାଇଁ ଗଦା କରିଥିବା ଡଷ୍ଟ ପବନରେ ଉଡ଼ି ସ୍ଥାନୀୟ କେଲୋନୀ ଓ ପଥଚାରୀଙ୍କୁ ଅସୁବିଧାରେ ପକାଉଛି। ତୁରନ୍ତ ଏହି ରାସ୍ତାରେ ରୋଲର ଚଳାଇ ମେଟାଲଗୁଡ଼ିକୁ ଚପାଇବା ସହ ରାସ୍ତାରେ ପାଣି ପକାଇ ଧୂଳି ଉଡ଼ିବା ବନ୍ଦ କରିବାକୁ ଛାତ୍ରଛାତ୍ରୀ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୯ ।୧୨(ସମିସ): ଅଣ୍ଡରା ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ବନ୍ଦନା ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଶିଳ୍ପଦ୍ୟୋଗୀ ସରୋଜ କୁମାର ବିଶ୍ୱାଳ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, କେନ୍ଦ୍ରାପଡ଼ା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପୂର୍ବତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ସରପଞ୍ଚ ଅଶ୍ୱିନୀ ପାତ୍ର, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ମଳୟ ଦାସ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, କୁଳମଣି ମଲିକ, ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ, ପାର୍ଥସାରଥି ଦାଶ, ସୁରେଶ ଚନ୍ଦ୍ର ଜେନା, ସଚ୍ଚିତ୍ର କୁମାର ବେହୁରା, ପ୍ରଦୀପ ନାୟକ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସୁତାର, ନାରାୟଣ ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ଅକ୍ଷୟ ମହାନ୍ତି, ନିରଞ୍ଜନ ସୁନ୍ଦରାୟ, ବିଶ୍ୱଜିତ ମହାନ୍ତି, ପ୍ରଭାତ ମଲ୍ଲିକ, ଅମୀୟ ବେହୁରା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ପଣ୍ଡିତ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଗୀତଜ୍ଞାନ ଯଜ୍ଞ ସମ୍ପନ୍ନ ହୋଇଥିଲା। ରଶ୍ମିରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରେମାନନ୍ଦ ସ୍ୱାଇଁ, ଅଭୟ ସ୍ୱାଇଁ, ରଞ୍ଜିତ ସ୍ୱାଇଁ, ରାକେଶ ସ୍ୱାଇଁ, ବିଶ୍ୱରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷୟିତ୍ରୀଙ୍କ ବଦଳି, ନୂଆ ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା



ପଟ୍ଟାମୁଣ୍ଡାଇ, ୯ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ସରକାରୀ ହାଇସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ସମାଧାନ ହୋଇପାରୁ ନ ଥିବା ବେଳେ ଜଣେ ଶିକ୍ଷୟିତ୍ରୀ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ତାଙ୍କ ବଦଳି ଓ ନୂଆ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ ୨୦୨୩ରେ ବାଲିପାଟଣା ନୋଡାଲ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଗ୍ରହଣରେ ଅନ୍ତରାୟ ସୃଷ୍ଟି କରୁଥିବା ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଶୁଭଦର୍ଶନୀ ସାହୁଙ୍କ ଅନ୍ୟତ୍ର ବଦଳି ପାଇଁ ପରିଚାଳନା କମିଟି ଓ ଅଭିଭାବକମାନେ ବହୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଆବେଦନ କରିଥିଲେ। ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ଶାଶ୍ୱତୀଙ୍କୁ ଡେପୁଟେସନରେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲକୁ ପଠାଇଥିଲେ। ମାତ୍ର ଡେପୁଟେସନ ଅବଧି ସରିବା ପରେ ଶାଶ୍ୱତୀ ଗତମାସ ୨୮ରେ ପୁନର୍ବାର ବାଲିପାଟଣା ହାଇସ୍କୁଲରେ ଯୋଗଦେଇଛନ୍ତି। ଯାହାକୁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଗ୍ରହଣ କରିପାରୁନାହାନ୍ତି। ଏ ନେଇ କମିଟି ପକ୍ଷରୁ ଗତ ୩ ତାରିଖ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଭେଟି ଶାଶ୍ୱତୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ପରିଚାଳନା କମିଟି ଓ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଇଓ ଅଜିତ ବାରିକଙ୍କୁ ପଚାରିବାରୁ ଏକ ସରକାରୀ କାର୍ଯ୍ୟରେ ବାହାରେ ଥିବାବେଳେ ବୁଧବାର ପହଞ୍ଚି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ, ୯ ।୧୨(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ନରୋତ୍ତମ ପ୍ରସାଦ ପରିଡ଼ା (୬୩)ଙ୍କର ମଙ୍ଗଳବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ସ୍ୱର୍ଗତ ପରିଡ଼ା ଏହି ପଞ୍ଚାୟତରେ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଲୋକପ୍ରିୟ, ସ୍ୱଷ୍ଟବାଦୀ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହାସହ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନର ପୃଷ୍ଠପୋଷକ ଭାବେ କାର୍ଯ୍ୟ କରୁଥିଲେ। ପଲେଇ ନାଗରିକ ମଞ୍ଚ ସଭାପତି ଭାବେ ସେ କାର୍ଯ୍ୟନିର୍ବାହ କରୁଥିଲେ।



ଆଜି ଅପରାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କଟକ ନିଆଯାଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀରକୁ ପଲେଇସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସାଥୀ ସମାଜର ସମ୍ପାଦକ ସମାଜସେବୀ ନିରଞ୍ଜନ ସାହୁ, ମନୋରମା ରାଉତ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, ଅଶ୍ୱିନୀ ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ପ୍ରସନ୍ନ କୁମାର ସାମଲ, ଲୋକନାଥ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ବେଙ୍ଗାଲୁରୁରେ ରହୁଥିବା ତାଙ୍କ ସାନପୁଅ ପହଞ୍ଚିବା ପରେ ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ଇଂ ଶୁଭେନ୍ଦୁ କୁମାର ପରିଡ଼ା ମୁଖାଗ୍ନି ଦେଇଥିଲେ। ନରୋତ୍ତମଙ୍କ ବିୟୋଗରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆଳିରେ ବେଧଡ଼କ ଚାଲିଛି ଗଛକଟା

ଆଳି, ୯ ।୧୨(ସମିସ): ଆଳି ବ୍ଲକର ବିଭିନ୍ନ ସ୍ଥାନରୁ ବେଧଡ଼କ ଗଛକଟା ଚାଲିଛି। ହେଲେ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ହେବ ଅଟାଳ-କୋଟିଳା ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା କଡ଼ରୁ ଆକାସି ଗଛ କଟାଯାଇ ଚାଲାଣ କରାଯାଇଛି। ଏ ନେଇ ସ୍ଥାନୀୟ ଲୋକେ ଆଳି ବନ ବିଭାଗ ଅଧିକାରୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ଜଣାଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ହୋଇଥିବା ଦେଖିଥିଲେ। ଉଭୟ ଗଛ କଟାଳି ଓ ଗଛକୁ ନ ପାଇ ଖାଲିହାତ ଫେରିଥିଲେ। ବିଗତ ଦିନରେ ଅଟାଳ-କୋଟିଳା ରାସ୍ତା କଡ଼ରୁ ବେଆଇନ ଗଛ କଟାଯିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏ ପର୍ଯ୍ୟନ୍ତ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଲକ୍ଷାଧିକ ଟଙ୍କାର ଅକାସି ଗଛକୁ କିଛି ଲୋକ ବେଆଇନ ଭାବେ କାଟି ଏବେ ବି ରାସ୍ତାରେ ପକାଇଥିବା ଅଭିଯୋଗ ହୋଇଛି। ସେହିପରି କଳସପୁର ପଞ୍ଚାୟତ ନଦୀ ପାଖ ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ବାଗଲା ଗଛ କଟାଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଦିନ ଦ୍ୱିପ୍ରହରରେ କଟକ-ଚାନ୍ଦବାଲି ରାସ୍ତା ଦେଇ କଟା ହୋଇଥିବା ଗଛ ବେଧଡ଼କ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହେଉଛି। ଏ ନେଇ ଆଳି ବନ ବିଭାଗ ଅଧିକାରୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ପଚାରିବାରୁ ଅଚାନକ ଚଢ଼ଉ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୂର୍ବତନ ୱାର୍ଡ ସଭ୍ୟଙ୍କୁ ଅପହରଣ ପରେ ହତ୍ୟା ଘଟଣା

## ଆଉ ଜଣଙ୍କୁ ଉଠାଇ ଆଣିଲା ପୁଲିସ

ରାଜନଗର, ୯ ।୧୨(ସମିସ): ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ମଙ୍ଗଳବାର ସକାଳେ ପୁଲିସ କାଙ୍କଦିଆ ଗାଁର ବିଘ୍ନେଶ୍ୱର ମଲ୍ଲିକଙ୍କୁ ଉଠାଇ ଆଣିଛି। କାଙ୍କଦିଆ ଜଙ୍ଗଲ ପାଖ ବରଗଛ ନିକଟରେ ସଂଘଟିତ ହତ୍ୟାକାଣ୍ଡରେ ବିଘ୍ନେଶ୍ୱର ସାମିଲ ଥିଲେ ବୋଲି ସୂଚନା ରହିଛି। ସେହିପରି ଅନ୍ୟତମ ଅଭିଯୁକ୍ତ ମହିଳା ଜାମିନୀ ସ୍ୱାଇଁଙ୍କୁ ମଙ୍ଗଳବାର ପୁଲିସ କୋର୍ଟ ଚାଲାଣ କରିଛି। ଫଳରେ ଏହି ହତ୍ୟାକାଣ୍ଡ ଘଟଣାରେ ସସପେନ୍ସ ବଢ଼ିବାରେ ଲାଗିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କିଏ? ଜାମିନୀ ନା ବିଘ୍ନେଶ୍ୱର ନା ଆଉ କିଏ ତାହାକୁ ନେଇ ଚର୍ଚ୍ଚା ଆଲୋଚନା ବଢ଼ିବାରେ ଲାଗିଛି। ଅନ୍ୟପଟେ ରଙ୍ଗମିସ୍ତ୍ରି ଭାଗ୍ୟଧର ଜେନାଙ୍କୁ ମଧ୍ୟ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଡିଆପାରି ଗାଁର ବଳରାମ ସେଠୀ ଗତମାସ ୩୦ ତାରିଖ ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ପକ୍ଷରୁ ପ୍ରଥମେ ନିଖୋଜ ନେଇ ଏତଲା ଦିଆଯାଇଥିଲା। ପରେ ତାଙ୍କୁ ଅପହରଣ କରାଯାଇଥିବା ଓ କାହା ସହ ଶତ୍ରୁତା ଥିବା ନେଇ ସୂଚନା ଦିଆଯାଇଥିଲା। ପୁଲିସ ଏହି ଘଟଣାରେ ୪ ତାରିଖ କୋଇଲିପୁର ପଞ୍ଚାୟତର ୫ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରି ପୁଣି ଛାଡ଼ି ଦେଇଥିଲା। ୭ ତାରିଖ ଅପରାହ୍ନରେ ପୁଲିସ ଭାଗ୍ୟଧର ଓ ତାଙ୍କ ବିବାହିତା ଝିଅଙ୍କୁ ତାଙ୍କ ଘରୁ ନ ପାଇ ବନ୍ଧୁ ଘରୁ ଉଠାଇ ଆଣିଥିଲା। ୮ ତାରିଖ କାଙ୍କଦିଆ ଗାଁ ପଛ ଜଙ୍ଗଲ ନିକଟରେ ପୁଲିସ ଅଗ୍ନିଶମ ବାହିନୀ ପହଞ୍ଚି କେନାଲରୁ ବଳରାମଙ୍କ ଜ୍ୟାକେଟ, ଚପଲ ଓ ବାଇକ୍ ଉଦ୍ଧାର କରିଥିଲେ। କେନାଲ ନିକଟ ହଂସୁଆ ନଦୀ ପଠାରେ ଥିବା ଜଙ୍ଗଲରୁ ବଳରାମଙ୍କ କଙ୍କାଳ ଉଦ୍ଧାର କରାଯାଇଥିଲା। ଆଜି କଟକ ବଡ଼ ମେଡିକାଲରେ ଏଫଏମଟି କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଛି।

# ବାୟାବାବାଙ୍କ ଜନ୍ମୋତ୍ସବ ପାଇଁ ଶୋଭାଯାତ୍ରା






ରାଜନଗର, ୯ ।୧୨(ସମିସ): ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ରାଜନଗର ମାଟିର ଦେବପ୍ରତିମ ସୁଯୋଗ୍ୟ ସନ୍ତାନ ଆଧ୍ୟାତ୍ମିକ ଜଗତର ଅନନ୍ୟ ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟିରେ ୧୨୮ ତମ ଜୟନ୍ତୀ ପାଳନ ପାଇଁ ଶୋଭାଯାତ୍ରା କରାଯାଇଛି। ଶ୍ରୀମଦ୍ ବାୟାବାବାଙ୍କ ଶ୍ରୀବିଗ୍ରହକୁ ସୁସଜ୍ଜିତ ରଥରେ କଳ୍ପତରୁ ସେବାସଂଘ ଗୁଲୁଦିଆ ଶାଖାରୁ ବାହାର କରାଯାଇ ତରପଦା, ଧନେଶ୍ୱରପୁର, ସାନ ବଡ଼ ଗୋପାଳପୁର, ରାଜନଗର ଗାଁ, ବଜାର, ତନ୍ତିପୋଖରୀ, ମହିଁଷାସୁର, ଚଣ୍ଡିଆପଲ୍ଲୀ ପ୍ରଭୃତି ଗାଁ ନାମ ସଂକୀର୍ତ୍ତନ ମାଧ୍ୟମରେ ପରିକ୍ରମା କରାଯାଇଥିଲା।

ବାବାଙ୍କ ଜନ୍ମୋତ୍ସବ ଉପଲକ୍ଷେ ୪ର୍ଥ ପ୍ରହର ନାମଯଜ୍ଞ ପାଇଁ ସନ୍ଧ୍ୟାରେ ଶୁଭାଧିବାସ ହୋଇଛି। କାର୍ଯ୍ୟକ୍ରମରେ ଗୁଲୁଦିଆ ଚଣ୍ଡିଆପଲ୍ଲୀ କଳ୍ପତରୁ ସେବା ସଂଘ ସମ୍ପାଦକ ସନାତନ ନାୟକ, ସର୍ବେଶ୍ୱର ବିଶ୍ୱାଳ, ବ୍ରହ୍ମାନନ୍ଦ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଚିତ୍ତରଞ୍ଜନ ସାହୁ, ମହେଶ୍ୱର ବାରିକ, ଜ୍ୟୋତିବ୍ରତ ନାୟକ, ସତ୍ୟରଞ୍ଜନ ସାହୁ, ଅକ୍ଷୟ କୁମାର ନାୟକ, ଅମର କୁମାର ଜେନା, ମହେନ୍ଦ୍ର କୁମାର ନାୟକ, ଦିବ୍ୟରଞ୍ଜନ ସାହୁ, ରଞ୍ଜନ କୁମାର ପ୍ରଧାନ, ସରୋଜ କୁମାର ବିଶ୍ୱାଳ, ଅଲେଖ କୁମାର ପରିଡ଼ାଙ୍କ ସମେତ ଶହ ଶହ ବାୟାପ୍ରେମୀ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇରେ ବ୍ୟାପକ ସରକାରୀ ଜାଗା ସ୍ଥିତିବାନରେ ପରିଣତ

ପଟ୍ଟାମୁଣ୍ଡାଇ, ୯ ।୧୨(ସମିସ)

ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ କୋଟି କୋଟି ଟଙ୍କାର ସରକାରୀ ଜାଗା ଏବେ ବ୍ୟକ୍ତିଗତ ମାଲିକାନାରେ ପରିଣତ ହୋଇଛି। ଶହ ଶହ ଏକର ସରକାରୀ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ନିଜ ନାମରେ ସ୍ଥାୟୀ ପଟ୍ଟା କରାଇ ନେଲେଣି। କେତେକ ସ୍ଥାନରେ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗା ଜବରଦଖଲ କରି ନିଜ କବଜାରେ ରଖିଛନ୍ତି। କୋଟି କୋଟି ଟଙ୍କାର ମୂଲ୍ୟବାନ ଜାଗାକୁ

- ବାଦ୍ ପଡ଼ିନି ସରକାରୀ ଅଫିସ
- କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ୍ ବସିଛି ପ୍ରଶାସନ

ପ୍ରଭାବଶାଳୀ ବ୍ୟକ୍ତି କେବଳ ମାଡ଼ି ବସିନାହାନ୍ତି; ସ୍ଥାୟୀ ବାସଗୃହ, ଦୋକାନ ଗୃହ ନିର୍ମାଣ କରିଛନ୍ତି ଓ ଭଡ଼ାରେ ଲଗାଇଛନ୍ତି। ଖୋଦ ରାଜସ୍ୱ ବିଭାଗ ଜବରଦଖଲକାରୀଙ୍କୁ ସାମ୍ନା କରିବାରେ ବିଫଳ ହୋଇଛି। ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବାବେଳେ ସଦର ଆର୍‌ଆଇ ଅଫିସ କାର୍ଯ୍ୟାଳୟ ପରିସର ମଧ୍ୟ ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଛି। ପ୍ରଶାସନ ଏହି ମୂଲ୍ୟବାନ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ସକ୍ଷମ ହୋଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇରେ ସରକାରୀ ଜମିକୁ ଜବରଦଖଲ କରି ମାଲିକାନା ଜାହିର କରୁଥିବା ବ୍ୟକ୍ତି ବେପରୁଆ ଓ ବେଫିକର ଥିବା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇ ବଜାର ରାସ୍ତା ପାର୍ଶ୍ୱରେ ଦୋକାନ ଖୋଲି ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀଙ୍କ ଦୋକାନ ଘରକୁ ଭାଙ୍ଗିଦେଇ ପ୍ରଶାସନ ଜବରଦଖଲ ଉଚ୍ଛେଦ ଦାୟିତ୍ୱ ସମ୍ପନ୍ନ କରୁଥିବା ଭଳି ଘଟଣା ହାସ୍ୟାସ୍ପଦ ହୋଇଛି। କେତେକ ସରକାରୀ ଜାଗାକୁ ଅସାମାଜିକ ବ୍ୟକ୍ତି ଅକ୍ତିଆର କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଅନେକ ସମୟରେ ଏଥିପାଇଁ ଗଣ୍ଡଗୋଳ ଘଟି ମାମଲା ଥାନାକୁ ଯାଇଥିବା ବହୁ ନଜିର ରହିଛି। ଏହି ଜବରଦଖଲ ଘଟଣା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସହରରେ ଜବରଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ କରୁନାହିଁ। ନୋଟିସ କରାଯାଇଥିଲେ ମଧ୍ୟ ଉଚ୍ଛେଦ ନ କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ଲୋକେ ଚାହିଁ ବସିଛନ୍ତି।

ପଟ୍ଟାମୁଣ୍ଡାଇ ସହରରେ ଜମି ଦର ଆକାଶଛୁଆଁ ହୋଇଥିବାବେଳେ ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇ ଜମି ମାଫିଆ ଅନ୍ୟକୁ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ବହୁ ସରାକରୀ ଜାଗା ୧୯୩୫ ଓ ୧୯୮୦ ବନ୍ଦୋବସ୍ତରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମକୁ କରିନେଇଥିବା ଜଣାପଡ଼ିଛି। ପରେ ତହସିଲଦାରଙ୍କୁ ହାତକରି ନଦୀପଠା, ଅନାବାଦୀ, ଗୋଚର ଜମିକୁ ନିଜ ନାମକୁ କରିନେଇଛନ୍ତି। ଯଦ୍ୱାରା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ପରିବହନ ବିଭାଗ, ଗୃହରାସ୍ତା ବିଭାଗ, ବିଦ୍ୟୁତ ବିଭାଗ, ଜଳାଶୟ, ନୟନଜୋରୀ, କେନାଲ ଓ ରାଜସ୍ୱ ବିଭାଗର ମୂଲ୍ୟବାନ ଜାଗା ନିଜ ନାମକୁ କରିନେବାରେ ସକ୍ଷମ ହୋଇଛନ୍ତି। ତହସିଲ ନିକଟରେ ପ୍ରମାଣ ଅଭାବରୁ ସେମାନଙ୍କୁ ଉଚ୍ଛେଦ କରାଯାଇପାରୁନାହିଁ। ତହସିଲ ପକ୍ଷରୁ ଯଦିବା ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଉଛି, ଜବରଦଖଲକାରୀ ଉଚ୍ଚନ୍ୟାୟାଳରୁ ସ୍ଥଗିତାଦେଶ ଆଣି ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ଅନ୍ୟପକ୍ଷରେ ଜବରଦଖଲ ଜମି ୩ ମାସ ମଧ୍ୟରେ ସରକାରୀ ଖାତାକୁ ଆଣିବାକୁ ସମସ୍ତ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଗତ ଅଗଷ୍ଟରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ ବେଞ୍ଚରେ ମଧ୍ୟ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦର୍ଶାଇଛନ୍ତି। ସ୍ଥାନୀୟ ପ୍ରଶାସନ ସବୁଜାଣି ଚୁପ ବସିଥିବା ପରିସ୍ଥିତିକୁ ସଙ୍ଗୀନ କରିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜବରଦଖଲ ହୋଇଥିବା ନଦୀ, ନାଳ, ଅନାବାଦୀ, ଗୋଚର, ରକ୍ଷିତ ଓ ପୋଡା ଗୋବରୀ ନଦୀ କେବେ ଉଚ୍ଛେଦ ହେବ, ପଟ୍ଟାମୁଣ୍ଡାଇବାସୀ ଅପେକ୍ଷା କରିଛନ୍ତି।

TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟାବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ / ପ୍ରଦର୍ଶିତ ହେଲା ୧୬୦ଟି ପ୍ରକଳ୍ପ

ଜଗତସିଂହପୁର, ୯।୧୨(ସମିସ):




ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସଦର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେଣ୍ଟର ଅଫ୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ, ମନୋଜ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଇକୋ ହାକାଥନ-୨୦୨୪ରେ ପାରଦର୍ଶିତା ଦେଖାଇଥିବା ଜଗତସିଂହପୁର ଜିଲ୍ଲାର କୁନି ବୈଜ୍ଞାନିକ ଆରୟାହି ଅର୍ପିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ଏବଂ ପ୍ରକୃତି ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତ୍ୟେକ ବ୍ଲକରୁ ମନୋନୀତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଜ୍ଞାନ ପ୍ରଦର୍ଶନୀରେ ମୋଟ ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଜଣାଅଜଣା ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସୁଶାନ୍ତ ମହାନ୍ତି ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି, ବିରିଡି ଶିକ୍ଷା ଅଧିକାରୀ ମିହିର କୁମାର ପାଲ, ପେଡାଗୋଜି କୋର୍ଡିନେଟର ତପନ କୁମାର ନନ୍ଦ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲା ବେଳେ ଉଭୟ ସଭାରେ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଏବଂ ସଭ୍ୟା ମନୀଷା ମିଶ୍ର। ଜଣାଅଜଣା ପ୍ରତିଯୋଗିତାର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତିତ୍ୱ ହସଲକରିଥିବା ସୌରଭ ସାହୁ, ଆହେଲା ଆଫ୍ରୋଜ ସେଖ, ଶ୍ରେୟା ସମୃଦ୍ଧି ପରିଡା, ସଙ୍ଗୀତା ନାଥ, ଜ୍ୟୋତିରଞ୍ଜନ ବେହେରା ଓ ଦିବ୍ୟଜ୍ୟୋତି ମନୋହରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଦରାଜ ଉମାକାନ୍ତ ନାୟକ, ଶିବକୁମାର ବିଶ୍ୱାଳ ସୌଭାଗ୍ୟ ପ୍ରସାଦ ମିଶ୍ର, ସସ୍ମିତା ଶତପଥି, ପ୍ରଳୟ ରଞ୍ଜନ ଭୂୟାଁ, ଦେବାଶିଷ ନାୟକ, ସୁଦର୍ଶନ ସାହୁ, ଅଶୋକ ମାଦେଳି, କ୍ଷନପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅସ୍ମିତା ପରିଜା ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ହୃଦ୍‌ଘାତରେ ଯୁବକ ମୃତ



କୁଜଙ୍ଗ, ୯।୧୨(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ନିବାସୀ ଉମାକାନ୍ତ ବିଶ୍ୱାଳଙ୍କ ପୁଅ ପ୍ରୀତିରଞ୍ଜନ ବିଶ୍ୱାଳ(କାଳିଆ)ଙ୍କ ୪୫ ବର୍ଷରେ ଆଜି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ସକାଳେ ସ୍ନାନ କରୁଥିବା ବେଳେ ସେ ପଡ଼ି ଯିବାରୁ ତାଙ୍କୁ କୁଜଙ୍ଗ ଡାକ୍ତରଖାନା ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ କୁଜଙ୍ଗର ପୂର୍ବତନ ଅଧକ୍ଷ ତଥା ସାଂସଦଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ଭାରତ ଭୂଷଣ ନାୟକ, କୃଷକ ନେତା ଶ୍ରୀନିବାସ ମହାନ୍ତି, ସାରଙ୍ଗଧର ବେହେରା, ରାମକୃଷ୍ଣ ବିଶ୍ୱାଳ, ଆକାଶ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପ୍ରକାଶ ଯେ ଉମା ସାରଙ୍କ ବଡ଼ ପୁଅଙ୍କ ବିୟୋଗ ପୂର୍ବରୁ ଘଟିଥିବା ବେଳେ ଆଜି ସାନ ପୁଅଙ୍କ ଅକାଳ ବିୟୋଗ କୁଜଙ୍ଗ ଓ ପୈତୃକ ଗ୍ରାମ ଦାରଦିଆରେ ଶୋକ ପ୍ରକାଶ ପାଇଛି।

## ପୁଲିସ ମାଡ଼ରେ ଯୁବକ ଗୁରୁତର ଅଭିଯୋଗ

କୁଜଙ୍ଗ, ୯।୧୨(ସମିସ): ଅଭୟଚାନ୍ଦପୁର ଥାନା ନୂଆଗାଁ ଗ୍ରାମର ଜଣେ ଯୁବକ ପୁଲିସ ମାଡ଼ରେ ଗୁରୁତର ହୋଇଥିବା ଜଣାପଡିଛି। ଆହତ ହୋଇଥିବା ଯୁବକ ହେଲେ ବିଶ୍ୱଜିତ ପାତ୍ର (୩୭)। ତାଙ୍କ ବଡ଼ଭାଇଙ୍କ କହିବା ଅନୁସାରେ ସେ ବାଲିତୁଠରୁ ଫେରୁଥିବା ବେଳେ ଅଭୟଚାନ୍ଦପୁର ପୁଲିସ ତାଙ୍କୁ ମାଡ଼ ମାରିଛି। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରୁ ସେଠାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ତାଙ୍କ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବଡ଼ଭାଇ ଅଜିତ ପାତ୍ର କହିଛନ୍ତି। ଏ ପ୍ରସଙ୍ଗରେ ସେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ପ୍ରସଙ୍ଗରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ କହିଛନ୍ତି ଯେ, ବିଶ୍ୱଜିତ ପାତ୍ର ନିର୍ମାଣଧୀନ ଜେଏସ୍‌ଡବ୍ଲୁ କମ୍ପାନୀରେ ଝଗଡା କରି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ପାତ୍ର ବାଲିତୁଠରୁ ମଦ ଆଣି ଫେରୁଥିବା ବେଳେ ପୁଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡିଥିଲା। ପୁଲିସ ସହିତ ବଚସା ପରେ ଘଟଣାସ୍ଥଳରୁ ଶ୍ରୀ ପାତ୍ର ପଳାଇ ଯାଇଥିଲା। ତାଙ୍କୁ ମାଡ଼ ମରାଯାଇ ନଥିବା ଥାନା ଅଧିକାରୀ ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## ଦେଶୀ ଚୋରା ମଦ ଜବତ

ପାରାଦୀପ, ୯।୧୨(ସମିସ): ଲକଥାନା ଅଧୀନ ଅଞ୍ଚଳ ପାରାଦୀପ ଗଡରୁ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରିଛି। ସେ ହେଲେ ପାରାଦୀପ ଗଡର ଦୀପକ ସେଠୀ। ତା' ନିକଟରୁ ୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଆସନ୍ତା କାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

ତିର୍ତ୍ତୋଲ, ୯।୧୨(ସମିସ): ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଜାତୀୟସେବାଯୋଜନା+୨ରସ୍ୱତନ୍ତ୍ରଶିବିରମଙ୍ଗଳବାରଉଦ୍‌ଯାପିତହୋଇଯାଇଛି। ଗତ୩ତାରିଖରେମହାବିଦ୍ୟାଳୟଅଧକ୍ଷପ୍ରାଧ୍ୟାପକନଳିନୀକାନ୍ତପଟ୍ଟନାୟକଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ କରି ଏହି ଶିବିରର ଶୁଭାରମ୍ଭ କରିଥିଲେ। ପରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର +୨ ଛାତ୍ରଛାତ୍ରୀ ପୋଷ୍ୟ ଗ୍ରାମ ତିର୍ତ୍ତୋଲରେ ସେବା କାର୍ଯ୍ୟ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ କରିଥିଲେ। ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ଉପସ୍ଥିତ ରହି ଶିବିରାର୍ଥି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ଏନଏସଏସର ଅଧିକାରୀ ବିଜୟିନୀ ପଡ଼ିଆରୀ ଯୋଗଦେଇଥିଲେ। ଅତିଥି ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଏନଏସଏସ + ୩ର କାର୍ଯ୍ୟକ୍ରମ ଅଧିକାରୀ ଡ. ଅଶୋକ ରାଉତ, ପ୍ରାଧ୍ୟାପିକା ଡ. ଦୀପ୍ତି ରେଣୁ ମହାନ୍ତି ଯୋଗଦେଇଥିଲେ। ଏନଏସଏସ +୨ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ନରେଶ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

## ଅଳକା ହାଇସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ

ବିରିଡ଼ି, ୯।୧୨(ସମିସ): ବିରିଡି ବ୍ଲକ ଅଳକା ହାଇସ୍କୁଲର ୧୯ ୭୩ ମସିହା ମାଟ୍ରିକ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ବାଲିଆ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଂଶୀଧର ଦାସଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଦିବଂଗତ ପୁରାତନ ଛାତ୍ର ପର୍ଶୁରାମ ପରିଡାଙ୍କ ପାଇଁ ୧ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ସୁଧାଂଶୁ ଦାସ, ତ୍ରିଲୋଚନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଗ୍ମୀ ଅରୁଣଦାସ, ପୂର୍ବତନବିଧାୟକକୈଳାସମଲ୍ଲିକ, ବିମ୍ବାଧରଦାଶ, ଗାୟତ୍ରୀପଟନାୟକ, ଅମିତା ଦାସ, ପ୍ରମୋଦ ମିଶ୍ର, ବିରଜା ରାଉତରାୟ, ପ୍ରେମାନନ୍ଦ ସେଠୀ, ନିରଞ୍ଜନ ମିଶ୍ର, ନିରଞ୍ଜନ ନାୟକ, ପ୍ରସନ୍ନ ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ। ଏଥିରେ ପ୍ରଦୀପ୍ତ ଦାସ, ଭୂପତି ନାୟକ, ରବିନାରାୟଣ ଦାଶ, ପ୍ରସନ୍ନ ମିଶ୍ର, ବିଳାସ ବେହେରା, ନୃସିଂହ ଦାଶ, ସୁଶାନ୍ତ ସ୍ୱାଇଁ, ଲିଙ୍ଗରାଜ ସାହୁ, ଅମିତା ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାହାମା ଆର୍‌ଏମ୍‌ସିର ପ୍ରଶିକ୍ଷଣ ଶିବିର

କୁଜଙ୍ଗ, ୯।୧୨(ସମିସ): ଚଳିତ ୨୦୨୫-୨୬ ବର୍ଷର ଧାନ କ୍ରୟ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁରୁଖୁରୁରେ ପରିଚାଳନା କରିବା ଲକ୍ଷ୍ୟରେ ରାହାମାସ୍ଥିତ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମସି) ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ରାହାମା ଆର୍‌ଏମସି କ୍ରୟକେନ୍ଦ୍ରରେ ଏହି ଶିବିରରେ ଏରସମା ଓ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମସ୍ତ ଧାନ କେନ୍ଦ୍ରର ସମ୍ପାଦକ ଏବଂ ଡିଇଓ ମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶେଷ କରି ପି-ପାସ ଧାନର ଗୁଣାତ୍ମକ ମାନ ଏବଂ ତାହାକୁ ନିର୍ଦ୍ଧାରଣ କରିବାରେ ବ୍ୟବହୃତ ହେଉଥିବା ଆଧୁନିକ ଯନ୍ତ୍ରପାତି ଉପରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଧାନ କ୍ରୟ ପ୍ରକ୍ରିୟାରେ ଯେପରି ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ଏବଂ ଧାନର ମାନ ନିର୍ଦ୍ଧାରଣରେ କୌଣସି ଅବହେଳା ନହୁଏ, ସେଥିପ୍ରତି ସମସ୍ତ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସତର୍କ କରାଇ ଦିଆଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ତଥା ରାହାମା ଆର୍‌ଏମ୍‌ସିର ଅଧକ୍ଷ ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ତାଙ୍କରି ତତ୍ତ୍ୱାବଧାନରେ ସିଏମଓ, ଡିଆର୍‌ମିଏସ ଏବଂ ଜଗତସିଂହପୁରର ଏଆର୍‌ମିଏସ ପ୍ରମୁଖ ଯୋଗଦାନ କରିଥିଲେ। ସେମାନେ ମିଳିତ ଭାବେ ଚଳିତ ୨୦୨୫-୨୬ ବର୍ଷରେ ଧାନକ୍ରୟ ପ୍ରକ୍ରିୟାକୁ ଅବାଧ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତାଲିମ ଏବଂ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଧାନ କ୍ରୟକୁ ସଫଳ କରିବାରେ ଏକ ବଡ଼ ପଦକ୍ଷେପ ବୋଲି ଆଶା କରାଯାଉଛି।

## ଗୋମାଂସ ସନ୍ଦେହରେ ଗାଡ଼ି ଜବତ

ପାରାଦୀପ, ୯।୧୨(ସମିସ): ଭୁତମୁଣ୍ଡାଇ ନିକଟରୁ ଆଜି ସନ୍ଧ୍ୟାରେ ଗୋମାଂସ ଚାଲାଣ ସନ୍ଦେହରେ ଏକ ଟାଟା ଏସିଇ ଗାଡିକୁ ଅଟକାଇଥିଲେ ହିନ୍ଦୁ ସେନା ବାହିନୀର ସଦସ୍ୟ ମାନେ। ସନ୍ଦେହରେ ଗାଡିଟିକୁ ଅଟକାଇବା ସହିତ ଡାଲାରେ ଥିବା ଚମଡାକୁ ଗାଡିରୁ ତଳକୁ ବାହାର କରି ଦେଇଥିଲେ। ତେବେ ଏଗୁଡିକୁ ବାହାର କରିବା ପରେ ଏହା ଛେଳି ଚମଡ଼ା ବୋଲି ଜଣାପଡିଥିଲା। ଏଭଳି ଚମଡ଼ା ଗାଡିକୁ ଧରିବା ପରେ ହିନ୍ଦୁ ସେନା ବାହିନୀର ସଦସ୍ୟ ମାନେ ସ୍ଥାନୀୟ ଲକ୍‌ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଗାଡି ସହ ଚମଡ଼ାକୁ ଜବତ କରି ଥାନାକୁ ଆଣିଥିଲା। ସେଗୁଡିକ ଛେଳି ଚମଡ଼ା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ଡ୍ରାଇଭରକୁ ଥାନାକୁ ଆଣି ଅଟକ ରଖି ଏହି ଛେଳି ତଦନ୍ତ ଆରମ୍ଭ କରିଛି। ଗାଡି ଜବତ ପରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ରାସ୍ତାରେ ହୋହାଲା କରିଥିଲେ। ଫଳରେ ୧ ଘଣ୍ଟା କାଳ ରାସ୍ତା ଜାମ ହୋଇଯାଇଥିଲା।

## ଖାଦ୍ୟସୁରକ୍ଷା ଏବଂ ମାନକ ପ୍ରାଧିକରଣର କର୍ମଶାଳା




ପାରାଦୀପ, ୯।୧୨(ସମିସ): ପାରାଦୀପ ପୌର ପରିଷଦ ସହଯୋଗରେ ଆଜି ସ୍ଥାନୀୟ ଜୟଦେବ ସଦନ ଠାରେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ପ୍ରାଧିକରଣର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଉପାଧକ୍ଷା ଛବିଲତା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମେଡିକାଲ ଅଫିସର ଡ. ଅଲ୍ଲି ଓ ଏଫଏସ୍‌ଏସ୍‌ଏଆଇର ଅଫିସର ସୌରଭ ରୋହିଲା, ପ୍ରଶିକ୍ଷକ କୁଲ୍ଭୁଷଣ ଭାଜିଙ୍କ ସହିତ ସମସ୍ତ କାଉନସିଲର ତଥା ହିତାଧିକାରୀ ଭାବେ ସମସ୍ତ ରାସ୍ତାକଡ ବିକ୍ରେତା ଦୋକାନୀମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏହି କର୍ମଶାଳାରେ ଏଫଏସ୍‌ଏସ୍‌ଏଆଇ ପଞ୍ଜୀକରଣ ଆବଶ୍ୟକତା ଉପରେ ଏକ ଆଭିମୁଖ୍ୟକରଣ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ଯେଉଁଥିରେ ଖାଦ୍ୟ ବିକ୍ରେତାଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାଣିଜ୍ୟ ଲାଇସେନ୍ସ ପାଇବା ଏବଂ ସଠିକ ପରିମଳ ମାନଦଣ୍ଡ ବଜାୟ ରଖୁବା ଯେପରିକି ବର୍ଜ୍ୟବସ୍ତୁ ନିଷ୍କାସନ, ବ୍ୟକ୍ତିଗତ ପରିଚ୍ଛନତା, ସଫାଇ ଉପକରଣ ଏବଂ ଖାଦ୍ୟ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ଉପରେ ସୂଚନା ଦିଆଯାଇଥିଲା।

## ୨୩ରୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପାଇଁ ପ୍ରସ୍ତୁତି

ଜଗତସିଂହପୁର, ୯।୧୨(ସମିସ): ଆସନ୍ତା ଡିସେମ୍ବର ୨୩ ଓ ୨୪ ଦୁଇଦିନ ଧରି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପର ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜନ କରାଯିବ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୁକୁଡ଼ା ଚାଷ, ଅଣ୍ଡା ଉତ୍ପାଦନ, ପ୍ରାଣିସମ୍ପଦ ଓ ମତ୍ସ୍ୟ ଉତ୍ପାଦନରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଚାଷୀଙ୍କୁ ସଚେତନ କରିବା ଓ ଅଧିକ ଉଦ୍ୟୋଗି ସୃଷ୍ଟି କରିବା ଏହି ମେଳାର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ସାହୁ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଥିବା ୮ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା। ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ, କୃଷି ଉଦ୍ୟାନ ଓ ବିଭିନ୍ନ ବିଭାଗର ୨୫ଟି ଷ୍ଟଲ, କଣ୍ଟ୍ରୋଲ ରୁମ, ରେଜିଷ୍ଟ୍ରେସନ ରୁମ ଆଦି ଖୋଲିବା ସହିତ ଜୀବନ୍ତ ପ୍ରାଣୀ ଓ ମାଛ ମାନଙ୍କର ପ୍ରଦର୍ଶନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀର ଓର୍‌ମାସ ଓ ମିଶନଶକ୍ତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇ ମେଳାପାଇଁ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ସଭାରେ ଡାକ୍ତର ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଦେବବ୍ରତ ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସହଯୋଗ କରିଥିଲେ।

### ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ସନ୍ତୁଳିତ ପୋଷଣ ସମ୍ପର୍କିତ ଯୁବ କନକ୍ଲେଭ

## 'ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୁନ୍ଦରମୟ କରେ'




ଭୁବନେଶ୍ୱର, ୯।୧୨(ସମିସ): ଯୁବଗୋଷ୍ଠୀ ମଧ୍ୟରେ ବଢୁଥିବା ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ରୋଗକୁ ଆମନ୍ତ୍ରଣ କରୁଛି। ଏଣୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ସୁସ୍ଥ ଓ ଉଜ୍ଜଳ ରହିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇ ଅତିଥିମାନେ କହିଛନ୍ତି। ମହିଳା ଓ ଶିଶୁବିକାଶ ବିଭାଗ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୁନ୍ଦରମୟ କରିଥାଏ ବୋଲି କହିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁନିସେଫର ନିଉଟ୍ରିସନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷଣର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଇସିଏଆର୍ ନୋଡାଲ ଅଫିସର ଡ. ମିନାକ୍ଷୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋଷଣ ବିଭାଗ ମୁଖ୍ୟ ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## କେନ୍ଦ୍ରାପଡା କ୍ରେଡିଟ୍ ରାହାମା ଶାଖାର ସ୍ୱନକ୍ଷେତ୍ର



କୁଜଙ୍ଗ, ୯।୧୨(ସମିସ): କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ୍ ସୋସାଇଟି ଲିଃର କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଶାଖାର ୧୪ତମ ସ୍ୱନକ୍ଷେତ୍ର ଦିବସ ଶାଖା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ରାହାମା ଶାଖା ପରିଚାଳକ ଭବାନୀ ଶଙ୍କର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ସମିତିର ସଭାପତି ପ୍ରମୋଦ ସାହୁ ଯୋଗଦେଇଥିଲେ। ଏହି ଶାଖା ଦ୍ୱାରା ସମଗ୍ର ଅଞ୍ଚଳରେ ଜନସାଧାରଣ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଧରଣାର ବ୍ୟବସାୟୀ ଉପକୃତ ହେବା ସହ ସେମାନେ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି ବୋଲି ସମିତିର ନିର୍ଦ୍ଦେଶିକା ଗୀତାଞ୍ଜଳି ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ଅରବିନ୍ଦ ସାହୁ, ପାରାଦୀପ ଶାଖା ବରିଷ୍ଠ ପରିଚାଳକ ଦେବାଶିଷ ସାହୁ, ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ମାନସ ରାଉତ, ହିସାବରକ୍ଷକ ମନୋରଞ୍ଜନ ମୁଦୁଲି, କିରାଣୀ ପ୍ରଭାତ ପଟ୍ଟା, ଅନସୂୟା ବେହେରା, ସ୍ୱପ୍ନାରାଣୀ ପାତ୍ର, ମହେନ୍ଦ୍ର ବସନ୍ତିଆ, ମୋହନ ସେନାପତି, ଜଗଦୀଶ କୁଣ୍ଡୁ, ଦୈନିକ ଜମା ସଂଗ୍ରହକାରୀ ସୁଜିତକୁମାର ବେହେରା, ଦୁର୍ଯ୍ୟୋଧନ ଦାସ, ଭରତ ସାହୁ, ଜପହରି ନାୟକ, ସୁକାନ୍ତ ଶୁକ୍ଲା, ବିଜୟ ହାତୀ, ନିହାର ରାମ ସାହୁ, ତୁଷାରକାନ୍ତ ପରିଡା, ସୌମ୍ୟକାନ୍ତ ବିଶ୍ୱାଳ, କଲ୍ୟାଣସ୍ୱାଇଁ, ଜଗଦୀଶକୁଣ୍ଡୁପ୍ରମୁଖଉପସ୍ଥିତଥିଲେ। ଏହିଅବସରରେ ନିୟମିତ ଭାବେ ଋଣ ନେଇ ଠିକ ସମୟରେ ପରିଶୋଧକାରୀ ସୁଶାନ୍ତ ପାଣି ଓ ପରିଶୋଧକାରିଣୀ ସୂଚିତ୍ରା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ପକ୍ଷରୁ ଉଭୟଙ୍କ ନାମରେ ଏକ ଲକ୍ଷ୍ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଜନତା ସୁରକ୍ଷା ବୀମା ପଲିସ କରାଯାଇଥିଲା।

## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟର କର୍କଟ ରୋଗୀଙ୍କୁ ସହାୟତା



ଜଗତସିଂହପୁର, ୯।୧୨(ସମିସ): କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଜଗତସିଂହପୁର ଶାଖା ପକ୍ଷରୁ ଜିଲ୍ଲାର ବିରିଡି ବ୍ଲକ ଅଡ଼ଙ୍ଗାଗଡ଼ ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତ ମୁରଲୀଧର ନାୟକଙ୍କ ପୁଅ ସତ୍ୟରଞ୍ଜନ ନାୟକ (୫୧)ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋସାଇଟିର ସଭାପତି ପ୍ରମୋଦ ସାହୁ ପୀଡ଼ିତ ଶ୍ରୀ ନାୟକଙ୍କ ଘରେ ପହଞ୍ଚି ଏହି ସହାୟତା ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଶ୍ରୀ ନାୟକଙ୍କୁ କର୍କଟ ହୋଇଥିବା ଗତ ପାଞ୍ଚବର୍ଷ ତଳେ ଜଣାପଡିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏହି ଚିକିତ୍ସାରେ ସମସ୍ତ ଅର୍ଥ ଶେଷ ହେବା ସହ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ଏହି ପରିବାର ବର୍ତ୍ତମାନ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତିକରୁଛି। ଏହି ପରିସ୍ଥିତିରେ ପତ୍ନୀ ସନ୍ଦୀପା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବା ବେଳେ ତାଙ୍କର ଶରନ୍ୟା ନାମକ ଏକ ପାଞ୍ଚ ବର୍ଷର ଝିଅଟିଏ ରହିଛି। ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡସଭ୍ୟାଙ୍କ ଠାରୁ ଜଗତସିଂହପୁର ବ୍ୟାଙ୍କ ପରିଚାଳକଙ୍କ ମାଧ୍ୟମରେ ଖବର ପାଇ ସୋସାଇଟି ସଭାପତି ଶ୍ରୀ ସାହୁ ସତ୍ୟରଞ୍ଜନଙ୍କୁ ନଗଦ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରିଥିଲେ। ସଭାପତିଙ୍କ ସହିତ ସମିତିର ଜଗତସିଂହପୁର ଶାଖା ବରିଷ୍ଠ ପରିଚାଳକ ଲକ୍ଷ୍ମଣ ସାହୁ, କିରାଣି କରୁଣାକର ରଥ ଓ ଦୈନିକ ଜମା ସଂଗ୍ରହକାରୀ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଆର୍ଥିକ ନେଣଦେଣ କାରବାର ସହ ସୋସାଇଟି ପକ୍ଷରୁ ଦୁରାରୋଗ୍ୟରେ ପୀଡ଼ିତ ଅସହାୟ, ଗରିବ ମେଧାବୀ ଛାତ୍ରଛାତ୍ରୀ, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କୃତି କ୍ରୀଡ଼ାବିତ ଓ ପ୍ରାକୃତିକ ବିପର୍ଯ୍ୟୟସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ୍ ଲିଗ୍

ଜଗତସିଂହପୁର, ୯।୧୨(ସମିସ): ଜଗତସିଂହପୁର ଜିଲ୍ଲାର ସାତୋଟି ଷ୍ଟାଡିଅମରେ ଚାଲୁଥିବା ୬୯ତମ ବିଦ୍ୟାଳୟ ସମୂହ କ୍ରିକେଟ୍ ଲିଗ୍ ମ୍ୟାଚ୍‌ର ୪ର୍ଥ ଦିନର ଖେଳ ଶେଷ ହୋଇଯାଇଛି। ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୬ଟି ମ୍ୟାଚ ଲିଗ ଭିତ୍ତିରେ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ କୋରାପୁଟ ବନାମ ସୋନପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କୋରାପୁଟ ୮ ରନ୍‌ରେ ବିଜୟ ଲାଭ କରିଥିଲା ବେଳେ କେନ୍ଦ୍ରାପଡ଼ା ବନାମ ଗଜପତି ମ୍ୟାଚ୍‌ରେ ଗଜପତି ୭ ୱିକେଟ୍‌ରେ ବିଜୟ ଲାଭ କରିଛି। ନନ୍ଦବ୍ରତ ଷ୍ଟାଡିୟମଠାରେ ଅନୁଷ୍ଠିତ ରାୟଗଡ଼ା ବନାମ ବଲାଙ୍ଗିର ମ୍ୟାଚ୍‌ରେ ବଲାଙ୍ଗିର ୮ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ବାଲେଶ୍ୱର ବନାମ ନବରଙ୍ଗପୁର ମ୍ୟାଚ୍‌ରେ ନବରଙ୍ଗପୁର ୭୪ ରନ୍‌ରେ ବିଜୟ ଲାଭ କରିଛି। ସତୀ ଖେଳପଡିଆ ଠାରେ ସମ୍ବଲପୁର ବନାମ କଳାହାଣ୍ଡି ମ୍ୟାଚ୍‌ରେ ସମ୍ବଲପୁର ୧୨୭ ରନ୍‌ରେ ବିଜୟ ଲାଭ କରିଥିଲାବେଳେ ମାଲକାନଗିରି ବନାମ ନୟାଗଡ଼ ମ୍ୟାଚ୍‌ରେ ମାଲକାନଗିରି ୮ ୱିକେଟ୍‌ରେ ବିଜୟ ଲାଭକରିଛି। ତର୍ତ୍ତଙ୍ଗ ମିନିଷ୍ଟାଡିୟମଠାରେ ମୟୂରଭଞ୍ଜ ବନାମ ଖୋର୍ଦ୍ଧା ମ୍ୟାଚ୍‌ରେ ଖୋର୍ଦ୍ଧା ୬ ୱିକେଟ୍‌ରେ ବିଜୟ ଲାଭ କରିଥିଲା ବେଳେ, ଝାରସୁଗୁଡ଼ା ବନାମ କେନ୍ଦୁଝର ମ୍ୟାଚ୍‌ରେ କେନ୍ଦୁଝର ୫ ୱିକେଟ୍‌ରେ ବିଜୟ ଲାଭ କରିଛି। ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଅନୁଗୁଳ ବନାମ ଢେଙ୍କାନାଳ ମ୍ୟାଚ୍‌ରେ ଢେଙ୍କାନାଳ ୧ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ଗଞ୍ଜାମ ବନାମ ଭଦ୍ରକ ମ୍ୟାଚ୍‌ରେ ଭଦ୍ରକ ୫୫ ରନ୍‌ରେ ବିଜୟ ଲାଭ କରିଅଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୁଲିସ ବାରାକ ପଡିଆରେ କେନ୍ଦୁଝର ବନାମ ସମ୍ବଲପୁର ମ୍ୟାଚ୍‌ରେ ସମ୍ବଲପୁର ୪ ରନ୍‌ରେ ବିଜୟ ଲାଭ କରିଥିଲାବେଳେ ଭୁବନେଶ୍ୱର ବନାମ ଭଦ୍ରକ ମ୍ୟାଚ୍‌ରେ ଭୁବନେଶ୍ୱର ୯ ୱିକେଟ୍‌ରେ ଏବଂ ମୟୂରଭଞ୍ଜ ବନାମ ନବରଙ୍ଗପୁର ମ୍ୟାଚ୍‌ରେ ମୟୂରଭଞ୍ଜ ୨ରନ୍‌ରେ ବିଜୟ ଲାଭ କରିଛି। ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ବଲାଙ୍ଗିର ବନାମ ପୁରୀ ମ୍ୟାଚ୍‌ରେ ପୁରୀ ୯ ୱିକେଟ୍‌ରେ, କଟକ ବନାମ ଅନୁଗୁଳ ମ୍ୟାଚ୍‌ରେ କଟକ ୯ ୱିକେଟ୍‌ରେ ଓ ବଲାଙ୍ଗିର ବନାମ ଝାରସୁଗୁଡ଼ା ମ୍ୟାଚ୍‌ରେ ବଲାଙ୍ଗୀର ୯ ୱିକେଟ୍‌ରେ ବିଜୟ ଲାଭ କରିଛନ୍ତି। ସମସ୍ତ ମ୍ୟାଚ୍‌କୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ସ୍ମୃତିସଭା

ବାଲିକୁଦା, ୯।୧୨(ସମିସ)



ବାଲିକୁଦା ବ୍ଲକ ବରିଷ୍ଠ ସାମ୍ବାଦିକ ତଥା ବାଲିକୁଦା ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ଶରତ କିଶୋର କାନୁନଗୋଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା କଣିଆ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ଅକ୍ଷୟକୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଳାଟେନ୍ଦୁ ମହାପାତ୍ର, ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଶିଳ୍ପପତି ବିଶ୍ୱରଞ୍ଜନ ପଟ୍ଟନାୟକ, ବିବେକାନନ୍ଦ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସଦସ୍ୟ ବିଜୟ ମହାନ୍ତି, ଆଇନଜୀବୀ ବିରନାରାୟଣ ପାତ୍ର, ପୂଜ୍ୟ ପୂଜା ସଂସଦ ସମ୍ପାଦକ ଅରୁଣ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ବିଜେପି ନେତା ଶିବବ୍ରତ ଦାସ, ବରିଷ୍ଠ କଂଗ୍ରେସ ନେତା ନଟବର ବାରିକ, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ରାଜ୍ୟ ସିପିଆଇ ନେତା ଶଶୀଭୂଷଣ ସ୍ୱାଇଁ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ, ଡ. ଦିଲ୍ଲୀପ ବିଶ୍ୱାଳ, ବିଜେଡି ରାଜ୍ୟ ଯୁବ ସଂଗଠନ ସମ୍ପାଦକ କମଳାକାନ୍ତ ମହାପାତ୍ର, ଜିଲ୍ଲାପରିଷଦ ପୀତବାସ ଗୋଚ୍ଛାୟତ, କଂଗ୍ରେସ ନେତା ଇଂ.ନଳିନୀ ସ୍ୱାଇଁ, ସାମ୍ବାଦିକ ମନୋଜ ଦାଶ, ସାମ୍ବାଦିକ ପ୍ରଣବ ପ୍ରଧାନ, ଥାଇଲୋ ସମିତି ସଭ୍ୟ ପ୍ରତିନିଧି ମାନସ ମଲ୍ଲିକ, ଆଇନଜୀବୀ ଅମୃତ ଦାସ, ପୁତ୍ର ବରିଷ୍ଠ ଆଇନଜୀବୀ ସୁପ୍ରିମକୋର୍ଟ ଡ. ସୁଶାନ୍ତ କୁମାର କାନୁନଗୋଙ୍କ ସମେତ ବହୁ ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ

ଶଗଡା, ୯।୧୨(ସମିସ)



ଜମଟାଙ୍ଗୀ ନିକଟରେ ଦୁର୍ଘଟଣାରେ ଆହତ ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତ ଲୋକେ ଆଜି ରାସ୍ତାରୋକ କରିଛନ୍ତି । ଶନିବାର ଅପରାହ୍ନ ୪ଟା ସମୟରେ ଏକ ବାଇକରେ ବାଉଁଶୁଣି ଥାନା ଯମଘାଟି ଗ୍ରାମର ସତ୍ୟ ମେହେର, ପତ୍ନୀ ମୈଥିଳି ମେହେର ଓ ପୁଅ ଲୋକନାଥ ମେହେର ଯାଉଥିବା ସମୟରେ ଜମଟାଙ୍ଗୀ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ମହିଳା ଜଣକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ବୁର୍ଲା ସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୈଥିଳିଙ୍କ ମୃତ୍ୟୁ ଘଟିଥିଲା । ଆଜି ଶବ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ଶବ ରଖି ମୃତକଙ୍କ ପରିବାର ସହ ଅଞ୍ଚଳବାସୀ ୫୭ ନମ୍ବର ଜାତୀୟ ରାଜପଥର ଜମଟାଙ୍ଗୀ ଛକ ନିକଟରେ ଅପରାହ୍ନ ୩ଟା ସମୟରେ ରାଜପଥ ଅବରୋଧ କରିଥିଲେ । ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ପରେ ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ । ମଧ୍ୟ ପୋଲିସ ଓ ପ୍ରଶାସନ ଏହାକୁ ହଟାଇବାରେ ବିଫଳ ହୋଇଥିବା ଜଣାପଡିଛି ।

# ସିଲାଟିରେ ଧାନମଣ୍ଡି ଶୁଭାରମ୍ଭ

## ପ୍ରଥମ ଦିନରେ ୨ ଚାଷୀଙ୍କ ଉଠିଲା ୧୫୦ କୁଇଣ୍ଟାଲ ଧାନ



ବିନିକା, ୯ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମ ବିନିକା ବ୍ଲକ ସିଲାଟି ସେବା ସମବାୟ ସମିତିରେ ଆୟୋଜିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ନଡ଼ିଆ ଭାଙ୍ଗି ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ନିରୋଦ କୁମାର ଦାସ, ସିଲାଟି ପ୍ରାଥମିକ ସେବା ସମିତିର ସଭାପତି ବାବୁଲୁ ବିଶି, ସମ୍ପାଦକ ବଳରାମ ପଧାନ, ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ବରିଷ୍ଠ ବିଜେପି ନେତା ବିଜୟ କୁମାର ମହାକୁର, ଉପ ନିବନ୍ଧକ, ସହକାରୀ ନିବନ୍ଧକ ଉଭୟ ବେସାମରିକ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ସିଲାଟି ଗ୍ରାମପଞ୍ଚାୟତ ଓ ବିନିକା ପଞ୍ଚାୟତ ସମିତି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉପସ୍ଥିତ ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେଥିପାଇଁ ଉଭୟ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଆଜି ପ୍ରଥମ ଦିନରେ ଚାଷୀ ସୁଶାନ୍ତ ପାଣିଗ୍ରାହୀ ଓ ପଞ୍ଚାନନ ପୁରୋହିତଙ୍କ ଠାରୁ ୧୫୦କୁଇଣ୍ଟାଲ ଧାନ କ୍ରୟ କରାଯାଇ ଗୋଦାବରୀ ରାଇସ ମିଲକୁ ପଠାଯାଇଥିବା ଜଣାପଡିଛି ।

# ସାଇବର୍ ଅପରାଧ ଉପରେ କର୍ମଶାଳା



ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତାର ସାପ୍ତାହିକ ବଜାର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ସଂଗଠନ ସଦସ୍ୟ ସଦସ୍ୟାମାନଙ୍କର ପରିଚୟ ପତ୍ର ବଣ୍ଟନ ସହ ସାଇବର୍ ଅପରାଧ ଉପରେ ଏକ କର୍ମଶାଳା କରାଯାଇଥିଲା । ଉପସଭାପତି କେଶବ ପଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ମୁଖ୍ୟ ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବରେ ଡ. ପ୍ରଫୁଲ୍ଲ କୁମାର ରଥ ଓ ଦୟାନିଧି ହୋତା ଯୋଗ ଦେଇଥିଲେ । ସମ୍ପାଦକ ଘାସିରାମ ମଲ୍ଲିକ୍‌ଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମଞ୍ଚ ପରିଚାଳନା ଅକ୍ଷୟ କୁମାର ମିଶ୍ର କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମୂରାରୀ କୁମାର ମିଶ୍ର । ଏଥିରେ ୭୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କର ପରିଚୟପତ୍ର ବଣ୍ଟନ କରାଯାଇଥିଲା । ଏସ୍‌ଡିପିଓ ଶ୍ରୀରାଓ ସ୍ରାଇବର ଅପରାଧ ଉପରେ ସମସ୍ତଙ୍କୁ ସଚେତନ କରାଇଥିଲେ । ରତ୍ନାକର ପଧାନ, ଗଙ୍ଗାଧର ଚୌଧୁରୀ, ଗଙ୍ଗାଧର ସାହୁ, ଶେଷ ପଧାନ, ଷଷ୍ଠୀ ଗାଇଗରିଆ, ହେମନ୍ତ ମେହେର, ରତ୍ନାକର ବିଶ୍ୱାଳ, ନବୀନ କିଶୋର ବିଶ୍ୱାଳ, ତରଣି ସେନ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍‌ରେ ଭାଗନେବେ ଚନ୍ଦନ

ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ଚନ୍ଦନ ପ୍ରଧନ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ସୁବର୍ଣ୍ଣପୁରର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲରେ ହୋଇଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆସନ୍ତା ଡିସେମ୍ବର ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ରିଜୋନାଲ ସାଇନ୍ସ ସେଣ୍ଟରରେ



ଏହାର ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା ହେବ । ଅମରପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନ ତାଙ୍କର ଗାଇଡ ଶିକ୍ଷକ ଭାବେ ତାଙ୍କ ସହିତ ଭୁବନେଶ୍ୱର ଯାତ୍ରା କରିବେ । ଚନ୍ଦନଙ୍କ ସଫଳତା ପାଇଁ ସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ଶୁଭ କାମନା ଜଣାଇଛନ୍ତି । ପୂର୍ବରୁ ୨୦୨୩ରେ ଅମରପାଲି ହାଇସ୍କୁଲରୁ କୁନ୍ତୀ ସାହୁ ମଧ୍ୟ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ଅଂଶ ଗ୍ରହଣ କରି ସ୍କୁଲ ପାଇଁ ଗୌରବ ଆଣିଥିଲେ ।

# ଆର୍‌ଏମ୍‌ସିରେ ଧାନମଣ୍ଡି ଉଦ୍‌ଘାଟିତ



ଡୁଙ୍ଗୁରିପାଲି, ୯।୧୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆର୍‌ଏମ୍‌ସି ପରିସରରେ ଖରିଫ ଧାନ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି ।

ଏହି ଅବସରରେ ସମବାୟ ସମିତିର ସଭାପତି ଦଶରଥୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଡୁଙ୍ଗୁରିପାଲି ବ୍ଲକ୍ ଯୋଗାଣ ନିରୀକ୍ଷକ ଅଧିକାରୀ ସୂର୍ଯ୍ୟକ୍ରାନ୍ତ ପରିଡା, ସମବାୟ ସମିତିର ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ ଚାଷୀ ସମ୍ପଦ ମଲ୍ଲିକ, ତକ୍ଷକ ସାହୁ, ଅଜିଦ ବେହେରା, ଲୋକନାଥ ଦଣ୍ଡସେନା, ରାଜକୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଏହି ଅବସରରେ ଧାନ ସଂଗ୍ରହ କମିଟି ସଭ୍ୟ ଉପସ୍ଥିତ ଥିଲେ । ଆଜିଠୁ ପଞ୍ଜିକୃତ ୧୪୦୫ଜଣ ଚାଷୀଙ୍କ ବିଧି ବଦ୍ଧ ଭାବରେ ଧାନ କିଣା ଆରମ୍ଭ ହୋଇଥିଲା । ଡୁଙ୍ଗୁରିପାଲି ପେକ୍ସର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଜଗତ ମଲ୍ଲିକ, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମେହେର, ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମ୍ ଚନ୍ଦ୍ର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ସୀତାରାମ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୧୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ତାଙ୍କ ମାତାପିତା ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା । ପ୍ରତିଯୋଗିତା ପରିଚାଳନାରେ କ୍ରୀଡ଼ା ଶିକ୍ଷକ ମହେଶ ଭୋଇ ଓ ସାନନ୍ଦ ବାରିକ, ତହସିଲ ପଧାନ, ନରେନ୍ଦ୍ର ପଧାନ, କଳା ଶିକ୍ଷକ ଶ୍ୟାମ କୁଅଁର, କେଶବ କୁଅଁର, ଅନିଲ ଅଗ୍ରୱାଲ, ପ୍ରସନ୍ନ ତାଣ୍ଡି, ଶିକ୍ଷକ ଅବିର ଦୋରା, ପୌଲସ୍ତ ବାରିକ, ଅନିଲ ଭୋଇ, ରାଜକେତନ ସୁନା, ଅଭିରାମ ବାରିକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲୀପ ପଧାନ, ରାଧେଶ୍ୟାମ ରଥ, ଶୁଭଲାଲ ସାହୁ, ଆଇଭି ହିମାଂଶୁ ସାହୁ, ଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଡୁଙ୍ଗୁରିପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର ଭୋଇ ଧନ୍ୟବାଦ ଦେଇଥିଲେ ।



# କମ୍ବଳ ବାଣ୍ଟିଲେ ବ୍ଲକ୍ ଉପାଧ୍ୟକ୍ଷ



ବୀରମହାରାଜପୁର, ୯।୧୨/(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଯୁବ ଉପସଭାପତି ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଆଜି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ବିକଳାଙ୍ଗ ଓ ଆସହାୟଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ଆଜିର ଏହି କମ୍ବଳ ବଣ୍ଟନରେ ଚମ୍ପାମଲ୍ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟନାରାୟଣ ନନ୍ଦ, ଶିକ୍ଷକ ବିଜୟ ତ୍ରୀପାଠୀ, କୃଷ୍ଣ ଚନ୍ଦ୍ର ମେହେର, ସୂର୍ଯ୍ୟ ନାରାୟଣ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି ।

# କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ମହଦା ପଞ୍ଚାୟତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ, କନିଷ୍ଠ ଏବଂ ଉପ କନିଷ୍ଠ ତିନୋଟି ବର୍ଗରେ ୩୭ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବର୍ଗରୁ ଅଷ୍ଟମ ଶ୍ରେଣୀ ଛାତ୍ର ମାନସ ସେଠି ଓ ସପ୍ତମ ଶ୍ରେଣୀ ଛାତ୍ରୀ ଲଭ୍‌ଲି ପଧାନ ଚାମ୍ପିଅନ୍ ହୋଇଛନ୍ତି । କନିଷ୍ଠ ବର୍ଗରୁ ପଞ୍ଚମ ଶ୍ରେଣୀ ଛାତ୍ର ଅଙ୍କିତ ବେହେରା ଓ ଛାତ୍ରୀ ଜ୍ୟୋତି ବିଭାର, ଉପ କନିଷ୍ଠ ବର୍ଗରୁ ନିଖିଳେଶ୍ୱର ଭୋଇ ଓ ତେଜସ୍ୱିନୀ ବେହେରା ଚାମ୍ପିଅନ୍ ହୋଇଛନ୍ତି । ପ୍ରଧାନ ଶିକ୍ଷକ ହୃଷିକେଶ ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ପ୍ରଦୀପ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଉଲୁଣ୍ଡା ବ୍ଲକ ଅଥଲେଟିକ୍ ଆସୋସିଏସନ୍‌ର ସଭାପତି ଅନନ୍ତରାମ ମେଣ୍ଡିଲି, ସମ୍ପାଦକ ପ୍ରହଲ୍ଲାଦ ନାୟକ, କୁମାରକେଳି ସିଆରସିସି ଶରତ ନାଏକ, ମହଦା ସିଆରସିସି ବାଞ୍ଛାନିଧି ପଣ୍ଡା, ଗ୍ରାମୋତ୍ଥାନ ସୋନପୁରରୁ ସ୍ୱର୍ଣ୍ଣରୂପା ମିଶ୍ର, କ୍ଷୀରେନ୍ଦ୍ର ରଣା ଓ ମାନୀ ପଧାନ, ବିଦ୍ୟାଳୟ ଏସ୍‌ଏମ୍‌ସି ସଭାପତି ରଞ୍ଜନ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ଅଚ୍ୟୁତ ରଣା ସଭା ପରିଚାଳନା କରିଥିବା ବେଳେ ବନମାଳୀ ପରିଡା ସ୍ୱାଗତ ଏବଂ ନରେନ୍ଦ୍ର ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବଣ୍ଟନରେ ଶିକ୍ଷୟିତ୍ରୀ ଜୟଶ୍ରୀ ପାଢ଼ୀ ଓ ଶିକ୍ଷକ ସତ୍ୟନାରାୟଣ ମେହେର ସହଯୋଗ କରିଥିବା ବେଳେ ପରିଚାଳନା କମିଟିର ସଦସ୍ୟ ବିନୋଦ ମହାପାତ୍ର, ପ୍ରମୋଦ ବେହେରା, ବନମାଳୀ ପଧାନ, କୁମାର ଖୁରା, ସରୋଜ ସେଠି, ଫିରୋଜ ବେହେରା, ପଙ୍କଜ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକ

ନୂଆପଡା/ଖଡ଼ିଆଳ, ୯ ।୧୨(ସମିସ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ୩୫୩ ନମ୍ବର ଜାତୀୟ ରାଜପଥ ବରଗାଁ ଛକ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଭୋଜପୁର ଗାଁର ଦୀନବନ୍ଧୁ ପୁଞ୍ଜି (୬୮) ନାମ୍ନୀ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ପରିବାର ଓ ଗ୍ରାମବାସୀ ଆର୍ଥିକ ସହାୟତା ଦାବି ନେଇ ଖଡ଼ିଆଳ ସହରର ଥାନା ଛକରେ ୩୫୩ ନଂ ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ଖଡିଆଳ ଥାନା ଅଧିକାରୀ ଦିଲୀପ ସାହୁ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା । କମାଜୋରୀସ୍ଥଇତ ଦୀନବନ୍ଧୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଏକ ଦଶାହ କାର୍ଡ ଦେବାକୁ ଯାଇଥିଲେ । ସେଠାରୁ ଫେରିବା ବେଳେ ଖଡ଼ିଆଳ-ନୂଆପଡ଼ା ଜାତୀୟ ରାଜପଥର ବରଗାଁ ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା । ଏହା ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ।

# ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ଭବାନୀପାଟଣା, ୯ ।୧୨ (ସମିସ): ଭବାନୀପାଟଣାସ୍ଥିତ ବ୍ରଜମୋହନ ସରକାରୀ ହାଇସ୍କୁଲରେ ସୋମବାର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଜିଲାର ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶ୍ରୀତେଶ କୁମାର ମେହେର ଓ ବରିଷ୍ଠ ବିଭାଗରେ ନର୍ଲା ଆଦର୍ଶ ବିଦ୍ୟାଳୟର ଦିଶାନ୍ତ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥିସହ ଉଭୟେ ଆସନ୍ତା୧୦ ଓ ୧୧ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପାଇଁ ମନୋନୀତ ହୋଇଛନ୍ତି ।କୁଇଜ ପ୍ରତିଯୋଗିତାକୁ କୁଇଜ ମାଷ୍ଟର ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ,ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଷଷ୍ଠିକୁମାର ଝାଙ୍କର ଯୋଗଦେଇ୨ବିଜେତାଙ୍କୁ ପୁରସ୍କୃତ କରିଥିଲେ ।ପ୍ରତିଯୋଗିତାକୁ ଶିକ୍ଷକ ମଙ୍ଗୁଳି ଚରଣ ପ୍ରଧାନ,ଶୁଭମ ଜ୍ୟୋତି ରାଉତ, ଚିନ୍ମୟୀ ବାଗ ଓ ସୀମାରାଣା ମାଝୀ ସହଯୋଗ କରିଥିଲେ ।ଗଣନାଥପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ




ବୌଦ୍ଧ, ୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ତାଲିମ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ନାରାୟଣ ପସାୟତ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବି କେ ଆର୍ ସି ଦେଓ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଡିଆ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ



ଜୁନାଗଡ, ୯ ।୧୨(ସମିସ):ରାଜ୍ୟରେ ଦିନକୁ ଦିନ ଶୀତର ପ୍ରକୋପ ବଢିବାରେ ଲାଗିଛି । କଳାହାଣ୍ଡି ଜୁନାଗଡ ରେ ମଧ୍ୟ ଶୀତର ପ୍ରବାହ ଜାରି ରହିଛି । ଶୀତର ପ୍ରକୋପ ବଢୁଥିବା ହେତୁ ଜୁନାଗଡର ନବ ନିର୍ମିତ ସାମ୍ବାଦିକ ସମୂହକୁ ନେଇ ଗଠିତ ହୋଇଥିବା ମିଡିଆ କ୍ଲବ୍‌ର ପ୍ରୟାସରେ ମଙ୍ଗଳବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ କମ୍ବଳ ବଣ୍ଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ଭଗବାନ ପଣ୍ଡା ଜୁନାଗଡ ରେଞ୍ଜର ସୀମାଞ୍ଚଳ ମିଶ୍ର ଫରେଷ୍ଟର କାହ୍ନୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ କମ୍ବଳ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍‌ର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଉତ୍ତମ୍ ଦାଶ ଓ ମୁକେଶ୍ ଅଗ୍ରୱାଲ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ । ମିଡିଆ କ୍ଲବ୍‌ର ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରି ସଭାପତି ଦୁର୍ଯ୍ୟୋଧନ ମାଝୀ, ସାଧାରଣ ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ସହ ସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧକ୍ଷ ସ୍ୱାସ୍ତିଦୀପ ଆଦିତ୍ୟ ଏବଂ କ୍ଲବ୍‌ର ସଦସ୍ୟ ଗାୟା ରାମ ପୁଝାରୀ, ମିକୁ ପାଢି, କାଳିଆ କନ୍ଦ ପାନ, ଶଶି ରାଜ ଅଗ୍ରୱାଲ୍,ଲାବଣ୍ୟ ନାଇକ, ଭବାନୀ ଗହିର, ଜୀତେନ୍ଦ୍ର ମେହେର୍, ସାହେବ ଛତ୍ରିଆ, ପ୍ରଦୀପ ଡଙ୍ଗରି,ବିକ୍ରାନ୍ତ ପଟ୍ଟନାୟକ, ଲକ୍ଷ୍ମଣ ବଣୁଆ ପ୍ରମୁଖ ସହଯୋଗ କରିଥିଲେ ।

## ଗ୍ୟାସ୍ ସିଲିଣ୍ଡର ଫାଟି ବ୍ୟାପକ କ୍ଷୟକ୍ଷତି




ଦେବଗଡ଼, ୯।୧୨(ସମିସ): ବାରକୋଟ ବ୍ଲକ୍ ବଳିତା ଗାଁର ମେଡିକାଲ ପଛପଟେ ରହୁଥିବା ଅମୁଲ୍ୟ ନାଥ ନାମକ ବ୍ୟକ୍ତିଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡିର ଫାଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ତେବେ ଗ୍ୟାସ ସିଲିଣ୍ଡିର ଫାଟିବା ଦ୍ୱାରା ପରିବାରର କୌଣସି ସଦସ୍ୟଙ୍କ କ୍ଷତି ହୋଇ ନଥିବା ସୂଚନା ମିଳିଛି। ଅମୁଲ୍ୟଙ୍କ ଘର ସମ୍ମୁଖରେ ଏକ ଗ୍ୟାସ ସିଲିଣ୍ଡର ରଖାଯାଇଥିଲା। ବିଳମ୍ବିତ ରାତିରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ଘରର ଆଜବେଷ୍ଟ ଛାତ ଉଡିଯିବା ସହିତ କାନ୍ଥରୁ ପ୍ଲାଷ୍ଟର ଖସି ପଡିଛି।

ଏହାସହିତ ନିକଟରେ ଥିବା କାର ଓ ବାଇକରେ ନିଆଁ ଲାଗି ଯାଇଥିଲା। ଏନେଇ ବାରକୋଟ ଅଗ୍ନିଶମ ବାହିନୀ ସୂଚନାପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କେଉଁ କାରଣରୁ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବାରକୋଟ ଥାନା ପୁଲିସ ସୂଚନା ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଲଖନପୁର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

# ଭିତ୍ତିଭୂମି ସୁଧାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୯।୧୨(ସମିସ)

ଜିଲ୍ଲାପାଳ ମିଳିତ ଅଭିଯୋଗ ଶୁଣାଣି ପରେ ମଙ୍ଗଳବାର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହ ଲଖନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅତ୍ୟନ୍ତ କମ୍ ଥିବା ଦେଖି ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। କମ୍ ଉପସ୍ଥାନର କାରଣ ପଚାରିବାରୁ ଗୋଟିଏ ଦିନି ପାଇଁ ଶିକ୍ଷକ ଧର୍ମଘଟ ଯୋଗୁଁ ଉପସ୍ଥାନ ପ୍ରଭାବିତ ହୋଇଥିବାର ପ୍ରଧାନଶିକ୍ଷକ କାରଣ ଦର୍ଶାଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରେଣୀ ଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ। ଏଥିସହ ବିଦ୍ୟାଳୟର ସୁପରିଚାଳନା ପାଇଁ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଯଥା: ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ, ପାଠାଗାରର ଉନ୍ନତିକରଣ



ଆବଶ୍ୟକତା ଏବଂ ବିଦ୍ୟାଳୟ ପରିସରରେ ଶୌଚାଳୟ ତଥା ପରିମଳ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟରେ ପାଠପଢ଼ାର ସ୍ଥିତି ଏବଂ ବିଦ୍ୟାଳୟର ବିସ୍ତୃତ ଭିତ୍ତିଭୂମି ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ। ପ୍ରଧାନଶିକ୍ଷକ ନେଟୱର୍କର ଅନୁପଲବ୍ଧତା କାରଣରୁ ସ୍ମାର୍ଟବୋର୍ଡରେ ଅନଲାଇନ୍ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବିଦ୍ୟାଳୟର ଛାତରୁ ବର୍ଷା ଦିନେ ପାଣି ଗଳୁଥିବା ପିଲାମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହା ଉପରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ, ଜିଲ୍ଲାପାଳ ତୁରନ୍ତ ସମ୍ପୃକ୍ତ ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନଙ୍କୁ ଭିତ୍ତିଭୂମିଗତ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶିକ୍ଷାର ମାନ ବଜାୟ ରଖିବା ସହିତ ନିର୍ଦ୍ଦେଶିତ କାର୍ଯ୍ୟଗୁଡିକର ନିୟମିତ ତଦାରଖ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସିମୁଲେଟର ଆଧାରିତ ଡ୍ରାଇଭର ତାଲିମରେ ବେଦାନ୍ତ ଝାରସୁଗୁଡ଼ାର ମାଇଲଖୁଣ୍ଟ

ଝାରସୁଗୁଡ଼ା, ୯।୧୨(ସମିସ): ବେଦାନ୍ତ ଆଲୁମିନିୟମ, ଭାରୀ ମୋଟର ଯାନ (ଏଚଏମଭି) ଏବଂ ହାଲୁକା ମୋଟର ଯାନ (ଏଲଏମଭି) ଡ୍ରାଇଭରମାନଙ୍କ ପାଇଁ ୫,୦୦୦ ରୁ ଅଧିକ ସିମୁଲେଟର ଆଧାରିତ ତାଲିମ ଅଧିବେଶନ ଆୟୋଜିତ କରିଛି। ସଡ଼କ ସୁରକ୍ଷା ଦିଗରେ ଏହି ତାଲିମ ଏକ ମାଇଲଖୁଣ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପଦକ୍ଷେପ କମ୍ପାନୀର ଇକୋସିଷ୍ଟମରେ ଦୁର୍ଘଟଣା ମୁକ୍ତ ପରିବହନ ଏବଂ ଶୂନ୍ୟ କ୍ଷତି ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଚଏମଭି ଏବଂ ଏଲଏମଭି ସିମୁଲେଟର ତାଲିମ କେନ୍ଦ୍ର ଡ୍ରାଇଭରମାନଙ୍କୁ ପ୍ଲାଣ୍ଟରେ ବାସ୍ତବ ସଡ଼କ ବିଚାର ଏବଂ ପ୍ରତିରକ୍ଷା ଡ୍ରାଇଭିଂ ପାଇଁ ପ୍ରଶିକ୍ଷିତ କରିଥାଏ। ଭର୍ଚୁଆଲ୍ ରିଆଲିଟି (ଭିଆର)




ଏବଂ ଅଗମେଣ୍ଟେଡ୍ ରିଆଲିଟି (ଏଆର) ବ୍ୟବହାର କରି ପ୍ରଦାନ କରାଯାଉଥିବା ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀ ମାନଙ୍କୁ ବାସ୍ତବ କ୍ଷେତ୍ରରେ ଥିବା ସମସ୍ୟା ସହ ତାଳ ଦେଇ ସଠିକ୍ ଚାଳନା ପାଇଁ ପ୍ରଶିକ୍ଷିତ କରିଥାଏ। ଡ୍ରାଇଭରମାନେ କମ୍ପ୍ୟୁଟର ଆଗରେ ବସି ନିର୍ଭୟରେ ଡ୍ରାଇଭିଂ କରିବା ଅଭିଜ୍ଞତା ହାସଲ କରିଥାନ୍ତି। ଏପରି ଭାବେ ଡ୍ରାଇଭିଂର ସମସ୍ତ ଦକ୍ଷତା ଗ୍ରହଣ କରିବା ସହଜ ଏବଂ ବେଶ୍ ସୁରକ୍ଷିତ ହୋଇଥାଏ। ଏପରିକି ବିଭିନ୍ନ ଭୂଖଣ୍ଡ ଏବଂ ପାଣିପାଗ ପରିସ୍ଥିତିରେ ପ୍ରତିରକ୍ଷା ମୂଳକ ଡ୍ରାଇଭିଂ ଭଳି ଉନ୍ନତ କୌଶଳ ମଧ୍ୟ ଅଭ୍ୟାସ କରିହୁଏ। ସେପ୍ଟେମ୍ବର ୨୦୨୫ ରେ ଏହି କାର୍ଯ୍ୟକ୍ରମକୁ ଯାନବାହାନ ଏବଂ ଡ୍ରାଇଭିଂ ଅନୁପାଳନ ତାଲିମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମତି ମିଳିଥିଲା। ପଞ୍ଜୀକୃତ ଡ୍ରାଇଭରମାନେ ସଂଶୋଧନାତ୍ମକ ସିମୁଲେଟର ତାଲିମ ସମାପ୍ତ କରିଛନ୍ତି। ଯେଉଁ ଡ୍ରାଇଭରମାନଙ୍କୁ ଅଧିକ ପ୍ରଶିକ୍ଷଣର ଆବଶ୍ୟକତା ଦେଖା ଦିଏ ସେମାନଙ୍କୁ ଗାଡ଼ି ଚଲାଇବା ପାଇଁ ପୁନଃତାଲିମ ଗ୍ରହଣ କରିବାକୁ ହୋଇଥାଏ। ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ ଏହି ପ୍ରଯୁକ୍ତି ବିଦ୍ୟା ସକ୍ଷମ ଶିକ୍ଷା ଉପରେ ସନ୍ତୁଷ୍ଟି ବ୍ୟକ୍ତ କରିବା ସହ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବା କହିଛନ୍ତି। ବେଦାନ୍ତ ଆଲୁମିନିୟମ ଜୁଲାଇ ୨୦୨୬ ସୁଦ୍ଧା ସମସ୍ତ ପଞ୍ଜୀକୃତ ଡ୍ରାଇଭରମାନଙ୍କୁ ଏପରି ତାଲିମ ଦେବାକୁ ଲକ୍ଷ୍ୟ ରଖିଛି।

### • ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ତତ୍ପରତା

## ୩ ବର୍ଷ ପରେ ଫେରିଲେ ମହାରାଷ୍ଟ୍ରର ବିଜୟାବାଇ




ଝାରସୁଗୁଡ଼ା, ୯।୧୨(ସମିସ): ଅସହାୟ ଅବସ୍ଥାରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ଉଦ୍ଧାର ହୋଇ ଗତ ତିନି ବର୍ଷ ଧରି ଜିଲ୍ଲା ଆଶ୍ରୟସ୍ଥଳୀରେ ରହୁଥିବା ବିଜୟାବାଇ ଯାଦବଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାରାଷ୍ଟ୍ରରେ ଥିବା ତାଙ୍କ ପରିବାରକୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ଯାଦବ ପୁଲିସ ଦ୍ୱାରା ଉଦ୍ଧାର ହେବା ପରେ ଗତ ୩ ବର୍ଷ ଧରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଝାରସୁଗୁଡ଼ାଙ୍କ ତତ୍ତ୍ୱାବଧାନରେ ପିପୁଲ୍ସ ଫୋରମ୍ ଏବଂ ବିକାଶ ଏନଜିଓ ଦ୍ୱାରା ପରିଚାଳିତ ଆଶ୍ରୟ ସ୍ଥଳୀରେ ରହି ଆସୁଥିଲେ।

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ତାଙ୍କୁ ତାଙ୍କ ପରିବାର ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିଥିଲା। ଆଜି ଜିଲ୍ଲା ପ୍ରଶାସନ ତରଫରୁ ଯାଦବଙ୍କୁ ସସମ୍ମାନେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ରିଆମାଳ ସରସ୍ୱତୀ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ

ରିଆମାଳ, ୯।୧୨(ସମିସ): ରିଆମାଳ ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତା ତଥା ଭାରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଦେବଗଡ଼ ଶିଶୁ ବିଦ୍ୟା ମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ମିଲିରାଣୀ ଧର ଯୋଗ ଦେଇଥିଲେ। ଜଣେ ଶତାୟୁ ବୃଦ୍ଧା ଦଇମତି ସାହୁଙ୍କୁ ଏଥିରେ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃ ଭାରତୀର ସଭାପତି ମିଲିରାଣୀ ଦେହୁରୀ ଓ ପରିଚାଳନା ସମିତି ସଦସ୍ୟା କୌଶଲ୍ୟା ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୀତାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କବିତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ୭ ଜଣ ଭଉଣୀଙ୍କୁ ସପ୍ତଶକ୍ତି ରୂପରେ ସୁସଜ୍ଜିତ କରାଯାଇଥିଲା।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଝାରସୁଗୁଡ଼ା, ୯।୧୨(ସମିସ): ଲଖନପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୂର୍ଯ୍ୟାଂଶୁରୂତ୍, ବିଡିଓ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୩୭ଟି ଅଭିଯୋଗ ମଧ୍ୟରୁ ୧୦ଟି ସାମୂହିକ ଓ ୨୭ଟି ବ୍ୟକ୍ତିଗତ ଥିଲା। ଶିବିରରେ ଲଖନପୁର ବ୍ଲକ୍ ପିକୋଲ ଗାଁରେ ରାସ୍ତାରେ ଘର ତିଆରି, ଉବୁଡା ଅଞ୍ଚଳରେ କମ୍ପାନୀମାନଙ୍କ କରାଯାଉଥିବା ବିସ୍ଫୋରଣ, ବନ୍ଧବାହାଲ ପଞ୍ଚାୟତର ଇସି ମାନଙ୍କ ପ୍ରାପ୍ୟ, ଖଣିଜ କମ୍ପାନୀ ଦ୍ୱାରା ସରଣ୍ଡାମାଲ ପଞ୍ଚାୟତର ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ଅଣଦେଖା, ସରଣ୍ଡାମାଲ ଜଳ ବିଭାଜିକା ବିଭାଗ ଦ୍ୱାରା ଦୁର୍ନୀତି, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ, ସମରବଗାରେ ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ, ରେମଣ୍ଡା ଗାଁରେ ନିୟୋଜିତ ପଶୁପାଳନ ନିରୀକ୍ଷକଙ୍କ ବଦଳି ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଏଥିସହ ଚିକିତ୍ସା ସହାୟତା ବାବଦକୁ ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସମୁଦାୟ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## କଳା ପରିଷଦ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ଦେବଗଡ଼, ୯।୧୨(ସମିସ): ପୌରପରିଷଦ ପକ୍ଷରୁ ସହରର ଘରୋଇ ବସଷ୍ଟାଣ୍ଡ ନିକଟରେ ନିର୍ମାଣଧୀନ କଳାପରିଷଦ ହଲ କାର୍ଯ୍ୟ ଦଶନ୍ଧି ଧରି ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ହଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଆଜି ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ଭୁବନେଶ୍ୱରରେ କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି କଳାପରିଷଦ ହଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସହାୟତା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦେବଗଡ଼ ଜିଲ୍ଲାରେ କଳାର ବିକାଶ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୫୦ ବର୍ଷରୁ ଊର୍ଦ୍ଧ୍ୱ



ହେବ କଳାପରିଷଦ ହଲ ନିର୍ମାଣ କରାଯାଇଥିଲା। କିନ୍ତୁ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅବସ୍ଥା ଦୟନୀୟ ହୋଇପଡିଥିଲା। କଳାର ବିକାଶ ପାଇଁ ପୌରକାର୍ଯ୍ୟାଳୟ ପକ୍ଷରୁ ପୁରୁଣା କଳାପରିଷଦ କୋଠାକୁ ଭାଙ୍ଗି ୨୦୧୧-୧୨ ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କୋଠା ନିର୍ମାଣ ସହିତ ଉନ୍ନତମାନର ଅଡିଟୋରିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହାପରେ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ କିଛି ବର୍ଷ ପରେ କାର୍ଯ୍ୟ ବନ୍ଦ ହୋଇଥିଲା। ୨୦୧୭-୧୮ ରେ ପୁଣିଥରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛି ଦିନ ପରେ କିନ୍ତୁ ପୁଣି ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ତେଣୁ କଳାକାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ମାଣଧୀନ କଳାପରିଷଦ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହୋଇଛି। ଏଥିପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ମୁତାବକ ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାରୁ ଅବଶିଷ୍ଟ ଅର୍ଥ ଯୋଗାଇ ଦେବାକୁ ମନ୍ତ୍ରୀଙ୍କୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ରିଆମାଳ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ରିଆମାଳ, ୯।୧୨(ସମିସ): ନାଉଲିପଡା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନାଉଲିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ରଣା, ଶିକ୍ଷୟିତ୍ରୀ ମମତା, ସିଆରସିସି ବସନ୍ତ ସୁନା ଓ ପୂର୍ବତନ ସିଆରସିସି ଦେବେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସିଆରସିସି ସଞ୍ଜୟ ସିଂ ପରିଚାଳନା କରିଥିଲେ। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସିଆରସିସି ଉତ୍ତମ ପ୍ରଧାନ, ସୁଶାନ୍ତ ସାହୁ, ରିପନ ଭୋଇ, ଠଣସୁନ୍ଦର ସାହୁ, ସମ୍ବରା ମୁଣ୍ଡା, ପ୍ରଦୀପ ବେହେରାଙ୍କ ସହ ସୌଭାଗ୍ୟ ସାହୁ, ଅଲେଖ ମହାପାତ୍ର, ଧ୍ରୁବଚରଣ ସାମଲ, ମୁରଲୀଧର ସାହୁ ଓ ପ୍ରହ୍ଲାଦ ସାହୁ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାଙ୍କର୍ସ ବୈଠକ

ଦେବଗଡ଼, ୯।୧୨(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ତ୍ରୟମାସିକ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଶନଶକ୍ତି ଜରିଆରେ ଲୋକଙ୍କର ସୁବିଧା ନିମନ୍ତେ ଛତୁ ଚାଷ, ମାଛ ଚାଷ, କୁକୁଡା ଚାଷ, ପୋଖରୀ ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ପେନସନ, କାମଧେନୁ ଯୋଜନାରେ ଲୋକଙ୍କୁ ଋଣ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବ୍ୟାଙ୍କର୍ସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ଅନିଲ ମିଶ୍ର, ସନ୍ତୋଷ ଲେଙ୍କା, ରବୀନ୍ଦ୍ର ମହାନ୍ତି, ଧୀରେନ୍ଦ୍ର ଦାସ, ଇ ସୁଶାନ୍ତ ଦାସ, ଅନ୍ତର୍ଯ୍ୟାମୀ ସାହୁ, ସ୍ୱାଧୀନତା ସାହାଣୀ, ସଞ୍ଜୟ ପାତ୍ର, ଅଶୋକ ଇନ୍ଦୁଆର୍, ଶିଶିର ଷଡଙ୍ଗୀ, ଶ୍ରୀନିବାସ ଜାନୀ ଓ ବିଭିନ୍ନ ବ୍ୟାଙ୍କର୍ସ ଅଧିକାରୀ ଯୋଗ ଦେଇଥିଲେ।

## ଡିଏଭିରେ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ



ଝାରସୁଗୁଡ଼ା, ୯।୧୨(ସମିସ): ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସରରେ କିଶୋର ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ମାନସପଟରେ ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳାଗତ ସଂସ୍କାରକୁ ଅଧିକ କ୍ରିୟାଶୀଳ ଓ ସଫଳତାମୁଖୀ କରିବା ଉଦ୍ଦେଶ୍ୟରେ କିଶୋର ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ସଭାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାରର ପ୍ରାନ୍ତ ଯୋଗ ସଂଯୋଜକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଯୋଗ ପ୍ରଫେସର ଡ.ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା, ଏକାଗ୍ରତା, ଧୀଶକ୍ତି ବୃଦ୍ଧି, ଶୃଙ୍ଖଳିତ ଜୀବନଧାରଣ, ସଂସ୍କାରିତ ଆଚରଣ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ ତଥା ଯୋଗାସନ ଓ ପ୍ରାଣାୟମ ଅଭ୍ୟାସର ଆବଶ୍ୟକତା ସନ୍ଦର୍ଭରେ ଅବଗତ କରାଇଥିଲେ। ମୋବାଇଲ ଫୋନଠାରୁ ଦୂରେଇ ରହି ସୃଜନୀ ଶକ୍ତିର ବିକାଶ ଘଟାଇବା ସହିତ ନିଜ ଜ୍ଞାନ ଓ ସ୍ମରଣ ଶକ୍ତିର ବୃଦ୍ଧି ପାଇଁ ଚେଷ୍ଟିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା କାର୍ଯ୍ୟକ୍ରମର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଝାରସୁଗୁଡ଼ା ଗାୟତ୍ରୀ ପରିବାରର ସଭ୍ୟ ତଥା ସଂଯୋଜକ ରୋହିତେଶ୍ୱର ପ୍ରଧାନ ଓ ସେବାନିବୃତ୍ତ ଅଧ୍ୟାପକ ଅଲେଖ ପ୍ରଧାନ ସଂସ୍କାର କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିଥିଲେ।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ରଥକୁ ଭବ୍ୟ ସ୍ୱାଗତ



କୋଲାବିରା, ୯।୧୨(ସମିସ): ସୁଦୂର ପଣ୍ଡିଚେରୀରୁ ବାହାରି ଭାତଲଇଡା ଯୋଗାଶ୍ରମକୁ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ନେଇ ଆସିଥିବା ଶ୍ରୀରଥକୁ କୋଲାବିରା ଠାରେ ଭବ୍ୟ ସ୍ୱାଗତ କରାଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ଏହିରଥ ମାତୃଜ୍ୟୋତି ଝାରସୁଗୁଡ଼ା କେନ୍ଦ୍ରରୁ ବାହାରି କୋଲାବିରା ଅତିକ୍ରମ କରିବା ସମୟରେ ମୁଖ୍ୟ ରାସ୍ତା ଜଗନ୍ନାଥ ମନ୍ଦିର ନିକଟରେ ରଥକୁ ଅଟକା ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ସହ ହେହାଂଶରେ ପୁଷ୍ପବୃଷ୍ଟି କରି ସ୍ୱାଗତ ଜଣା ହୋଇଥିଲା। ପରେ ରଥ କୋଲାବିରା ମୁଖ୍ୟ ସଡକ ଦେଇ ଭାତଲଇଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଶ୍ରୀଅରବିନ୍ଦ ଯୋଗାଶ୍ରମକୁ ପ୍ରସ୍ଥାନ କରିଥିଲା। ଏହି ସମୟରେ ଗାଁର ବାବଲୁ ମିଶ୍ର, ତନୟା ମିଶ୍ର, ପ୍ରତିମା ଧୁରୁଆ, ପଙ୍କଜିନୀ ସମର୍ଥା, ଦୀଲିପ ସିଂ, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଡଲି ମିଶ୍ର, କୀର୍ତ୍ତିଚନ୍ଦ୍ର ବହିଦାର, ବିଜୟ ପୂଝାରୀ, ବିରଞ୍ଚି ପଟେଲ, ସାଧ୍ୱୀ ପଦ୍ମିନୀ ହୋତା, ଦିଲିପ ପୁରୋହିତ ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

କୋଲାବିରା: ଭାତଲଇଡା ସ୍ଥିତ ଶ୍ରୀ ଅରବିନ୍ଦ ଯୋଗାଶ୍ରମ ଠାରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁସ୍ମାରକୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭବ୍ୟ ଶୋଭାଯାତ୍ରାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ଭାତଲାଇଡା ଗାଁ ପରିକ୍ରମା ପରେ ଯୋଗାଶ୍ରମରେ ପହଞ୍ଚିଥିଲେ। ମାତୃଜ୍ୟୋତି, ଝାରସୁଗୁଡ଼ା କେନ୍ଦ୍ରରୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ବିରାଟ ଶୋଭାଯାତ୍ରାରେ ବାହାରି ଥିଲେ। ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ପାଇ ଭାତଲଇଡା ଆଗମନ କରିଥିଲେ। ଯୋଗାଶ୍ରମ ପରିସରରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଦର୍ଶନ କରିଥିଲେ। ପରେ ସାଧକ ଅନାଦି ଚରଣ ସ୍ୱାଇଁଙ୍କ କରକମଳରେ ପବିତ୍ର ଦେହାଂଶ ସ୍ଥାପନା କରାଯାଇ ଶ୍ରୀତନୁସ୍ମାରକୀ ପ୍ରତିଷ୍ଠା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ମାତୃସନ୍ତାନ, ଭାଇ ଭଉଣୀମାନେ ଅଂଶଗ୍ରହଣ କରିଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ପାଇଁ ସଚେତନତା ବୈଠକ

ଝାରସୁଗୁଡ଼ା, ୯।୧୨(ସମିସ)

ଜିଲ୍ଲାରେ ଲିଙ୍ଗଭିତ୍ତିକ ହିଂସା ହ୍ରାସ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ, ପିଲାମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଏବଂ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଆଦି ସମ୍ବେଦନଶୀଳ ଆଇନଗତ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବାଳିକାମାନଙ୍କ ଅଧିକାର ଓ ସୁରକ୍ଷା ସମ୍ବନ୍ଧିତ ଆଇନ୍, ପକ୍ସୋ ଆଇନ୍, ବାଲ୍ୟ ବିବାହ ଆଇନ୍ ଏବଂ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ସମ୍ବନ୍ଧିତ ଆଇନ୍




ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଲିଙ୍ଗ ଭିତ୍ତିକ ହିଂସା ସମ୍ବନ୍ଧିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ପୋଷ୍ଟରକୁ ମଧ୍ୟ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ 'ସାହେଡା'ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଦେବଗଡ଼: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାରେ ଭାରପ୍ରାପ୍ତ ସିଡିଏମଓ ଡ.ଧର୍ନୁଜୟ ମହାନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡ.ମନୋରଞ୍ଜନ ସାମଲ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର, ଡ.ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଲିଙ୍ଗଭିତ୍ତିକ ହିଂସା ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସଖୀ ସେଣ୍ଟରର କର୍ମଚାରୀ ଉପସ୍ଥିତ ଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର | ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଧର୍ମଶାଳା, ୯।୧୨(ସମିସ)

ଧର୍ମଶାଳା ଥାନା ଜାରକା ଶାନ୍ତିବଜାରସ୍ଥିତ ଜଗନ୍ନାଥ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଧର୍ମଶାଳା ଥାନା ଭବାନୀପୁର ଗ୍ରାମର ଗୌରୀ ପଣ୍ଡିତଙ୍କ ପତ୍ନୀ ରଞ୍ଜିତା ପଣ୍ଡିତ (୫୦) ବୋଲି ଜଣାପଡିଛି।

ସୂଚନା ମୁତାବକ ଗତ ୩ ତାରିଖରେ ରଞ୍ଜିତା ହଠାତ ଅସୁସ୍ଥ ହେବାରୁ ପରିବାର ଲୋକେ ଶାନ୍ତିବଜାରସ୍ଥିତ ଜଗନ୍ନାଥ ମଲ୍ଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ପିତ୍ତକୋଷରେ ଷ୍ଟୋନ୍ ହୋଇଛି ବୋଲି କହି ଅପରେଶନ କରିବାକୁ କହିଥିଲେ। ୪ ତାରିଖରେ ରଞ୍ଜିତାଙ୍କ ଅପରେସନ କରାଯାଇଥିଲା। ତେବେ ଅପରେସନ ପରେ ରଞ୍ଜିତାଙ୍କ ପରିସ୍ରା ବନ୍ଦ ହୋଇଯାଇଥିଲା। ହସ୍ପିଟାଲ ପକ୍ଷରୁ ପରିସ୍ରା କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ପରିସ୍ରା ହୋଇନଥିଲା। ତେଣେ ରଞ୍ଜିତାଙ୍କ ଅସ୍ତ୍ରୋପଚାର କରିଥିବା ଡାକ୍ତର ତାଙ୍କ ବୃକକ୍ ଖରାପ ଥିବା କହି ଶନିବାର ତାଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରିଥିଲେ। ପରିବାର ଲୋକେ ୬ ତାରିଖରେ ରଞ୍ଜିତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ରଞ୍ଜିତା ଚିକିତ୍ସାଧୀନ ଥିବା ଅବସ୍ଥାରେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରଞ୍ଜିତାଙ୍କ ଯକୃତ ଓ ବୃକକ୍ ଖରାପ ହୋଇଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ସେଠାରେ ଡାକ୍ତର କହିଥିଲେ। ଏନେଇ ସୋମବାର ରାତି ୧୧ଟାରେ ରଞ୍ଜିତାଙ୍କ ପୁଅ ହିମାଂଶୁ ଭୂଷଣ ପଣ୍ଡିତ ଜଗନ୍ନାଥ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲର କର୍ତ୍ତୃପକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ, ଭାବାନୀ ପଟ୍ଟନାୟକ ସମେତ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରିଥିବା ଡାକ୍ତର ସତ୍ୟ ଜେନାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଧର୍ମଶାଳା ଥାନାରେ ୭୪୨/୨୫ରେ ଏକ ମାମଲା ରୁଜୁ କରାଯିବା ସହ ମହିଳାଙ୍କ ଶବ ଜବତ କରାଯାଇ ଧର୍ମଶାଳା ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଆଜି ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲୁରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥି ସହିତ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିବା କ୍ଷଣି ମେଡିକାଲ ଉପରେ ଚଢ଼ଉ କରାଯାଇ କାଗଜପତ୍ର ଜବତ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଏ ସଂପର୍କରେ ଜଗନ୍ନାଥ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ।

# ବିଞ୍ଝାରପୁର ଥାନା ଘେରିଲା ଛାତ୍ର ବିଜେଡି

ବିଞ୍ଝାରପୁର, ୯।୧୨(ସମିସ): ବିଜୁ ଛାତ୍ର ଦଳ ସଭାପତି ଲେନିନ୍ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନରେ ଛାତ୍ର ବିଜେଡି ପକ୍ଷରୁ ଶତାଧିକ କର୍ମୀ ଥାନା ଘେରିବା ସହ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସୋସିଆଲ୍ ମିଡିଆରେ ପ୍ରକାଶ ପାଇଥିବା ପିଡିଏସ ଗହମ ବଣ୍ଟନ ସଂପର୍କୀତ ଏକ ପୋଷ୍ଟରେ ବିଶ୍ୱଜିତ ପ୍ରଧାନ ନାମକ ଜଣେ ବ୍ୟକ୍ତି ନିଜର ମତ ରଖିବାକୁ ଯାଇ ବିଧାୟିକାଙ୍କୁ ଜାତିଆଣ ଆକ୍ଷେପ କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ଯାହାକୁ



ନେଇ ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳଙ୍କ ସମେତ ଶତାଧିକ ଯୁବ କର୍ମୀ ଏବଂ ମହିଳା ବିଜେଡି ପକ୍ଷରୁ ଥାନା ଘେରଉ କରାଯାଇଥିଲା। ଅଭିଯୋଗକୁ ୧୨ ଦିନ ବିତିଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁକରି ଚୁପ ବସିଥିବା ବିଜୁ ଛାତ୍ର ଜନତା ଦଳ ଅଭିଯୋଗ କରି ଥାନା ଘେରିଥିଲା। ଆଜିର ଏହି ଘେରଉ କାର୍ଯ୍ୟ କ୍ରମରେ ବିଜୁ ଜନତା ଦଳ ପକ୍ଷରୁ ସୁଖରଞ୍ଜନ ପରିଡ଼ା ଏବଂ ଅଶୋକ ସାହୁ ଛାତ୍ର ବିଜେଡିକୁ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କ ଡିଏସ୍‌ପି ବାମଦେବ ନନ୍ଦଙ୍କୁ ପଚାରିବାରୁ ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଭିଯୁକ୍ତକୁ ଖୁବଶୀଘ୍ର ଧରାଯିବ ବୋଲି କହିଛନ୍ତି।

ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଜାତିକୁ ନେଇ ଅଶାଳୀନ ମନ୍ତବ୍ୟ ଘଟଣାରେ ୧୨ଦିନ ବିତିଯାଇଛି; କିନ୍ତୁ ଏ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଞ୍ଝାରପୁର ଥାନା ଘେରଉ କରାଯାଇଥିଲା। ବିଜୁ ଛାତ୍ର ଜନତା ସଭାପତି ଲେନିନ ଦାସଙ୍କ ସମେତ ଶତାଧିକ କର୍ମୀ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଛନ୍ତି।

# ପାହାଡ଼ ପାର୍ଶ୍ୱରୁ ମୋରମ ଉତ୍ତୋଳନ | ଗ୍ରାମବାସୀଙ୍କ ବିରୋଧ

ଧର୍ମଶାଳା, ୯।୧୨(ସମିସ): ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ଥିବା ଐତିହାସିକ କାଏମା ପାହାଡ ପାର୍ଶ୍ୱରୁ ମୋରମ ତାଡ଼ି ନେଇ ଅନ୍ୟ ଏକ ସ୍ଥାନରେ ରଖା ଯାଉଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସୂଚନା ଅନୁଯାୟୀ କାଏମା ପାହାଡ଼ ପାର୍ଶ୍ୱ ଖୋଳାକୁ ବନ୍ଦ କରିଥିଲେ। ସେତେବେଳକୁ ଏହାଧିକ ଟ୍ରିପ୍ ମୋରମ ସେଠାରେ ଗଚ୍ଛିତ ହୋଇଥିଲା। ଖବର ପାଇ ଠିକାଦାର ଘଟଣାସ୍ଥଳରେ ପହଞ୍ଚି ଏଠାରେ କୌଣସି ଏକ ସରକାରୀ ଘର କରାଯିବ ବୋଲି କହିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଯାହାଫଳରେ



କଲ୍ୟାଣ ମଣ୍ଡପ ନିକଟରୁ ଆଜି ଜଣେ ଠିକାଦାର ଏକ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ପାହାଡ଼ରୁ ମୋରମ ତାଡ଼ି ନେଇ ଅନ୍ୟ ଏକ ସ୍ଥାନରେ ଗଚ୍ଛିତ କରି ରଖୁଥିଲେ। ଯେଉଁ ସ୍ଥାନରେ ପୂର୍ବରୁ ବାଲି ଏବଂ ଡଷ୍ଟ ମହଜୁଦ ରଖାଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବିରୋଧ କରିବା ସହ ମହରମ ପାହାଡ଼ରୁ ମହରମ ତଡ଼ା ବନ୍ଦ ରହିଥିଲା। ତେବେ କାଏମା ପାହାଡ଼ ଏକ ଐତିହ୍ୟ ସମ୍ପନ୍ନ ପାହାଡ଼ ହୋଇ ଥିବା ବେଳେ ଏହା ନିକଟରୁ ବାରମ୍ବାର ଚୋରାରେ ମୋରମ ତଡ଼ାଯାଇ ଅନ୍ୟତ୍ର ଚାଲାଣ ହେଉଛି। ତହସିଲ ପ୍ରଶାସନ ଏଥିରେ ରୋକ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



ବିଞ୍ଝାରପୁର, ୯।୧୨(ସମିସ): ଯାଜପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ମଙ୍ଗଳକାର ଅଚାନକ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଯାଇଛନ୍ତି। ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସଫଳ ମାତୃତ୍ୱ ଯୋଜନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା କିପରି ଚାଲିଛି ତାହା ସେ ଦେଖିବା ସହିତ ବିଭିନ୍ନ ପ୍ରକୋଷ୍ଠ ଏବଂ ନିର୍ମାଣଧୀନ ନୂତନ ଗୃହ ସହ ଅଫିସ୍ କାର୍ଯ୍ୟାଳୟ ମଧ୍ୟ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷିତୀଶ କୁମାର ନାୟକ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ବିଷୟରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇଥିଲେ।

# କନକଲତା ମାଝୀଙ୍କ ସ୍ମୃତିସଭା

ପାଣିକୋଇଲି, ୯।୧୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମର ପ୍ରାକ୍ତନ ସରପଞ୍ଚ ଗୋପବନ୍ଧୁ ମାଝୀଙ୍କ ପତ୍ନୀ ତଥା ଯୁବ ନେତା ଗୋଲକ ଚନ୍ଦ୍ର ମାଝୀଙ୍କ ମା' କନକଲତା ମାଝୀଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରଥମ ସ୍ମୃତିସଭାରେ ଯାଜପୁରର ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ପୂର୍ବତନ ବିଧାୟକ ଅଶୋକ କୁମାର ବଳ, ପ୍ରୀତିରଞ୍ଜନ ଘଡ଼ାଇ, କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, ହରେକୃଷ୍ଣ ସାହୁ, ଯୁବ ନେତା ସୌମ୍ୟରଞ୍ଜନ ଧଳ, ବଳରାମ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭାଜେନା, ସୁରେଖା ସେଠୀ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ଦୈତାରୀ ଧଳ ସମେତ ସମସ୍ତ କମିଟି ସଦସ୍ୟ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ।

# ବଡ଼ଚଣା ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ବଡ଼ଚଣା, ୯।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଡ଼ଚଣା ବ୍ଲକ୍ ସଂଗଠନର ଆଲୋଚନାଚକ୍ର ଓ ସାମ୍ବିଧାନିକ ସମ୍ମିଳନୀ ଭାକୁଡ଼ସ୍ଥିତ କବି ଅନନ୍ତ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଦୟାନିଧି ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡ. ଭାଗ୍ୟଧର ସାହୁ, ବ୍ରଜକିଶୋର ବିଶ୍ୱାଳ, ରଞ୍ଜିତ କୁମାର ଦାଶ, ରଜନୀକାନ୍ତ ପୃଷ୍ଟି, ଡ. ସୁଧିର ଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାକ୍ତନ ସଭାପତି କୃପାସିନ୍ଧୁ ରାଉତ ଓ ଯତିନ୍ଦ୍ର କୁମାରଜେନାଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ ସଂପାଦକ ସତ୍ୟବାଦୀ ପଣ୍ଡା ଗତ କାର୍ଯ୍ୟକାରୀ କମିଟିର ୩ ବର୍ଷର କାର୍ଯ୍ୟଧାରାର ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ୩ବର୍ଷ ପାଇଁ ନୂତନ ଭାବେ ବ୍ଲକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସୁବାସ ଚନ୍ଦ୍ର ମହାପାତ୍ର, ଉପସଭାପତି ସ୍ମୃତିରଞ୍ଜନ ଆଚାର୍ଯ୍ୟ, ଉପସଭାପତି (ମହିଳା) ନିଝୁମ ମହାନ୍ତି, ସଂପାଦକ ସତ୍ୟବାଦୀ ପଣ୍ଡା, ଯୁଗ୍ମ ସମ୍ପାଦକ ନିର୍ମଳ ଚନ୍ଦ୍ର ଦଳାଇ, ପ୍ରଫୁଲ୍ଲ କୁମାର ଦାଶ, ଯୁଗ୍ମ ସମ୍ପାଦିକା ପ୍ରଭାସିନୀ ବେହୁରା, ରାଜ୍ୟ ପରିଷଦ ସଭ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାଲ, ବିଶ୍ୱଜିତ କାନୁନଗୋ, ତପନ କୁମାର ବଳବନ୍ତ ରାୟ ପ୍ରମୁଖ ମନୋନୀତ ହୋଇଥିଲେ। ଏହା ସହିତ ଜିଲ୍ଲା ପରିଷଦ ସଭ୍ୟ, ନିମନ୍ତ୍ରିତ ସଭ୍ୟ, ଉପଦେଷ୍ଟା ଭାବେ କେତେକଙ୍କୁ ମନୋନୀତ କରାଯାଇଥିଲା। ଜିଲ୍ଲା ସଙ୍ଘର ସଭାପତି ସୁନନ୍ଦ କୁମାର ରାଉତ, ସଂପାଦକ ପବିତ୍ର କୁମାର ପଣ୍ଡା, ରାଜ କିଶୋର ପରିଡ଼ା, ଜ୍ଞାନରଞ୍ଜନ ତ୍ରିପାଠୀ, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, ନିର୍ମଳ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ବେହେରା, ମମତା ଦାଶ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ପରେ ନବ ନିର୍ବାଚିତ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ।

# ପାଣିକୋଇଲିରେ ସଡ଼କ ସୁରକ୍ଷା ସଚେତନତା

ପାଣିକୋଇଲି, ୯।୧୨(ସମିସ): ପାଣିକୋଇଲି କାର୍ଯ୍ୟରତ ସାମ୍ବାଦିକ ସମୂହ ପକ୍ଷରୁ ପାଣିକୋଇଲି ବଜାରରେ ପରିବହନ ବିଭାଗ, ପୁଲିସ, ରାଜପଥ ପାଟ୍ରୋଲିଂ ଓ ସମାଜସେବୀଙ୍କ ସହାୟତାରେ ଆଜି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନା ହେଲମେଟରେ ଯାତ୍ରା କରୁଥିବା ବାଇକ ଆରୋହୀ, କଲେଜ ଛାତ୍ରମାନଙ୍କୁ ବିଶେଷ କରି ସଚେତନତା କରାଯାଇଥିଲା। ହେଲମେଟ୍ ପିନ୍ଧିଥିବା ଆରୋହୀଙ୍କୁ ଗୋଲାପ ଫୁଲ, ଚକ୍‌ଲେଟ ଓ ବିନା





ହେଲମେଟଧାରୀଙ୍କୁ ଗୋଲାପ ଫୁଲ ଦେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଏମ୍‌ଭିଆଇ ପ୍ରଦୀପ୍ତ ବେହେରା, ଟି. କିଶୋର କୁମାର ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ, ସୁମିତ କୁଜୁର, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ସମାଜସେବୀ ଶରତ ଚନ୍ଦ୍ର ଦାଶ, କେଶବ ରାଓ ଭୁକ୍ତାଙ୍କ ସମେତ କାର୍ଯ୍ୟରତ ସମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ତୁଷାର ବେଉରା, ପ୍ରଦୀପ ମାଝୀ, ମାନସ ଧଳ, ଭାସ୍କର ସାହୁ, ତାରିଣୀ ପଟ୍ଟନାୟକ, ଅଶୋକ କୁମାର ଦାସ, ହରେକୃଷ୍ଣ ପଣ୍ଡା, ଶୋଭିନ ପରିଡା, ନବ କିଶୋର ସାହୁ, ଗୌରାଂଗ ମହୀ, ବସନ୍ତ କୁମାର ମଲିକ, ଉପେନ୍ଦ୍ର ପାତ୍ର, ବିକାଶ ମଲିକ, ସୌରପ୍ରତାପ ରାୟ, ରଞ୍ଜିତା ପରିଡା, ସୁନିଲ ଓଝା, ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ବିନା ହେଲମେଟ ଧାରୀଙ୍କୁ ଅଟକାଯାଇ ସଚେତନ କରାଯାଇଥିଲା। ସାମ୍ବାଦିକମାନଙ୍କ ଏତାଦୃଶ ସଚେତନତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# ଖରିଫ ଧାନ ସଂଗ୍ରହ ପାଇଁ କର୍ମଶାଳା

ବିଞ୍ଝାରପୁର, ୯ ।୧୨(ସମିସ): ଯୋଗଣ ବିଭାଗ ପକ୍ଷରୁ ଚଳିତଖରିଫ ଧାନ ସଂଗ୍ରହରେ ପରିଚାଳନାରେ ସୁବ୍ୟବସ୍ଥା ଓ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପୂର୍ବାହ୍ନର ଏକ କର୍ମଶାଳା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ବିଞ୍ଝାରପୁର ବ୍ଲକ ଯୋଗାଣ ଅଧିକାରୀ ଆନିବେଶନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା ବେଳେ କର୍ମଶାଳାରେ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସମ୍ପାଦିକା ଓ ସମସ୍ତ ଡାଟା ଏଣ୍ଟ୍ରି ଅପରେଟର ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଦେବଦତ୍ତ ମହାନ୍ତି, ସିଇଓ କିଶୋର ଦଳେଇ, ମଣିରଞ୍ଜନ ମିଶ୍ର ବିପିସି ମିଶନଶକ୍ତି ପ୍ରିୟଙ୍କା ମହାନ୍ତି, ଅମିତ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ସମସ୍ତ ସମ୍ପାଦକ ଓ ସମ୍ପାଦିକା, ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ କିପରି ଖରିଫ ଧାନ ସଂଗ୍ରହ ସ୍ୱଚ୍ଛତା ସହ ହୋଇପାରିବ ସେଥିପାଇଁ ତାଲିମ ଦେଇଥିଲେ। ଏଥିରେ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## କାମଧେନୁ ଯୋଜନା

# ବୀମା ସହାୟତା ପାଉନାହାନ୍ତି ଚାଷୀ

କୁଆଖିଆ, ୯।୧୨(ସମିସ):

ଗୋପାଳନ କରି ଆତ୍ମ ନିର୍ଭରଶୀଳ ହେବାକୁ ସରକାର କାମଧେନୁ ଯୋଜନା ପ୍ରଚଳନ କରିଛନ୍ତି। କିନ୍ତୁ ଏହି ଯୋଜନାରୁ ଚାଷୀମାନେ ସୁଫଳ ପାଇବା ତୁଳନାରେ ଶୋଷଣର ଶିକାର ହେବା ସହ କ୍ଷତି ମଧ୍ୟ ସହୁଛନ୍ତି। ଏହି ଯୋଜନାରେ ବାହାର ରାଜ୍ୟରୁ ଗାଈ କିଣିବାକୁ ପଡୁଥିବାରୁ ଏଥିରେ ଚାଷୀର କ୍ଷତି ହେଉଛି। ଦଲାଲମାନେ ଯେଉଁ ଫାର୍ମରୁ ଗାଈ କିଣାଇ ଦେଉଛନ୍ତି ସେମାନଙ୍କ ସହିତ ସଲାସୁତୁରା କରି ଅଳ୍ପ ଦାମର ଗାଈକୁ ଅଧିକ ଦାମରେ ଚାଷୀଙ୍କୁ କିଣାଇ ଦେବା ଫଳରେ ସେମାନଙ୍କର କ୍ଷତି ହେଉଛି। ତେବେ ଦଲାଲ କିଏ ଠିକ୍ କରୁଛି। ଚାଷୀ କହୁଛନ୍ତି ଫାର୍ମ ସହିତ ଦଲାଲ ବ୍ଲକ୍ ପ୍ରାଣୀ ସମ୍ପଦ ବିଭାଗ ଅଫିସ ଲୋକ ଠିକ କରୁଛନ୍ତି। କିନ୍ତୁ ଭିଏଏସ୍ ଏକଥା ଅସ୍ୱୀକାର କରୁଛନ୍ତି। ଲୋକମାନେ ନିଜେ ଦଲାଲ ଠିକ୍ କରୁଛନ୍ତି ଓ କେଉଁଠୁ ଗାଈ କିଣିବେ ଠିକ୍ କରି ଆବଶ୍ୟକ କାଗଜପତ୍ର ଦେଲେ ଆମେ କେବଳ ସ୍ୱୀକୃତି ଦେଉଛୁ ବୋଲି ଭିଏଏସ୍ ଡା. ସନ୍ଦୀପ କୁମାର ବାରିକ ସୂଚନା ଦେଇଛନ୍ତି। ପ୍ରକୃତରେ କିଏ ସତ କହୁଛି ତାହା ତଦନ୍ତ ସାପେକ୍ଷ। ଦୁଇଟି ଗାଈ କିଣିଲେ ସବସିଡ୍ ବାବଦକୁ ୧ଲକ୍ଷ ୬୧ ହଜାର ଟଙ୍କା ମିଳୁଥିବା ବେଳେ ଏତିକି ଅର୍ଥ ହିତାଧିକାରୀ ଚାଷୀର ବ୍ୟାଙ୍କ ଖାତାକୁ ଆସୁଛି। କିନ୍ତୁ ଯୋଜନା କରି ଗାଈ କିଣୁଥିବା ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଇ ଦିଆଯାଉଛି। ୧ଲକ୍ଷ ୬୧ହଜାର ଟଙ୍କା ସବସିଡ୍ ମିଳୁଥିଲେ ବି କେବଳ ଗାଈ ଦୁଇଟି ଯାହା ମାଗଣାରେ ମିଳୁଛି ବାକି ଟଙ୍କା ଦଲାଲମାନେ ଖାଇ ଯାଉଛନ୍ତି ବୋଲି ଚାଷୀ କହୁଛନ୍ତି। ଏହି ଯୋଜନାରେ କିଣା ହୋଇଥିବା ଗାଈ ଗୁଡିକ ବୀମାଭୁକ୍ତ ହୋଇଥାନ୍ତି। ଯଦି ବୀମା ଅବଧି ସମୟରେ କୌଣସି ଗାଈ ମରିଯାଏ ତା'ହେଲେ ଚାଷୀକୁ କ୍ଷତିପୂରଣ ମିଳିବ। କିନ୍ତୁ ଏହି ଯୋଜନାରେ ଗାଈ କିଣିବା ପରେ ଗାଈ ମରିଯାଇଥିଲେ ବି ଏପର୍ଯ୍ୟନ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଏସଂପର୍କରେ ରସୁଲପୁର ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଜ୍ୟୋତିରଞ୍ଜନ ମହାନ୍ତି କୁହନ୍ତି ଯେ ଅନଲାଇନ୍‌ରେ ସବୁ କାଗଜପତ୍ର କାମ ହେଉଥିବାରୁ ବୀମା ଅର୍ଥ ମିଳିବାରେ ବିଳମ୍ବ ହେଉଛି। କିନ୍ତୁ ଖୁବ୍‌ଶୀଘ୍ର ଏହି ଅର୍ଥ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ। ଚଳିତ ମାସରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ପ୍ରଦର୍ଶନୀ ପୂର୍ବରୁ ଏହି ବୀମାରାଶି ମିଳିଯିବ ବୋଲି ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଡିଓ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ଜଳିଗଲା ସ୍କୁଟି



ପାଣିକୋଇଲି, ୯।୧୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଦଧିବାମନଜୀଉ ମନ୍ଦିର ଓ ମଠ ପ୍ରାଙ୍ଗଣରେ ଆଜି ଏକ ସ୍କୁଟି ଜଳିଯାଇଛି। ପ୍ରକାଶଯେ କରଦା ପଞ୍ଚାୟତ ବାଘନଟା ଗ୍ରାମର ସବରସାହିର କୁଶ ଜେନାଙ୍କ ପୁଅ ଲକ୍ଷ୍ମଣ ଜେନା ତାଙ୍କ ସ୍କୁଟିକୁ ନେଇ କରଦାରୁ ଯାଉଥିବା ସମୟରେ ହଠାତ ସ୍କୁଟିରେ ନିଆଁ ଲାଗିଥିଲା। ନିଆଁ ଦେଖି ଲକ୍ଷ୍ମଣ ସ୍କୁଟିଟି ଛାଡି ପଳାଇଥିଲେ। ଚାହୁଁ ଚାହୁଁ ସ୍କୁଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସର୍ଟସର୍କିଟ ଯୋଗୁ ଏହି କାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

● ଅପହୃତା ନାବାଳିକା ଉଦ୍ଧାର

# ଅପହରଣକାରୀ କୋର୍ଟଚାଲାଣ

ପାଣିକୋଇଲି, ୯।୧୨(ସମିସ): ପାଣିକୋଇଲି ପୁଲିସ ଏକ ଅପହରଣ ମାମଲାରେ ନାବଳିକାକୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଗ୍ରାମର ଜଣେ ନାବଳିକା ନିଖୋଜ ହେବା ନେଇ ଏକ ମାମଲା ୩୫୮/୨୫ରେ ଗତ ନଭେମ୍ବର ୧ ତାରିଖରେ ରୁଜୁ ହୋଇଥିଲା। ପୁଲିସ୍ ତଦନ୍ତ କରି ଅଭିଯୋଗ ମୁତାବକ ଉକ୍ତ ଯୁବକକୁ ଧରିବାକୁ ପୁଲିସ ପ୍ରୟାସ ଜାରି ରଖିଥିଲା। ସେମାନେ କେରଳରେ ଥିବା ପୁଲିସ୍ ଖବର ପାଇଥିଲା। ଏସ୍‌ଆଇ ସୁମିତ କୁଜୁରଙ୍କୁ କେରଳ ପଠାଯାଇଥିଲା। ମାତ୍ର ସେଠାରେ ପୁଲିସ ପହଞ୍ଚିବା ପୂର୍ବରୁ ନାବାଳିକା ଓ ଅପହରଣକାରୀ ଫେରାର ହୋଇଯାଇଥିଲେ। ପୁଲିସ ସେଠାରେ ସପ୍ତାହ କାଳ ରହି ତଦନ୍ତକୁ ଘନୀଭୁତ କରିଥିଲା। ପରେ ବାଂଗାଲୋର ଯାଇ ସେଠାରେ ଅପହରଣକାରୀ ସହିତ ଅପହୃତା ନାବାଳିକାକୁ ଉଦ୍ଧାର କରିଥିଲା। ସେମାନଙ୍କୁ ଥାନାକୁ ଆଣିବା ପରେ ନାବାଳିକାର ୧୬୪ ବୟାନ ରେକର୍ଡ କରି ତାକୁ ସ୍ୱଧାର ଗୃହରେ ଛାଡ଼ିବା ସହ ଆଜି ଅପହରଣକାରୀକୁ ପାଣିକୋଇଲି ମହାବୀର କଲୋନୀର ଅର୍ଜୁନ ପରିଡ଼ାଙ୍କ ପୁଅ ବଳରାମ ପରିଡ଼ା (୨୩) କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ମିନତୀ ବେହେରାଙ୍କ ସୂଚନା ଦେଇଛନ୍ତି।

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ



ସିଂହପୁର, ୯।୧୨(ସମିସ): ଚଳନ୍ତା ବସ୍‌ରେ ଲାଗିଲା ନିଆଁ। ଅଳ୍ପକେ ବର୍ତ୍ତିଲେ ଯାତ୍ରୀ। ଏଭଳି ଘଟଣା ବିଞ୍ଝାରପୁର ଅନ୍ତର୍ଗତ ଫତେପୁର ଠାରେ ଘଟିଛି। ସକାଳ ୫ଟାରେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ 'ରାହି' ନାମକ ଏକ ଯାତ୍ରୀବାହୀ ବସ୍ ସିଂହପୁର ଅଭିମୁଖେ ଆସୁଥିବା ବେଳେ ଫତେପୁର ପୋଖରୀ ଛକଠାରେ ବସ୍‌ର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ସାଧାରଣ ଲୋକେ ନିଆଁ ଲାଗିଥିବା ଦେଖି ଚଳନ୍ତା ବସ୍‌କୁ ଅଟକାଇଥିଲେ। ଡ୍ରାଇଭର ଓ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିଥିଲେ। ଯାତ୍ରୀ ମାନେ ତୁରନ୍ତ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ଏହି ବସ୍‌ରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ଏକ ବଡ଼ ଧରଣର ବିପଦରୁ ଅଳ୍ପକେ ଯାତ୍ରୀମାନେ ବର୍ତ୍ତିଯାଇଥିଲେ। ତେବେ କେଉଁ କାରଣରୁ ବସ୍‌ରେ ନିଆଁ ଲାଗିଥିଲା ତାହା ଜଣାପଡ଼ିନଥିବା ବେଳେ ବସ୍‌ର ଡ୍ରାଇଭରଙ୍କ କହିବାନୁଯାଇ କୌଣସି ୱାରି ଫ୍ଲଟ ଯୋଗୁଁ ଏଭଳି ଘଟିଥାଇପରେ। ନିୟମିତ ଗାଡି ଯାଞ୍ଚ କରାଯାଇଥାଏ। ମାତ୍ର କୌଣସି ସମସ୍ୟା ନଥିବା ବେଳେ ହଠାତ ଗାଡ଼ିରେ ନିଆଁ ଲାଗିଯିବା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଗୋଲା ସମାଜର ପ୍ରତିଷ୍ଠାତାଙ୍କ ସ୍ମୃତିସଭା



ବରୀ, ୯ ।୧୨(ସମିସ): ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସ୍ୱଜାତୀୟ ଭାଇମାନଙ୍କୁ ଏକଜୁଟ କରି ନିଖିଳ ଉତ୍କଳ ଗୋଲା ସମାଜକୁ ପ୍ରତିଷ୍ଠା କରିଥିବା ବରୀ ଅଞ୍ଚଳର ସମାଜସେବୀ ଲୋକନାଥ ଦାସଙ୍କ ସ୍ମୃତିସଭା ଭୁବନେଶ୍ୱର ରେଡକ୍ରସ ଭବନରେ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କର ବହୁବିଧ ସମସ୍ୟା ସମାଧାନର ଶିକ୍ଷକ ସଂଗଠନର ନେତୃତ୍ୱ, ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା ନିମିତ୍ତ ବ୍ରାହ୍ମଣୀ ବଞ୍ଚାଅ ଆନ୍ଦୋଳନ, ଘେରିବନ୍ଧ ନିର୍ମାଣ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ନିଜକୁ ସାମିଲ କରିବାରେ ସ୍ୱର୍ଗତ ଦାସଙ୍କ ଗୁଣାବଳିକୁ ଡ. ନୃସିଂହ ଚରଣ ବେହେରା, କର୍ଣ୍ଣଚନ୍ଦ୍ର ଘଡ଼ାଇ, ବିଜୟ ଘୋଷ, ରଘୁନାଥ ବେହେରା, ବିଜୟ ମଲ୍ଲ, ପ୍ରେମାନନ୍ଦ ବେହେରା, ଚିନ୍ତାମଣି ଜେନା ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱରର ନିରଞ୍ଜନ ଗିରି, ବାସୁଦେବ ମହାପାତ୍ର ଓ ଯାଜପୁରର ଅନିରୁଦ୍ଧ ମଲ୍ଲ, ଅଶୋକ କୁମାର ବେହେରା, ସ୍ୱର୍ଣ୍ଣଲତା ଜେନା, କେନ୍ଦୁଝରର ଅଲେଖ ଚନ୍ଦ୍ର ଦାସ, ଗଞ୍ଜାମର ଜୟଦେବ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଭିରାମ ମଲ୍ଲ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ୨୫ତମ ଆନ୍ତଃମହାବିଦ୍ୟାଳୟ ଆଥଲେଟିକ୍ସ ମିଟ୍



ବାଲେଶ୍ୱର,୯।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଆଥ୍ଲେଟିକ୍ସ ମିଟ୍ (ପୁରୁଷ ଓ ମହିଳା) ଆରମ୍ଭ ହୋଇଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ୩୦ଟି କଲେଜର ଅଂଶଗ୍ରାହୀମାନଙ୍କ ସମାବେଶ ସହିତ ଆରମ୍ଭ ହୋଇଥିଲା। ପ୍ରତି ମହାବିଦ୍ୟାଳୟ ଖେଳାଳିଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ୍ ପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପତାକାରୋହଣ ପରେ ଉଦ୍‌ଘାଟନୀ ହୋଇଥିଲା। କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥିମାନଙ୍କ ପରିଚୟ ସହ ଶୁଭେଚ୍ଛା ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା ପ୍ରମୁଖ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଉଦବୋଧନରେ ସମ୍ପୂର୍ଣ୍ଣ ଶିକ୍ଷା, ଶିଷ୍ଟାଚାର ଓ ଯୁବଶକ୍ତିର ସଶକ୍ତିକରଣରେ କ୍ରୀଡାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଅଂଶଗ୍ରାହୀମାନଙ୍କ ପକ୍ଷରୁ କ୍ରୀଡା ଶପଥ ଗ୍ରହଣ କରାଯାଇଥିଲା, ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇ ପାଠ କରାଇଥିଲେ। କ୍ରୀଡା ପରିଷଦ ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ ପ୍ରଦାନ କରି ସମସ୍ତ ଅତିଥି, ଅଂଶଗ୍ରାହୀ, ଶିକ୍ଷକ, କର୍ମଚାରୀ ଓ ସେବକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ରାତି ଅଧିଆ ଜଳପଥରେ ଚୋରା ଚାଲାଣ ପ୍ରସଙ୍ଗ

# ବୋଟ୍ ମାଲିକଙ୍କୁ ଧରିବାରେ ପୁଲିସ ବିଫଳ

ବାଲେଶ୍ୱର,୯।୧୨(ସମିସ)

ଜଳପଥରେ ବୋଟ୍ ଥିବା ବେଳେ ସ୍ଥଳ ପଥରେ କଣ୍ଟେନର୍ ପ୍ରସ୍ତୁତ ରହିଥିଲା। ରାତି ଅଧିଆ ଚୋରା ଚାଲାଣ ପାଇଁ ବୋଟ୍‌ରେ ଥିବା ବସ୍ତା ବସ୍ତା ଗୁଆ କଣ୍ଟେନରରେ ଲୋଡ୍ ହେଉଥିଲା। କିଛି ଦିନ ତଳେ ରାତି ଅଧିଆ ଜଳପଥରେ ଚୋରା ଚାଲାଣ ଚାଲିଥିଲା ବସ୍ତା ବସ୍ତା ଗୁଆ। ପଶ୍ଚିମବଙ୍ଗରୁ ଜଳପଥରେ ବୋଟ୍‌ରେ ଆସି ବାଲେଶ୍ୱରରେ କଣ୍ଟେନରରେ ଅନଲୋଡ୍ ହେଉଥିବା ସମୟରେ ଚୋରା କାରବାର ଧରାପଡିଥିଲା। ଏହି ଘଟଣା ଗତ ମାସ ୯ ତାରିଖ ଦିନ ଘଟିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ଏବଂ ସମ୍ପୃକ୍ତ ଅପରାଧୀ ଗିରଫ ହୋଇନାହାନ୍ତି। ବିଧାନସଭାରେ ଏହାକୁ ନେଇ ପ୍ରଶ୍ନ ଉଠିଛି।

ବାହାବଳପୁର ମତ୍ସ୍ୟ ଜେଟି ଦେଇ ବାଙ୍ଗଲାଦେଶରୁ ଅବୈଧ ଭାବେ ବୋଟରେ ଗୁଆ ଚାଲାଣ ହେଉଥିବା କଥା ଜାଣି ସ୍ଥାନୀୟ ପୁଲିସ ସାହାଯ୍ୟରେ ଯେଉଁ କେସ୍ ଏବଂ ଜବତ ହୋଇଥିବା ମାମଲାର ବର୍ତ୍ତମାନ ସ୍ଥିତାବସ୍ଥା କ'ଣ, କେତେ ବୁରା ଅଛି, ଜିଏସଟି କୁ କ'ଣ ପାଇଁ ଏଯାବତ ଏହାର ତଥ୍ୟ ଦିଆଯାଇନାହିଁ; ଅବୈଧ ଚାଲାଣକୁ ନେଇ ପୁଲିସର ଶୀତଳତା କଣ ପାଇଁ ; ଏହା ସହିତ ବୋଟ ମାଲିକ ତଥା ଏହା ସହିତ ଜଡ଼ିତ ଥିବା ଲୋକଙ୍କୁ ଏଯାବତ୍ ଆଇନ ପରିସରଭୁକ୍ତ ନ କରିବାର କାରଣ କଣ ବୋଲି ପ୍ରଶ୍ନ କରାଯାଇଛି। ଯାହାର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଖିଛନ୍ତି। ଏହାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବାଲେଶ୍ୱର ଜିଲ୍ଲା କଷାଫଳ ସାମୁଦ୍ରିକ ଥାନା ଦ୍ୱାରା ଗତ ମାସ ୮ ତାରିଖରେ ମା' ଡଙ୍ଗାରୁ ୨୪ ହଜାର ୫୪୦ କିଲୋଗ୍ରାମ ଓଜନର ୪୦୮ ବସ୍ତା ଗୁଆ (ସୁପାରୀ) ଓ 'ପୂଜା' ଡଙ୍ଗାରୁ ୧୫ ହଜାର ୩୬୦ କିଲୋଗ୍ରାମ ଓଜନର ୨୫୬ ବସ୍ତା ଗୁଆ ଜବତ କରାଯାଇ କଷାଫଳ ମେରାଇନ୍ ପୋଲିସ ଷ୍ଟେସନ୍ କେସ୍ ନମ୍ବର ୩୬ ରେ ୧୦ ତାରିଖ ଦିନ ଧାରା ୩୦୩(୨)/୩୧୭ (୨)/୩(୫) ବି.ଏନ୍.ଏସ୍. ପଞ୍ଜୀକୃତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀକୁ ଥାନାରେ ଉପଯୁକ୍ତ ନଜରରେ ରଖାଯାଇଛି। ଡେପୁଟି କମିଶନର ସିଟି ଆଣ୍ଡ ଜିଏସଟି ପ୍ରବର୍ତ୍ତନ ୟୁନିଟ୍, ବାଲେଶ୍ୱରକୁ କଷାଫଳ ସାମୁଦ୍ରିକ ଥାନାର ଚିଠି ନମ୍ବର ୧୩୩୩/୨୧ ତାରିଖ ଦିନ ପଠାଇ ଜବତ ଡଙ୍ଗା ଏବଂ ଏଥିରେ ଥିବା ଗୁଆ (ସୁପାରୀ) ମୋଟ ୬୬୫ ବସ୍ତା ଯାଞ୍ଚ କରିବାକୁ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଏସଟି ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। କଷାଫଳ ସାମୁଦ୍ରିକ ଥାନା ଦ୍ୱାରା "ପୂଜା" ଏବଂ "ମା" ନାମକ ଜବତ ହୋଇଥିବା ଦୁଇଟି ଡଙ୍ଗା ଯାହାର ପଶ୍ଚିମବଙ୍ଗ ପଞ୍ଜୀକରଣ ନମ୍ବର ଅଛି ଏବଂ ଏହି ଦୁଇଟି ଡଙ୍ଗାର ମାଲିକ ସଞ୍ଜିତ ଦାସ, ଅଖାୟାନଗର, କାକଦ୍ୱୀପ, ହାରଉଡ୍ କୋଷ୍ଟାଲ ପୁଲିସ ଷ୍ଟେସନ୍, ଜିଲ୍ଲା-ଦକ୍ଷିଣ ୨୪ ପରଗଣା, ରାଜ୍ୟ- ପଶ୍ଚିମବଙ୍ଗ ଅଟେ। ଗତ ମାସ ୨୨ ତାରିଖରେ ତଦନ୍ତ ସମୟରେ କଷାଫଳ ସାମୁଦ୍ରିକ ଥାନାର ଇନ୍ସପେକ୍ଟର ତାଙ୍କ ଦଳ ସହିତ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗଣା ଜିଲ୍ଲାର କାକଦ୍ୱୀପକୁ ଯାଇ ଉକ୍ତ ଡଙ୍ଗାର ମାଲିକାନା ସମ୍ପର୍କରେ ଯାଞ୍ଚ କରିଥିଲେ। ମାଲିକ ସଞ୍ଜିତ ଦାସଙ୍କୁ ଖୋଜିବା ପାଇଁ କାକଦ୍ୱୀପ, ହାରଉଡ୍ କୋଷ୍ଟାଲ ପୋଲିସ ଷ୍ଟେସନ୍, ସୁନ୍ଦରବନ ଜିଲ୍ଲା ପ୍ରଶାସନ ଏବଂ କାକଦ୍ୱୀପ ବୋଟ୍ ଆସୋସିଏସନ୍ ସହିତ ସମ୍ପର୍କ କରି ୨ ଟି ଡଙ୍ଗା ଜବତ କରାଯାଇଥିଲା, କିନ୍ତୁ ମାଲିକଙ୍କୁ ଖୋଜିବାରେ ସଫଳତା ମିଳିନଥିଲା। ଏତଦ୍ ବ୍ୟତୀତ କଷାଫଳ ମେରାଇନ ପି.ଏସ୍. କେସ ନମ୍ବର ୩୬ ରେ ଗତ ମାସ ୧୦ ତାରିଖ ବି ଏନ୍ ଏସ୍ ସହିତ ଜଡିତ ସୁପାରୀ ନିଲାମ ପାଇଁ ଜେଏମ ଏଫ୍ ସି (ଗ୍ରାମୀଣ) ବାଲେଶ୍ୱରର କୋର୍ଟରେ ଆବେଦନ କରାଯାଇଛି। ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି। ଅଭିଯୁକ୍ତ ଏବଂ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଛନ୍ତି। ସେଦିନ ସୁପାରି କେଉଁଠାରୁ ଆସୁଥିଲା ଏବଂ କେଉଁଠାକୁ ଯାଉଥିଲା, ଜଳପଥରେ ରାତି ଅଧରେ କାହିଁକି ବେଆଇନ ଚାଲାଣ କରାଯାଉଥିଲା, ଏ ଘଟଣାରେ କାହାର ସମ୍ପୃକ୍ତି ରହିଛି ଏହାର ସମସ୍ତ ତଥ୍ୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅଭ୍ୟର୍ଥନା କମିଟି ବୈଠକ



ବାଲେଶ୍ୱର,୯ ।୧୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ଆସନ୍ତା ୧୮ ତାରିଖରେ ସ୍ଥାନୀୟ ସ୍ଥିତ ଗାନ୍ଧିସ୍ମୃତି ଭବନରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ମିଳିତ ଭାବେ ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ଆଜି ଅପରାହ୍ନରେ ଉଠାଜଳ ସେଚନ କର୍ମଚାରୀ ଭବନରେ ଏଥିପାଇଁ ଗଠିତ ଅଭ୍ୟର୍ଥନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭ୍ୟର୍ଥନା କମିଟିର ସାଧାରଣ ସମ୍ପାଦକ ତଥା ପାର୍ଟିର ବାଲେଶ୍ୱର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ଭଦ୍ରକ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି ନିଜ ଜିଲ୍ଲାସ୍ତରରେ ପ୍ରସ୍ତୁତି ସମ୍ପର୍କରେ ଗୃହିତ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଶତବାର୍ଷିକ ସମାରୋହ ଅବସରରେ ବାଲେଶ୍ୱର ସହରରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଓ ମଧ୍ୟାହ୍ନରେ ସାଧାରଣ ସଭା ଅନୁଷ୍ଠିତ ହେବ। ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ର ଓ ସହ ସମ୍ପାଦକ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସମାରୋହ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ବାରିକ, ଅନାମ ପ୍ରସାଦ ବାରିକ, ବନ୍ଦନା ବିଶ୍ୱାସ, ପ୍ରଭାତ ମିଶ୍ର, ଶଶୀକାନ୍ତ ପଣ୍ଡା, ଆଶୁତୋଷ ପରିଡ଼ା, ଆଲୋକ ଦାସ, ଜତିନ ପାତ୍ର, ବିଜୟ ସ, ମନୋରଞ୍ଜନ ରାଉତ, ନିରଞ୍ଜନ ଦାସ ଓ ସୁରେନ୍ଦ୍ର ବେହେରା ପ୍ରମୁଖ ନିଜସ୍ୱ ଅଂଚଳରେ ଶତବାର୍ଷିକର ସଫଳତା ପାଇଁ ପ୍ରସ୍ତୁତି ସମ୍ପର୍କରେ ଜଣାଇଥିଲେ। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ୧୩ରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାତୀୟ ଲୋକ ଅଦାଲତ

ବାଲେଶ୍ୱର, ୯।୧୨(ସମିସ): ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚତୁର୍ଥ ଜାତୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ଡିସେମ୍ବର ୧୩ ତାରିଖ ଶନିବାର ଦିନ ଡିଭିଜନ, ସବ-ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ। ଏହି ଲୋକ ଅଦାଲତ ସକାଳ ୯ଟା ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଏ ସମ୍ପର୍କିତ ଅଧିକ ସୂଚନା ଡିଭିଜନ କାର୍ଯ୍ୟାଳୟରେ ପାଇପାଇବେ। ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ଆପଣଙ୍କ ନିକଟସ୍ଥ ଟିପିଏନଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏ ସମ୍ପର୍କିତ ସହାୟତା ପାଇ ପାରିବେ। ବର୍ଷର ଅନ୍ତିମ ଲୋକ ଅଦାଲତକୁ ହାତଛଡ଼ା ନକରି ଅନଧିକୃତ ବିଜୁଳି ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସହିତ ଜଡିତ ପ୍ରବର୍ତ୍ତନ ମାମଲାଗୁଡିକର ସମାଧାନ ପାଇଁ ନିକଟସ୍ଥ ବିଦ୍ୟୁତ୍ ଉପଖଣ୍ଡ/ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ ରହିବାକୁ ମଧ ଉପଭୋକ୍ତାମାନଙ୍କୁ ଟିପିଏନଓଡିଏଲ ପରାମର୍ଶ ଦେଇଛି।

TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ମା' ଅନ୍ନପୂର୍ଣ୍ଣା ସାର୍ଭ ସୋସାଇଟି ପକ୍ଷରୁ ସହାୟତା



ଚନ୍ଦନେଶ୍ୱର, ୯।୧୨ (ସମିସ): ଭୋଗରାଇ ବ୍ଲକ ରସଲପୁର ପଞ୍ଚାୟତ ଅନ୍ତର୍ଗତ ରସଲପୁର ଗ୍ରାମରେ ମା' ଅନ୍ନପୂର୍ଣ୍ଣା ସାର୍ଭ ସୋସାଇଟି ଦ୍ୱାରା ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମର ୬ ଜଣ ଅସହାୟା ବିଧବା ଚାଷୀଙ୍କୁ ୫ କିଲୋଗ୍ରାମ ଲେଖାଏଁ ଉନ୍ନତ ମାନର କିସମର ବିହନ ମାଗଣା ପ୍ରଦାନ କରିଥିଲେ। ଏଥିରେ ସୋସାଇଟିର ସଭାପତି ସୁଶାନ୍ତ କୁମାର ପରିଡା, ସମ୍ପାଦକ ମନୋଜ କୁମାର ପଣ୍ଡା, କୋଷାଧ୍ୟକ୍ଷ ଲମ୍ବୋଦର ଜେନାଙ୍କ ସହିତ ପ୍ରଶାନ୍ତ ଜେନା, ଯଦୁନାଥ ଜେନା, ପବନ ପାତ୍ର, ଶମ୍ଭୁ ନାଥ ମଣ୍ଡଳ ଇତ୍ୟାଦି ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ଆନ୍ଦୋଳନ; ବିଦ୍ୟାଳୟରେ ପାଠପଢ଼ା ଠପ୍

ବାଲେଶ୍ୱର,୯ ।୧୨(ସମିସ): ରାଜଧାନୀ ରାଜରାସ୍ତାରେ ଏବେ ଶିକ୍ଷକ। ଶିକ୍ଷକମାନେ ସେମାନଙ୍କର ନ୍ୟାଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଥିବା ବେଳେ ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଝାଡେଶ୍ୱର ପ୍ରାଥମିକ ବିଦ୍ୟାଳୟରେ। ରାଜଧାନୀ ରାଜରାସ୍ତାରେ ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ଏବେ ସ୍କୁଲରେ ଶିକ୍ଷକମାନଙ୍କ ଖାଲି ପଡିଛି। ଶିକ୍ଷକମାନେ ସେମାନଙ୍କର ଦାବି ପୂରଣ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇ ଥିବା ବେଳେ ଏବେ ବିଭିନ୍ନ ସ୍କୁଲମାନଙ୍କରେ ଶିକ୍ଷକମାନଙ୍କ ସ୍ଥାନ ଖାଲିପଡ଼ିଛି। ଏହାରି ମାଧ୍ୟମରେ ସହରର ଝାଡେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଏଭଳି କିଛି ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ଥିବା ବେଳେ ଶିକ୍ଷକ ନାହାନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରମଣୀ ପ୍ରାମାଣିକ କହିଛନ୍ତି ଯେ, ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ପିଲା ପାଠ ପଢୁଛନ୍ତି। କିନ୍ତୁ ଶିକ୍ଷକ ନାହାନ୍ତି। ଯେଉଁ ଶିକ୍ଷକମାନେ ଅଛନ୍ତି ସେମାନେ ବଡ ପିଲାମାନଙ୍କ ଶ୍ରେଣୀ କରୁଛନ୍ତି। ଏପରିକି ବିଦ୍ୟାଳୟରେ ମୋଟ ୪ଜଣ ଶିକ୍ଷକ ଥିବା ବେଳେ ଜଣେ ଛୁଟିରେ ଥିବା ଅନ୍ୟ ତିନି ଜଣ ବଡ ଶ୍ରେଣୀର ପିଲାମାନଙ୍କର କ୍ଲାସ କରୁଛନ୍ତି। ଏହାଛଡା ଯେଉଁ ଶିକ୍ଷକମାନେ ଆନ୍ଦୋଳନକୁ ଯାଇଛନ୍ତି ସେମାନେ ପିଲାମାନଙ୍କ ଭିବଷ୍ୟତକୁ ଆଖି ଆଗରେ ରଖି ପର୍ଯ୍ୟାୟକ୍ରମେ ଆନ୍ଦୋଳନରେ ସାମିଲ ହେଉଛନ୍ତି ବୋଲି କହିଛନ୍ତି। ଏ ନେଇ ଛାତ୍ର ଲଳିତ ସାହୁ କହିଛନ୍ତି ଯେ, ଆଜି ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଆମମାନଙ୍କୁ ପଢ଼ାଇବା ପାଇଁ କୌଣସି ଶିକ୍ଷକ ନଥିବା ବେଳେ ଆମେ ନିଜେ ବହି ଖୋଲି ପାଠ ପଢୁଛୁ।

## ବ୍ୟାସୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୯।୧୨(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବର ଉଦ୍‌ଯାପିତ ହୋଇଛି। ନାଟ୍ୟ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଉପ ନିରୀକ୍ଷକ, ପୂର୍ବାଞ୍ଚଳ ଜୋନ ପିନାକ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ, ଡି ଆର୍ ଡି ଓ ର ଉପ ନିର୍ଦ୍ଦେଶକ ସାଏଦ ମୂର୍ଷିଦ୍ ଅଲ୍ଲୀ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମିନା ଦାସ ଯୋଗ ଦେଇଥିଲେ।। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗ ଦେଇ ନିଜର ବହୁମୂଲ୍ୟ ମାର୍ଗ ଦର୍ଶନ ଦେଇଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା। ନାଟ୍ୟ ପରିଷଦର ଉପସଭାପତି ଡ. ସୋନାଲିସା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ବୈଶାଳିନୀ ପଣ୍ଡା ଓ ଲକ୍ଷ୍ମୀନାରାୟଣ ନାୟକ ମଞ୍ଚ ପରିଚାଳନା କରିଥିଲେ।। ଅଧ୍ୟାପିକା ଅପର୍ଣ୍ଣା ସେଠୀ, ଶାଶ୍ୱତୀ ଦାସ ମହାପାତ୍ର, ବନିତା ମାଝୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୀନା କୁମାରୀ ସାମଲଙ୍କ ନିର୍ଦ୍ଦେଶିତ ଓ ଅଧ୍ୟାପକ ପିତାମ୍ବର ବେହେରାଙ୍କ ସହ ନିର୍ଦ୍ଦେଶିତ ନର ଦେହେ ନାରାୟଣ ନାଟକ ମଞ୍ଚସ୍ଥ ହେଇଥିଲା। ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସତ୍ୟବ୍ରତ ଜେନା ଓ ମହେନ୍ଦ୍ର ପ୍ରତାପ ଜେନା ଏହି ଉତ୍ସବରେ ଯୋଗ ଦେଇ ପିଲାଙ୍କ ମନ ଜିତିଥିଲେ। ରାମ୍ପ ୱାକ୍ ପିଲାଙ୍କ ମଧ ରେ ମୁଖ୍ୟ ଆକର୍ଷଣ ସାଜିଥିଲା। ଅଧ୍ୟାପକ ସୁଜିତ୍ ଦାସ ଧନ୍ୟବାଦ୍ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଉର୍ଜା ମହୋତ୍ସବ






ବାଲେଶ୍ୱର,୯।୧୨(ସମିସ)

ଜିଲ୍ଲାସ୍ତରୀୟ ଉର୍ଜା ମହୋତ୍ସବ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅଭୂତପୂର୍ବ ସଫଳତା ସହ ଆୟୋଜିତ ହୋଇଯାଇଛି। ଟିପିଏନଓଡିଏଲ ଏବଂ ବିକାଶ ସାଥୀ ସଂଗଠନ ସମର୍ଥନରେ ଆୟୋଜିତ ଏହି ମହୋତ୍ସବରେ ବିଭିନ୍ନ ପ୍ରାନ୍ତରୁ ୩୭ ବିଦ୍ୟାଳୟରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭାଷଣ, ରଚନା, କୁଇଜ୍, ଚିତ୍ରାଙ୍କନ ଏବଂ ବୈଜ୍ଞାନିକ ପ୍ରଦର୍ଶନୀ ଭଳି ବିଭିନ୍ନ ପ୍ରତିଯୋଗିତା ଛାତ୍ରମାନଙ୍କର ଦକ୍ଷତା ଓ ଉର୍ଜା ସଞ୍ଚୟ ପ୍ରତି ସଚେତନତାକୁ ଉଦ୍‌ଭାସିତ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିପିଏନଓଡିଏଲର ଚିଫ୍ ଅଫ୍ କଣ୍ଟ୍ରାକ୍ଟ ପ୍ରଦୀପ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉର୍ଜା ସଞ୍ଚୟ ଓ ପୁନର୍ନବନୀୟ ଶକ୍ତିର ଗୁରୁତ୍ୱ ବିଷୟରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କେକେଏସ କଲେଜର ପ୍ରିନ୍ସିପାଲ୍ ଡ଼. ଝାନ୍ସି ଜେନା ଓ ଡ଼. ଶୁଭାସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ଟିପିଏନଓଡିଏଲ ସି ଏସ୍ ଆର୍ ମୁଖ୍ୟ ରଞ୍ଜନ ଶର୍ମା ମହୋତ୍ସବର ଉଦ୍ଦେଶ୍ୟ ଓ ଯୋଗସୂତ୍ର ବୃଦ୍ଧି ନେଇ ଅନୁପ୍ରେରଣାଦାୟକ ଭାବେ କଥା କହିଥିଲେ। ଅସିଷ୍ଟାଣ୍ଟ ପ୍ରୋଫେସର ଦେବାଶିଷ ନାୟକ ଛାତ୍ରମାନଙ୍କ ପ୍ରତିଭା ଓ ପ୍ରଦର୍ଶନୀର ଗୁରୁତ୍ୱ ଉପରେ ଆଲୋକ ପକାଇଥିଲେ। ସି ଏସ୍ ଆର୍ ଅଫିସର ଦୀପଞ୍ଜନ ଦାସ, ହିମାଂଶୁ ନାୟକ, ସ୍ମୃତି ପାଣିଗ୍ରାହୀ, ଶିବ ମୁଖୀ ଏବଂ ସୌରଜେନ୍ଦୁ ବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। 'ବିକାଶ ସାଥୀ'ର ସ୍ଥାପକ ଡ଼. ବିଶ୍ୱଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉର୍ଜା ମହୋତ୍ସବର ସଫଳ ସମନ୍ୱୟ ସ୍ୱିଟି ରାଉତ, ଅମରେନ୍ଦ୍ର ଖଲିପଲିଆ, ସାଗରଦୀପ ଦଳାଇ, ତନ୍ମୟ ବେହେରା, ସୌମ୍ୟ ରଞ୍ଜନ ପାତ୍ର, ଶୁଭଶ୍ମିତା ମଲ୍ଲିକ ଓ ଅବିନାଶ ଦାସ କରିଥିଲେ।

## ଛତୁଆ ପ୍ରସ୍ତୁତି କେନ୍ଦ୍ର ବୁଲିଲେ ତହସିଲଦାର

ସୋର,୯।୧୨(ସମିସ): ସୋର ବ୍ଲକ ଦହିସଡାସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଗସ୍ତ କରି କର୍ମଚାରୀଙ୍କୁ ତାଗିଦ କରିଛନ୍ତି। ଏହି ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରର ଜମି ସମସ୍ୟା କାରଣରୁ ଅଙ୍ଗନବାଡିର ପାଚେରୀ କାମରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଅଭିଯୋଗ ହେବାରୁ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଶ୍ରୀ ମଲ୍ଲିକ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପରେ ନିକଟରେ ଥିବା ଏକ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ଯାଇ ଏହାର ମାନ ପରୀକ୍ଷା କରିବା ସହିତ ପରିବେଶ ବୁଲି ଦେଖିଥିଲେ। ଏହାକୁ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରିବାକୁ କର୍ମଚାରୀଙ୍କୁ ତାଗିଦ କରିଥିବା ଜଣାପଡିଛି।

## 'ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ' ଆଲୋଚନାଚକ୍ର



ବାଲେଶ୍ୱର,୯।୧୨(ସମିସ): ଓଡ଼ିଶା ଇଂରାଜୀ ଗବେଷଣା ପରିଷଦ ବାଲେଶ୍ୱର ପକ୍ଷରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗ ସହଭାଗିତାରେ "ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ କଲେଜର ବିଜ୍ଞାନ ଭବନ ସଭାକକ୍ଷରେ ପରିଷଦ ସଭାପତି ଡ. ସାନ୍ତ୍ୱନା ହାଲଦାର ପୌରୋହିତ୍ୟ କରି ଆଧୁନିକ ଓଡ଼ିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବର ଏକ ବ୍ୟାପକ ଚିତ୍ର ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ବେହେରା ଉନ୍ମୋଚନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ରଂଜନ କୁମାର ସାହୁ ପ୍ରାକ୍‌କଥନ ରଖିଥିବା ବେଳେ ଅନ୍ୟତମ ଅଧ୍ୟାପିକା ଡ. ଅନୀତା ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ପରିଷଦ ଉପସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ୨୦୦୯ରୁ ଅଦ୍ୟାବଧି ପରିଷଦର ଏକ ସଂକ୍ଷିପ୍ତ ଇତିହାସ ଏବଂ ଯୁଗ୍ମ ସଂପାଦକ ଡ. ବିଜୟ କୁମାର ଦେ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ଡ. ଗୀତାଶ୍ରୀ ରାୟ ଏହି ଅବସରରେ ଉନ୍ମୋଚିତ ପରିଷଦର ବାର୍ଷିକ ପତ୍ରିକା, ଯାହା ଏବର୍ଷ "ଓଡ଼ିଆ ସାହିତ୍ୟ ବିଶେଷାଙ୍କ' ନାମରେ ନାମିତ, ତା'ର ଏକ ସୁନ୍ଦର ସାରଗର୍ଭକ ସମୀକ୍ଷା ଶ୍ରୋତାଙ୍କ ଆଗରେ ରଖିଥିଲେ। ସ୍ନାତକ ଛାତ୍ର ପ୍ରଭାସ ମଲ୍ଲିକଙ୍କ ଇଂରାଜୀ କବିତା ଗ୍ରନ୍ଥ "ଇକୋ ଅଫ୍ ମାଇ କୋର୍'ର ଉନ୍ମୋଚନ ହୋଇଥିଲା। ସେହିପରି ପରିଷଦ ସଦସ୍ୟ ଡ. ସତ୍ୟସୁନ୍ଦର ସାମନ୍ତଙ୍କ "ଦି ସୁବର୍ଣ୍ଣରେଖା' କବିତା ଗ୍ରନ୍ଥ ଉନ୍ମୋଚନ ହୋଇଥିଲା। ଡକ୍ଟରେଟ ଲାଭ କରିଥିବା ପରିଷଦର ଦୁଇ ସଦସ୍ୟ ଡ. ସତ୍ୟସୁନ୍ଦର ସାମନ୍ତ ଓ ଡ. ନନ୍ଦକିଶୋର ମହାନ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସମ୍ବିତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ପାଶ୍ଚାତ୍ୟ ସାହିତ୍ୟ ବିଶେଷତଃ ଇଂରାଜୀ କବି ଟିଏସ୍ ଏଲିଏଟ୍ କିପରି ଓଡ଼ିଶାର ପ୍ରମୁଖ ଆଧୁନିକ କବିଙ୍କୁ ପ୍ରଭାବିତ କରିଛନ୍ତି, ତାହା ଉଦାହରଣ ସହ ଉପସ୍ଥାପନ କରିଥିଲେ। ପରିଷଦ ବରିଷ୍ଠ ସଦସ୍ୟ ଡ. ମାନସ ରଂଜନ ସାମଲ, ପ୍ରଫେସର ଶଚୀନ୍ଦ୍ର କର, ଇଂରାଜୀ ବିଭାଗ ଅଧ୍ୟାପିକା ଡ. ମିନତୀ ସେଠୀ, ଡ. ଶିଳ୍ପା ମିଶ୍ର, ସଂଯୁକ୍ତା ସାମଲ, ବର୍ଣ୍ଣନୀ ପଣ୍ଡା, ମୌସୁମୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଆ ଇଂରାଜୀ ବିଭାଗର ପାଖାପାଖି ୧୪୦ ଜଣ ଛାତ୍ରଛାତ୍ରୀ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି**

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍ ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତାମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୭୬୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।

# ଦୁଇ ଘରୁ ସୁନାଗହଣା ଓ ମୋବାଇଲ୍ ଚୋରି

ବ୍ରହ୍ମପୁର, ୯।୧୨(ସମିସ): ଦୁଇଟି ଘରୁ ସୁନାଗହଣା ଓ ମୋବାଇଲ ଚୋରି ହୋଇଛି । ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ, ରେଡିଓଷ୍ଟେସନ ନିକଟସ୍ଥ ବ୍ୟାଙ୍କ କଲୋନୀ ୩ୟ ଲାଇନ ନିବାସୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ଘରୁ ଚୋରି ହୋଇଛି । ଶନିବାର ରାତିରେ ରମେଶଙ୍କ ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ କେହି ଗ୍ରୀଲର ତାଲା ଭାଙ୍ଗି ଘରେଥିବା ଆଲମିରା ଚାବି ଭାଙ୍ଗି ସେଥିରୁ ସୁନାଗହଣା, ଦାମୀ ପୋଷାକ ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ସେହିଭଳି ବିଜୟ ବିହାର ୬ଷ୍ଠ ଲାଇନ୍‌ରେ ଥିବା ଘରୋଇ ବ୍ୟାଚ୍‌ଲର ରୁମରେ ରବିବାର ଜଣେ ଛାତ୍ର ଭୋରରୁ କବାଟ ଖୋଲି ବାହାରକୁ ଯାଇଥିଲେ । କିଛି ସମୟ ପରେ ସେଠାରେ ରହୁଥିବା ଅନ୍ୟ ଛାତ୍ରମାନେ ଉଠି ଦେଖିବା ବେଳକୁ ୬ଟି ମୋବାଇଲ ଫୋନ୍, ୨ଟି ଲାପ୍‌ଟପ୍ ଓ ଦାମୀ ଘଡ଼ି ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଉଭାନ ହୋଇଯାଇଥିଲା । ଚୋରି ହୋଇଥିବା ସନ୍ଦେହରେ ଛାତ୍ରମାନେ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ବାର୍ ମାଲିକଙ୍କୁ ଆକ୍ରମଣ; ଯୁବକ ଗିରଫ

ବ୍ରହ୍ମପୁର, ୯।୧୨(ସମିସ): ଜଣେ ବାର ମାଲିକଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ହିଞ୍ଜିଳି ଅଞ୍ଚଳର ଚିଣ୍ଟୁ ଦାସ(୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ରବିବାର ରାତିରେ ଶ୍ରୀରାମ ନଗର ଛକ ନିକଟରେ ଥିବା ବାର ମାଲିକ ଶଙ୍କର ପାତ୍ର ଓ ଗ୍ରାହକ ଚିଣ୍ଟୁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ହଠାତ ଉତକ୍ଷିପ୍ତ ହୋଇ ଚିଣ୍ଟୁ ବାର ମାଲିକଙ୍କୁ ମଦ ବୋତଲରେ ଆକ୍ରମଣ କରିଥିଲା । ଏଥିରେ ବାର ମାଲିକ ଶଙ୍କର ଆହତ ହୋଇଥିଲେ । ପରେ ସେ ବଡ଼ବଜାର ଥାନରେ ଘଟଣାକୁ ନେଇ ଅଭିଯୋଗ କରିଥିଲେ । ପୁଲିସ ମାମଲର ତଦନ୍ତ କରିବା ସହ ଚିଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

# ବାଇକ୍ ଧକ୍କାରେ କୁଟୁରା ମୃତ

ଭଞ୍ଜନଗର, ୯ ।୧୨(ସମିସ): ବାଇକ୍ ଆଗକୁ ଦ୍ରୁତ ଗତିରେ ରାସ୍ତା ପାର ହେଉଥିବା ଏକ କୁଟୁରା ଆସି ପିଟି ହେବାରୁ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । କୁଟୁରାଟିର ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ରେ ଥିବା ୨ଜଣ ଗୁରୁତର ହୋଇଛନ୍ତି । ଏଭଳି ଏକ ଦୁର୍ଘଟଣା ଭଞ୍ଜନଗର-ଦୁର୍ଗାପ୍ରାସାଦ ମୁଖ୍ୟ ରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ମଙ୍ଗଳବାର ସକାଳେ ଘଟିଛି । ଆହତ ୨ ଜଣ ହେଲେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା ମାଲିକପୁର ଗ୍ରାମର ସୁରଜ କୁମାର ପ୍ରଧାନ ଓ ଗୋକୁଳାନନ୍ଦ ନାୟକ । ଭଞ୍ଜନଗର ପୁଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଛି । ଏଥିସହ ବନବିଭାଗ କର୍ମଚାରୀମାନେ ମୃତ କୁଟୁରାକୁ ଜବତ କରି ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପୋତି ଦେଇଛନ୍ତି ।

# ସାନ୍ ଆଣ୍ଡ ନିଲ୍ ଫାଉଣ୍ଡେସନ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ବ୍ରହ୍ମପୁର, ୯।୧୨(ସମିସ): ସାନ ଆଣ୍ଡ ନିଲ ଫାଉଣ୍ଡେସନ ତରଫରୁ ଅସହାୟଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ଏବଂ ଖାଦ୍ୟ ବଣ୍ଟନ କରାଯାଇଛି । ରେଳୱେ ଷ୍ଟେସନ, ବସଷ୍ଟାଣ୍ଡ, ଗେଟ ବଜାର, ନଗର ଚିକିତ୍ସାଳୟ, ଫାଷ୍ଟଗେଟ, ତାଲୁକା ଛକ, ଆସ୍କା ରୋଡ ପ୍ରଭୃତି ସ୍ଥାନରେ ବଣ୍ଟନ କରାଯାଇଛି । ସାନ ଆଣ୍ଡ ନିଲ ଫାଉଣ୍ଡେସନର ପ୍ରତିଷ୍ଠାତା ପି ଧର୍ମା ରାଓଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି । କାର୍ଯ୍ୟକ୍ରମରେ ସମ୍ପାଦକ, ସନ୍ଧ୍ୟା, ଦୀନେଶ କୁମାର, ସମାରାନିକା, ସମୀର, ଉମା ମାହେଶ୍ୱରୀ, ସଂଯୋଜକ ଚିଟି ବାବୁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସହରରେ ବଢୁଛି ବୁଲା କୁକୁରଙ୍କ ଦୌରାତ୍ମ୍ୟ

# ସ୍ଥାନାନ୍ତରବେଳେ ପଶୁପ୍ରେମୀ-ଅଞ୍ଚଳବାସୀ ମାରପିଟ୍

ବ୍ରହ୍ମପୁର, ୯।୧୨(ସମିସ): ବ୍ରହ୍ମପୁରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଏମ୍‌ସି ପକ୍ଷରୁ ଏବିସି ବା ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମ ହାତକୁ ନେବାରେ ବିଳମ୍ବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି । ବୁଲା କୁକୁରଙ୍କ କାମୁଡ଼ାରେ ଗୋଷାଣିନୂଆଗାଁ ଇଲାକାରେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଥିବା ଅଭିଯୋଗ ହୋଇଛି । କୁକୁର କାମୁଡ଼ାରୁ ପିଲା, ମହିଳା ଓ ବରିଷ୍ଠ ନାଗରିକ କେହି ମଧ୍ୟ ବର୍ତ୍ତି ନାହାନ୍ତି । ରାସ୍ତା ଉପରେ ବୁଲା କୁକୁରମାନେ ଏଣେତେଣେ ବୁଲିବା ଓ ଦୌଡ଼ିବା ଫଳରେ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଏପରିକି ପ୍ରାତଃ ଭ୍ରମଣରେ ଯାଉଥିବା ବରିଷ୍ଠ ନାଗରିକଙ୍କୁ କୁକୁର ଗେଡ଼ାଇ କାମୁଡୁ ଥିବା ଅଭିଯୋଗ ହୋଇଛି । ଫଳରେ ସହରର ବିଭିନ୍ନ ଅଞ୍ଚଳରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି । ଖାସ କରି ଗୋଷାଣିନୂଆଗାଁ ଥାନା ଇଲାକାର ଶାସ୍ତ୍ରୀନଗର ୩ୟ ଲାଇନ ଓ ବିଲସାହି ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ହିଂସ୍ର କୁକୁରଙ୍କୁ ଚିହ୍ନଟ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଏମ୍‌ସିରେ ଲିଖିତ ଅଭିଯୋଗ କରାଯାଇଥିଲା । ଯାହାକୁ ନେଇ ବିଏମ୍‌ସି କର୍ମଚାରୀ କୁକୁର ଧରା ଗାଡ଼ି ସହିତ ମଙ୍ଗଳବାର ସମ୍ପୃକ୍ତ ଅଞ୍ଚଳକୁ ଯାଇଥିବା ବେଳେ ବୁଲା କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିୟମ ବିରୁଦ୍ଧ ବୋଲି ପଶୁପ୍ରେମୀମାନେ ଯୁକ୍ତି ବାଢ଼ିଥିଲେ । ଫଳରେ କୁକୁର ଧରିବାକୁ ଆସିଥିବା ବିଏମ୍‌ସି କର୍ମଚାରୀ ଅଡୁଆରେ ପଡ଼ିଯାଇଥିଲେ । ଏଭଳି ପରିସ୍ଥିତିରେ କୁକୁରଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଅଞ୍ଚଳବାସୀ ଏକାଠି ହୋଇ ପଶୁପ୍ରେମୀଙ୍କ ଯୁକ୍ତିକୁ ପ୍ରବଳ ବିରୋଧ କରିଥିଲେ । ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ଗୋଷାଣିନୂଆଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ଉଭୟ ଗୋଷ୍ଠୀର ସଦସ୍ୟଙ୍କୁ ପ୍ରଥମେ ବୁଝାଇବାକୁ ଚେଷ୍ଟା କରିଥିଲା । ପରେ ସେମାନଙ୍କୁ ଥାନାକୁ ନେଇଥିଲା । ସେଠାରେ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ ପୃଥକ ଲିଖିତ ଏତଲା ପରେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି । ସମ୍ପୃକ୍ତ ଅଞ୍ଚଳରୁ ବିଏମ୍‌ସି ପକ୍ଷରୁ ହିଂସ୍ର ହୋଇଥିବା ଦୁଇଟି ବୁଲା କୁକୁରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସହିତ ଅନ୍ୟ ୫ଟି ଏହିଭଳି ମୋଟ ୭ଟି ବୁଲା କୁକୁରଙ୍କୁ ଫାଷ୍ଟଗେଟ ଅଞ୍ଚଳରେ ଖୋଲା ସ୍ଥାନରେ ଛାଡ଼ି ଦିଆଯାଇଥିବା ଜଣାପଡିଛି । ସହରରେ ବିଏମସି ପକ୍ଷରୁ ତୁରନ୍ତ ଏବିସି କାର୍ଯ୍ୟକ୍ରମକୁ ଆରମ୍ଭ କରି କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି ।





- ଥାନାରେ ପୃଥକ ପୃଥକ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ
- ବିଏମ୍‌ସି ପକ୍ଷରୁ ୭ କୁକୁର ସ୍ଥାନାନ୍ତର

## ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ଆମରଣ ଅନଶନ

# ଦ୍ୱିତୀୟ ଦିନରେ ଅଚେତ ହେଲେ ଦୁଇ ଡାକ୍ତର ଛାତ୍ର





ବ୍ରହ୍ମପୁର, ୯ ।୧୨ (ସମିସ): ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ଦଫା ଦାବି ନେଇ ସାମୂହିକ ଆମରଣ ଅନଶନ ଜାରି ରହିଛି । ଏହିକ୍ରମରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲର ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ତେବେ ଦୁଇଜଣ ଛାତ୍ର ଅଚେତ ହୋଇଥିବା ଜଣାପଡ଼ିଛି । ଆହତ ଡ଼ାକ୍ତର ଛାତ୍ରଙ୍କୁ ନିକଟସ୍ଥ ସିଟି ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି । ଡାକ୍ତର ଛାତ୍ର ସୁରଜ୍ ଭାନ ଓ କୈବଲ୍ୟ କଲ୍ୟାଣ ସାହୁ ଅସୁସ୍ଥ ପରେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ନଥିଲା । ଛାତ୍ରମାନେ ବାଧ୍ୟ ହୋଇ ଅସୁସ୍ଥ ସହପାଠୀଙ୍କୁ ବାଇକ ଯୋଗେ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡିଛି । ଅନଶନ ସମ୍ପର୍କରେ ଅବଗତ କରାଇବା ପରେ ମଧ୍ୟ କାହିଁକି ଓ କେଉଁ କାରଣରୁ ଧାରଣ ସ୍ଥଳେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ସମେତ ଡାକ୍ତରୀ ଟିମ୍ ମୁତୟନ କରାଯାଇନଥିଲା । ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ତେବେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଅନଶନରତ ଡାକ୍ତର ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅବହେଳା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ କିଛି ଦିନ ପୂର୍ବେ ଛାତ୍ର ସଂସଦ ପକ୍ଷରୁ ନିଜ ଆପ୍ରୋନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଡ଼ାକ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା । ତାହା ମଙ୍ଗଳବାର ଫେରି ଆସିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ସଂଗଠନ ପକ୍ଷରୁ ଦୀର୍ଘ ୧୯ ଦିନ ଧରି କଳା ବ୍ୟାଜ୍ ପରିଧାନ କରିବା ପରେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇନଥିଲା । ପରେ ଛାତ୍ରଛାତ୍ରୀ ବିଭିନ୍ନ ପନ୍ଥା ଆପଣାଇ ଆନ୍ଦୋଳନକୁ ଓହ୍ଲାଇଥିଲେ । ତଥାପି ସରକାର ଛାତ୍ର ସଂଗଠନର କୌଣସି ଦାବିକୁ ଗ୍ରହଣ କଲେ ନାହିଁ । ସରକାର ତୁରନ୍ତ ଓପିଏସ୍‌ସି ଜରିଆରେ ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରିବା ସହ ନିଯୁକ୍ତି ପ୍ରଦାନ କରିବା ଭଳି ୮ଦଫା ଦାବି ନେଇ ସୋମବାରରୁ ଆମରଣ କରିବାକୁ ସଂଘ ନିଷ୍ପତି ନେଇଥିଲେ ।

**ଅନଶନ ସ୍ଥଳରେ ନଥିଲା ଆମ୍ବୁଲାନ୍ସ; ବାଇକ୍‌ରେ ଗଲେ ମେଡ଼ିକାଲ**

■ ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

# ମାସେ ପରେ ମିଳିଲା ଖବର; ନଡ଼ାବିଡ଼ା ନେଇ ଶେଷକୃତ୍ୟ

ଦିଗପହଣ୍ଡି, ୯।୧୨(ସମିସ): ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ଜଣେ ଯୁବକ ଦାଦନ ଖଟିବାକୁ ମୁମ୍ବାଇ ଯାଇ ଫେରୁଥିବାବେଳେ ଆନ୍ଧ୍ରରେ ଅସୁସ୍ଥ ହୋଇ ଷ୍ଟେସନରେ ମୃତ୍ୟୁ ଘଟିଲା । ମାତ୍ର ପରିବାର ଲୋକେ ଖବର ପାଇଲେନି । ମାସେ ପରେ ଏବେ ଖବର ପାଇବା ପରେ ପ୍ରତୀକାତ୍ମକ ଭାବେ ଶେଷକୃତ୍ୟ କରାଯାଇଛି । ମୃତକ ହେଲେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡି ଗ୍ରାମର ବଳରାମ ଗୌଡ(୩୫) ।

ବି. ତୁରୁବୁଡ଼ିର ଭଗବାନ ଗୌଡ଼ଙ୍କ ବଡ଼ପୁଅ ବଳରାମ ପରିବାର ପ୍ରତିପୋଷଣ ନିମନ୍ତେ ଦୀର୍ଘ ୧୫ ବର୍ଷ ହେଲା ମୁମ୍ବାଇ ଯାଇ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ଗାଁକୁ ଯାଆସ କରୁଥିଲେ । ଗତ ନଭେମ୍ବର ୭ରେ ଅନ୍ୟ ୩ ଓଡ଼ିଆ ଶ୍ରମିକଙ୍କ ସହ ବ୍ରହ୍ମପୁର ଷ୍ଟେସନକୁ ଟ୍ରେନ ଯୋଗେ ଫେରୁଥିଲେ । ୮ ତାରିଖରେ ସେ ଆନ୍ଧ୍ରପ୍ରଦେଶର ଚନ୍ଦ୍ରୁରୁ ଷ୍ଟେସନରେ ଅସୁସ୍ଥତା କାରଣରୁ ଟ୍ରେନରୁ ଓହ୍ଲାଇ ପଡ଼ିଥିଲେ । କିନ୍ତୁ ସେ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବଳରାମଙ୍କ ସହ ଯୋଗାଯୋଗ ପାଇଁ ବହୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ବଳରାମଙ୍କ ମୃତଦେହ ସେଠାକାର ରେଳବାଇ ପୁଲିସ ଉଦ୍ଧାର କରି ପରିଚୟ ଖୋଜିବାକୁ ଚେଷ୍ଟା ଚଳାଇଥିଲା । କିନ୍ତୁ ତାଙ୍କ ନିକଟରେ ଆଧାର କାର୍ଡ କିମ୍ବା ମୋବାଇଲ ଫୋନ୍ ନଥିବାରୁ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ୩ ଦିନ ହସ୍ପିଟାଲ୍‌ରେ ରଖିଥିଲେ । ତାଙ୍କ ପରିଚୟ ଜାଣିବାରେ ବିଫଳ ହେବାପରେ ଶେଷରେ ମୃତଦେହକୁ ପୋତି ଦେଇଥିଲେ । ଏନେଇ ପରିବାର ବ୍ୟସ୍ତ ବିବ୍ରତ ହୋଇ ଶେଷରେ ବଳରାମଙ୍କ ସହ ଟ୍ରେନ ଯୋଗେ ଆସିଥିବା ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଖାରିଆଗୁଡା ଅଞ୍ଚଳର ଜଣେ ଯୁବକଙ୍କ ସହ ଯୋଗାଯୋଗ କରିବା ପରେ ସେ ସମସ୍ତ ଘଟଣା ପରିବାର ଲୋକଙ୍କୁ କହିଥିଲେ । ଏହାପରେ ବଳରାମଙ୍କ ସ୍ତ୍ରୀ ଓ ଭାଇ କୃଷ୍ଣ ଆନ୍ଧ୍ରପ୍ରଦେଶର ଚନ୍ଦ୍ରୁରୁ ଷ୍ଟେସନରେ ପହଞ୍ଚି ସେଠାକାର ରେଳବାଇ ପୁଲିସକୁ ବଳରାମଙ୍କ ଫଟୋ ଦେଖାଇବା ପରେ ପୁଲିସ ତାଙ୍କ ପୋଷାକ, ବ୍ୟାଗ ଦେଖାଇବା ସହ ମୃତ୍ୟୁ ହୋଇଥିବା କହିଥିଲେ । ବଳରାମଙ୍କ ସ୍ତ୍ରୀ ଓ ପୁଅ ଝିଅ ବାପାଙ୍କୁ ହରାଇ ବାହୁନି ବାହୁନି କାନ୍ଦୁଥିବା ବେଳେ ସନ୍ଧ୍ୟାରେ ତାଙ୍କ ମରଶରୀର ପରିବର୍ତ୍ତେ ପରିବାର ଲୋକେ ଏକ ନଡ଼ା ବିଡ଼ାକୁ ପ୍ରତୀକାତ୍ମକ ମୃତଦେହ ଭାବେ ଶ୍ମଶାନକୁ ନେଇ ତାଙ୍କ ଶେଷକୃତ୍ୟ କରିଛନ୍ତି । ତେବେ ତାଙ୍କ ମୃତ୍ୟୁ କିଭଳି ଘଟିଲା ସେ ନେଇ ପରିବାର ଲୋକେ ସନ୍ଦେହରେ ରହିଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଲିଙ୍ଗରାଜ ଦୋରା ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି ।



# ଦୁଇ ଇଟାଭାଟିରେ ତହସିଲଦାରଙ୍କ ଚଢ଼ଉ

ଧରାକୋଟ, ୯ ।୧୨(ସମିସ): ଧରାକୋଟ ତହସିଲ ପକ୍ଷରୁ ପୋଡ଼ାଇଟା ଭାଟି ଭାଙ୍ଗିବା ଅଭିଯାନ ଜାରି ରହିଛି । ମଙ୍ଗଳବାର ବାହାରପୁର ଓ ମହୁଲପଲ୍ଲୀ ଅଞ୍ଚଳର ଦୁଇଟି ଇଟା ଭାଟିରେ ବୁଲ୍‌ଡୋଜର ଚାଲିଛି । ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନି ବେହେରା, ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ଗୌଡ଼, ଏସ୍ ଯଜେୟାଙ୍କ ଉପସ୍ଥିତିରେ ଉଭୟ ଭାଟିରୁ ୫୦ ହଜାର ଇଟା ନଷ୍ଟ କରାଯାଇଛି । ପରିବେଶ ପ୍ରଦୂଷଣ ହେଲା ଭଳି ମାଟି, ବାଲି, ପାଣିକୁ ଏକତ୍ରିତ କରି ଇଟା ପ୍ରସ୍ତୁତ କରାଯାଉଥିବାରୁ ଆଜି ପୁଣି ଭଙ୍ଗା ଯାଇଛି । ବେଆଇନ ଭାବରେ ଗଢି ଉଠୁଥିବା ଇଟା ଭାଟିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ତହସିଲଦାର କହିଛନ୍ତି ।



# ଏମ୍‌କେସିଜିରେ ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ୩୪ କର୍ମଚାରୀ

- ମିଳିବ ଉନ୍ନତ ମାନର ସେବା
- ଚଳିତ ମାସ ଶେଷ ସୁଦ୍ଧା ସରିପାରେ ଟେଣ୍ଡର ପ୍ରକ୍ରିୟା





ବ୍ରହ୍ମପୁର, ୯।୧୨ (ସମିସ): ଏମକେସିଜି ମେଡ଼ିକାଲରେ ବହୁ ବର୍ଗର କର୍ମଚାରୀ ପଦବୀ ଖାଲି ରହିଛି । ଫଳରେ ସେବା ଓ ଚିକିତ୍ସା ନପାଇ ଅନେକେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ଚଳିତମାସ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡିଛି । ଏହା ପରେ କିଛି ଦିନ ମଧ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସ୍ଥାନରେ ଲ୍ୟାବ୍ ଟେକ୍ନିସିଆନ୍, ରେଡିଓଗ୍ରାଫର, ଫାର୍ମାସିଷ୍ଟ, ଇସିଜି ଟେକ୍ନିସିଆନ୍ ଓ ଡାଏଲିସିସ୍ ଟେକ୍ନିସିଆନ୍ ନିଯୁକ୍ତି ପାଇବେ । ଚଳିତମାସ ୧ତାରିଖରେ ଏହି ଟେଣ୍ଡରରେ ଆହ୍ୱାନ କରାଯାଇଛି । ସେଥିରେ ମୋଟ ୧୨ଜଣ ଲେଖାଏଁ ଲ୍ୟାବ୍ ଟେକ୍ନିସିଆନ ଓ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଲ୍ଲେଖ ରହିଛି । ଏହା ସହ ୭ଜଣ ଇସିଜି ଟେକ୍ନିସିଆନ୍ ଓ ୩ଜଣ ଡାଏଲିସିସ୍ ଟେକ୍ନିସିଆନ୍ ନିଯୁକ୍ତି ପ୍ରଦାନ କରିବାକୁ ଟେଣ୍ଡରରେ ଆହ୍ୱାନ କରାଯାଇଛି । କୌଣସି ଠିକ ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ଚୟନ ହେବା ପରେ ଆଉଟ୍ ସୋର୍ସିଂ ଜରିଆରେ ଏହି ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା ବହୁ ରୋଗୀ ପ୍ରତିଦିନ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା କରାଯାଉଛି । ଏହି କର୍ମଚାରୀମାନେ ଆଇସିୟୁ, ଆଶୁ ଚିକିତ୍ସା ବିଭାଗ, ଡାଏଲିସିସ୍ ୟୁନିଟ ଓ ମେଡିକାଲ ଏବଂ କଲେଜର ବିଭିନ୍ନ ଲ୍ୟାବରେ ଟେକ୍ନିସିଆନ କାର୍ଯ୍ୟ କରିବେ । ଅନ୍ୟପକ୍ଷରେ କର୍ମଚାରୀ ଅଭାବ କାରଣରୁ ଏକ୍ସ-ରେ ପରୀକ୍ଷା କରିବା ନିମନ୍ତେ ରୋଗୀମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ସେବା ନ ପାଇ ଫେରୁଥିଲେ । ସେହିପରି ବିଭିନ୍ନ ରକ୍ତ ପରୀକ୍ଷା ନିମନ୍ତେ ଲ୍ୟାବ୍ ଟେକ୍ନିସିଆନ ଅଭାବ କାରଣରୁ ମେଡିକାଲ ଓ କଲେଜର ବହୁ ଲ୍ୟାବ୍‌ରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବାର ସମସ୍ୟା ରହିଥିଲା । ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ସ୍ୱଳ୍ପ ମାତ୍ରାରେ ଇସିଜି ଟେକ୍‌ନିସିଆନ୍ ଥିବା ବେଳେ ଗୁରୁତର ଅବସ୍ଥାରେ ମେଡିକାଲ ଆସିଥିବା ରୋଗୀଙ୍କ ସଙ୍ଗେ ସଙ୍ଗେ ଇସିଜି ପରୀକ୍ଷା କରିବା କଷ୍ଟ ହେଉଥିଲା । ଏହା ମେଡ଼ିକାଲର ଡାଏଲିସିସ୍ ୟୁନିଟରେ ଦିନକୁ ଦିନ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଥିଲା ।

ଏଭଳି ଭାବେ କର୍ମଚାରୀ ଅଭାବା କାରଣରୁ ସଠିକ୍ ସମୟରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ବଞ୍ଚିତ ହେଉଥିଲେ । ଏହାର ସୁବିଧା ସୁଯୋଗ ନେଇ ମେଡ଼ିକାଲରେ ବିଭିନ୍ନ ସମୟରେ ସକ୍ରିୟ ଥିବା ଦଲାଲ ମାନେ ରୋଗୀଙ୍କୁ ସହର ବିଭିନ୍ନ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟରକୁ ନେଇ ଟଙ୍କା ଲୁଟୁଥିବା ଅଭିଯୋଗ ରହୁଥିଲା । କିନ୍ତୁ କିଛି ଦିନ ମଧ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ବର୍ଗର ୩୪ରୁ ଊର୍ଦ୍ଧ୍ୱରୁ ଆଉଟ୍ ସୋର୍ସି କର୍ମଚାରୀ ନିଯୁକ୍ତି ହେବେ ପରେ ବହୁ ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି ।

TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି । ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା । ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି ।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ । ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ । ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ । ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି ।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ । ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ । ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ । ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି । ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ । ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ । ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ ।

**ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ ।**

**୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ ।**